# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ମେ ୨୮/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, May 28/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 182 | ମୂଲ୍ୟ ₹୭/-




## ଗୁଲ୍‌ବୀରଙ୍କୁ ସ୍ୱର୍ଣ୍ଣ


ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି ଭାରତର ଗୁଲ୍‌ବୀର ସିଂ।

୧୪

୦୨

## ଜୁନ୍ ୬ରେ 'ହାଉସ୍‌ଫୁଲ ୫'

ଅଭିନେତା ଅକ୍ଷୟ କୁମାରଙ୍କ କମେଡି ଥ୍ରିଲର ଫିଲ୍ମ 'ହାଉସ୍‌ଫୁଲ ୫'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି।





ସମୁଦ୍ରର ଉଚ୍ଚ ଜୁଆର ପ୍ରଭାବରେ ମୁମ୍ବାଇ ବାନ୍ଦ୍ରା ଅଞ୍ଚଳର ଏକ ବସ୍ତିକୁ ମଙ୍ଗଳବାର ପାଣି ମାଡ଼ିଆସିଛି।

# ଭୁବନେଶ୍ୱରରେ ୧୦ଲକ୍ଷରେ ମିଳିବ ଘର

ଭୁବନେଶ୍ୱର, ୨୭।୫
(ରବିନାରାୟଣ ଜେନା)



ରାଜଧାନୀ ଭୁବନେଶ୍ୱରରେ ଏବେ ଜମି ଅମୂଲ ମୂଲ। ଏଠାରେ ଜମି କିଣି ଘର ତିଆରି କରିବା ପାଇଁ ବିପୁଳ ଅର୍ଥ ଆବଶ୍ୟକ, ଯାହା ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଏବଂ ଗରିବଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି। ସେହିପରି ଆପାର୍ଟମେଣ୍ଟର ଗୋଟିଏ ଫ୍ଲାଟ୍ ମୂଲ୍ୟ କୋଟିଏ ଛୁଇଁଲାଣି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଲୋକଙ୍କୁ କମ୍ ମୂଲ୍ୟରେ ଘର ଯୋଗାଇବା ପାଇଁ ନଗର ଉନ୍ନୟନ ବିଭାଗ ଗୁରୁତ୍ୱ ଦେଉଛି। ତଦନୁଯାୟୀ ସର୍ବନିମ୍ନ ୧୦ ଲକ୍ଷ ଟଙ୍କାରେ ଲୋକଙ୍କୁ ଘର ଖଣ୍ଡିଏ ଯୋଗାଇଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ୧ କୋଟି ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଘର ଉପଲବ୍ଧ ରହିବ, ଯାହାକୁ ଲୋକେ ସାମର୍ଥ୍ୟ ଅନୁଯାୟୀ କିଣିପାରିବେ। ଏନେଇ ନିକଟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକର ସୂଚନା ଅନୁଯାୟୀ, ରାଜ୍ୟର ବହୁ ଲୋକଙ୍କ ଇଚ୍ଛା ରାଜଧାନୀରେ ଘର ଖଣ୍ଡିଏ ପାଇବା। କମ୍ ମୂଲ୍ୟରେ କିଭଳି ଘର ପାଇବେ ସେଥିପାଇଁ ସରକାରଙ୍କ ପକ୍ଷରୁ ଉତ୍କଳ ହସ୍ପିଟାଲ ନିକଟସ୍ଥ ଅଞ୍ଚଳରେ ନିଜସ୍ୱ ପ୍ରକଳ୍ପ କରାଯିବ। ଏହାସହିତ କେତେକ ଆବାସ ନିର୍ମାଣକାରୀ ସଂସ୍ଥା ସହିତ ମିଶି ସରକାରଙ୍କ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯିବାକୁ ଯୋଜନା ରହିଛି, ଯେଉଁଥିରେ ସରକାର ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ ୬୦:୪୦ ପ୍ରତିଶତରେ ପ୍ରକଳ୍ପ ନିର୍ମାଣ କରାଯିବ। ଏହାଦ୍ୱାରା ପର୍ଯ୍ୟାୟକ୍ରମେ ରାଜଧାନୀରେ ରହିବାକୁ ଚାହୁଁଥିବା ନିମ୍ନ ଆୟକାରୀ ଲୋକଙ୍କ ଆଶା ପୂରଣ ହୋଇପାରିବ। ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭାଗୀୟ ଅତିରିକ୍ତ ସଚିବ ଦେବାଶିଷ ସିଂହ ଏବଂ ଅର୍ଥପରାମର୍ଶଦାତା ଶିଖା ବିଶାଳ ଫିଲିପାଇନ୍ସର ମାନିଲା ଗସ୍ତ କରିଛନ୍ତି। ସେଠାରେ 'ଆଫୋର୍ଡେବୁଲ ହାଉସ' ପ୍ରକଳ୍ପ ଉପରେ ବିସ୍ତୃତ ଆଲୋଚନା କରାଯିବାକୁ ରହିଛି। ମାନିଲାରେ ମେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ସେମିନାରରେ କିଭଳି ସହରାଞ୍ଚଳବାସୀଙ୍କୁ 'ଆଫୋର୍ଡେବୁଲ ହାଉସ' ଯୋଗାଇବାରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ତା' ଉପରେ ତଥ୍ୟ ଉପସ୍ଥାପନ କରାଯିବ। ଏହାସହିତ ସେଠାରେ ଯଦି କୌଣସି ଭଲ ପ୍ରକଳ୍ପ ଉପରେ ଆଲୋଚନା ହେବ ତା' ଉପରେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାର ଗୁରୁତ୍ୱ ଦେବେ ବୋଲି ଦେବାଶିଷ ସିଂହ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ରାଜଧାନୀ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ସ୍ଥାନରେ କମ୍ ମୂଲ୍ୟର ଆବାସ ପ୍ରକଳ୍ପ କରିବା ପାଇଁ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ଉତ୍କଳ ହସ୍ପିଟାଲ ପାଖରେ ସରକାରଙ୍କ ପକ୍ଷରୁ ଏବଂ ଉତ୍କଳ ହାଇଟ୍ସ ନିକଟରେ ଏକ ଘରୋଇ ପ୍ରକଳ୍ପ ସହାୟତାରେ ୧୦ଲକ୍ଷରୁ ୧୧ଲକ୍ଷ ଟଙ୍କା ମଧ୍ୟରେ ଗରିବ ଶ୍ରେଣୀର ଲୋକଙ୍କୁ ଘର ଯୋଗାଇବାକୁ ଯୋଜନା ରହିଛି। ଏହାପରେ ଆଉ ୨ଟି ଆବାସ ପ୍ରକଳ୍ପ ନିର୍ମାଣ କରାଯିବ। ମାତ୍ର ଏହା ଉପରେ ବିଶେଷ ତଥ୍ୟ ଦେଲେ ସ୍ଥାନୀୟ ଅଞ୍ଚଳରେ ଜମିର ଦର ବୃଦ୍ଧିହେବା ସମ୍ଭାବନା ଥିବାରୁ ଏହାର ତଥ୍ୟ ସରକାରଙ୍କ ପକ୍ଷରୁ ପରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।


**ଆଜିର ସମ୍ପାଦକୀୟ**

ଋଣ ମୃତ୍ୟୁ







# ବିଦେଶୀ ପାଣ୍ଠି: ଏନ୍‌ଜିଓଙ୍କୁ ଖବର ପ୍ରକାଶନ ମନା

**କେନ୍ଦ୍ର ସରକାର ଫରେନ୍ କଣ୍ଟ୍ରିବ୍ୟୁଶନ୍ ରେଗୁଲେଶନ୍ ଆକ୍ଟ (ଏଫ୍‌ସିଆର୍‌ଏ)କୁ କଡ଼ାକଡ଼ି କରିବାକୁ ଯାଇ ବେସରକାରୀ ସଙ୍ଗଠନ (ଏନ୍‌ଜିଓ)ଗୁଡ଼ିକ ଉପରେ ଲଗାମ କଷିଛନ୍ତି। ତଦନୁସାରେ ଭାରତରେ ବିଦେଶୀ ଅନୁଦାନ ଗ୍ରହଣ କରୁଥିବା ଏନ୍‌ଜିଓ କୌଣସି ପ୍ରକାର ଖବର କିମ୍ବା ନ୍ୟୁଜ୍‌ଲେଟର ପ୍ରକାଶ କରିପାରିବେ ନାହିଁ। ଏଭଳି ଏନ୍‌ଜିଓଗୁଡ଼ିକ ବିଦେଶୀ ପାଣ୍ଠି ପାଇବାକୁ ହେଲେ ନନ୍-ନ୍ୟୁଜ୍ ପବ୍ଲିକେଶନ୍ ଷ୍ଟାଟସ୍ ନେଇ (ଖବର ପ୍ରକାଶ କରୁନାହୁଁ ବୋଲି) ଲିଖିତ ଭାବେ ରେଜିଷ୍ଟ୍ରାର ଅଫ୍ ନ୍ୟୁଜ୍‌ପେପର୍ସ ଫର୍ ଇଣ୍ଡିଆ (ଆର୍‌ଏନ୍‌ଆଇ)ଙ୍କୁ ଜଣାଇବା ସହ ଏସମ୍ପର୍କିତ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଗାଇଡ୍‌ଲାଇନ୍ ଅନୁପାଳନ ଏବଂ ନିଜ ଆର୍ଥିକ କାରବାରର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ। ଏନ୍‌ଜିଓଗୁଡ଼ିକ ପାଇଁ ପାଣ୍ଠି ଯୋଗାଣକାରୀଙ୍କ ଅନୁଦାନପତ୍ର ଦାଖଲକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। କେବଳ ଏକ ସ୍ପଷ୍ଟ ସାଂସ୍କୃତିକ, ଶୈକ୍ଷିକ କିମ୍ବା ସାମାଜିକ ମିଶନ ହିଁ ପାଣ୍ଠି ଗ୍ରହଣ କରିପାରିବ ବୋଲି ସରକାରଙ୍କ ନୂଆ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି।**

## ଏଫ୍‌ସିଆର୍‌ଏକୁ କଡ଼ାକଡ଼ି କଲା କେନ୍ଦ୍ର

ନୂଆଦିଲ୍ଲୀ, ୨୭।୫(ପି.ଟି.)

ଦେଶର ଏନ୍‌ଜିଓଗୁଡ଼ିକ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ନୂଆ ବିଜ୍ଞପ୍ତି ଜାରି କରାଯାଇଛି। ତଦନୁସାରେ ଏଫ୍‌ସିଆର୍‌ଏ ଅଧୀନରେ ପଞ୍ଜୀକରଣ ଆବେଦନ କରିବାକୁ ଚାହୁଁଥିବା ଏନ୍‌ଜିଓଗୁଡ଼ିକୁ ନୂଆ ନିୟମାବଳୀ ମାନି ଚଳିବାକୁ ପଡ଼ିବ। ଉକ୍ତ ନୋଟିଫିକେଶନ୍‌ରେ ଉଲ୍ଲେଖ କରାଯାଇଛି ଯେ ଏଫ୍‌ସିଆର୍‌ଏ ନିୟମରେ ଅଣାଯାଇଥିବା ସଂଶୋଧନ ଅନୁଯାୟୀ ବିଦେଶୀ ପାଣ୍ଠି ହାସଲ ଲାଗି ଅନୁମତି ଚାହୁଁଥିବା ଏନ୍‌ଜିଓଗୁଡ଼ିକୁ ଟେରର ଫଣ୍ଡିଂ ଏବଂ ମନିଲଣ୍ଡରିଂ ସମ୍ପର୍କିତ ଜଗୁଆଳି ସଂସ୍ଥା ଏଫ୍‌ଏଟିଏଫ୍‌ର ଗୁଡ୍ ପ୍ରାକ୍ଟିସ୍ ଗାଇଡ୍‌ଲାଇନ୍ସ ମାନି ଚଳିବା ନେଇ ଲିଖିତ ଭାବେ ଏକ ଅଙ୍ଗୀକାରପତ୍ର ଦାଖଲ କରିବାକୁ ପଡ଼ିବ। ଯେଉଁ ସଂସ୍ଥା ବା ଏନ୍‌ଜିଓ ପଞ୍ଜୀକରଣ ପାଇଁ ଆବେଦନ କରିବେ, ସେଗୁଡ଼ିକ ନିଜ ଆବେଦନପତ୍ରରେ ଅନ୍ୟୁନ ୩ ବର୍ଷର ଫାଇନାନ୍ସିଆଲ ଷ୍ଟେଟ୍‌ମେଣ୍ଟ ଓ ଅଡିଟ୍ ରିପୋର୍ଟ ଦାଖଲ କରିବେ। ସେଥିରେ ସମ୍ପୃକ୍ତ ଏନ୍‌ଜିଓର ସମ୍ପତ୍ତି, ଋଣ, ଗ୍ରହଣ କରିଥିବା ପାଣ୍ଠିର ରସିଦ, ଦେୟ ବିବରଣୀ ଏବଂ ଆୟବ୍ୟୟ ଆକାଉଣ୍ଟ ତଥ୍ୟ ମଧ୍ୟ ରହିବ। ଅଡିଟ୍ ରିପୋର୍ଟ ଓ ଫାଇନାନ୍ସିଆଲ ଷ୍ଟେଟ୍‌ମେଣ୍ଟରେ କାର୍ଯ୍ୟକଳାପ ଅନୁସାରେ ଗତ ୩ ବର୍ଷର ଏକ୍ସପେଣ୍ଡିଚର ରହି ନ ଥିଲେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ପ୍ରମାଣପତ୍ର ଆଣିବାକୁ ପଡ଼ିବ। ସମ୍ପୃକ୍ତ ସଂସ୍ଥା ଦ୍ୱାରା ଖର୍ଚ୍ଚ କରାଯାଇଥିବା ଅର୍ଥ ଏହାର ଆୟବ୍ୟୟ ଅନୁରୂପ ବୋଲି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସେଥିରେ ଉଲ୍ଲେଖ କରିବେ।

କୌଣସି ସଂଘ କିମ୍ବା ଏନ୍‌ଜିଓ ପ୍ରକାଶନ ସମ୍ପର୍କିତ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ଅଥବା ଏହାର ମେମୋରାଣ୍ଡମ୍ ଅଫ୍ ଆସୋସିଏଶନ୍/ଟ୍ରଷ୍ଟ ଡିଡ୍‌ରେ ଖବର ପ୍ରକାଶ କରିବା ନେଇ ଉଦ୍ଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲେ ସମ୍ପୃକ୍ତ ସଂସ୍ଥାର ମୁଖ୍ୟଙ୍କୁ ଏଫ୍‌ସିଆର୍‌ଏ-୨୦୧୦ର ଅନୁପାଳନ କରାଯିବା ନେଇ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆହୁରି କହିଛି ଯେ, ଯଦି ସମ୍ପୃକ୍ତ ସଂସ୍ଥା ଆର୍‌ଏନ୍‌ଆଇରେ ପଞ୍ଜୀକୃତ ହୋଇଛି ତେବେ ତାକୁ ଆର୍‌ଏନ୍‌ଆଇଠାରୁ 'ନଟ୍ ଏ ନ୍ୟୁଜ୍‌ପେପର' ସାର୍ଟିଫିକେଟ୍ ଆଣି ଦାଖଲ କରିବାକୁ ପଡ଼ିବ। ଯଦି ଏନ୍‌ଜିଓ ପୂର୍ବରୁ ଏଫ୍‌ସିଆର୍‌ଏ ଅଧୀନରେ ପଞ୍ଜୀକୃତ ହୋଇଥିଲା, ତେବେ ଏହାକୁ ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍ ଅବଧି ଶେଷ କିମ୍ବା ରଦ୍ଦ ହେବା ପରେ ମିଳିଥିବା ଓ ବିନିଯୋଗ କରାଯାଇଥିବା ବିଦେଶୀ ପାଣ୍ଠି ସମ୍ପର୍କିତ ବିବରଣୀ ନେଇ ଏକ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଯଦି ଏନ୍‌ଜିଓର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ତମ୍ଭରେ ଗତ ୩ ବର୍ଷର ବ୍ୟୟ ୧୫ ଲକ୍ଷ ଟଙ୍କାରୁ କମ୍ ରହିଥିବ, ତେବେ ପୁଞ୍ଜି ଅନ୍ତର୍ଭୁକ୍ତୀକରଣ ଉପରେ ସତ୍ୟପାଠ ଦେବାକୁ ପଡ଼ିବ ବୋଲି ଉକ୍ତ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି। ସେହିପରି ଏନ୍‌ଜିଓର ପ୍ରଶାସନିକ ଖର୍ଚ୍ଚକୁ ମଧ୍ୟ ବିଦେଶୀ ପାଣ୍ଠିର ୨୦% ଭିତରେ ସୀମିତ ରଖିବାକୁ ପଡ଼ିବ। ବିଦେଶୀ ସଂସ୍ଥା ଓ ସରକାରଠାରୁ ଅନୁଦାନ ଲାଭ କରି ଭାରତରେ ଦେଶବିରୋଧୀ କାର୍ଯ୍ୟରେ ନିୟୋଜିତ ଏନ୍‌ଜିଓଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ଏଫ୍‌ସିଆର୍‌ଏ ନିୟମରେ ଏପରି ସଂଶୋଧନ ଅଣାଯାଇଥିବା କୁହାଯାଉଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ୨୦ କୋଟିର ଋଣବୋଝ: ୭ ଜଣଙ୍କ ଆତ୍ମହତ୍ୟା

ଚଣ୍ଡିଗଡ଼, ୨୭।୫

### ଏକ କାର୍, ଏକ ପରିବାର



ହରିୟାଣାର ପଞ୍ଚକୁଲାରେ ରହୁଥିବା ଗୋଟିଏ ପରିବାରର ୭ ସଦସ୍ୟ ଆର୍ଥିକ ବୋଝ ସହି ନ ପାରି ଏକ କାର୍ ଭିତରେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ୩ ପିଲାଙ୍କ ସମେତ ୬ ଜଣଙ୍କ ମୃତଦେହ କାର ଭିତରୁ ଜବତ କରାଯାଇଥିବାବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଉଥିବାବେଳେ ସେ ଆଖି ବୁଜି ଦେଇଥିଲେ। ପୋଲିସ ଏହାକୁ ଏକ ଆତ୍ମହତ୍ୟା ମାମଲା ବୋଲି ସନ୍ଦେହ କରୁଥିବାବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

ପଞ୍ଚକୁଲାର ସେକ୍ଟର ୨୭ସ୍ଥିତ ଆବାସିକ ଅଞ୍ଚଳରେ ସୋମବାର ରାତିରେ ରାସ୍ତାକଡ଼ରେ ଲୋକେ ଡେରାଡୁନ୍ ନମ୍ବର ପ୍ଲେଟ୍ ଥିବା ଏକ କାର୍‌କୁ ଦେଖିଥିଲେ। ଏପରି କି ସେମାନେ ଶେଷରେ ଜୀବନ ଯାଇଥିବା ପରିବାର ସଦସ୍ୟମାନଙ୍କ ସହ ମଧ୍ୟ କଥା ହୋଇଥିଲେ। ପୋଲିସ ପ୍ରବୀଣ ମିତ୍ତଲ(୪୧), ତାଙ୍କ ସ୍ତ୍ରୀ, ସେମାନଙ୍କ ୩ ନାବାଳିକ ପିଲା ଓ ମା'ବାପାଙ୍କୁ ଚିହ୍ନଟ କରିଛି। ୩ ପିଲାଙ୍କ ମଧ୍ୟରେ ୨ ଜଣ ଯାଆଁଳା ଝିଅ ରହିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରବୀଣଙ୍କ ଉପରେ ପ୍ରାୟ ୨୦ କୋଟି ଟଙ୍କାର ଋଣ ଥିଲା। ପ୍ରବୀଣ ଏନେଇ ନିଜ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ। ତେବେ ଋଣ ବୋଝ ସହି ନ ପାରି ସେମାନେ ସାମୂହିକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କାରରୁ ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ପ୍ରବୀଣଙ୍କ ସହ ୫ ଦିନ ତଳେ କଥା ହୋଇଥିବା ତାଙ୍କ ସମ୍ପର୍କୀୟ ଭାଇ ସନ୍ଦୀପ ଅଗରୱାଲ ସେମାନଙ୍କ ଶେଷକୃତ୍ୟ ସମ୍ପନ୍ନ କରିବେ ବୋଲି ସେଥିରେ ଉଲ୍ଲେଖ କରାଯାଇଛି।

ପ୍ରବୀଣ କିଛି ବର୍ଷ ପୂର୍ବେ ହିମାଚଳ ପ୍ରଦେଶର ବଦ୍ଦିରେ ଏକ ସ୍କ୍ରାପ୍ ଫ୍ୟାକ୍ଟ୍ରି ଖୋଲିଥିଲେ। ☞ ପୃଷ୍ଠା-୪

# ବିସ୍ଫୋରକ ବୋଝେଇ ଗାଡ଼ି ଲୁଟ୍ କଲେ ମାଓବାଦୀ

ବଣାଇ, ୨୭।୫(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ (ଲଙ୍ଗଳକଟା) ପଥର କ୍ୱାରିକୁ ବ୍ଲାଷ୍ଟିଂ ପାଇଁ ଆସିଥିବା ଏକ ବିସ୍ଫୋରକ ବୋଝେଇ ଗାଡ଼ିକୁ ମଙ୍ଗଳବାର ମଧ୍ୟାହ୍ନରେ ମାଓବାଦୀମାନେ ଲୁଟ୍ କରିଛନ୍ତି। ବିସ୍ଫୋରକ ବୋଝେଇ ଗାଡ଼ିର ଚାଳକଙ୍କୁ ମଧ୍ୟ ଅପହରଣ କରି ନେଇଥିଲେ। ସନ୍ଧ୍ୟାରେ ଚାଳକଙ୍କୁ ଲଙ୍ଗଳକଟା ଜଙ୍ଗଲ ନିକଟରେ ଛାଡ଼ିଥିଲେ। ପରେ ସେ କେ.ବଲାଙ୍ଗ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ତାଙ୍କୁ ପୋଲିସ ପଚରାଉଚରା ଚଳାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ନ ଥିଲେ ହେଁ ତଥ୍ୟ ସଂଗ୍ରହ କରୁଛି। ସକାଳ ନ ହେବା ପର୍ଯ୍ୟନ୍ତ ବିପଦ ଆଶଙ୍କା ☞ ପୃଷ୍ଠା-୪


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf — Among Indian Universities Ranked by NIRF, Govt. of India
A++ Grade — Accredited by NAAC
Tier 1 NBA — Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025 | No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking 2024 — World University Rankings
IET Accredited Programme — The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ସଂକ୍ଷେପରେ

### ବିସ୍ଫୋରଣରେ ବାବର ଖାଲ୍‌ସା ଆତଙ୍କବାଦୀ ନିହତ

**ଅମୃତସର, ୨୭।୫**

ପଞ୍ଜାବର ଅମୃତସରର ମଜିଠା ରୋଡ୍ ବାଇପାସ୍ ଅଞ୍ଚଳରେ ମଙ୍ଗଳବାର ଏକ ବିସ୍ଫୋରଣ ହୋଇଥିଲା। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ ଗୁରୁତର ବ୍ୟକ୍ତି ପଡ଼ି ରହିଥିବାର ଦେଖିବାକୁ ପାଇଥିଲା। ହସ୍ପିଟାଲ ନେବା ବାଟରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ସେ ବାବର ଖାଲ୍‌ସା ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ ଥିଲେ ବୋଲି ଅମୃତସର ପୋଲିସ ସୂଚନା ଦେଇଛି। ବିସ୍ଫୋରକ ସାମଗ୍ରୀ ବାହାର କରିବାକୁ ଚେଷ୍ଟା କରୁଥିବାବେଳେ ବିସ୍ଫୋରଣ ଘଟିଥିଲା, ଫଳରେ ଉକ୍ତ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏହି ସନ୍ଦିଗ୍ଧ ଆତଙ୍କବାଦୀଙ୍କ ପରିଚୟ ଜଣାପଡ଼ିନାହିଁ। ପାକିସ୍ତାନର ଗୋଇନ୍ଦା ଏଜେନ୍ସି ଆଇଏସ୍ଆଇ ଏବଂ ଭାରତରେ ପ୍ରତିବନ୍ଧିତ ସଙ୍ଗଠନ ବାବର ଖଲସା ସହ ମୃତ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସମ୍ପର୍କକୁ ନେଇ ପୋଲିସର ତଦନ୍ତ ଜାରି ରହିଛି ବୋଲି ଡିଆଇଜି (ବର୍ଡର ରେଞ୍ଜ) ସତିନ୍ଦର ସିଂ କହିଛନ୍ତି।

### ଡିଆର୍‌ଡିଓ ଚେୟାରମ୍ୟାନଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

**ନୂଆଦିଲ୍ଲୀ, ୨୭।୫**


ଡ. ସମୀର ଭି. କାମତ

କେନ୍ଦ୍ର ସରକାର ସୋମବାର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ର ଚେୟାରମ୍ୟାନ ଡ. ସମୀର ଭି. କାମତଙ୍କର କାର୍ଯ୍ୟକାଳକୁ ବର୍ଷେ ବଢ଼ାଇଛନ୍ତି। ଆସନ୍ତା ୩୧ରେ ସରୁଥିବା ସମୀରଙ୍କ କାର୍ଯ୍ୟକାଳକୁ ୨୦୨୬ ମେ' ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେ ୨୦୨୨ ଅଗଷ୍ଟରୁ ଡିଆର୍‌ଡିଓ ଅଧ୍ୟକ୍ଷ ଅଛନ୍ତି। ୧୯୮୯ରେ ସେ ଡିଆର୍‌ଡିଓରେ ଯୋଗଦେଇଥିଲେ। ପୂର୍ବରୁ ସେ ନାଭାଲ ସିଷ୍ଟମ୍ସ ଆଣ୍ଡ୍ ମ୍ୟାଟେରିଆଲ୍ସରେ ମଧ୍ୟ ଡାଇରେକ୍ଟର ଜେନେରାଲ ଭାବେ କାର୍ଯ୍ୟ କରିଛନ୍ତି।

**ଆତଙ୍କବାଦ ପାକିସ୍ତାନର ଯୁଦ୍ଧ ରଣନୀତି**

# ଅନୁରୂପ ଜବାବ ଦିଆଯିବ: ମୋଦି


ଗୁଜରାଟର ଗାନ୍ଧୀନଗରରେ ସହରାଞ୍ଚଳ ବିକାଶ ଯୋଜନା ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ ନେତୃବୃନ୍ଦ।


**ଗାନ୍ଧୀନଗର, ୨୭।୫**

ପାକିସ୍ତାନର ସବୁ କାର୍ଯ୍ୟକଳାପ ଛାୟାଯୁଦ୍ଧ ନୁହେଁ, ବରଂ ଯୁଦ୍ଧର ପରିକଳ୍ପିତ ରଣନୀତି। ପାକିସ୍ତାନ ଯଦି ଯୁଦ୍ଧରେ ନିୟୋଜିତ ହୁଏ, ତାକୁ ପ୍ରତିଥର 'ଅପରେଶନ୍ ସିନ୍ଦୂର' ଭାଷାରେ ହିଁ ଜବାବ ଦିଆଯିବ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଗୁଜରାଟର ଗାନ୍ଧୀନଗରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଯେତେବେଳେ ବି ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଚାଲେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନୀ ସେନାକୁ ହରାଇଥାନ୍ତି। ପଡ଼ୋଶୀ ଦେଶ ତାକୁ କେବେ ଭୁଲିବା ଅନୁଚିତ। ଭାରତ ସହ ପ୍ରତ୍ୟକ୍ଷ ଯୁଦ୍ଧରେ ପରାଜୟ ଅବଶ୍ୟମ୍ଭାବୀ ବୋଲି ଜାଣିଥିବାରୁ ପାକିସ୍ତାନ ଛାୟାଯୁଦ୍ଧ ଚଳାଇଥାଏ। ଆତଙ୍କବାଦୀଙ୍କୁ ସାମରିକ ତାଲିମ ଓ ସମର୍ଥନ ଦେଇ ଭାରତକୁ ପଠାଇଥାଏ। ପାକିସ୍ତାନ ଭବିଷ୍ୟତରେ ଏଭଳି କାର୍ଯ୍ୟ କଲେ ଏହାକୁ ମୁହଁତୋଡ଼ ଜବାବ ଦିଆଯିବ। ବିଭାଜନ ବେଳେ ଭାରତ ମାତା ଦୁଇଭାଗ ହୋଇଗଲା। ସେହି ରାତିରେ କଶ୍ମୀର ଉପରେ ମୁଜାହିଦ୍ଦିନମାନେ ପ୍ରଥମ ଥର ଆତଙ୍କବାଦୀ ଆକ୍ରମଣ କରିଥିଲେ। ସେହି ସମୟରେ ପାକିସ୍ତାନ ମୁଜାହିଦ୍ଦିନ ନାମରେ ଆତଙ୍କବାଦୀଙ୍କ ସହାୟତାରେ ଭାରତର କିଛି ଅଂଶକୁ ଜବରଦଖଲ କରିଥିଲା। ସେହିଦିନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରାମର୍ଶକୁ ଗ୍ରହଣ କରି ମୁଜାହିଦ୍ଦିନମାନଙ୍କୁ ନିପାତ କରାଯାଇଥିଲେ ଗତ ୭୫ ବର୍ଷରେ ଏତେ ଆତଙ୍କବାଦୀ ଆକ୍ରମଣ ଦେଖିବାକୁ ମିଳିନ ଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

> କଶ୍ମୀରରେ ଆତଙ୍କବାଦ ପ୍ରତି ଭୟ ବାତାବରଣ କମିଗଲାଣି। ଉପତ୍ୟକାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପର୍ଯ୍ୟଟକଙ୍କ ସୁଅ ପୁଣି ଛୁଟିବାରେ ଲାଗିଛି। କେତେକ ଦେଶ ପକ୍ଷରୁ ଜାରି ନକାରାତ୍ମକ ଟ୍ରାଭେଲ ଆଡ୍‌ଭାଇଜରି ହଟାଇବା ପାଇଁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପଦକ୍ଷେପ ନେବା ଉଚିତ।
>
> **-ଫାରୁକ୍ ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ**

## ଆତଙ୍କବାଦକୁ ଡରିବୁ ନାହିଁ: ଓମାର


ଓମାର ଅବ୍ଦୁଲା

**ପହଲଗାମ୍, ୨୭।୫**

ପର୍ଯ୍ୟଟନ ସଂଘର୍ଷ ନିରପେକ୍ଷ ହେବା ଉଚିତ। ଆତଙ୍କବାଦ ଭଳି ଭୀରୁ କାର୍ଯ୍ୟକୁ ନେଇ ସରକାର ଭୟଭୀତ ହେବେ ନାହିଁ ବୋଲି ମଙ୍ଗଳବାର ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା କହିଛନ୍ତି। ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଏକ ପ୍ରେସ୍ କନ୍‌ଫରେନ୍ସକୁ ସମ୍ବୋଧିତ କରି ଓମାର କହିଛନ୍ତି, ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। କେନ୍ଦ୍ର ସରକାର ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ଏନେଇ ସବୁ ପ୍ରକାର ସହାୟତାର ପ୍ରତିଶ୍ରୁତି ଦେଇଥିବା ଓମାର ପ୍ରକାଶ କରିଛନ୍ତି। ଏହି ଅବସରରେ ଓମାର ପହଲଗାମ୍ କ୍ଲବ୍‌ରେ ଆୟୋଜିତ ସମ୍ମିଳନୀର ଫଟୋ ଏକ୍ସ'ରେ ପୋଷ୍ଟ କରିବା ସହ ଆକ୍ରମଣକୁ ନିନ୍ଦା କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ୫ମ ପିଢ଼ି ଯୁଦ୍ଧ ବିମାନ କାର୍ଯ୍ୟକ୍ରମକୁ ରାଜନାଥଙ୍କ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୭।୫**



ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ଆଡ୍‌ଭାନ୍ସଡ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) କାର୍ଯ୍ୟକ୍ରମ ପାଇଁ ବିଶେଷ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆତ୍ମନିର୍ଭର ଭାରତ ଅଭିଯାନକୁ ମଜଭୁତ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ। ଏହି ପ୍ରୋଜେକ୍ଟ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ବଢ଼ାଇବ। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଅଧୀନ ଏରୋନଟିକାଲ ଡେଭେଲପମେଣ୍ଟ ଏଜେନ୍ସି (ଏଡିଏ) ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା କରାଯିବ। ଏହି ପ୍ରକଳ୍ପରେ ଏଡିଏ ବିଭିନ୍ନ ଘରୋଇ ଏବଂ ସରକାରୀ କମ୍ପାନୀଗୁଡ଼ିକର ସହଭାଗିତାରେ ଏଏମ୍‌ସିଏକୁ ବିକଶିତ କରିବ। ଏଏମ୍‌ସିଏ ଏକ ପଞ୍ଚମ ପିଢ଼ିର ଷ୍ଟିଲ୍‌ଥ୍ ଫାଇଟର ପ୍ଲେନ୍ ହୋଇଥିବା ବେଳେ ଏହା ଭାରତୀୟ ବାୟୁସେନାକୁ ଆହୁରି ମଜଭୁତ କରିବ। ଏଏମ୍‌ସିଏର ବିକାଶ ପାଇଁ ଏଡିଏ ଖୁବ୍‌ଶୀଘ୍ର ଏକ୍ସପ୍ରେସନ୍ ଅଫ୍ ଇଣ୍ଟ୍ରେଷ୍ଟ (ଇଓଆଇ) ଜାରି କରିବ।

## ମାଓବାଦୀ କମାଣ୍ଡର ମୃତ

**ରାଞ୍ଚି, ୨୭।୫**

ଝାଡ଼ଖଣ୍ଡର ପାଲାମୁ ଜିଲାର ସୀତାଚୁଆଁ ଅଞ୍ଚଳରେ ଥିବା ନୈୟା ଜଙ୍ଗଲରେ ସୁରକ୍ଷା ବଳ ସହ ଗୁଳି ବିନିମୟରେ ମଙ୍ଗଳବାର ଶୀର୍ଷ ମାଓବାଦୀ କମାଣ୍ଡର ତୁଲସୀ ଭୂୟାଁଙ୍କର ମୃତ୍ୟୁ ଘଟିଛି। ସେହିପରି ସୁରକ୍ଷାବଳ ଗୁଳିରେ ଆଉଜଣେ ମାଓବାଦୀ ମଧ୍ୟ ଆହତ ହୋଇଛନ୍ତି। ତୁଲସୀଙ୍କ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ଟପ୍ କମାଣ୍ଡର ଥିଲେ। ତାଙ୍କ ନିକଟରୁ ଗୋଟିଏ ସେଲ୍ଫ ଲୋଡିଂ ରାଇଫଲ ସମେତ ବହୁ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।


ୟୁକ୍ରେନୀୟ ସଶସ୍ତ୍ର ବଳର ୬୮ତମ ସେପାରେଟ୍ ଚସେଉର୍ସ ବ୍ରିଗେଡ୍‌ର ଜଣେ ସୈନ୍ୟ ଯୁଦ୍ଧଭୂମିରୁ ଫେରିବା ପରେ ଡୋନେସ୍କ ରିଜିୟନ୍‌ର ପେକ୍ରୋଭ୍‌ସ୍କ ସହରରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

## ୩୧ ଥର ଏଭରେଷ୍ଟରେ ଚଢ଼ି ରେକର୍ଡ

**କାଠମାଣ୍ଡୁ, ୨୭।୫**

ନେପାଳର ଏଭରେଷ୍ଟ ମ୍ୟାନ୍ ଭାବେ ପରିଚିତ ୫୫ ବର୍ଷୀୟ ପର୍ବତାରୋହୀ କାମି ରିତା ଶେର୍‌ପା ପୁଣିଥରେ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗରେ ଚଢ଼ି ରେକର୍ଡ ସୃଷ୍ଟି କରିଛନ୍ତି। ମଙ୍ଗଳବାର ସେ ଏଭରେଷ୍ଟର ଶିଖରରେ ୩୧ତମ ଥର ପାଇଁ ଚଢ଼ି ନିଜ ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ୧୯୯୨ରେ ଏକ ଏଭରେଷ୍ଟ ଅଭିଯାନରେ ଜଣେ ସହାୟକ କର୍ମଚାରୀ ଭାବେ ସେ ନିଜର ଏହି ଯାତ୍ରା ଆରମ୍ଭ କରିଥିଲେ। ୧୯୯୪ରେ ଶେର୍‌ପା ପ୍ରଥମ ଥର ପାଇଁ ଏଭରେଷ୍ଟର ଶିଖରରେ ଚଢ଼ିଥିଲେ। ଏହାପରଠାରୁ ସେ ପ୍ରତିବର୍ଷ ୮,୮୪୯ ମିଟର ଉଚ୍ଚ ବିଶିଷ୍ଟ ଏଭରେଷ୍ଟ ଶିଖରରେ ଚଢ଼ୁଛନ୍ତି।


କାମି ରିତା ଶେର୍‌ପା

### ୧୯୯୪ରେ ପ୍ରଥମ ଥର ଚଢ଼ିଥିଲେ

ନିଜ ସଫଳତା ବିଷୟରେ ପ୍ରତିକ୍ରିୟା ରଖି ଶେର୍‌ପା କହିଛନ୍ତି, ସେ ରେକର୍ଡ ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ପ୍ରତ୍ୟେକ ରେକର୍ଡ ଦିନେ ନା ଦିନେ ଭାଙ୍ଗିଥାଏ। ତେଣୁ ଏଥିପ୍ରତି ସେ ବିବ୍ରତ ହୁଅନ୍ତି ନାହିଁ କିମ୍ବା ଖୁସି ହୁଅନ୍ତି ନାହିଁ। ତେବେ ତାଙ୍କର ପର୍ବତାରୋହଣ ନେପାଳକୁ ସାରା ବିଶ୍ୱରେ ପରିଚିତ କରାଇପାରୁଥିବାରୁ ଏହା ତାଙ୍କୁ ଆନନ୍ଦ ଦେଇଥାଏ ବୋଲି ଶେର୍‌ପା କହିଛନ୍ତି।

## ଟ୍ରମ୍ପଙ୍କ ଏଆଇ ଭିଡିଓ ଦେଖାଇ ୨ କୋଟି ଠକେଇ

**ବେଙ୍ଗାଲୁରୁ, ୨୭।୫**

କର୍ଣ୍ଣାଟକରୁ ଏକ ଚାଞ୍ଚଲ୍ୟକର ଠକେଇ ମାମଲା ସାମ୍ନାକୁ ଆସିଛି। ସାଇବର ଠକମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଏଆଇ ଜେନେରେଟେଡ୍ ଭିଡିଓ ପ୍ରସ୍ତୁତ କରିବା ସହ ଏହାକୁ ବ୍ୟବହାର କରି ଗତ କିଛି ମାସ ମଧ୍ୟରେ ୨୦୦ ଲୋକଙ୍କଠାରୁ ୨ କୋଟି ଟଙ୍କା ଠକେଇ କରିଥିବା ପୋଲିସ କହିଛି। ଟ୍ରମ୍ପଙ୍କ ହୋଟେଲରେ ନିବେଶ କରି ଅଧିକ ରିଟର୍ନ ହାସଲ କରି ହେବ ବୋଲି ସାଇବର ଠକମାନେ ଟ୍ରମ୍ପଙ୍କ ଏଆଇ ଭିଡିଓକୁ ବ୍ୟବହାର କରି ଠକାମିର ଶିକାର ହୋଇଥିବା ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସାଇବର ଠକଙ୍କ ଏହି ଦୁର୍ନୀତି କର୍ଣ୍ଣାଟକର ବେଙ୍ଗାଲୁରୁ ସମେତ ତୁମକୁରୁ, ମାଙ୍ଗାଲୋର, ହାଭେରୀ ଆଦି ସହରକୁ ବ୍ୟାପିଥିବା ପୋଲିସ କହିଛି।


ଡୋନାଲ୍ଡ ଟ୍ରମ୍ପ


ପୋଲିସ ସୂଚନା ଅନୁଯାୟୀ, ଟ୍ରମ୍ପଙ୍କ ଏଆଇ ଜେନେରେଟେଡ୍ ଭିଡିଓରେ ସେ ଏକ ନିବେଶ ଯୋଜନା ସମ୍ପର୍କରେ ପ୍ରଚାର କରୁଥିବାର କ୍ଷତିଗ୍ରସ୍ତମାନେ ଅଭିଯୋଗ କରିଛନ୍ତି। ଉକ୍ତ ଯୋଜନାରେ କମ୍ ସମୟ ମଧ୍ୟରେ ସେମାନଙ୍କ ରାଶିକୁ ଦ୍ୱିଗୁଣିତ କରାଯିବ ବୋଲି ନିବେଶକମାନଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇ ସେମାନଙ୍କଠାରୁ ଟଙ୍କା ହଡ଼ପ କରାଯାଇଥିଲା। ଲୋକମାନେ ଟ୍ରମ୍ପଙ୍କ ଏହି ଏଆଇ ଭିଡିଓକୁ ସତ ଭାବି ସାଇବର ଠକଙ୍କ ଜାଲରେ ଫସିଯାଇଥିଲେ। ଏହି ଠକାମିରେ ସାଇବର ଅପରାଧୀମାନେ ମୁଖ୍ୟତଃ ଛୋଟ ବ୍ୟବସାୟୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ଗୃହିଣୀମାନଙ୍କୁ ବେଶି ଟାର୍ଗେଟ କରୁଥିବା ପୋଲିସ କହିଛି। ଏହି ଦୁର୍ନୀତିକୁ ନେଇ ଗତ କିଛି ଦିନ ମଧ୍ୟରେ ପୀଡ଼ିତମାନେ ବେଙ୍ଗାଲୁରୁ ସମେତ କର୍ଣ୍ଣାଟକର ବିଭିନ୍ନ ସହରର ସାଇବର କ୍ରାଇମ ପୋଲିସ ଷ୍ଟେଶନରେ ଅଭିଯୋଗ କରିଛନ୍ତି। କର୍ଣ୍ଣାଟକ ପୋଲିସର ସାଇବର କ୍ରାଇମ ବ୍ରାଞ୍ଚ ମାମଲାର ତଦନ୍ତ ଆରମ୍ଭ କରିଛି। ଏକ ସଙ୍ଗଠିତ ସାଇବର ଅପରାଧୀ ଗ୍ୟାଙ୍ଗ୍ ଦ୍ୱାରା ଏହି ଠକେଇ ପରିଚାଳିତ ହୋଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସମ୍ଭବତଃ ଏହି ଗ୍ୟାଙ୍ଗ୍ ଭାରତ ବାହାରୁ କାର୍ଯ୍ୟ କରୁଥିବା ପୋଲିସ କହିଛି।

## ଫୁର୍‌ସତ୍

### ଜୁନ୍ ୬ରେ 'ହାଉସ୍‌ଫୁଲ ୫'

**ମୁମ୍ବାଇ**

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ 'ହାଉସ୍‌ଫୁଲ ୫'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି। ଏହି ମଲ୍ଟି ଷ୍ଟାରର୍ କମେଡି ଥ୍ରିଲର ଫିଲ୍ମରେ ଅଭିନେତା ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ, ସଞ୍ଜୟ ଦତ୍ତ, ନାନା ପାଟେକର, ଜନି ଲିବର, ଚଙ୍କି ପାଣ୍ଡେଙ୍କ ସମେତ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଡିଜ୍, ନର୍ଗିସ ଫାକ୍ରି, ସୋନମ୍ ବାଜୱା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ସାଜିଦ୍ ନାଡିଆଡ୍‌ୱାଲାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ତରୁଣ ମନ୍‌ଶୁଖାନି। ଆସନ୍ତା ମାସ ୬ ତାରିଖରେ ଏହି ଫିଲ୍ମ ରିଲିଜ୍ ହେବ। ଫିଲ୍ମର ଟ୍ରେଲରରେ ଅନେକ ସସ୍‌ପେନ୍ସ ଏବଂ ଏଣ୍ଟରଟେନ୍‌ମେଣ୍ଟ ଦୃଶ୍ୟ ରହିଥିବାରୁ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ବିଭିନ୍ନ ରଙ୍ଗିନ୍ ଲୋକେଶନରେ ଫିଲ୍ମର ଶୁଟ୍ କରାଯାଇଥିବା ନେଇ ଟ୍ରେଲରରୁ ଜଣାପଡ଼ିଛି। ୩ ମିନିଟ ୫୩ ସେକେଣ୍ଡର ଏହି ଟ୍ରେଲରର ଶେଷ ଆଡ଼କୁ ଅଭିନେତା ସଞ୍ଜୟ ଦତ୍ତଙ୍କର ଧମାକାଦାର ଏଣ୍ଟ୍ରି ହୋଇଛି। ଟ୍ରେଲରରେ ତାଙ୍କ ଦମ୍‌ଦାର ଡାଏଲଗ୍ ଏବଂ ଅନ୍ଦାଜ ଦର୍ଶକଙ୍କୁ ବିମୋହିତ କରିଛି। ସେହିପରି ଟ୍ରେଲରରେ ଅଭିନେତ୍ରୀ ଜ୍ୟାକଲିନ୍, ନର୍ଗିସ ଏବଂ ସୋନମଙ୍କ ଗ୍ଲାମରସ୍ ଅନ୍ଦାଜକୁ ଦର୍ଶକ ପସନ୍ଦ କରିଛନ୍ତି।


ଅକ୍ଷୟ କୁମାର

### ଚାଇନାରେ ପ୍ରଥମ ରୋବୋ ବକ୍ସିଂ ଟୁର୍ନାମେଣ୍ଟ



**ବେଜିଂ**

ବିଶ୍ୱର ପ୍ରଥମ ହ୍ୟୁମାନଏଡ୍ ରୋବୋ କିକ୍ ବକ୍ସିଂ ଟୁର୍ନାମେଣ୍ଟ ଗତ ୨୫ ତାରିଖରେ ପୂର୍ବ ଚାଇନାର ହାଙ୍ଗଝୌଠାରେ ଆୟୋଜିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଏକାଧିକ ମ୍ୟାଚ୍ ହୋଇଥିବା ବେଳେ ପ୍ରତ୍ୟେକ ମ୍ୟାଚ୍‌ରେ ୨ ଜଣ ଲେଖାଏ ରୋବୋ ବକ୍ସିଂ ରିଙ୍ଗ ମଧ୍ୟରେ ପରସ୍ପରକୁ ପଞ୍ଚ୍ ମାରି ମୁକାବିଲା କରୁଥିଲେ। ମ୍ୟାଚ୍ ସମୟରେ ରୋବୋମାନଙ୍କୁ ସେମାନଙ୍କ ହ୍ୟାଣ୍ଡଲର ପରିଚାଳିତ କରୁଥିଲେ। ରୋବୋଙ୍କ ମଧ୍ୟରେ ଏହି ରୋମାଞ୍ଚକର ବକ୍ସିଂ ଟୁର୍ନାମେଣ୍ଟ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଦେଖାଦେଇଥିଲା। ପ୍ରତି ବକ୍ସିଂ ମ୍ୟାଚ୍ ସମୟରେ ଜଣେ ରେଫରି ରିଙ୍ଗ ମଧ୍ୟରେ ଉଭୟ ପ୍ରତିଯୋଗୀ ରୋବୋ ଏବଂ ଖେଳକୁ ସଞ୍ଚାଳନ କରୁଥିଲେ। ହ୍ୟାଣ୍ଡଲର ଲୁ ଜିନ୍‌ଙ୍କ ଦ୍ୱାରା ପରିଚାଳିତ ରୋବୋ 'ଏଆଇ ଷ୍ଟ୍ରାଟେଜିଷ୍ଟ' ଏହି ଟୁର୍ନାମେଣ୍ଟର ଟାଇଟଲ ହାସଲ କରିଥିଲା। ଫାଇନାଲ ମ୍ୟାଚ୍‌ରେ ସେ ହ୍ୟାଣ୍ଡଲର ହୁ ୟୁଙ୍କିଆନଙ୍କ ରୋବୋ 'ଏନର୍ଜି ଗାର୍ଡିଆନ'କୁ ପରାସ୍ତ କରିଥିଲା। ଏହି ପ୍ରତିଯୋଗିତାରେ ରୋବୋମାନେ ପ୍ରଭାବଶାଳୀ ଢଙ୍ଗରେ ପରସ୍ପର ସହ ବକ୍ସିଂ ମୁକାବିଲା କରିଥିଲେ, ଯାହା ରୋବୋଟିକ୍ସ ଏବଂ ଏଆଇ କ୍ଷେତ୍ରରେ ଚାଇନା କରିଥିବା ଦ୍ରୁତ ପ୍ରଗତିକୁ ଦର୍ଶାଉଥିବା ନେଇ ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହି ନିଆରା ବକ୍ସିଂ ଟୁର୍ନାମେଣ୍ଟର କେତେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଅନେକ ୟୁଜର୍ସ ବିଭିନ୍ନ ମଜାଳିଆ କମେଣ୍ଟ କରିଛନ୍ତି।

ତେବେ ବକ୍ସିଂ ମ୍ୟାଚ୍ ନାଁରେ ରୋବୋମାନଙ୍କୁ ପରସ୍ପର ମଧ୍ୟରେ ଲଢ଼ା ଯିବାକୁ ଏବଂ ପରସ୍ପରକୁ ଆକ୍ରମଣ ପାଇଁ ଅପରେଟ୍ କରାଯିବାକୁ ନେଇ କେତେଜଣ ୟୁଜର୍ସ ଚିନ୍ତା ପ୍ରକଟ କରିଛନ୍ତି। ନିକଟରେ ୟୁନିଟ୍ରି ରୋବୋଟିକ୍ସ ଦ୍ୱାରା ବିକଶିତ ଏକ ହ୍ୟୁମାନଏଡ୍ ରୋବୋ ନିଜ ହ୍ୟାଣ୍ଡଲରଙ୍କୁ ଆକ୍ରମଣ କରିଥିବାର ମାମଲା ସାମ୍ନାକୁ ଆସିଥିଲା, ଯାହା ଏଆଇକୁ ନେଇ ସମ୍ଭାବ୍ୟ ବିପଦ ବିଷୟରେ ଚିନ୍ତା ବଢ଼ାଇଥିଲା। ଏପରି ଦୁର୍ଘଟଣାକୁ ରୋକିବା ପାଇଁ ଏଆଇ ବିକାଶରେ କଠୋର ପରୀକ୍ଷଣ ଏବଂ ଗୁଣବତ୍ତା ନିୟନ୍ତ୍ରଣର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।





# ଉପକୂଳ ସୁରକ୍ଷାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଆଲୋଚନା କଲେ

**ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)**

ଚଳିତ ମାସ ଦ୍ୱିତୀୟ ସପ୍ତାହରେ ୪ ଦିନ ଧରି ଭାରତ-ପାକିସ୍ତାନ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଘଟିଥିଲା। ଏହି ପରିପ୍ରେକ୍ଷୀରେ ଦେଶର ସମସ୍ତ ସୀମାବର୍ତ୍ତୀ ଅଞ୍ଚଳ ଏବଂ ଆଭ୍ୟନ୍ତର ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଭଳିସ୍ଥଳେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରୁଛନ୍ତି। ସେ ମଙ୍ଗଳବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ଦେଶ ତଥା ରାଜ୍ୟର ସୁରକ୍ଷା ଓ ବିକାଶ ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଛନ୍ତି। ଦେଶର ପୂର୍ବସୀମାରେ ଓଡ଼ିଶାର ରଣନୀତିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ଭିତ୍ତିଭୂମି ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି।

ଓଡ଼ିଶାରେ ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଲୋଚନା କରିଥିବା ଜଣାପଡିଛି। ଏହାସହ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ଏବଂ ରଥଯାତ୍ରାରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ତାଙ୍କୁ ନିମନ୍ତ୍ରଣ କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଓଡ଼ିଶାର ଉପକୂଳରେ ୪୮୦ କି.ମି.ର ବେଳାଭୂମି ରହିଛି। ଏହାସହ ରାଜ୍ୟର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ପ୍ରତିଷ୍ଠାନ ରହିଛି। ସେଥିମଧ୍ୟରେ ବାଲେଶ୍ୱର ଜିଲା ଚାନ୍ଦିପୁରଠାରେ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ(ଆଇଟିଆର୍) ଏବଂ ଭଦ୍ରକଠାରେ ଡ. ଏପିଜେ ଅବଦୁଲ କଲାମ ଦ୍ୱୀପ ରହିଛି। ଏହି ଦୁଇ ସ୍ଥଳୀକୁ ମିଶାଇଲ୍ ଲଞ୍ଚ କରିବା କ୍ଷେତ୍ରରେ ବ୍ୟବହାର କରାଯାଉଛି। ଏଥିଲାଗି ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଓଡ଼ିଶାର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନ୍ୟପଟେ ଜଳପଥ ଦେଇ ଯେପରି ଆତଙ୍କବାଦୀ କାର୍ଯ୍ୟକଳାପ ନ ହେବ ସେଥିଲାଗି ରାଜ୍ୟ ସରକାର ଭାରତୀୟ ନୌସେନା, କୋଷ୍ଟ ଗାର୍ଡ ଏବଂ ମେରାଇନ ପୋଲିସ ସମନ୍ୱୟ ରକ୍ଷା କରି ସମଦ୍ର ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି।




# ୨୧ ହାଇକୋର୍ଟ ବିଚାରପତିଙ୍କ ବଦଳି ସୁପାରିସ

## ଓଡ଼ିଶା ହାଇକୋର୍ଟ ବିଚାରପତି ହେବେ ମାନସ ରଞ୍ଜନ ପାଠକ



ମାନସ ରଞ୍ଜନ ପାଠକ

**ନୂଆଦିଲ୍ଲୀ,୨୭।୫(ପି.ଟି.)**

ସୁପ୍ରିମକୋର୍ଟ କଲେଜିୟମ ଦେଶର ବିଭିନ୍ନ ହାଇକୋର୍ଟର ୨୧ଜଣ ବିଚାରପତିଙ୍କ ବଦଳି ସୁପାରିସ କରିଛନ୍ତି। ବିଚାରବିଭାଗୀୟ ପ୍ରଶାସନ ଏବଂ ସଂସ୍ଥାଗତ ସନ୍ତୁଳନ ବଜାୟ ରଖିବା ଉଦ୍ଦେଶ୍ୟରେ କଲେଜିୟମ ସୋମବାର ବସିଥିବା ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି। ବିଚାରପତି ସୁଜୋୟ ପାଲ୍‌ଙ୍କୁ ତେଲଙ୍ଗାନା ହାଇକୋର୍ଟରୁ କଲିକତା ହାଇକୋର୍ଟ ବଦଳି ସୁପାରିସ କରାଯାଇଥିବାବେଳେ କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଭି. କାମେଶ୍ୱର ରାଓଙ୍କୁ ଦିଲ୍ଲୀ ହାଇକୋର୍ଟ, ଗୌହାଟି ହାଇକୋର୍ଟ ବିଚାରପତି ଲାନୁସୁଙ୍ଗକୁମ୍ ଜମିରଙ୍କୁ କଲିକତା ହାଇକୋର୍ଟ, ଗୌହାଟି ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟ, ବମ୍ବେ ହାଇକୋର୍ଟ ବିଚାରପତି ନୀତିନ ବାସୁଦେଓ ସମ୍ବରେଙ୍କୁ ଦିଲ୍ଲୀ ହାଇକୋର୍ଟକୁ ବଦଳି ସୁପାରିସ କରାଯାଇଛି। ସେହିପରି ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଅଶ୍ୱିନୀ କୁମାର ମିଶ୍ରାଙ୍କୁ ପଞ୍ଜାବ-ହରିୟାଣା ହାଇକୋର୍ଟ, ଗୌହାଟି ହାଇକୋର୍ଟ ବିଚାରପତି ସୁମନ ଶ୍ୟାମଙ୍କୁ ବମ୍ବେ ହାଇକୋର୍ଟ, ପଞ୍ଜାବ- ହରିୟାଣା ହାଇକୋର୍ଟ ବିଚାରପତି ସଞ୍ଜୀବ ପ୍ରକାଶ ଶର୍ମାଙ୍କୁ ରାଜସ୍ଥାନ ହାଇକୋର୍ଟ, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ବିବେକ ଚୌଧୁରୀଙ୍କୁ ଦିଲ୍ଲୀ ହାଇକୋର୍ଟ, କେରଳ ହାଇକୋର୍ଟ ବିଚାରପତି ଦୀନେଶ କୁମାର ସିଂଙ୍କୁ କର୍ଣ୍ଣାଟକ ହାଇକୋର୍ଟ, ମାଡ୍ରାସ୍ ହାଇକୋର୍ଟ ବିଚାରପତି ବିବେକ କୁମାର ସିଂଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ଏବଂ ମାଡ୍ରାସ ହାଇକୋର୍ଟ ବିଚାରପତି ବଟ୍ଟୁ ଦେବାନନ୍ଦଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟକୁ ବଦଳି ସୁପାରିସ କରାଯାଇଛି। ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଓମ୍ ପ୍ରକାଶ ଶୁକ୍ଳାଙ୍କୁ ଦିଲ୍ଲୀ ହାଇକୋର୍ଟ, ରାଜସ୍ଥାନ ହାଇକୋର୍ଟ ବିଚାରପତି ଶ୍ରୀ ଚନ୍ଦ୍ରଶେଖରଙ୍କୁ ବମ୍ବେ ହାଇକୋର୍ଟ, ପଞ୍ଜାବ-ହରିୟାଣା ହାଇକୋର୍ଟ ବିଚାରପତି ସୁଧୀର ସିଂଙ୍କୁ ପାଟନା ହାଇକୋର୍ଟ, ପଞ୍ଜାବ-ହରିୟାଣା ହାଇକୋର୍ଟ ବିଚାରପତି ଅନିଲ କ୍ଷେତ୍ରପାଲ୍‌ଙ୍କୁ ଦିଲ୍ଲୀ ହାଇକୋର୍ଟ, ରାଜସ୍ଥାନ ହାଇକୋର୍ଟ ବିଚାରପତି ଅରୁଣ କୁମାର ମୋଙ୍ଗାଙ୍କୁ ଦିଲ୍ଲୀ ହାଇକୋର୍ଟ, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜୟନ୍ତ ବାନାର୍ଜୀଙ୍କୁ କର୍ଣ୍ଣାଟକ ହାଇକୋର୍ଟ, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ସି. ସୁମଲଥାଙ୍କୁ ତେଲଙ୍ଗାନା ହାଇକୋର୍ଟ, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଲଲିଥା କାନେଗାଣ୍ଟିଙ୍କୁ ତେଲଙ୍ଗାନା ହାଇକୋର୍ଟ ଏବଂ ପାଟନା ହାଇକୋର୍ଟ ବିଚାରପତି ଆନିରେଡ୍ଡୀ ଅଭିଷେକ ରେଡ୍ଡୀଙ୍କୁ ତେଲଙ୍ଗାନା ହାଇକୋର୍ଟ ବିଚାରପତି ଭାବେ ସୁପାରିସ କରାଯାଇଛି। ସୁପ୍ରିମକୋର୍ଟ କଲେଜିୟମ୍‌ର ଏହି ସୁପାରିସ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। କେନ୍ଦ୍ରରୁ ଅନୁମୋଦନ ମିଳିବା ପରେ ଉପରୋକ୍ତ ବିଚାରପତିମାନେ ସେମାନଙ୍କ ନୂତନ ବଦଳି ସ୍ଥାନରେ ନିୟମ ଅନୁସାରେ ଯୋଗ ଦେବେ।




# ୪ ଜିଲାରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୨୭।୫ (ଅନୁରାଧା ମହାରଣା)**

ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗେଇବା ପାଇଁ ପାଗ ଅନୁକୂଳ ରହିଛି। ସେହିପରି ଓଡ଼ିଶା ଉପକୂଳ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ବୁଧବାର ରାଜ୍ୟର ୪ ଜିଲା କେନ୍ଦ୍ରାପଡ଼ା, କଟକ, ଯାଜପୁର, ଜଗତ୍‌ସିଂହପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ଝଟ୍‌କା ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ରହିବ। ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୬ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ବିଶେଷକରି ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ପବନର ଆଶଙ୍କା ରହିଛି।

## ସତର୍କ ରହିବାକୁ ଜିଲାପାଳମାନଙ୍କୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଅନ୍ୟପଟେ ଲୋକଙ୍କୁ ପାଗ ଉପରେ ନଜର ରଖିବା ସହ ବଜ୍ରପାତ ସମୟରେ ରକ୍ଷା ପାଇବା ପାଇଁ ସୁରକ୍ଷିତ ଆଶ୍ରୟ ନେବାକୁ ଅନୁରୋଧ କରାଯାଇଛି। ଫସଲ ଅମଳ ଉପରେ ଧ୍ୟାନଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ୩୧ ତାରିଖ ପର୍ଯ୍ୟନ୍ତ ଭାରି ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏହାର ମୁକାବିଲା ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୁଳି ଓ ଝଡ଼ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ କୁହାଯାଇଛି। ଝଡ଼ବର୍ଷା ସମୟରେ ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି।

# ଆଜି ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ

**ବଲାଙ୍ଗୀର/ପାଟଣାଗଡ଼,୨୭।୫ (ବୀରେନ୍ଦ୍ର କୁମାର ଝାଙ୍କର/ ସଚ୍ଚିଦାନନ୍ଦ ମହାକୁର)**

ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ବୁଧବାର ପ୍ରକାଶ ପାଇବ। ଦୀର୍ଘ ୭ ବର୍ଷର ଅପେକ୍ଷା ପରେ ଏହି ରାୟ ପ୍ରକାଶ ପାଇବାକୁ ଯାଉଥିବାରୁ ବିଭିନ୍ନ ମହଲରେ ଏନେଇ ଉତ୍ସୁକତା ପ୍ରକାଶ ପାଇଛି। ପାଟଣାଗଡ଼ ଏଡିଜେ କୋର୍ଟରେ ଏହି ଚର୍ଚ୍ଚିତ ମାମଲାର ରାୟ ପ୍ରକାଶ ପାଇବାକୁ ଯାଉଛି। ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟି ନବବିବାହିତ ସଫ୍ଟୱେର ଇଞ୍ଜିନିୟର ସୌମ୍ୟଶେଖର ସାହୁ, ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ମୃତ ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଏକମାତ୍ର ଓ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଟିମ୍ ୨୦୦୦ ପୃଷ୍ଠାର ଚାର୍ଜଶଟ୍ ଦାଖଲ କରିବା ପରେ ପାଟଣାଗଡ଼ ଏଡିଜେ କୋର୍ଟରେ ପ୍ରାୟ ୨ବର୍ଷ କାଳ ଏହାର ଶୁଣାଣି ଓ ନ୍ୟାୟିକ ପ୍ରକ୍ରିୟା ଚାଲିଥିଲା। ୬୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ଏଡିଜେ ୨୮ ତାରିଖରେ ଏହି ଚର୍ଚ୍ଚିତ ମାମଲାର ରାୟ ପ୍ରକାଶ କରିବେ ବୋଲି ଶୁଣାଇଥିଲେ। ଫଳରେ ନ୍ୟାୟ ଅପେକ୍ଷାରେ ଥିବା ମୃତ ସୌମ୍ୟଶେଖରଙ୍କ ମାତାପିତା ସଞ୍ଜୁକ୍ତା ସାହୁ ଓ ରବୀନ୍ଦ୍ର ସାହୁ ନ୍ୟାୟ ପାଇବେ ବୋଲି ଆଶାବାଦୀ ଥିବା ଜଣାଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ କ'ଣ ଦଣ୍ଡ ମିଳିବ ଏବେ ତା' ଉପରେ ସମସ୍ତଙ୍କର ନଜର ରହିଛି।



ଅଭିଯୁକ୍ତ ପୁଞ୍ଜିଲାଲ ମେହେର

# କାନ୍ଥ ପଡ଼ି ମହିଳା ମୃତ

**ବାସୁଦେବପୁର,୨୭।୫ (କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳରେ ମଙ୍ଗଳବାର ମଧ୍ୟାହ୍ନରେ କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ରାଧାନାଥପୁର ଗ୍ରାମର ବିଷ୍ଣୁପ୍ରିୟା ମହାନ୍ତି(୫୨)। ପୂର୍ବାହ୍ନରୁ ଲଘୁଚାପଜନିତ ବର୍ଷା ଲାଗି ରହିଥିଲା। ଏହି ସମୟରେ ବିଷ୍ଣୁପ୍ରିୟା ତାଙ୍କ ମାଟିଘରେ ଥିବାବେଳେ ପ୍ରବଳ ବର୍ଷାରେ କାନ୍ଥ ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ଆବେଦନ ଆରମ୍ଭ

**କଟକ,୨୭।୫(କାର୍ତ୍ତିକ ସାହୁ)**

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୪ ନିମନ୍ତେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କଠାରୁ ମନୋନୟନ ପତ୍ର ଆହ୍ୱାନ କରାଯାଉଛି। କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି, କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡାବିତ୍, ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡ଼ାବିତ୍ ଓ ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହକାରୀ କର୍ମକର୍ତ୍ତା ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିନିମନ୍ତେ ସବିଶେଷ ମାର୍ଗଦର୍ଶିକା, ବିଭିନ୍ନ ବର୍ଗ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶି, ଆବେଦନ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗର ୱେବସାଇଟ http://sports.odisha.gov.inରେ ଉପଲବ୍ଧ। ମନୋନୟନ ପତ୍ର ଉଭୟ ଅନଲାଇନ ଓ ଅଫଲାଇନରେ ତା୧୬।୬।୨୦୨୫ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଗ୍ରହଣ କରାଯିବ। ଜିଲାର କୃତୀ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷକ ଓ କ୍ରୀଡ଼ା ସାମ୍ବାଦିକ ଉପଯୁକ୍ତ ଦସ୍ତାବିଜ ସହ ଆବେଦନ କରିବାକୁ ଅନୁରୋଧ କରାଯାଉଛି।

# ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି

**ଭୁବନେଶ୍ୱର,୨୭।୫(ସୁଚିସ୍ମିତା ସାହୁ)**

ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ସମ୍ଭାଳିବେ। ଏ ନେଇ ମଙ୍ଗଳବାର ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ ପ୍ରଫେସର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ରହିଛନ୍ତି। ୨୦୦୨ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ପିଏଚ୍‌ଡି କରିଥିଲେ। ୨୦୧୦ରୁ ସେ ଏଠାରେ କାର୍ଯ୍ୟରତ ଥିବାବେଳେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଓ ଦକ୍ଷତା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସର ଓଏସ୍‌ଡି ଭାବେ ସେ କାର୍ଯ୍ୟ କରିବା ସହ ଉତ୍କର୍ଷ କେନ୍ଦ୍ର ସଂଯୋଜକ ସମେତ ଗବେଷଣା ଓ ବିକାଶର ନିର୍ଦ୍ଦେଶକ ଥିଲେ। ସୂଚନା ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମେ ୨୩ରୁ ଦାୟିତ୍ୱରୁ ଆବ୍ୟାହତ ନେଇଛନ୍ତି।

# ଏସ୍‌ସି, ଏସ୍‌ଟିଙ୍କ ଜମି ବିକ୍ରି ଅନୁମତିରେ ଅନିୟମିତତା

## ପ୍ରାକ୍ତନ ୬ ଉପଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

## ଏଜି ଅଡିଟ୍ ରିପୋର୍ଟରେ ଧରାପଡ଼ିଲା

**ସୋନପୁର,୨୭।୫ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ଲୋକଙ୍କ ଜମିକୁ ବିକ୍ରି ଅନୁମତି ପ୍ରଦାନରେ ଅନିୟମିତତା ହୋଇଛି। ଜିଲାର ବୀରମହାରାଜପୁର ଓ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଇନ ଉଲ୍ଲଂଘନ କରାଯାଇ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଛି। ଏହାର ଫାଇଦା ଧନୀ, ପ୍ରଭାବଶାଳୀ ଗୋଷ୍ଠୀ ନେଇଛନ୍ତି। ଏହାଦ୍ୱାରା ଏସ୍‌ସି ଓ ଏସ୍‌ଟିମାନେ କମ୍ ଦରରେ ଜମି ବିକ୍ରିକରି ଭୂମିହୀନ ହେଉଥିବା ବେଳେ ସେମାନଙ୍କ ଜମି ସାଧାରଣ ବର୍ଗର ଧନୀ ଲୋକଙ୍କ ହାତକୁ ଚାଲିଯାଉଛି। ଓଡ଼ିଶା ପ୍ରଧାନ ମହାଲେଖାଗାର(ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ)ଙ୍କ ଅଡିଟ୍ ରିପୋର୍ଟରୁ ଏହାର ପର୍ଦ୍ଦାଫାଶ ହୋଇଛି।

ରିପୋର୍ଟ ଅନୁଯାୟୀ ସମ୍ପୃକ୍ତ ଉପଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଏସ୍‌ସି ଓ ଏସ୍‌ଟିଙ୍କ ଜମି ସେମାନଙ୍କ ଖାତାକୁ ପୁନଃ ଫେରସ୍ତ ପାଇଁ ରାଜ୍ୟ ସରକାର ଓ ଜିଲାପାଳଙ୍କୁ ପତ୍ରସଂଖ୍ୟା ୧୧୦୫/୦୨।୦୨।୨୦୨୪ରେ ସିଏଜି ସୁପାରିସ କରିଛନ୍ତି। ତେବେ ଅନିୟମିତତାରେ ସମ୍ପୃକ୍ତଙ୍କ ବିରୋଧରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଏଥିନେଇ ଜିଲାର ଏସ୍‌ସି ଓ ଏସ୍‌ଟି ବର୍ଗର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

ପ୍ରଧାନ ମହାଲେଖାଗାରଙ୍କ ରିପୋର୍ଟ ଅନୁଯାୟୀ ବୀରମହାରାଜପୁର ଉପଜିଲାପାଳ ଏସ୍‌ସି, ଏସ୍‌ଟିଙ୍କ ୨୧୩.୯୩୮ ଏକର ଜମି ବିକ୍ରି ପାଇଁ ୨୧୮ ଜଣଙ୍କୁ ଅନୁମତି ଦେଇଛନ୍ତି। ଓଏଲ୍‌ଆର୍ ଆକ୍ଟର ଧାରା ୨୨ର ୧୮୧ଟି ମାମଲାର କାଗଜପତ୍ରକୁ ତର୍ଜମା ପରେ ୧୩୮ଟି ମାମଲାରେ ଅନିୟମିତତା ହୋଇଥିବା ପ୍ରମାଣ ମିଳିଛି; ଯେଉଁଥିରେ ୨୦୦.୭୫୩ ଏକର ଜମି ଯାହାର ସରକାରୀ ମୂଲ୍ୟ ୬କୋଟି ୧୭ଲକ୍ଷ ୭୦ହଜାର ୬୨୯ଟଙ୍କାର ଅନିୟମିତତା ହୋଇଛି। ସେହିପରି ସୋନପୁର ଉପଜିଲାପାଳ ଏସ୍‌ସି, ଏସ୍‌ଟିଙ୍କ ୧୮୧.୩୭ ଏକର ଜମି ବିକ୍ରି ପାଇଁ ୩୨୨ଜଣଙ୍କୁ ଅନୁମତି ଦେଇଛନ୍ତି। ୧୧୫ଟି ମାମଲାର କାଗଜପତ୍ରକୁ ତର୍ଜମା କରାଯାଇଥିଲା। ଯେଉଁଥିରେ ୧୦୧.୫୯୪ଏକର ଜମିର ଅନୁମତି ପ୍ରଦାନରେ ଅନିୟମିତତା ହୋଇଛି, ଯାହାର ସରକାରୀ ମୂଲ୍ୟ ୫କୋଟି ୨୩ଲକ୍ଷ ୧୪ହଜାର ୨୦୧ଟଙ୍କା। ୨୦୧୮ରୁ ୨୦୨୩ ମସିହା ମଧ୍ୟରେ ଜିଲାର ୬ଜଣ ପ୍ରାକ୍ତନ ଉପଜିଲାପାଳ ମୋଟ ୩୨୨.୩୪୭ଏକର ଏସ୍‌ସି, ଏସ୍‌ଟି ଜମିକୁ ବିକ୍ରି ପାଇଁ ଅନୁମତି ଦେଇଛନ୍ତି। ଯାହାର ସେତେବେଳର ସରକାରୀ ମୂଲ୍ୟ ୧୧କୋଟି ୪୦ଲକ୍ଷ ୮୪ହଜାର ୮୩୦ଟଙ୍କା ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ସମୟରେ ବୀରମହାରାଜପୁରରେ ଗୋପୀନାଥ ସାରକା, ସୁବ୍ରତ କୁମାର ବେହେରା ଓ ଅଶୋକ କୁମାର ଭୋଇ ଉପଜିଲାପାଳ ଥିଲେ। ତେବେ ଅଶୋକଙ୍କ ସମୟରେ ଅଧିକ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଥିଲା। ସେହିପରି ସୋନପୁରରେ ବଳରାମ ମଲ୍ଲିକ, ନିହାର ରଞ୍ଜନ କହଁର ଓ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଉପଜିଲାପାଳ ଥିଲେ। ତେବେ ବଳରାମ ଓ ଈପ୍‌ସିତାଙ୍କ ସମୟରେ ଅଧିକ ଜମି ବିକ୍ରି ପାଇଁ ଅନୁମତି ମିଳିଥିବା ରିପୋର୍ଟରେ ଉଲ୍ଲେଖ ଅଛି। ରିପୋର୍ଟ ପାଇବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୋନପୁର ଓ ବୀରମହାରାଜପୁରଙ୍କ କାର୍ଯ୍ୟାଳୟକୁ କେସ୍ ରେକର୍ଡ ମଗାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସଙ୍କୁ ପଚାରିବାରୁ ଅଡିଟ୍ ରିପୋର୍ଟ ଅନୁଯାୟୀ ଅନିୟମିତତାର ପ୍ରମାଣ ମିଳିଛି। ତର୍ଜମାକଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଳିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ପ୍ରତିବାଦ, ସ୍ଥାନ: ଗାଡ଼କଣା ଅଳିଆଗଦା ଗେଟ୍ ସମ୍ମୁଖ, ସମୟ: ସକାଳ ୯ଟା।
- ପୋଖରୀ ସଫେଇ ଓ ପୋଖରୀ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'ନୃତ୍ୟ ବିଳାସ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ସୁଭାଷ ସଙ୍ଗଠନ ପକ୍ଷରୁ ଦଶତୁଠ ଅଭିଯାନ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ ଟା।

## ଖୋର୍ଦ୍ଧା
- କୁଣ୍ଡଳେଶ୍ୱର ଦେବଙ୍କ ୨୧ତମ ମହାଯଜ୍ଞ ଉତ୍ସବ ଆରମ୍ଭ ଓ ଅଙ୍କୁରରୋପଣ, ସ୍ଥାନ: ମନ୍ଦିର ପରିସର, ଷଣ୍ଢପୁର, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଜିଲା ମୁନି ସମାଜ ପକ୍ଷରୁ ଯୋଗ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ସଦ୍‌ଗୁରୁ ଶିବମୁନି ଯୋଗାଶ୍ରମ, ହଳଦୀପଦା, ସମୟ: ଦିବସବ୍ୟାପୀ।
- ମହାପ୍ରଭୁଙ୍କ ୩୨ ବେଶର ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୂତି, ଅନ୍ନ ମହୋତ୍ସବ, ଜଗନ୍ନାଥ ସଂସ୍କୃତି ଆଧାରିତ ଛାତ୍ରୀଛାତ୍ରଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ସାଧାରଣ ସଭା, କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଓ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ନିଶନପୁର, ଶଙ୍କରନାଥ ଜୀଉ ଓ ସରସ୍ୱତୀ ପୂଜା ମଣ୍ଡପ, ଭୋଗରାଇ, ସମୟ: ସକାଳୁ ରାତି ପର୍ଯ୍ୟନ୍ତ।
- ଭୋଗରାଇ ବ୍ଲକରେ ଚାଷୀଙ୍କ ବିକ୍ଷୋଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଭୋଗରାଇ, ସମୟ: ସକାଳ ୯ଟା।
- ଏଫ୍‌ଏମ୍‌ୟୁରେ ଖବରଦାତା ସମ୍ମିଳନୀ, ସ୍ଥାନ: ମିନି କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ନବମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫ୍‌ଏମ୍‌ୟୁରେ ଇଷ୍ଟର୍ଣ୍ଣ ଇଣ୍ଡିଆ ଓରିଏଣ୍ଟାଲ କନଫରେନ୍ସର ଉଦ୍‌ଯାପନୀ ଦିବସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡ. ଜ୍ୟୋତିଷ୍କର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ରବି ଧାନ ବିକ୍ରି ପାଇଁ ଜିଲାସ୍ତରୀୟ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଧାମନଗର ସେବା ସମବାୟ ସମିତି, ସମୟ: ସକାଳ ୯ଟା।
- ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ, ସ୍ଥାନ: ପ୍ରେସ୍ କ୍ଲବ୍ ପରିସର, ଧାମନଗର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ,ସମୟ: ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ଜୋନାଲସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ସକାଳ ୭ଟା।

## ରାୟଗଡ଼ା
- ବାଲ୍ୟ ବିବାହ ନିରାକରଣ ସଚେତନତା କର୍ମଶାଳା, ସ୍ଥାନ: ଗୁଡ଼ାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ବ୍ଲକ୍ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲା ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସପ୍ତମ ରାଜ୍ୟ ବ୍ରଡ ବ୍ରାଣ୍ଡ କମିଟି ବୈଠକ, ସ୍ଥାନ: ମିଶନଶକ୍ତି ଗୃହ, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଡିସିସି, ଡିଏଲଆରସି ବ୍ୟାଙ୍କର୍ସ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି
- ଆନ୍ତଃରାଜ୍ୟ ଟି- ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ, ସ୍ଥାନ:ପେଡ଼ାକୋଣ୍ଡା, ସମୟ: ମଧ୍ୟାହ୍ନ ୧୨ ଟା।

## ଜଗତସିଂହପୁର
- ପାରାଦୀପ ପୌର ପରିଷଦ କାଉନସିଲର ବୈଠକ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ତ୍ତେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ସମୟ: ସକାଳ ୬ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ସମ୍ବଲପୁରୀ ଡେରା ବିକାଶ ଶୀର୍ଷକ ଆଲୋଚନା, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା।
- ନନ୍ଦପଡା ବମ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ନୃସିଂହ ନିଉତା କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା ଛକ, ସମୟ : ରାତି ୮ଟା।

## ବଲାଙ୍ଗୀର
- ଲୋଇସିଂହାର ୧୯ତମ ଜମିଦାରଙ୍କ ରାଜ ଅଭିଷେକ ସମାରୋହ, ସ୍ଥାନ: ରାଜବାଟି, ଲୋଇସିଂହା, ସମୟ: ସକାଳ ୮ଟା।

## ରାଉରକେଲା
- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମଉଜ-୨୦୨୫ ପାଳନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨ କମ୍ୟୁନିଟି ସେଣ୍ଟର, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ସାରସ୍ୱତ ସାଧକ ଡକ୍ଟର ଗଙ୍ଗାଧର ଗୁରୁ ଜୟନ୍ତୀ, ସ୍ଥାନ:ରାଜବୋଡାସମ୍ବର ହାଇସ୍କୁଲ ପରିସର,ପଦ୍ମପୁର,ସମୟ:ସନ୍ଧ୍ୟା ୬ଟା।

## ଦେବଗଡ଼
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦେବଗଡ଼ ଗସ୍ତ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରରେ ତ୍ରିରଙ୍ଗା ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ସୋନପୁର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ବାଗବର ଗୋଚର ଜମି ଜବରଦଖଲ ହଟାଇବା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା ପାଇଁ ଟ୍ରେଜେରୀରୁ ସୁନା ନାଗ ଓ ଅଳଙ୍କାର ବାହାରିବେ, ସ୍ଥାନ: ସୁବର୍ଣ୍ଣପୁର ଟ୍ରେଜେରୀ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଗୋ ସେବା ପାଳନ କେନ୍ଦ୍ର ଉଦ୍‌ଘାଟିତ, ସ୍ଥାନ: କୁଲପଡା ସ୍ଥିତ ଗୋଶାଳା, ସମୟ: ପୂର୍ବାହ୍ନ ୧୦ଟା।
- ବିନିକା ଶୀତଳଷଷ୍ଠୀ ମହୋତ୍ସବ ଉପଲକ୍ଷେ କନ୍ୟା ମନୋନୟନ ଓ ନିର୍ବନ୍ଧ, ସ୍ଥାନ: ବିଶ୍ୱେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ପାଇଁ ଦେବ ନିମନ୍ତ୍ରଣ, ସ୍ଥାନ: ଥନାପତିପଡା ସ୍ଥିତ ଚନ୍ଦ୍ରଶେଖର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜଳଛାୟା ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୫ଦିନିଆ ଶିକ୍ଷାବର୍ଗ ଯଜ୍ଞ, ସ୍ଥାନ: ଭବାନୀପାଟଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ଅପରାହ୍ନ ୫ଟା ୧୦।
- ହନୁମାନ ମନ୍ଦିର ରତ୍ନମୁଦ ଉତ୍ସବ, ସ୍ଥାନ: ଖଡ଼ିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ଚଚରାଭଟା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଗୃହପ୍ରବେଶ ଉପଲକ୍ଷେ ବୈଠକୀ କୀର୍ତ୍ତନ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ସାପ୍ତାହିକ ବଜାର ପଡିଆ ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଗାଁ, ସମୟ: ସକାଳ ୯ଟା ୩୦।

# ଋତୁସ୍ରାବ: ବଢୁଛି ସଚେତନତା

**ଋତୁସ୍ରାବ ସ୍ୱଚ୍ଛତା ଦିବସ**

ଗାଁ ହେଉ କି ସହର ମାସିକ ଋତୁସ୍ରାବ କଥା କହିବାରେ ପ୍ରାୟ ମହିଳା ସଂକୋଚ କରନ୍ତି। ଏପରିକି ନିଜ ଘର ଲୋକଙ୍କୁ ମଧ୍ୟ ଏସମ୍ପର୍କରେ କହିବାକୁ ଉଚିତ ମନେ କରନ୍ତି ନାହିଁ। ଏ କଥା ପଡିବା ମାତ୍ରେ ଝିଅ ବୋହୂମାନେ ଲାଜ କରି ନ ହେଲେ ମୁହଁ ଘୋଡାଇ ପଳାନ୍ତି। ହେଲେ ଏବେ ସମୟ ବଦଳିଛି ଆଉ ମହିଳାଙ୍କ ଭିତରରେ ସଚେତନତା ବଢ଼ିଛି। ଅପରପକ୍ଷେ ଋତୁସ୍ରାବ ସ୍ୱଚ୍ଛତା ସମ୍ପର୍କରେ ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ୨୦୧୪ରୁ ମେ' ମାସ ୨୮କୁ ଋତୁସ୍ରାବ ସ୍ୱଚ୍ଛତା ଦିବସ ଭାବେ ପାଳନ କରାଯାଇଆସୁଛି।ଏ କ୍ଷେତ୍ରରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଉଛି।

ରିପୋର୍ଟ: ସୁଚିସ୍ମିତା ସାହୁ, ଭୁବନେଶ୍ୱର

## ୪ରୁ ୬ ଘଣ୍ଟା ମଧ୍ୟରେ ପ୍ୟାଡ ବଦଳାନ୍ତୁ



ବର୍ତ୍ତମାନ ମହିଳା ଓ ଯୁବତୀଙ୍କ ମଧ୍ୟରେ ସଚେତନତା ବଢୁଥିବାରୁ ଋତୁସ୍ରାବ ଜନିତ ସଂକ୍ରମଣ କମିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ବିଦ୍ୟାଳୟରେ ନବାଗତ ଛାତ୍ରୀଙ୍କୁ ଋତୁସ୍ରାବ ସମୟରେ କିପରି ନିଜକୁ ସ୍ୱଚ୍ଛ ରଖିବେ ସେ ସମ୍ପର୍କରେ ସଚେତନ କରାଯାଉଛି। ବାଳିକାମାନେ କପଡା ବ୍ୟବହାରକୁ ବନ୍ଦ କରି ପ୍ୟାଡ ପିନ୍ଧିବା ଆରମ୍ଭ କରିଛନ୍ତି। ସ୍କୁଲ ଏବଂ କଲେଜରେ ଛାତ୍ରୀଙ୍କୁ ପ୍ୟାଡ୍ ଯୋଗାଇ ଦିଆଯାଉଛି। ତେବେ ପ୍ରତି ୪ରୁ ୬ ଘଣ୍ଟା ମଧ୍ୟରେ ପ୍ୟାଡ ବଦଳାଇବାର ଆବଶ୍ୟକତା ରହିଛି। ଯଦି ଋତୁସ୍ରାବ ଅଧିକ ପରିମାଣ କିମ୍ବା କମ ଦିନ ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

**– ପ୍ରଫେସର ଡା. ସୌମ୍ୟା ନନ୍ଦ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ**

## ଖାଦ୍ୟପେୟ ଓ ଜୀବନଶୈଳୀ ପାଇଁ ଶୀଘ୍ର ଋତୁସ୍ରାବ ହେଉଛି



ଅନେକ ମହିଳା ଏବେବି ଡାକ୍ତରଙ୍କ ପାଖକୁ ଆସି ଋତୁସ୍ରାବ ସମ୍ପର୍କରେ ଠିକ୍ କଥା କହିବାକୁ ଲାଜ କରନ୍ତି।ଅବଶ୍ୟପୂର୍ବାପେକ୍ଷାସଚେତନତାବଢ଼ିଛି।ମାତ୍ରଅନେକେଋତୁସ୍ରାବସ୍ୱଚ୍ଛତାକୁମାନୁନାହାନ୍ତି। ସେଥିପାଇଁବିଦ୍ୟାଳୟ, ବାଳିକାଙ୍କ ସହିତ ମା' ଏବଂ ପରିବାର ଲୋକଙ୍କୁ ମଧ୍ୟ ସଚେତନ କରିବାକୁ ପଡିବ। ତେବେ ଖାଦ୍ୟପେୟ ଏବଂ ଜୀବନଶୈଳୀର ପରିବର୍ତ୍ତନ ଯୋଗୁଁ ଏବେ ବହୁ ବାଳିକା ୧୦ରୁ ୧୧ ବର୍ଷ ବୟସରେ ଋତୁସ୍ରାବର ସମ୍ମୁଖୀନ ହେଉଛନ୍ତି। ଝିଅମାନଙ୍କୁ ଅଭିଭାବକମାନେ କିପରି ଏକ୍ଷେତ୍ରରେ କିପରି ସ୍ୱଚ୍ଛତା ବଜାଇ ହେବ ସେ ସମ୍ପର୍କରେ ବୁଝାଇବା ଜରୁରୀ।

**–ପ୍ରଫେସର ଡା. ମାୟା ପାଢ଼ୀ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ**

# ବିଦ୍ୟୁତ୍ ଆଘାତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

## ବଞ୍ଚାଇବାକୁ ଯାଇ ସ୍ୱାମୀ ଗୁରୁତର

ନାକଟିଦେଉଳ,୨୭।୫(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ସ୍ଥାନୀୟ ଭାଲୁଗାଡ଼ିଆ ଗାଁର ଅନିତା ପୁରୋହିତ(୫୨)ଙ୍କ ମଙ୍ଗଳବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ୱାମୀ ସନ୍ତୋଷ ଶତପଥୀ ଗୁରୁତର ହୋଇଛନ୍ତି। ସକାଳ ପ୍ରାୟ ୬ଟାରେ ନିଜ ଘର ବାଡ଼ିରେ ଥିବା କୂଅରୁ ପାଣି ଉଠାଇବା ପାଇଁ ମୋଟର ପମ୍ପ ଲଗାଉଥିବାବେଳେ ଅନିତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କଲାବେଳେ ସନ୍ତୋଷ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ୨ଜଣ ଯୁବକ ସେଠାକୁ ଆସି ଏକ କାଠବାଡ଼ିରେ ବିଦ୍ୟୁତ୍ ତାରକୁ ପିଟି ଅଲଗା କରିଥିଲେ। ପରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ନାକଟିଦେଉଳ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଅନିତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନାକଟିଦେଉଳ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୬/୨୫) ରୁଜୁ ହୋଇଛି। ମୃତକଙ୍କ ପୁଅ ଆମେରିକାରେ ଚାକିରି କରୁଥିବା ବେଳେ ଝିଅ ଘରେ ରହିଛି। ଅନିତା ଗତ ୪ବର୍ଷ ହେଲା ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରୁଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷୟିତ୍ରୀଭାବେ ତାଙ୍କର ସୁନାମ ଥିଲା। ତାଙ୍କ ବିୟୋଗରେ ଅଞ୍ଚଳବାସୀତଥାପରିଚିତମହଲରେଶୋକରଛାୟାଖେଳିଯାଇଛି।



ଅନିତା ପୁରୋହିତ

# ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା: ଆଇଏମ୍‌ଡି

ନୂଆଦିଲ୍ଲୀ,୨୭।୫(ପି.ଟି.)

ଭାରତରେ ଜୁନ୍ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ଏହି ଅବଧିରେ ଦୀର୍ଘକାଳୀନ ହାରାହାରି ବର୍ଷା ତୁଳନାରେ ୮% ଅଧିକ ବର୍ଷା ରେକର୍ଡ ହୋଇପାରେ ବୋଲି ଆଇଏମ୍‌ଡି କହିଛି। ସେହିପରି ଚଳିତ ବର୍ଷର ସମ୍ପୂର୍ଣ୍ଣ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ୬% ଅଧିକ ବର୍ଷା ଅର୍ଥାତ୍ ୧୦୬% ବର୍ଷା ରେକର୍ଡ ହୋଇପାରେ ବୋଲି ଆଇଏମ୍‌ଡି ଆକଳନ କରିଛି। ମଙ୍ଗଳବାର ଆଇଏମ୍‌ଡି ପକ୍ଷରୁ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଭୂ-ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ୍. ରବିଚନ୍ଦ୍ରନ କହିଛନ୍ତି, ଚଳିତ ବର୍ଷର ମୌସୁମୀ ଋତୁ ସମୟରେ ଦେଶର ମୌସୁମୀ କୋର୍ ଜୋନ୍‌ରେ ସ୍ୱାଭାବିକଠାରୁ ୬% ଅଧିକ ବର୍ଷା ହେବା ଆକଳନ କରାଯାଇଛି। ମୌସୁମୀ କୋର୍ ଜୋନ୍‌ରେ ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା ସମେତ ଏହାର ଆଖପାଖ ଅଞ୍ଚଳ ରହିଛି। ଏହି ଅଞ୍ଚଳରେ ଅଧିକାଂଶ ବର୍ଷା ଦକ୍ଷିଣ ପଶ୍ଚିମ ମୌସୁମୀ ସମୟରେ ହୋଇଥାଏ। ଫଳରେ ଉକ୍ତ ଅଞ୍ଚଳର କୃଷିକାର୍ଯ୍ୟ ମୌସୁମୀ ବର୍ଷା ଉପରେ ଅଧିକ ନିର୍ଭର ରହିଥାଏ। ଉତ୍ତର-ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷା ହେବା ସମ୍ଭାବନା ଥିବାବେଳେ ଭାରତର ଉତ୍ତର-ପୂର୍ବାଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ ହୋଇପାରେ। ସେହିପରି ଚଳିତ ମୌସୁମୀରେ ମଧ୍ୟ ଏବଂ ଦକ୍ଷିଣ ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ଥିବା ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

# ଇନ୍ଦିରା ଆବାସ ପାଇଥିବା ଅନେକ ହିତାଧିକାରୀ ମଧ୍ୟ ପାଇବେ ପିଏମ୍‌ଏୱାଇ: ମନ୍ତ୍ରୀ

## ୩୧ ସୁଦ୍ଧା ପିଏମ୍‌ଏୱାଇ ପାଇଁ ଆବେଦନ କରିହେବ

ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)

ରାଜ୍ୟରେ ଏପରି ପରିବାର ରହିଛନ୍ତି ଯେଉଁମାନେ ଇନ୍ଦିରା ଆବାସ ପାଇଥିଲେ। ସେଥିଲାଗି ସେମାନେ ଆଉ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) ପାଇବାକୁ ଯୋଗ୍ୟ ହୋଇପାରିନାହାନ୍ତି। ସେତେବେଳେ ସେମାନେ ଇନ୍ଦିରା ଆବାସ ଯୋଜନାରେ ୪୮ ହଜାର ଟଙ୍କା ପର୍ଯ୍ୟନ୍ତ ପାଇଥିଲେ। ସେହି ହିତାଧିକାରୀମାନେ ଯେଉଁ ଘର କରିଥିଲେ ସେଗୁଡିକ ମଧ୍ୟ ଭାଙ୍ଗିଗଲାଣି। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ସାମିଲ କରାଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ନାଏକ କହିଛନ୍ତି, ଆସନ୍ତା ୩୧ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ଆବେଦନ କରିବାର ଶେଷ ସମୟ। ଏବେ ସୁଦ୍ଧା ୩୬ ଲକ୍ଷ ୮୧ ହଜାର ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ଆବେଦନ କରିଛନ୍ତି। ଯଦି ଆଉ କେହି ଯୋଗ୍ୟ ହିତାଧିକାରୀ ରହିଯାଇଛନ୍ତି ସେମାନେ ଆସନ୍ତା ୩ ଦିନ ମଧ୍ୟରେ ଆବେଦନ କରନ୍ତୁ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭାଜ୍ ଲୋ ବୋହୂ ବରୁଗୁଡ଼ି,**
**ବସିଥେଲେ ବୋହୂ ସୁନ୍ଦର ଦିଶେ,**
**ଚାଲିଗଲେ ଦିଶେ ନଳିଗୋଡ଼ି ।**

ନୂଆ ହୋଇ ଶାଶୁଘରେ ପାଦ ଦେଇଥିବା ବୋହୂକୁ ରୋଷେଇ ଓ ଘରକରଣା କାମରେ ନିପୁଣା କରାଇବାର ଦାୟିତ୍ୱ ସାଧାରଣତଃ ଶାଶୁ ଉପରେ ନ୍ୟସ୍ତ ଥାଏ। ତେବେ ବୋହୂ ଯଦି ନିଜ ଦାୟିତ୍ୱ ପ୍ରତି ସଚେତନ ନ ହୋଇ ଅବହେଳା ଦେଖାଏ, ତାହେଲେ ସେ ନିନ୍ଦା ଶରବ୍ୟର ପାତ୍ରୀ ହେଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଭୋଜି ହୋଇଥିଲେ ବରଷେ**
**ଘୋଷି ହେଉଥାଇ ପୁରୁଷେ।**

ସାଧାରଣତଃ ଭୋଜି ଭାତରେ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ମିଳିଥାଏ। ତେବେ ଏପରି ଭଲ ସୁଆଦିଆ ଖାଇବା କଥା ବହୁଦିନ ପାଇଁ ମନରେ ସ୍ମୃତି ହୋଇ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ବିସ୍ଫୋରକ ବୋଝେଇ ଗାଡ଼ି...

କରି ଅପରେଶନକୁ ସ୍ଥଗିତ ରଖିଛି ପୋଲିସ। ଏହା ଛୋଟନାଗପୁର ମାଓବାଦୀ ଡିଭିଜନର କାମ ବୋଲି ପ୍ରାରମ୍ଭିକ ସୂଚନା ମିଳିଛି। ପଥରକ୍ୱାରିକୁ ବ୍ଲାଷ୍ଟିଂ ପାଇଁ ବିସ୍ଫୋରକ ବିନା ସୁରକ୍ଷାରେ ଆସିବା ଘଟଣା ପୋଲିସ, ପ୍ରଶାସନ ମାଓବାଦୀଙ୍କ ସମ୍ପର୍କରେ ଭୁଲିଯାଇଥିବା ପ୍ରମାଣ କରୁଛି । ଏହି ଘଟଣା ପରେ ରାତିରେ ଆଇଜି ଅପରେଶନ ଡ. ଦୀପକ କୁମାର ବଣାଇ ଗସ୍ତରେ ଆସୁଛନ୍ତି।

## ୨୦ କୋଟିର ଋଣବୋଝ...

ତେବେ ଏଥିପାଇଁ ଆଣିଥିବା ଋଣ ପରିମାଣ ବଢ଼ି ଚାଲିବାରୁ ସେ ଶୁଝିପାରି ନ ଥିଲେ। ଫଳରେ ବାଧହୋଇ ଫ୍ୟାକ୍ଟ୍ରି ବନ୍ଦ କରିଦେଇଥିଲେ। ଆର୍ଥିକ ସ୍ଥିତି ଖରାପ ହେବାରୁ ଦିନେ ପ୍ରବୀଣଙ୍କୁ ପଞ୍ଚକୁଲା ଛାଡ଼ିବାକୁ ପଡ଼ିଲା। ସେ ଡେରାଡୁନରେ ରହିଲେ। ସେଠାରେ ରହିବା ଭିତରେ ପ୍ରବୀଣ ପରିବାରଠାରୁ ଦୀର୍ଘ ୬ ବର୍ଷ ଧରି କୌଣସି ପ୍ରକାର ଯୋଗାଯୋଗ କରି ନ ଥିଲେ। ସେ ପରବର୍ତ୍ତୀ ସମୟରେ ପଞ୍ଜାବର ଖରାର ଓ ହରିୟାଣାର ପିଞ୍ଜୋରକୁ ଗଲେ। ପିଞ୍ଜୋରରେ ପ୍ରବୀଣ ନିଜ ଶ୍ୱଶୁରଘରେ ରହିବା ପରେ ମାସକ ତଳେ ପୁଣି ପଞ୍ଚକୁଲାକୁ ଫେରିଥିଲେ। ସେଠାରେ ସେ ଏକ ଟ୍ୟାକ୍ସି ଡ୍ରାଇଭର ଭାବେ କାର୍ଯ୍ୟ କରିବାକୁ ଲାଗିଲେ। ବ୍ୟାଙ୍କ ତାଙ୍କର ଦୁଇଟି ଫ୍ଲାଟ୍ ଓ ଗାଡ଼ିଗୁଡ଼ିକୁ ମଧ୍ୟ ବାଜ୍ୟାପ୍ତ କରିଥିଲା। ଇତିମଧ୍ୟରେ ସୋମବାର ପ୍ରବୀଣ ଓ ତାଙ୍କ ପରିବାର ଲୋକେ ବାଗେଶ୍ୱର ଧାମକୁ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ କାର୍‌ରେ ଫେରୁଥିଲେ। ରାସ୍ତାରେ ଯିବାବେଳେ ପ୍ରବୀଣଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ବିଷ ପିଇଦେଇଥିବା କୁହାଯାଉଛି। ପୁନୀତ ରାଣା ନାମକ ଜଣେ ସ୍ଥାନୀୟ ବ୍ୟକ୍ତି ରାତି ୧୦ଟାରେ ସେହି ରାସ୍ତା ଦେଇ ଯାଉଥିବାବେଳେ ସେମାନଙ୍କୁ ଦେଖିଥିଲେ। ସେ ଖବର ଦେବା ପରେ ପୋଲିସ ଆସି ପହଞ୍ଚିଥିଲା। ୬ ଜଣ କାର୍ ଭିତରେ ପ୍ରାଣ ହରାଇଥିବାବେଳେ ଜଣଙ୍କୁ ହସ୍ପିଟାଲକୁ ନେବାବେଳେ ବାଟରେ ଆଖି ବୁଜି ଦେଇଥିଲେ। ୩ ପିଲାଙ୍କ ମଧ୍ୟରୁ ୨ ଝିଅଙ୍କ ବୟସ ୧୩ ବର୍ଷ ହୋଇଥିବାବେଳେ ପୁଅ ହାର୍ଦ୍ଦିକଙ୍କୁ ୧୫ ବର୍ଷ ହୋଇଥିଲା। ଅଧିକ ତଦନ୍ତ ଜାରି ରହିଥିବା ପଞ୍ଚକୁଲା ଡିସିପି ହିମାଦ୍ରୀ କୌଶିକ ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରିବା କଷ୍ଟକର ହେବ। ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ ତଥାପି ଅସୁସ୍ଥତା ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ଅଟକିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ । କୃଷି, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରର ସମସ୍ୟା ସୁଧାରିବାକୁ ପ୍ରଯତ୍ନ କରିବେ। ପରିବାରରେ ମାନସିକ ଚାପର ପ୍ରଭାବ ଲାଗିରହିବ। ଏମିତି କେତେକ କଥା ରହିଛି ଯାହାକୁ ଅନ୍ୟମାନଙ୍କୁ କହିପାରିବେ ନାହିଁ ଫଳରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରୁ ଖୁସି ହେବେ।

**ମିଥୁନ** ବନ୍ଧୁମାନଙ୍କ ସହାନୁଭୂତିର ସୁଯୋଗ ଲାଭକରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜି ଯାଏଁ ଆପଣ କରିପାରୁ ନ ଥିଲେ ଆଜି ତାହା ସୁବିଧାରେ ସମ୍ପନ୍ନ ହୋଇଯିବ। ମାତ୍ର ପରିବାର ସହମତିରେ କାମକଲେ ଅବଶ୍ୟ ଉପକୃତ ହେବେ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** ଆଜି ଆପଣ ପ୍ରତିବନ୍ଧକର ସାମ୍ନାକରି କାମ ହାସଲ କରିବାରେ ସମର୍ଥ ହେବେ। ଯାହା କରିବା ପାଇଁ ଚିନ୍ତା କରିଥିଲେ ସେହି କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ସିଂହ** ପରିବାରର ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଶିଳ୍ପ, ବାଣିଜ୍ୟ, ସଙ୍ଗଠନ, ପ୍ରଶାସନ, ବେତାର, ଗଣ ଯୋଗାଯୋଗ ପାଇଁ ଦିନଟି ଭଲ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବାରୁ ଚିନ୍ତିତ ରହିପାରନ୍ତି ।

**କନ୍ୟା** ଆଜିର ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ଅନ୍ୟମାନଙ୍କ ସକାଶେ ଯେଉଁ କାମଟିକୁ ଆରମ୍ଭ କରିବାକୁ ମନ ବଳାଇଥିଲେ ତାହା କରିପାରିବେ। ସାମାଜିକ ସ୍ଥରରେ ଲୋକସମ୍ପର୍କ ବୃଦ୍ଧି ପାଇବା ସହ ପ୍ରଶଂସିତ ହୋଇପାରନ୍ତି। ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଲାଭକରି ଖୁସିହୋଇପାରନ୍ତି।

**ତୁଳା** ଆଜି ହାତ ଖାଲି ରହିବ ନାହିଁ, ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ। ସାହିତ୍ୟ, ସଙ୍ଗୀତ, ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବ ରହିଲେ ସମସ୍ୟା ଆଗକୁ ବଢ଼ିପାରିବ ନାହିଁ।

**ବିଛା** ଅଯଥା ଭୟ, ଆଶଙ୍କା ଓ ଉଦ୍‌ବେଗ ମଧ୍ୟରେ ଦିନଟି କଟାଇବେ। ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିପାରେ। ଭୁଲ୍ ବୁଝାମଣାବଶତଃ ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ।

**ଧନୁ** ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ପରିସ୍ଥିତିକୁ ଆଖି ଆଗରେ ରଖି କାମ କଲେ କୌଣସି ଅସୁବିଧା ହେବ ନାହିଁ। ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରଙ୍କ ସମ୍ମୁଖରେ ନିଜ ମନର ଭାବକୁ ପ୍ରକାଶ କରିବାରେ ପଛାଇଯାଇପାରନ୍ତି। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ ।

**ମକର** ପରୋକ୍ଷ ଶତ୍ରୁତା, କରଜ ଏବଂ ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେ ଯାହା କରନ୍ତୁ ଆଦୌ ପତ୍ତୁ ନ ଥିବା ଲୋକମାନେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** ଆଜି ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବବନ୍ଧୁ ଖବର ନେଇ ଆସିବେ। ବନ୍ଧୁଙ୍କ ସହାୟତାରେ କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ମୁକ୍ତି ମିଳିବ। ବହୁ ଦିନର ନୂଆ ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ପାରିବାରିକ ସ୍ଥିରତା ଓ କର୍ମକ୍ଷେତ୍ରର ସ୍ଥିତି ଅକ୍ଷୁଣ୍ଣ ରହିଥିବାରୁ ଖୁସି ହେବେ। କର୍ମକ୍ଷେତ୍ରରେ ବାରମ୍ବାର ସମସ୍ୟା ଯୋଗୁ ମନ ଭାରାକ୍ରାନ୍ତ ରହିବ। ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ୍ୟ ବ୍ୟବସାୟ, ପରିବହନରେ ସମସ୍ୟା ଲାଗି ରହିବ। ସ୍ଥାନାନ୍ତର ସକାଶେ ରାଜନୈତିକ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ମେ ୨୮ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ବୁଧବାର। ରାଶିନକ୍ଷତ୍ର- ମୃଗଶିରା/ବୃଷ, ଘ.୦୧।୨୭ ମି. ଗତେ ମିଥୁନ ଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ୦୭।୪୮ ଗତେ,୦୮।୨୭ ମଧ୍ୟେ, ଘ.୧୦।୦୫ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୧।୪୪ ଗତେ, ଘ.୦୧।୨୨ ମଧ୍ୟେ ରାହୁକାଳ।

# ଟନେଲ ଭୁଶୁଡ଼ିଥିବା ସ୍ଥାନରେ ପିସିସି ସଭାପତି



ଟନେଲ ଭୁଶୁଡିଥିବା ସ୍ଥାନରେ ପିସିସି ସଭାପତି ଓ କଂଗ୍ରେସ କାର୍ଯ୍ୟକର୍ତ୍ତା।

**ବୌଦ୍ଧ/ହରଭଙ୍ଗା,୨୭।୫(ଅଜିତ କୁମାର ବାରିକ/ ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣିଗଡ ପଞ୍ଚାୟତରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ୪ଟି ଟନେଲ କାମ ଚାଲିଥିବାବେଳେ ଗତ ସୋମବାର କଖାରୁଫାଳଠାରେ ୪ ନଂ. ଟନେଲ ଭୁଶୁଡିଯିବାରୁ ୩୦ ଫୁଟ୍ ଗର୍ତ୍ତ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଟନେଲ ଭୁଶୁଡିବା ପରେ ମଙ୍ଗଳବାର ସକାଳେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେ ରେଳ ବିଭାଗ ଓ ଠିକା ସଂସ୍ଥା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣା ପାଇଁ ସେ ରେଳ ବିଭାଗକୁ ଦାୟୀ କରିଛନ୍ତି। ରେଳ ବିଭାଗର ଅବହେଳା ଯୋଗୁ ଉକ୍ତ ଘଟଣା ଘଟିଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମୟରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପିସିସି ସଭାପତି ଦାସ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଏଥିସହ ଠିକ୍ ଭାବେ ମାଟି ପରୀକ୍ଷା କରାଯାଇ ନ ଥିବାରୁ ଏପରି ଘଟଣା ଘଟିଥିବା ସେ କହିଛନ୍ତି। ସେହିପରି ସରକାର ସିଧାସଳଖ ଜମି ଅଧିଗ୍ରହଣ ନ କରି

## ଘଟଣା ପାଇଁ ରେଳ ବିଭାଗକୁ ଦାୟୀ କଲେ

ଦଲାଲ ମାଧ୍ୟମରେ ଜମି ହସ୍ତଗତ କରିଥିବା ଯୋଗୁ ପିସିସି ସଭାପତି ତୀବ୍ର ସମାଲୋଚନା କରିଛନ୍ତି। ଜମି ହରାଇଥିବା ପରିବାରଙ୍କୁ ଶୀଘ୍ର ଉପଯୁକ୍ତ କ୍ଷତିପୂରଣ ନ ଦେଲେ ରାଜ୍ୟ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସମୟରେ ପିସିସି ସଭାପତିଙ୍କ ସହ ରାଜ୍ୟ କଂଗ୍ରେସ ଉପସଭାପତି ସନ୍ତୋଷ ସିଂ ସାଲୁଜା, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ବୌଦ୍ଧ ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର, ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, କଣ୍ଟାମାଳ ବ୍ଲକ ସଭାପତି ସୁଶାନ୍ତ ମଲିକ, କେଶବ କ୍ଷେତି, ସମରେନ୍ଦ୍ର ମହାକୁଲ, ପ୍ରଦୀପ ମଲିକ, ଦେବେନ୍ଦ୍ର ନାୟକ, ପ୍ରଦୀପ ଯୋଶୀ, କନ୍ଧମାଳ ଜିଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ପୁଣି ଭୁଶୁଡ଼ିଲା ନିର୍ମାଣାଧୀନ ଟନେଲ



ଟନେଲ ଭୁଶୁଡ଼ି ୩୦ ଫୁଟର ଗାତ ସୃଷ୍ଟି ହୋଇଛି।

**ବୌଦ୍ଧ/ହରଭଙ୍ଗା,୨୭।୫(ଅଜିତ କୁମାର ବାରିକ / ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଆଡେଣିଗଡ଼ ନିକଟ କଖାରୁଫାଳଠାରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ୪ ନଂ. ଟନେଲ ଗତ ସୋମବାର ଭୁଶୁଡ଼ି ପଡ଼ିଥିଲା। ଏହି ଟନେଲ ଭୁଶୁଡ଼ିଯିବାରୁ ୩୦ ଫୁଟର ଏକ ଗାତ ସୃଷ୍ଟି ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ଉକ୍ତ ଭୁଶୁଡ଼ିଥିବା ଟନେଲ ସ୍ଥାନଠାରୁ ପୁଣି ୫୦ ମିଟର ଦୂରତାରେ ଆଉ ଏକ ସ୍ଥାନରେ ୧୦ ଫୁଟର ଗୋଲେଇ ହେବା ସହ ୩୦ ଫୁଟର ଗାତ ସୃଷ୍ଟି ହୋଇଛି। ଫଳରେ ଦୁଇ ଦିନରେ ଦୁଇ ଥର ଭୁଶୁଡ଼ିଥିବାରୁ ରେଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବ ବୋଲି ଅନୁମାନ କରାଯାଉଛି। ଭୁଶୁଡ଼ିଥିବା ସ୍ଥାନଗୁଡ଼ିକର ମାଟି ହାଲୁକା ଥିବାରୁ ସମାନ୍ୟ ବର୍ଷା ଯୋଗୁ ଭୁଶୁଡୁଥିବା କୁହାଯାଉଛି। ଆଗାକୁ ଜୋର ବର୍ଷା ହେଲେ ପୁଣି ଟନେଲ ଭୁଶୁଡ଼ିବା ଆଶଙ୍କା କରାଯାଉଛି।

# ଗତବର୍ଷ ତୁଳନାରେ ଏପ୍ରିଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚରେ ୩୫% ବୃଦ୍ଧି

**ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)**

ଗତବର୍ଷ ତୁଳନାରେ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚରେ ୩୫% ବୃଦ୍ଧି ଘଟିଛି। ଏହାସହ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଗତବର୍ଷ ତୁଳନାରେ ୬୬% ଖର୍ଚ୍ଚ ବୃଦ୍ଧି ହୋଇଛି। ବଜେଟ ପ୍ରାବଧାନ ଅନୁସାରେ ପ୍ରତ୍ୟେକ ବିଭାଗ ନିଜ ସ୍ତରରେ ପ୍ରତ୍ୟେକ ମାସରେ କାର୍ଯ୍ୟର ଅଗ୍ରଗତି ଓ ତଦନୁଯାୟୀ ଖର୍ଚ୍ଚର ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବିଭିନ୍ନ ମାଧ୍ୟମରୁ ସଂଗୃହିତ ନିଜସ୍ୱ କର ଓ ଅଣକର ଆଦାୟ ସ୍ଥିତି ଅନୁଧ୍ୟାନ କରାଯାଇଛି। ୨୦୨୫-୨୬ ବଜେଟରେ ରହିଥିବା ନୂଆ ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ପ୍ରାବଧାନ ଅନୁସାରେ ଚଳିତ ଏପ୍ରିଲ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସମ୍ପର୍କରେ ଅର୍ଥ ବିଭାଗ ତରଫରୁ ସ୍ଥିତି ଉପସ୍ଥାପନ କରାଯାଇଛି। ବିଭିନ୍ନ ବିଭାଗରେ ଓସ୍ୱାସ୍ ବା କମ୍ପ୍ୟୁଟରୀକରଣ ବ୍ୟବସ୍ଥାରେ ସରକାରୀ ନଥି ପ୍ରୋସେସିଂ କାର୍ଯ୍ୟ ସାଧାରଣତଃ ସହକାରୀ ଉପବିଭାଗ ଅଧିକାରୀ, ଉପବିଭାଗ ଅଧିକାରୀ(ଏଏସ୍‌ଓ-ଏସ୍‌ଓଙ୍କ) ଠାରୁ ଆରମ୍ଭ ହୋଇ ବିଭିନ୍ନ ଉପରିସ୍ଥ ଅଧିକାରୀଙ୍କ ସ୍ତର ଦେଇ ପ୍ରାୟ ୫-୬ଟି ପର୍ଯ୍ୟାୟରେ ଶେଷରେ ବିଭାଗୀୟ ସଚିବଙ୍କ ନିକଟରେ ପରବର୍ତ୍ତୀ ନିଷ୍ପତ୍ତି ବା ଆଦେଶ ପାଇଁ ନଥି ପହଞ୍ଚୁଥିବାରୁ ସରକାରୀ କାର୍ଯ୍ୟ ବିଳମ୍ବିତ ହେଉଥିବା ପରିଲକ୍ଷିତ ହେଉଛି। ଏହି ପ୍ରକ୍ରିୟାକୁ ସରଳ କରାଯାଇ ଯେପରି ସର୍ବାଧିକ ୩ଟି ସ୍ତର ଦେଇ ନିଷ୍ପତ୍ତି ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ନଥି ପହଞ୍ଚିବ ସେଥିପାଇଁ ଏହି ବିଭିନ୍ନ ସ୍ତରୀୟ ବ୍ୟବସ୍ଥାକୁ କମାଯାଇ (ଡିଲେୟାରିଂ) ପ୍ରକ୍ରିୟାରେ ଏହି ବ୍ୟବସ୍ଥାର ସରଳୀକରଣ କରାଯିବ। ସେହିପରି ଆଗାମୀ ଦିନରେ କେତେକ ବିଭାଗ ତରଫରୁ ଆଗତ ହେବାକୁ ଥିବା ବିଭିନ୍ନ ନୀତି ଓ ନିର୍ଦ୍ଦେଶାବଳୀ ସମ୍ପର୍କରେ ଚୂଡ଼ାନ୍ତ ପ୍ରସ୍ତାବ ପାଇଁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି।

# ହାର୍ଡକୋର ମାଓବାଦୀ ବିଜୟଙ୍କ ଆତ୍ମସମର୍ପଣ

**ରାୟଗଡ଼ା,୨୭।୫ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଏସ୍‌ପିଙ୍କ ନିକଟରେ ମଙ୍ଗଳବାର ଜଣେ ହାର୍ଡକୋର ମାଓବାଦୀ ବିଜୟାପୁନେମ୍ ଓରଫ୍ ବିଜୟ ଆତ୍ମସମର୍ପଣ କରିଛନ୍ତି। ବିଜୟଙ୍କ ନିଜ ଘର ଛତିଶଗଡ଼ର ବିଜାପୁର ଜିଲା ଅନ୍ତର୍ଗତ ହୁସୁର ଥାନା ବାଟିଗୁଡ଼େମ ଗ୍ରାମରେ। ବିଜୟ ବାସଧାରା-ଘୁମସୁର-ନାଗାବଳୀ ଡିଭିଜନର ଜଣେ ହାର୍ଡକୋର ମାଓବାଦୀ ଥିଲେ ବୋଲି ରାୟଗଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ୱାଥୀ ଏସ୍.କୁମାର ସୂଚନା ଦେଇଛନ୍ତି। ବିଜୟଙ୍କଠାରୁ ପୋଲିସ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ୮ ରାଉଣ୍ଡ ଗୁଳି ଏବଂ ଗୋଟିଏ ୱାକିଟାକି ଜବତ କରିଛି। ବିଜୟଙ୍କ ଉପରେ ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ଛତିଶଗଡ଼, ମାଲକାନଗିରି, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ା ଜିଲାରେ ଘଟିଥିବା ବିଭିନ୍ନ ମାଓବାଦୀ ହିଂସାରେ ବିଜୟ ଜଡ଼ିତ ଥିବା ରାୟଗଡ଼ା ଏମ୍‌ପି ସ୍ୱାଥୀ ସୂଚନା ଦେଇଛନ୍ତି।

ବିଜୟ ୨୦୦୯ରେ ସିପିଆଇ ମାଓବାଦୀ ସଂଗଠନରେ ସାମିଲ ହୋଇଥିଲେ। ପରେ ପ୍ରଶିକ୍ଷଣ ଶେଷ ହେବା ପରେ ମଡେମ ବାଲକ୍ରିଷ୍ଣା ଓରଫ୍ ମନୋଜଙ୍କ ସୁରକ୍ଷା ଟିମ୍ ଦାୟିତ୍ୱରେ ରହିଥିଲେ। ୨୦୧୪ରେ ବିଜୟ ମାଓବାଦୀଙ୍କ ଏସିଏମ୍ ର୍‍ୟାଙ୍କକୁ ପଦୋନ୍ନତି ପାଇ ମନୋଜଙ୍କ ଗନ୍‌ମ୍ୟାନ୍ ଭାବେ କାମ କରିଥିଲେ। ୨୦୨୩ରେ ତାଙ୍କୁ ବିଜିଏନ୍ ଡିଭିଜନକୁ ପଠାଯାଇଥିଲା। ସେବେଠାରୁ ସେ ଘୁମସୁର ଏସିରେ କାର୍ଯ୍ୟରତ ଥିଲେ। ଆତ୍ମସମର୍ପଣ କରିଥିବା ବିଜୟ କନ୍ଧମାଳ ଜିଲା କୋଟଗଡ଼ ଥାନାର ବଣ୍ଡିପାଙ୍ଗା ଗ୍ରାମର ମେଟଲା ରଇତଙ୍କ ହତ୍ୟା ମାମଲା, କୋଟଗଡ଼ ଥାନା ଅନ୍ତର୍ଗତ ମେରାଗୁଡି ଗ୍ରାମ ନିକଟସ୍ଥ ଜଙ୍ଗଲ ଏବଂ ତୁମୁଡିବନ୍ଧ ଥାନା ଅନ୍ତର୍ଗତ ସିରଲା ଗ୍ରାମ ନିକଟସ୍ଥ ଜଙ୍ଗଲ, ରାଇକିଆ ଥାନା ଅନ୍ତର୍ଗତ ଚଢ଼େଇପାଲି ଜଙ୍ଗଲ ଓ ଗୋଛାପଡା ଥାନା ଅନ୍ତର୍ଗତ କୋଡାଙ୍ଗ ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ଘଟଣାରେ ସାମିଲ ଥିଲେ। ସେହିଭଳି ୨୦୨୨ରେ ଛତିଶଗଡ଼ର ଗାରିଆବନ୍ଧ ଜିଲାର ଜୋଡେଇପାଣି, ସିକସାର ଜଙ୍ଗଲରେ ହୋଇଥିବା ଗୁଳି ବିନିମୟରେ ସେ ସାମିଲ ଥିବା ଏସ୍‌ପି ସୂଚନା ଦେଇଛନ୍ତି। ତାଙ୍କ ନାଁରେ ବିଭିନ୍ନ ଥାନାରେ ୭ଟି ମାମଲା ରହିଛି। ସିପିଆଇ(ମାଓବାଦୀ) ସଙ୍ଗଠନର ଭୁଲ୍ ଚିନ୍ତାଧାରା, ନେତାଙ୍କ ଦୁର୍ବ୍ୟବହାର ଓ ଆଦର୍ଶ ବିହୀନ ସଙ୍ଗଠନ ଯୋଗୁ ସେ ମାଓବାଦୀ ସଂଗଠନ ଉପରେ ବିମୁଖ ହୋଇ ଆତ୍ମସମର୍ପଣ କରିଥିବା ବିଜୟ କହିଛନ୍ତି। ଆଗକୁ ତାଙ୍କ ସ୍ତ୍ରୀ ଓ ଅନେକ ସାଥୀ ଆତ୍ମସମର୍ପଣ କରିବେ ବୋଲି ମାଓବାଦୀ ବିଜୟ ସୂଚନା ଦେଇଛନ୍ତି। ତେବେ ୨୦୦୬ରୁ ୨୦୨୪ ଯାଏ ରାୟଗଡ଼ା ଜିଲାରେ ୨୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ଏସ୍‌ପି ସ୍ୱାଥୀ କହିଛନ୍ତି।



ରାୟଗଡ଼ା ଏସ୍‌ପି ସ୍ୱାଥୀ ଏସ୍.କୁମାରଙ୍କ ନିକଟରେ ଆତ୍ମସପର୍ମଣ କରିଥିବା ମାଓବାଦୀ।

# ୪ ହାର୍ଡକୋର୍ ସମେତ ୧୮ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୭।୫ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ପୋଲିସ ନିକଟରେ ମଙ୍ଗଳବାର ୪ ପିଏଲ୍‌ଜିଏ ସଦସ୍ୟଙ୍କ ସମେତ ୧୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ୧୬ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିଲା। ୧୮ ଜଣଙ୍କ ନାମରେ ମୋଟ ୩୯ ଲକ୍ଷ ଟଙ୍କାର ପୁରସ୍କାର ରହିଛି। ଏମାନେ ଛତିଶଗଡ଼ ବିଜାପୁର, ସୁକ୍‌ମା ଜିଲାରେ ଅନେକ ବଡ଼ ବଡ଼ ହିଂସାରେ ଜଡ଼ିତ ଥିଲେ। ତେବେ ବର୍ତ୍ତମାନ ଯବାନଙ୍କ କୋମ୍ବିଂ, ବିଭିନ୍ନ ସ୍ଥାନରେ କ୍ୟାମ୍ପ ସ୍ଥାପନକୁ ଭୟକରି ଏମାନେ ଦଳ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲହେବା କହିଛନ୍ତି। ଏମାନଙ୍କୁ ସରକାରଙ୍କ ପୁନଃଥଇଥାନ ନୀତିରେ ଥିବା ସମସ୍ତ ସୁବିଧା ଯୋଗାଇଦେବା ସହ ଅନ୍ୟ ମାଓବାଦୀଙ୍କୁ ମଧ୍ୟ ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପୋଲିସ ପକ୍ଷରୁ ଆହ୍ୱାନ ଦିଆଯାଇଛି।




ଆତ୍ମସମର୍ପଣ କରିଥିବା ମାଓବାଦୀ।




ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। –ଶ୍ରୀଅରବିନ୍ଦ

–ଚନ୍ଦ୍ର ଦର୍ଶନ, ପୂଜା ଓ ଉପବାସ



# ଋଣ ମୃତ୍ୟୁ

ହରିୟାଣାର ପଞ୍ଚକୁଳାଠାରେ ୨୬ ମେ' ରାତିରେ ଘଟିଥିବା ଏକ ଅଘଟଣ ଏବେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଋଣ ଶୁଝି ନ ପାରିବାରୁ ବ୍ୟବସାୟୀ ପ୍ରବୀଣ ମିତ୍ତଲ ତାଙ୍କ ସ୍ତ୍ରୀ, ୩ ପିଲା ଏବଂ ମାତାପିତାଙ୍କୁ ବିଷ ଦେଇ ଆତ୍ମହତ୍ୟା କରାଇ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପଞ୍ଚକୁଳା ରାସ୍ତାକଡ଼ରେ ଗୋଟେ କାର୍ ରାତିରେ ଥୁଆ ହୋଇଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେଥିରୁ ୬ ଜଣ ସଂଜ୍ଞାହୀନ ଥିଲେ ଓ ଆଉ ଜଣେ ଗାଡ଼ି ଭିତରୁ ବାନ୍ତି କରୁଥିବା ଦେଖାଯାଇଥିଲା। ବାନ୍ତି କରୁଥିବା ବ୍ୟକ୍ତି ଥିଲେ ପ୍ରବୀଣ ମିତ୍ତଲ। ସ୍ଥାନୀୟ ଲୋକଙ୍କୁ ସେ ନିଜ ଦୁଃଖଦ କାହାଣୀ ବର୍ଣ୍ଣନା କରି କହିଥିଲେ ଯେ ୬ ଜଣ ମରିସାରିଲେଣି ଓ ତାଙ୍କର ମଧ୍ୟ କିଛି ସମୟ ପରେ ମୃତ୍ୟୁ ଘଟିବ। ସଙ୍ଗେ ସଙ୍ଗେ ଲୋକେ ତାଙ୍କୁ ଡାକ୍ତରଖାନା ନେଉଥିବା ବେଳେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଗାଡ଼ି ଭିତରୁ ସୁଇସାଇଡ୍ ନୋଟ ଜବତ କରିଥିଲା। ସେଥିରେ ଉଲ୍ଲେଖ ଥିଲା ଯେ, ଋଣ ଶୁଝି ନ ପାରିବା ଯୋଗୁ ପରିବାର ଆତ୍ମହତ୍ୟା ପଥ ବାଛି ନେଇଛନ୍ତି।

ଋଣ ପରିଶୋଧ ସମ୍ଭବ ନ ହେବାରୁ ୭ ଜଣଙ୍କ ଆତ୍ମହତ୍ୟା ଘଟଣାରୁ ଏହା ବୁଝାପଡ଼ିଯାଉଛି ଯେ, ପରିବାର ଉପରେ କେଉଁ ଧରଣର ମାନସିକ ଚାପ ପଡ଼ିଥିବ। ଶୁଣିବାକୁ ମିଳୁଛି ପ୍ରବୀଣ ହିମାଚଳ ପ୍ରଦେଶରେ ସ୍କ୍ରାପ୍ ବ୍ୟବସାୟ କରୁଥିଲେ। ବ୍ୟବସାୟ ବଢ଼ାଇବା ପାଇଁ ପ୍ରାୟ ୨୦ କୋଟି ଟଙ୍କା ଲୋନ୍ କରିଥିଲେ। ଋଣ ଶୁଝି ନ ପାରିବାରୁ ତାଙ୍କ ୨ଟି ଫ୍ଲାଟ, ଗାଡ଼ି ଆଦି ସମ୍ପତ୍ତିକୁ ବ୍ୟାଙ୍କ ବାଜ୍ୟାପ୍ତି କରିଦେଇଥିଲା। ତାହା ଋଣ ମୂଲ୍ୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିବାରୁ ତାଙ୍କୁ ବାରମ୍ବାର ହତ୍ୟା ଧମକ ମଧ୍ୟ ମିଳୁଥିଲା। ସ୍କ୍ରାପ୍ ବ୍ୟବସାୟ ବନ୍ଦ କରି ପ୍ରବୀଣ ପଞ୍ଚକୁଳା ପଳାଇ ଆସି ନିଜେ ଟାକ୍ସି ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ ମଧ୍ୟ ବ୍ୟାଙ୍କ ତାଙ୍କ ପିଛା ଛାଡ଼ି ନ ଥିଲା। ଫଳରେ ସେ ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

> ଏ ଦେଶରେ ବ୍ୟାଙ୍କ ଋଣ ନେଇ ବହୁ ବଡ଼ବଡ଼ିଆ ଦେଶ ବାହାରକୁ ଚାଲିଯାଉଥିଲେ ମଧ୍ୟ ସେମାନଙ୍କଠାରୁ ଅର୍ଥ ଅସୁଲ ଠିକ୍ ସମୟରେ କରାଯାଇପାରୁ ନାହିଁ। କିନ୍ତୁ ସାଧାରଣ ବ୍ୟକ୍ତି, କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀଙ୍କ ଉପରେ ଅଧିକ ଜୁଲମ ହୋଇଥାଏ। ସେମାନେ କିଭଳି ସହଜରେ ଋଣ ପରିଶୋଧ କରିପାରିବେ ସେ ନେଇ ଉପାୟ ନ ଦେଖାଇ ଧମକଚମକ ଦିଆଯିବା ଯୋଗୁ ବହୁ ସମୟରେ ପ୍ରବୀଣଙ୍କ ଭଳି ବ୍ୟକ୍ତି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଯାଉଛନ୍ତି।

କେଉଁ ସ୍ଥିତିରେ ପ୍ରବୀଣ ଋଣ କରି ତାହାକୁ ପରିଶୋଧ କରିବାରେ ଅକ୍ଷମ ହେଲେ ସେ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରି ନାହିଁ। ଓଡ଼ିଆରେ ଢଗ ଅଛି–'ଚୂନା ଦେଖି ପିଠା କରିବା ଦରକାର'। ଅର୍ଥାତ୍ ଋଣର ଆକାର କେତେ ହେଲେ ଜଣେ ଶୁଝିପାରିବେ ତାହା ପ୍ରଥମେ ଋଣ କରୁଥିବା ବ୍ୟକ୍ତି ସ୍ଥିର କରିବା କଥା। କିନ୍ତୁ ବହୁ ସମୟରେ ଦେଖାଯାଉଛି ବ୍ୟାଙ୍କ ଅଧିକାରୀଙ୍କୁ କହିବୋଲି ଅନେକେ ବହୁ ପରିମାଣର ଋଣ ନେଇଯାଉଛନ୍ତି। ବ୍ୟକ୍ତିଙ୍କ ଆର୍ଥିକ କ୍ଷମତା ବା ସ୍ଥଳବିଶେଷରେ ବ୍ୟବସାୟିକ ମୂଳଦୁଆକୁ ବ୍ୟାଙ୍କ ଅଧିକାରୀମାନେ ଠିକ୍ ଭାବେ ଯାଞ୍ଚ କରୁ ନ ଥିବାରୁ ଏଭଳି ଅସ୍ୱାଭାବିକ ଘଟଣା ଘଟୁଛି। ବହୁ ସମୟରେ ଜାଲ୍ ତଥ୍ୟ ଦେଇ ଅନେକେ ଋଣ ନେଇ ଯାଉଥିବା ବିଷୟ ପଦାକୁ ଆସୁଛି। ଆଉ ଗୋଟିଏ କଥା ହେଉଛି ପରିବାରର ଜଣେ ବ୍ୟକ୍ତି ରୋଜଗାରକ୍ଷମ ହୋଇଥିଲେ ତାଙ୍କ ଉପରେ ସମସ୍ତେ ନିର୍ଭର କରିଥାଆନ୍ତି। ବ୍ୟବସାୟ ଚଳାଇବାରେ ବାଧା ଥିଲେ ପରିବାର ଉପରେ ଆର୍ଥିକ ପ୍ରଭାବ ପଡ଼ିବା ସ୍ୱାଭାବିକ। ଏଭଳି କ୍ଷେତ୍ରରେ ଋଣ କିସ୍ତି ପରିଶୋଧ କରିବାରେ ହେଉଥିବା ଅନିୟମିତତାକୁ ବ୍ୟାଙ୍କ ଠିକ୍ ଭାବେ ମଧ୍ୟ ଯାଞ୍ଚ କରିବା କଥା। କିନ୍ତୁ ଦେଖାଯାଉଛି ଋଣ ନେଇଥିବା ବ୍ୟକ୍ତି ଡିଫଲ୍ଟର ନ ହେବା ଯାଏ ତାଙ୍କ ବିଷୟରେ ବ୍ୟାଙ୍କ ଆଗୁଆ ଯାଞ୍ଚ କରି ନ ଥାଏ। ମନେରଖିବାକୁ ହେବ ଯେ, ପୂର୍ବରୁ ଭାରତରେ ଋଣ ଆବେଦନକାରୀଙ୍କୁ ଅନେକ ପ୍ରକାରର ତଥ୍ୟ ଦେବା ସହିତ ତୃତୀୟ ପକ୍ଷ ଦ୍ୱାରା ବ୍ୟାଙ୍କ ଯାଞ୍ଚ କାର୍ଯ୍ୟ କରାଉଥିଲା। ଏବେ ତଥାକଥିତ ଖୋଲା ତଥା ଡିଜିଟାଲ ଅର୍ଥନୀତିରେ ଅଯୋଗ୍ୟଙ୍କୁ ସହଜରେ ଋଣ ମିଳିଯାଉଥିବା ବେଳେ ଯୋଗ୍ୟ ବଞ୍ଚିତ ହେଉଛନ୍ତି। ଏହା ହେଉଛି ଅର୍ଥନୈତିକ ଉଦାରୀକରଣର ଏବକାର ନମୁନା।

ଏ ଦେଶରେ ବ୍ୟାଙ୍କ ଋଣ ନେଇ ବହୁ ବଡ଼ବଡ଼ିଆ ଦେଶ ବାହାରକୁ ଚାଲିଯାଉଥିଲେ ମଧ୍ୟ ସେମାନଙ୍କଠାରୁ ଅର୍ଥ ଅସୁଲ ଠିକ୍ ସମୟରେ କରାଯାଇପାରୁ ନାହିଁ। କିନ୍ତୁ ସାଧାରଣ ବ୍ୟକ୍ତି, କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀଙ୍କ ଉପରେ ଅଧିକ ଜୁଲମ ହୋଇଥାଏ। ସେମାନେ କିଭଳି ସହଜରେ ଋଣ ପରିଶୋଧ କରିପାରିବେ ସେ ନେଇ ଉପାୟ ନ ଦେଖାଇ ଧମକଚମକ ଦିଆଯିବା ଯୋଗୁ ବହୁ ସମୟରେ ପ୍ରବୀଣଙ୍କ ଭଳି ବ୍ୟକ୍ତି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଯାଉଛନ୍ତି। ତେଣୁ ଏହି ଘଟଣାକୁ ଏକ କେସ୍ ଷ୍ଟଡି ଭାବେ ଗ୍ରହଣ କରି ବ୍ୟାଙ୍କ ଏବଂ ଭାରତୀୟ ଅର୍ଥ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଅଭିନବ ବାଟ ବାହାର କରିବାର ପ୍ରୟୋଜନ ଦେଖାଦେଲାଣି।



# ୧୪୦ କୋଟି ବନାମ ୧୨ କୋଟି

ଡ. ସନ୍ତୋଷ କୁମାର ମହାପାତ୍ର

ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥ ବ୍ୟବସ୍ଥା ବା ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ପ୍ରଚାର କରାଯାଉଛି। କେବଳ ଆମେରିକା, ଚାଇନା ଏବଂ ଜର୍ମାନୀ ଭାରତଠାରୁ ଆଗରେ ଅଛନ୍ତି। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବି.ଭି.ଆର୍. ସୁବ୍ରମଣ୍ୟମ ଏହି କଥାକୁ ଦୋହରାଇଛନ୍ତି ଏବଂ ଆହୁରି ଦୁଇପାଦ ଆଗକୁ ଯାଇ କହିଛନ୍ତି, ଆଗାମୀ ୩୦ ରୁ ୩୬ ମାସ ମଧ୍ୟରେ ଭାରତ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ପାଲଟିଯିବ। କିନ୍ତୁ ସତ୍ୟ ହେଉଛି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆକଳନ କରିଛି, ୨୦୨୫–୨୬ ଶେଷ ବେଳକୁ ନାମାଙ୍କନ ଜିଡିପି ଦୃଷ୍ଟିରୁ ଭାରତ ଜାପାନକୁ ଅତିକ୍ରମ କରିବ। ଅସଲ କଥା ହେଉଛି କ୍ରୟ ଶକ୍ତି ସମତାରେ ଆକଳିତ ଜିଡିପି ଅନୁସାରେ ଭାରତ ଉପା ସରକାର ଅମଳରେ ଜାପାନକୁ ପଛରେ ପକାଇ ୨୦୧୧ରୁ ତୃତୀୟ ବୃହତ୍ତମ ଅର୍ଥନୀତି ହୋଇସାରିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆକଳନ ଅନୁସାରେ ୨୦୨୫– ୨୬ ଆର୍ଥିକ ବର୍ଷ ଶେଷ ବେଳକୁ ବିଶ୍ୱ ଜିଡିପି ୧୧୩. ୭୯୫ ଟ୍ରିଲିୟନ ଆମେରିକୀୟ ଡଲାର (୧ ଟ୍ରିଲିୟନ=୧୦୦୦୦୦ କୋଟି, ୧ ଆମେରିକୀୟ ଡଲାର ବର୍ତ୍ତମାନ ୮୫ଟଙ୍କା)ରେ ପହଞ୍ଚିଲା ବେଳେ ଆମେରିକାର ଜିଡିପି ୩୦.୫୦୭ ଟ୍ରିଲିୟନ, ଚାଇନାର ଜିଡିପି ୧୯.୨୩ ଟ୍ରିଲିୟନ, ଜର୍ମାନୀର ଜିଡିପି ୪.୭୪୪ ଟ୍ରିଲିୟନ ଆମେରିକୀୟ ଡଲାର ହେବ। ତା' ପଛକୁ ଭାରତ ୪.୧୮୭ ଟ୍ରିଲିୟନ ଡଲାର ସହ ୪ର୍ଥ ସ୍ଥାନରେ ରହିବ। ଜାପାନର ଅର୍ଥ ବ୍ୟବସ୍ଥା ସାମାନ୍ୟ କମ୍ ଅର୍ଥାତ୍ ୪.୧୮୬ ଟ୍ରିଲିୟନ ଡଲାର ହେବ। ଭବିଷ୍ୟତ ଆକଳନ ସର୍ବଦା ଅନିଶ୍ଚିତ। ଏହା ଭାରତର ଅଭିବୃଦ୍ଧି ହାର ୬.୩% ଏବଂ ଡଲାର ଅନୁସାରେ ଟଙ୍କାର ବିନିମୟ ମୂଲ୍ୟ ବୃଦ୍ଧି ଓ ହ୍ରାସ ଉପରେ ନିର୍ଭରକରେ , କାରଣ ଅନ୍ତର୍ଜାତୀୟ ସଂସ୍ଥା ଜିଡିପି ଡଲାରରେ ଆକଳନ କରନ୍ତି।

ଅବଶ୍ୟ ତୁଳନା କଲାବେଳେ ଯାହା ହାସଲ କରିଛେ ତାହା କହିବା ଉଚିତ, ଯାହା ହାସଲ କରିନେ ତାହା କହିବା ଅନୁଚିତ। ୨୦୨୪–୨୫ ଶେଷ ସୁଦ୍ଧା ଆମେରିକାର ଜିଡିପି ୨୯.୨ ଟ୍ରିଲିୟନ, ଚଇନାର ଜିଡିପି ୧୮.୭୫ ଟ୍ରିଲିୟନ, ଜର୍ମାନୀର ଜିଡିପି ୪.୬୬ ଟ୍ରିଲିୟନ, ଜାପାନର ୪.୦୬ ଟ୍ରିଲିୟନ ଆମେରିକୀୟ ଡଲାର ହୋଇଥିଲାବେଳେ ଭାରତର ୩.୯ ଟ୍ରିଲିୟନ ଡଲାର। ଦେଶର ବିକାଶ ଆକଳନ କରିବା ପାଇଁ ବାସ୍ତବରେ ମୁଣ୍ଡ ପିଛା ଜିଡିପି ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଯେଉଁ ଦେଶର ଲୋକ ସଂଖ୍ୟା ଅଧିକ ତାହାର ଜିଡିପି ଅଧିକ ହେବା ସ୍ୱାଭାବିକ। ୨୦୨୪–୨୫ ସୁଦ୍ଧା ଆମେରିକାରେ ଏହା ୮୫,୮୧୨, ଚାଇନାରେ ୧୩,୩୦୦, ଜର୍ମାନୀରେ ୫୪,୯୮୯, ଜାପାନରେ ୩୨,୫୦୦



ଆମେରିକୀୟ ଡଲାର ହୋଇଥିଲାବେଳେ ଭାରତରେ ମାତ୍ର ୨୭୧୧ ଡଲାର ଥିଲା। ୨୦୨୫–୨୬ ଶେଷରେ ଜାପାନରେ ଏହା ୩୩,୯୫୫ ହେଲା ବେଳେ ଭାରତରେ ମାତ୍ର ୨,୮୭୮ ଆମେରିକୀୟ ଡଲାର ହେବ। ୨୦୨୫–୨୬ରେ ମୁଣ୍ଡ ପିଛା ଆୟ ଦୃଷ୍ଟିରୁ ଜାପାନ ୩୪ ତମ ସ୍ଥାନରେ ରହିଲାବେଳେ ଭାରତ ପ୍ରାୟ ୧୩୬ ତମ ସ୍ଥାନରେ ଅଛି। ଅର୍ଥାତ୍ ୧୩୫ଟି ଦେଶ ତଳେ ରହିବ। ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ଜାପାନଠାରୁ ବହୁ ପଛରେ ରହିଛି। ମାନବିକ ବିକାଶ ସୂଚକାଙ୍କ ଦୃଷ୍ଟିରୁ ଜାପାନ ୨୪ ସ୍ଥାନରେ ଥିଲାବେଳେ ଭାରତ ୧୩୦ ସ୍ଥାନରେ ଅଛି। ଦୁର୍ନୀତି ଧାରଣା ସୂଚକାଙ୍କ ଦୃଷ୍ଟିରୁ ୧୮୦ଟି ଦେଶ ମଧ୍ୟରୁ ଜାପାନ ୭୩ ସ୍ଥାନରେ ଥିଲାବେଳେ ଭାରତ ୯୬ ସ୍ଥାନରେ ରହିଛି। ଅର୍ଥାତ୍ ଭାରତରେ ଦୁର୍ନୀତି ବ୍ୟାପକ।

ଜାପାନୀ ନାଗରିକଙ୍କ ହାରାହାରି ରୋଜଗାର ଭାରତୀୟଙ୍କ ତୁଳନାରେ ପ୍ରାୟ ୧୨ ଗୁଣ ଅଧିକ। ସେହି ପାର୍ଥକ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା, ଦକ୍ଷ ଭିତ୍ତିଭୂମି, ଉଚ୍ଚ–ଗୁଣବତ୍ତା ଶିକ୍ଷାର ଉପଲବ୍ଧତା ଏବଂ ଜୀବନର ଉଚ୍ଚ ସାମଗ୍ରିକ ଗୁଣବତ୍ତା ପ୍ରଦାନ କରେ। ଜାପାନର ଏକ ଅତ୍ୟନ୍ତ ଦକ୍ଷ ଏବଂ ସୁଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଛି, ଯାହା ଜିଡିପିର ପ୍ରାୟ ୨୩.୫%। ପେନ୍‌ସନ ସାମାଜିକ ସୁରକ୍ଷା ବ୍ୟବସ୍ଥାର ସର୍ବବୃହତ ଅଂଶ ଥିଲା, ତା'ପରେ ଚିକିତ୍ସା ଯତ୍ନ। ଭାରତରେ ସାମାଜିକ କ୍ଷେତ୍ର ବ୍ୟୟ ବରାଦ ଜିଡିପିର ୩.୩% ଏବଂ ଆୟୁଷ୍ମାନ ଭାରତ ଓ ଅନ୍ୟ କିଛି ମନ୍ତ୍ରଣାଳୟ ବ୍ୟୟ ମିଶାଇଲେ ସାମାଜିକ ସେବାରେ ବିନିଯୋଗ ୨୦୨୩–୨୪ରେ ୭.୮% ଥିଲା। ଜାପାନରେ ବେକାରି ହାର ୨.୩% ହେଲାବେଳେ ଭାରତରେ ୫ରୁ ୧୦%ରହୁଛି। ଜାପାନରେ ଉଚ୍ଚ କୁଶଳୀ , ଗୁଣାତ୍ମକ ଚାକିରି ବେଶି ସୃଷ୍ଟି ହେଲାବେଳେ ଭାରତରେ ଓଲଟା। ବିଶ୍ୱରେ ଗବେଷଣା ଏବଂ ବିକାଶ ପାଇଁ ଖର୍ଚ୍ଚ ହାରାହାରି ଜିଡିପିର ପ୍ରାୟ ୧.୮% ହୋଇଥିଲାବେଳେ ଜାପାନରେ ୩.୭%। ଭାରତରେ ୨୦୨୦–୨୧ରେ ଏହା ୦.୬୪ %। ଜାପାନର ବୈଦେଶିକ ମୁଦ୍ରାଭଣ୍ଡାର ବିଶ୍ୱର ଦ୍ୱିତୀୟ ବୃହତ୍ତମ, ଯାହାର ମୂଲ୍ୟ ୧.୪ ଟ୍ରିଲିୟନ ଆମେରିକୀୟ ଡଲାର। ୧୬ ମେ' ୨୦୨୫ ସୁଦ୍ଧା ଭାରତରେ ଏହା ୬୮୫.୭ ବିଲିୟନ ଡଲାର ଥିଲା। ଜାପାନ ବିଶ୍ୱର ତୃତୀୟ ବୃହତ୍ତମ ଆର୍ଥିକ ସମ୍ପତ୍ତିର ଦେଶ, ଯାହାର ମୂଲ୍ୟ ୨୦୨୦ ସୁଦ୍ଧା ୧୨ ଟ୍ରିଲିୟନ ଡଲାର କିମ୍ବା ବିଶ୍ୱ ଜିଡିପିର ୮.୬%। ଡିସେମ୍ବର ୨୦୨୪ ସୁଦ୍ଧା ଭାରତର ମୋଟ ଆର୍ଥିକ ସମ୍ପତ୍ତି ୩୧୯ ଲକ୍ଷ କୋଟି ଟଙ୍କା (ପ୍ରାୟ ୩.୭ ଟ୍ରିଲିୟନ ଡଲାର)। ବର୍ତ୍ତମାନ ୨୦୨୫ ସୁଦ୍ଧା ବଜାର ପୁଞ୍ଜିକରଣ ଦ୍ୱାରା ଟୋକିଓ ଷ୍ଟକ୍ ଏକ୍ସଚେଞ୍ଜ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟକ୍ ଏକ୍ସଚେଞ୍ଜ। ଏହାର ବଜାର ମୂଲ୍ୟ ୬.୩୫ ଟ୍ରିଲିୟନ ଡଲାର ହୋଇଥିଲାବେଳେ ଭାରତରେ ଏହା ୫.୦୬୩ ଟ୍ରିଲିୟନ ଡଲାର। ୨୦୨୪ ସୁଦ୍ଧା ଫର୍ଚ୍ଚୁନ ଗ୍ଲୋବାଲ ୫୦୦ କମ୍ପାନୀ ମଧ୍ୟରୁ ୪୦ଟି ଜାପାନରେ ଅଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାଜୟ ପରେ ଜାପାନର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। କିନ୍ତୁ ପରେ ଦ୍ରୁତଗତିରେ ବିକଶିତ ହୋଇଥିଲା। ମୁଖ୍ୟତଃ ଏହାର ଲାଭଜନକ ଉତ୍ପାଦନଭିତ୍ତିକ ରପ୍ତାନି ଶିଳ୍ପ ଦ୍ୱାରା ଏହା ଚାଳିତ ହୋଇଥିଲା। ଏହା ୧୯୬୮ରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ହୋଇଗଲା ଏବଂ ୨୦୧୦ ପର୍ଯ୍ୟନ୍ତ ସେହିପରି ରହିଲା ଏବଂ ନାମାଙ୍କନ ମୁଣ୍ଡ ପିଛା ଜିଡିପି ଆଧାରରେ, ୧୯୮୦ ଏବଂ ୧୯୯୦ ଦଶକରେ ଜି–୭ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ ଉଚ୍ଚ–ଆୟରାଷ୍ଟ୍ର ଭାବେ ଉଭା ହୋଇଥିଲା। ବିକଶିତ ଦେଶର ମାନ୍ୟତା ହାସଲ କରିବାରେ ଜାପାନ ଏସିଆର ପ୍ରଥମ ଦେଶ ଥିଲା। କିନ୍ତୁ ଭାରତ ୨୦୦୭ଠାରୁ ନିମ୍ନ ମଧ୍ୟମ ଆୟକାରୀ ରାଷ୍ଟ୍ର ଭାବେ ରହିଛି। ଆହୁରି ଉଚ୍ଚ ମଧ୍ୟମ ଆୟକାରୀ ଓ ଉଚ୍ଚ ଆୟକାରୀ ରାଷ୍ଟ୍ର ହେବାକୁ ବାକି ଅଛି। ଜାପାନ ଅର୍ଥନୀତି ଜନସଂଖ୍ୟା ହ୍ରାସ ବିଶେଷକରି କମ୍ ବୟସ୍କ ଜନସଂଖ୍ୟା ହ୍ରାସ ଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛି। ଏଥିପାଇଁ ଜାପାନର ନାମାଙ୍କନ ଜିଡିପି ୧୯୯୫ ରୁ ୨୦୨୩ ମଧ୍ୟରେ ୫.୫ଟ୍ରିଲିୟନରୁ ୪.୨ଟ୍ରିଲିୟନ ଡଲାରକୁ ହ୍ରାସ ପାଇଛି। ଜାପାନର ଜନସଂଖ୍ୟା, ଯାହା ୨୦୧୦ରେ ୧୨.୮୫ କୋଟି ଥିଲା ତାହା ୨୦୨୪ରେ ଏହା ୧୨.୨୬ କୋଟିକୁ ହ୍ରାସ ପାଇଛି। ୨୦୨୨ରେ ଦେଶର କମ୍ ବୟସ୍କ ଜନସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୫୯.୪ % ଥିଲା, ଯାହା ସମସ୍ତ ଓଇସିଡି ଦେଶ ମଧ୍ୟରେ ସର୍ବନିମ୍ନ ହାର। ଜିଡିପି ଏକ ବର୍ଷର ଅର୍ଥନୈତିକ କାର୍ଯ୍ୟକଳାପର ପ୍ରତିଫଳନ। ଧନୀ ଅଧିକ ଧନୀ ହେଲେ ବା ବ୍ୟୟ କଲେ ଜିଡିପି ବୃଦ୍ଧି ପାଇବ। ସରକାର ଅଧିକ ଋଣକରି ବ୍ୟୟକଲେ ଜିଡିପି ବୃଦ୍ଧି ପାଇବ। ଯେତେବେଳେ ଭାରତ ପରି ଅର୍ଥବ୍ୟବସ୍ଥାରେ ୧୪୦ କୋଟି ଲୋକ ବ୍ୟୟ ବା ଉପଭୋଗ କରିବେ ତାହାର ଆକାର ଯେଉଁପରି ବୃଦ୍ଧି ପାଇବ ଜାପାନ ପରି ଅର୍ଥବ୍ୟବସ୍ଥାରେ ୧୨.୨୬ କୋଟି ଲୋକ ବ୍ୟୟ ବା ଉପଭୋଗ କଲେ ଏକ ଅର୍ଥବ୍ୟବସ୍ଥାର ଆକାର କ'ଣ ସେହି ଅନୁସାରେ ସବୁଦିନେ ବୃଦ୍ଧି ପାଇବ କି ?

ମୋ:୯୪୩୭୨୦୮୭୬୨



# ମହାପୁରୁଷଙ୍କ ଆଦର୍ଶ

ମୋହନ ଚରଣ ବିଷି

ବିଦ୍ୟାର୍ଥୀ ମହାପୁରୁଷଙ୍କୁ କାହିଁକି ପଢ଼ିବ? ମହାପୁରୁଷଙ୍କୁ କାହିଁକି ଅନୁକରଣ କରିବ?

ଆମେ ପଢୁଥିବା ସମୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ବଡ଼ ଲୋକଙ୍କ ଜୀବନୀ ବୋଲି ବହି ଥିଲା। ଏହି ବହିରେ ଓଡ଼ିଶା ଓ ଭାରତବର୍ଷର ବଡ଼ ଲୋକଙ୍କ ଜୀବନୀ ପଢ଼ିବାର ସୁଯୋଗ ବିଦ୍ୟାର୍ଥୀମାନେ ପାଉଥିଲେ। ସେମାନଙ୍କ ତ୍ୟାଗ, ଆଦର୍ଶ, ସଂଘର୍ଷ, ସଫଳତା କଥା ପଢ଼ି ପ୍ରେରିତ ହେଉଥିଲେ ବିଦ୍ୟାର୍ଥୀ। ଏବେ ମଧ୍ୟ ବିଭିନ୍ନ ବହିରେ, ଡିଜିଟାଲ ମାଧ୍ୟମରେ ମହାପୁରୁଷଙ୍କ ଜୀବନ ଚରିତ୍ରକୁ ପଢୁଛନ୍ତି, ଶୁଣୁଛନ୍ତି ଓ ଚଳମାନ ଚିତ୍ରରେ ଦେଖୁଛନ୍ତି। କିନ୍ତୁ ଏମାନଙ୍କ ସଂଖ୍ୟା ଅଳ୍ପ ସଂଖ୍ୟକ ହୋଇପାରେ। ପ୍ରତ୍ୟେକ ଶ୍ରେଣୀର ସିଲାବସ୍‌ରେ ମହାପୁରୁଷଙ୍କ ଜୀବନ ସମ୍ପର୍କରେ ପଢ଼ିବାର ସୁଯୋଗ ପାଇଲେ ବିଦ୍ୟାର୍ଥୀ ନିଜକୁ ଗଢି ତୋଳିବାକୁ ସହଜ ହେବ। ସେଥିପାଇଁ ସ୍ୱତନ୍ତ୍ର ଭାବରେ ମହାପୁରୁଷମାନଙ୍କର କଥା ଗାଥା ରହିବା ପ୍ରାସଙ୍ଗିକ ମନେହୁଏ। ପ୍ରତ୍ୟେକ ବିଦ୍ୟାର୍ଥୀ ସଫଳତା ପାଇବା ପାଇଁ ବଡ଼ ଲୋକଙ୍କୁ ପଢିବା ଦରକାର। ଯିଏ ଯେଉଁ କ୍ଷେତ୍ରରେ ଆଗକୁ ବଢିବାର ଅଛି ସେମାନେ ସେହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତିମାନଙ୍କୁ ପଢିବା ଉଚିତ।

ଜୀବନ ଚରିତ ଦୁଇ ପ୍ରକାରରେ ଲେଖାଯାଇଥାଏ। ନିଜ ଜୀବନ କାହାଣୀ ନିଜେ ଲେଖିଲେ ତାହା ହୁଏ ଆତ୍ମଜୀବନ ଚରିତ। କାହାର କାହାଣୀ ଅନ୍ୟ କେଉଁ ବ୍ୟକ୍ତିଦ୍ୱାରା ଲିଖିତ ହେଲେ, ତାହାକୁ କେବଳ 'ଜୀବନ ଚରିତ' ବୋଲି କୁହାଯାଇଥାଏ। ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ପ୍ରଜ୍ଜ୍ୱଳିତ ହୋଇଉଠିଲା ପରି ଜଣେ ମହାପୁରୁଷଙ୍କର ଜୀବନୀ ଅନ୍ୟର ଜୀବନାୟନକୁ କରେ ପ୍ରଶସ୍ତ ଓ ଆଲୋକିତ। ଟଲଷ୍ଟୟଙ୍କ ଜୀବନ କାହାଣୀ ମହାତ୍ମା ଗାନ୍ଧୀଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା ଏବଂ ଗାରିବାଲ୍‌ଡିଙ୍କ ତ୍ୟାଗ ଜବାହରଲାଲଙ୍କ ପ୍ରାଣରେ ସୃଷ୍ଟି କରିଥିଲା ଉଦ୍‌ବେଳନ। ହରିଶ୍ଚନ୍ଦ୍ର, ଦଧୀଚି ଆଦିଙ୍କ ତ୍ୟାଗ ଓ ତୀତୀକ୍ଷା, ସାଧନା ଓ ତପସ୍ୟା ଭାରତୀୟ ଜନଜୀବନକୁ କରିଥିଲା ସମୃଦ୍ଧ। ପ୍ରାଚୀନ ମହାତ୍ମାଗଣଙ୍କଠାରୁ ଆରମ୍ଭ କରି ଓ ଆଧୁନିକ ଯୁଗର ବହୁ ସ୍ୱାଧୀନତା ସଂଗ୍ରାମୀ ଓ ତ୍ୟାଗବୀରଙ୍କ ଜୀବନ କାହାଣୀରେ ଅନେକ ଶିଖିବାକୁ ମିଳିଛି।

ପ୍ରାଚୀନ ଋଷିମାନଙ୍କ ଜୀବନ ଚରିତ ସହିତ ଆଧୁନିକ ଯୁଗପୁରୁଷ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଠାକୁର ନିଗମାନନ୍ଦ, ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ, ଠାକୁର ଅନୁକୂଳ ଚନ୍ଦ୍ର, ଶ୍ରୀରାମ ଶର୍ମା, ସନ୍ଥ ଭୀମ ଭୋଇ ଆଦିଙ୍କ ଜୀବନ କାହାଣୀ ଆମକୁ ଧର୍ମଚେତନାରେ ଉଦ୍‌ବୁଦ୍ଧ କରେ। ଧର୍ମମାର୍ଗର ଅନୁବର୍ତ୍ତନ ଓ ଅନୁସରଣ କରିବା ପାଇଁ ଆମକୁ ଏହା ଦେଇଥାଏ ଅସୀମ ଇଚ୍ଛା ଓ ପ୍ରେରଣା। ଜାତୀୟ ବୀରମାନଙ୍କର ଜୀବନ ଚରିତ ଆମମାନଙ୍କ ଭିତରେ ସୃଷ୍ଟି କରିଥାଏ ଦେଶ ଓ ଜାତିପ୍ରେମ। ସେମାନଙ୍କର ଲେଖାବଳୀ ଆମକୁ ଜାତୀୟ ମନ୍ତ୍ରରେ ଅଭିମନ୍ତ୍ରିତ କରେ। ଉତ୍କଳମଣି ଗୋପବନ୍ଧୁଙ୍କର ଲେଖା 'ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲିଯାଆନ୍ତୁ ପିଠିରେ ସ୍ୱାଧୀନତା ପଥେ ଅଛି ଯେତେ ଗାଡ଼ ପୂରୁ ପଡ଼ି ତହିଁ ମୋର ମାଂସହାଡ଼।' ଏପରି ଉକ୍ତି କାହାକୁ ବା ଜାତିପାଇଁ ପ୍ରାଣବଳି ଦେବାକୁ ଅନୁପ୍ରେରିତ ନ କରିବ ! ଏଭଳି ଲେଖା ସାଙ୍ଗକୁ ତାଙ୍କର ତ୍ୟାଗ ଓ ସଂଘର୍ଷପୂର୍ଣ୍ଣ ଜୀବନ ଚରିତ ପାଠକଙ୍କୁ ତାଙ୍କ ମହାନ୍ ବ୍ୟକ୍ତିତ୍ୱ ପାଖରେ ମଥା ନୁଆଇଁବାକୁ ବାଧ୍ୟକରେ। ଚରିତ୍ର ଗଠନ ପାଇଁ ବିଶେଷ ସହାୟକ ହୁଏ।

ସନ୍ଥକବି ଭୀମ ଭୋଇଙ୍କ ଉକ୍ତି– ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ। ମହାତ୍ମା ଗାନ୍ଧୀଙ୍କ ଅହିଂସା କିମ୍ବା ମଦର ଟେରେସାଙ୍କ ସେବା ଅନେକ ଜନ ଜୀବନକୁ ପ୍ରଭାବିତ କରିଛି । ଏପରି ଯେତେ ମହାପୁରୁଷଙ୍କ କାର୍ଯ୍ୟ ଓ କଥା ଅନେକଙ୍କୁ ପରିବର୍ତ୍ତନ କରିଥାଏ। ତାଙ୍କର ଜୀବନ ଚର୍ଯ୍ୟା, ବ୍ୟବହାର,



କର୍ମ କୁଶଳତା, ଶିକ୍ଷାରେ ଅନୁପ୍ରାଣୀତ ହୋଇ ବିଦ୍ୟାର୍ଥୀମାନେ ସଫଳତା ପାଇଥାନ୍ତି। ପ୍ରତ୍ୟେକ ବିଦ୍ୟାର୍ଥୀ ମହାପୁରୁଷ ତଥା ନିଜ ମାତାପିତା, ଆତ୍ମୀୟ ସ୍ୱଜନ, ଶିକ୍ଷାଗୁରୁ, ସଦ୍‌ଗୁରୁଙ୍କୁ ଅନୁକରଣ କରିବା କଥା ଯେଉଁମାନଙ୍କର କାର୍ଯ୍ୟଧାର ସେମାନଙ୍କୁ ଭଲ ଲାଗିଥାଏ। ସେମାନେ ଯେତେବେଳେ ଭାବିବେ ଏହିମାନେ ହିଁ ଜୀବନରେ ସଫଳତା ପାଇଛନ୍ତି ସେତେବେଳେ ସେମାନଙ୍କୁ ହିଁ ଅନୁକରଣ, ଅବଲମ୍ବନ କରିବା ସହ ତାଙ୍କ ଆଦର୍ଶ, ବିଚାରଧାରା, କାର୍ଯ୍ୟଶୈଳୀରେ ପ୍ରଭାବିତ ହେବେ।

ଦୈନନ୍ଦିନ ଜୀବନରେ ଆମେ ବହୁ ସମସ୍ୟାରେ ଛନ୍ଦି ହୋଇପଡୁ ଏବଂ ସେଥିରୁ ମୁକୁଳିବା ପାଇଁ ଖୋଜିହେଉ ସମାଧାନର ପନ୍ଥା। ମହାପୁରୁଷଗଣ ସେହିସବୁ ସମସ୍ୟାର ସମାଧାନ କିପରି ଖୋଜି ପାଇଥିଲେ, ତାହା ସେମାନଙ୍କର ଜୀବନ ଚରିତ ପାଠକରି ଆମେ ଅବଗତ ହେଉ। ତେଣୁ ଆମକୁ ସମସ୍ୟା ସମାଧାନର ରାହା ମିଳିଯାଏ ଏବଂ ଆମେ ସମସ୍ୟାକୁ ଅତିକ୍ରମ କରି ପୁଣି ଜୀବନ ପଥରେ ଆଗେଇଚାଲୁ।

**ଗଡ଼ରାମାଲ, କୋକସରା, କଳାହାଣ୍ଡି**
**ମୋ: ୯୭୭୭୪୬୮୮୪୧**

## ଏଇ ଭାରତରେ

୪୦୦ଟି ଭାଷାରେ ପଢ଼ି ଓ ଲେଖି ପାରୁଛନ୍ତି ତାମିଲନାଡୁ ଚେନ୍ନାଇର ୧୯ ବର୍ଷୀୟ ମହମ୍ମଦ ଆକ୍ରାମ। ଏଭଳି ଦକ୍ଷତା ପାଇଁ ସେ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଆକ୍ରାମ ୪୬ଟି ଭାଷା ଅତି ପ୍ରାଞ୍ଜଳ ଭାବେ କହିପାରୁଛନ୍ତି। ଆକ୍ରାମଙ୍କ ପିତା ଶିଲ୍‌ବି ମୋଝିପ୍ରିୟାନ୍ ମଧ୍ୟ ୧୬ଟି ଭାଷା କହିପାରନ୍ତି ଏବଂ କଗ୍ନିଟିଭ୍ ସାଇକୋଲୋଜିରେ ପିଏଚ୍‌ଡି କରିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଆକ୍ରାମ ଏତେସବୁ ଭାଷା ଶିଖିପାରିଛନ୍ତି। ତାଙ୍କୁ ଯେତେବେଳେ ୪ ବର୍ଷ ହୋଇଥିଲା ସେତେବେଳେ ସେ ବିଭିନ୍ନ ଭାଷା ଶିଖିବା ଆରମ୍ଭ କରିଥିଲେ। ବୟସ ୬ରୁ ୮ ବର୍ଷ ମଧ୍ୟରେ ସେ ୫୦ଟି ଭାଷା ଜାଣିସାରିଥିଲେ। ଆକ୍ରାମ ୭୦ ଜଣ ଭାଷା ବିଶେଷଜ୍ଞଙ୍କ ସହ ପ୍ରତିଯୋଗିତା କରି ଜର୍ମାନୀ ୟଙ୍ଗ୍ ଟ୍ୟାଲେଣ୍ଟ ଆୱାର୍ଡ ହାସଲ କରିଛନ୍ତି। ସେ ଟ୍ୟାଲେଣ୍ଟ ଶୋ'ରେ ଭାଗନେବା ସହ ବିଭିନ୍ନ ଦେଶର ଏକାଧିକ ଡିଗ୍ରୀ କୋର୍ସ କରୁଛନ୍ତି। ତାଙ୍କ ପିତା ଚେନ୍ନାଇର ଶେନୟ ନଗରରେ 'ଆକ୍ରାମ ଗ୍ଲୋବାଲ ଲାଙ୍ଗୁଏଜ୍ ଇନ୍‌ଷ୍ଟିଚ୍ୟୁଟ୍' ପ୍ରତିଷ୍ଠା କରି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଶିକ୍ଷା ଦେଉଛନ୍ତି । ଆକ୍ରାମ ସେଠାରେ ପିଲାମାନଙ୍କୁ ମଧ୍ୟ ପଢ଼ାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୭୬

- ରୟତ ସ୍ୱତ୍ୱ ଓ ସିଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଓଡ଼ିଶା ଭୂସଂସ୍କାର ଆଇନକୁ ବଳବତ୍ତର କରାଯାଇଛି।
- ଦିଲ୍ଲୀ ପ୍ରଦେଶ କଂଗ୍ରେସ ସଭାପତି ଅମରନାଥ ଛାୱାଲାଙ୍କୁ କୌଣସି ନିର୍ବାଚନ ଲଢ଼ିବା ନିମନ୍ତେ ୬ ବର୍ଷ ପାଇଁ ଅଯୋଗ୍ୟ ବିବେଚିତ କରି ସୁପ୍ରିମ୍‌କୋର୍ଟ ଦେଇଥିବା ରାୟକୁ ରାଷ୍ଟ୍ରପତି ଫକରୁଦ୍ଦିନ ଅଲ୍ଲୀ ଅହମ୍ମଦ ଉଠାଇ ଦେଇଛନ୍ତି।
- ତୈଳ ଦର ବୃଦ୍ଧି ମତପାର୍ଥକ୍ୟ କାରଣରୁ ଇଣ୍ଡୋନେସିଆର ବାଲିଠାରେ ପେଟ୍ରୋଲ ରପ୍ତାନୀକାରୀ ରାଷ୍ଟ୍ରସଂଘ ବୈଠକ ବିଫଳ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | 5 | | 9 |
| | | | | | 1 | 2 | 7 | |
| | | | | | | | | |
| | | 3 | | 8 | | | | |
| 2 | | | 9 | | 5 | 6 | | |
| 4 | 1 | 6 | | | 2 | | | |
| | 6 | 9 | | | 8 | 4 | | 1 |
| | | | | | | | 6 | |
| | 2 | | 3 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 9 | 8 | 7 | 1 | 3 | 2 |
| 1 | 8 | 7 | 2 | 3 | 5 | 6 | 9 | 4 |
| 3 | 9 | 2 | 6 | 4 | 1 | 7 | 5 | 8 |
| 4 | 1 | 3 | 8 | 7 | 6 | 5 | 2 | 9 |
| 9 | 5 | 6 | 1 | 2 | 4 | 8 | 7 | 3 |
| 2 | 7 | 8 | 3 | 5 | 9 | 4 | 6 | 1 |
| 8 | 6 | 4 | 7 | 9 | 2 | 3 | 1 | 5 |
| 7 | 3 | 9 | 5 | 1 | 8 | 2 | 4 | 6 |
| 5 | 2 | 1 | 4 | 6 | 3 | 9 | 8 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନକ୍ସା ଅନୁଯାୟୀ ଜବରଦଖଲ ଉଚ୍ଛେଦ ହୋଇଛି କି

ମହାଶୟ,

ସମସ୍ତ ଉତ୍କଣ୍ଠାର ଅବସାନ ଘଟିଲା ଓ ୧୩ ମେ ୨୦୨୫ରେ ଚରମ୍ପା ଅଞ୍ଚଳ (ଜାତୀୟ ରାଜପଥ ୧୬ର ପୂର୍ବପାଖ)ରୁ ଜବରଦଖଲ ହଟାଗଲା। ବିଶେଷକରି ଚରମ୍ପା ସ୍କୁଲ ରୋଡ୍ ଓ କଣ୍ଟାପାଳ ଅଞ୍ଚଳରେ ଦୀର୍ଘ ୭୦/୮୦ ବର୍ଷ ଧରି ସରକାରୀ ଜାଗା ମାଡ଼ିବସି ଘରକରି ଭଡ଼ା ଦେଇ ଲକ୍ଷ ଲକ୍ଷ ଟଙ୍କା କମାଇଥିବା ଘର ମାଲିକମାନେ ଏବେ ହତାଶ। ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ଗତ ଅଗଷ୍ଟ ୨୦୨୪ରୁ ଏହି ଉଚ୍ଛେଦ ପ୍ରକ୍ରିୟା ପ୍ରଥମେ ଆରମ୍ଭହୋଇ କଚେରି ବଜାର ଛକ ଧ୍ୱଂସସ୍ତୁପରେ ପରିଣତ ହୋଇଥିଲା। ଚରମ୍ପାରେ ଏହି ଉଚ୍ଛେଦ ପ୍ରକ୍ରିୟା କିନ୍ତୁ ପ୍ରକୃତ ନକ୍ସା ଓ ମାପ ଅନୁସାରେ ହୋଇ ନ ଥିବା କିଛି ଅବସରପ୍ରାପ୍ତ ରାଜସ୍ୱ କର୍ମଚାରୀଙ୍କଠାରୁ ଶୁଣିବାକୁ ମିଳୁଛି। ସେମାନଙ୍କ ମତରେ ଯଦି ପ୍ରକୃତ ନକ୍ସା ଓ ମାପ ଅନୁସାରେ ଏହା କରାଯାଏ ତେବେ ଆହୁରି ଅନେକେ ଉଚ୍ଛେଦ ହେବେ। ଏହି ଉଚ୍ଛେଦର ବହୁପୂର୍ବରୁ କୁଆଡ଼େ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସରକାରୀ କର୍ତ୍ତୃପକ୍ଷଙ୍କୁ ହାତକରି ନିଜ ନିଜ ଅଧିକୃତ ସରକାରୀ ଜମିକୁ ସୁରକ୍ଷିତ ରଖିଥିବା ଶୁଣାଯାଉଛି। ମାପ ହେଲେ ଏହି ଦୁଇ ଅଞ୍ଚଳରେ ଆହୁରି ଅଧିକ ସରକାରୀ ଜମି ବାହାରିବ। ଏପରିକି ଗୋଚର ଜମିରେ ଘର ମଧ୍ୟ ନିର୍ମାଣ କରାଯାଇଛି। ପ୍ରକୃତ ନକ୍ସା ଓ ମାପ ଅନୁସାରେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଉ।

**–ଗୌତମ ସେଠୀ, ସମାଜସେବୀ, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ସକଳ ମମତା ତେଜି ନ
ଖୋଜଇଁ ମୁକତି ମାରଗ,
ହୁଅଇ ନାସ୍ତିକ ପଛେ,
ନ ଲୋଡ଼ଇ ଅପର ସ୍ୱରଗ।
–(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ



ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ ଶୋଭାଯାତ୍ରାରେ ମୟୂର ନୃତ୍ୟ ପରିବେଷଣ।



ଶୋଭାଯାତ୍ରାରେ ଯୋଡ଼ି ଶଙ୍ଖ ନୃତ୍ୟ।

## ପ୍ରସିଦ୍ଧ ଶୀତଳ ଷଷ୍ଠୀ ଶୁଭାରମ୍ଭ

## ଦୁଲଦୁଲି ବାଜାରେ ଦୁଲୁକିଲା ଯାତ୍ରା ପଥ

ସମ୍ବଲପୁର,୨୭।୫(ବି.ଶଙ୍କର)

ସମ୍ବଲପୁର ନନ୍ଦପଡା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ (ନିର୍ବନ୍ଧ) ରୀତିନୀତି ଓ ପରମ୍ପରାନୁସାରେ ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଛି। ଏଥିସହ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ ହୋଇଛି। ରାତି ୮ଟାରେ ପାରମ୍ପରିକ ପତରପେଡ଼ିଁ ଶୋଭାଯାତ୍ରା ନନ୍ଦପଡା ମନ୍ଦିରରୁ ବାହାରିଥିଲା। ସୁସଜ୍ଜିତ ବିମାନରେ ବରପିତା ରାମଚରଣ ମିଶ୍ର ଆରୁଢ଼ ହୋଇ କନ୍ୟା ଖୋଜା ଅନ୍ୱେଷଣରେ ବାହାରିଥିଲେ। ବରପିତା ସହ ସପ୍ତଋଷୀ କାମ୍ପାଳ ହୋତା, ଅଶୋକ ମିଶ୍ର, ଚକ୍ରଧର ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର, ବିଜୟ କୁମାର ମିଶ୍ର, ଗୋଲକବିହାରୀ ମିଶ୍ର ଓ ଅମରେନ୍ଦ୍ର ପୂଜାରୀ ସାମିଲ ହୋଇଥିଲେ। ହରିବୋଲ, ହୁଳହୁଳି, ଦୁଲଦୁଲି ବାଜାରେ ପ୍ରକମ୍ପିତ ହୋଇଥିଲା ଯାତ୍ରାପଥ । ଏଥିସହ ମୟୂର ନୃତ୍ୟରେ ଶୋଭଯାତ୍ରା ଝଙ୍କୃତ ହୋଇଥିଲା। ରଙ୍ଗୀନ ଆତସବାଜିରେ ଚମକୁ ଥିଲା ଆକାଶ । ଏପରି ଭବ୍ୟ ପତରପେଡ଼ିଁ ଶୋଭାଯାତ୍ରା ସମ୍ବଲପୁର ମ୍ୟୁନିସିପାଲଟି ଛକ ନାରୀ ସେବା ସଦନ ସ୍ଥିତ ଅସ୍ଥାୟୀ କନ୍ୟାମାତା ଓ କନ୍ୟାପିତାଙ୍କ ଘରେ ପହଞ୍ଚିଥିଲା।

ସୁସଜ୍ଜିତ ଆଲୋକମାଳାରେ ଝଟକୁ ଥିଲା କନ୍ୟାବାସ ଗୃହ। ଶଙ୍ଖ ନାଦ ଓ ହୁଳହୁଳିରେ ଉଚ୍ଛୁଳି ପଡୁଥିଲା ଅଞ୍ଚଳ। ଏହାପରେ କନ୍ୟାପକ୍ଷ ପୁଷ୍ପ ବୃଷ୍ଟି କରି ପତରପେଡ଼ିଁ ଭାର ଓ ସପ୍ତଋଷି ଏବଂ ଯାତ୍ରା କମିଟି କର୍ମକର୍ତ୍ତାଙ୍କୁ ଘରକୁ ପାଛୋଟି ନେଇଥିଲେ। ପଣ୍ଡିତମାନଙ୍କ ସମବେତ ମନ୍ତ୍ର ଉଚ୍ଚାରଣରେ ବରପକ୍ଷ ଆଗମନର ଅଭିପ୍ରାୟ ବିଷୟରେ କନ୍ୟାପକ୍ଷକୁ ଅବଗତ କରିଥିଲେ। ବିବାହଯୋଗ୍ୟ ପୁତ୍ର ବାଲୁଙ୍କେଶ୍ୱରଙ୍କ ସକାଶେ ଯୋଗ୍ୟା ପାତ୍ରୀ ଥିବାର ଖବର ପାଇ ଆଗମନ କରିଛନ୍ତି ବୋଲି ମନ୍ତ୍ର ଉଚ୍ଚାରଣ ପୂର୍ବକ ସୂଚିତ କରିଥିଲେ। କନ୍ୟାପକ୍ଷ ପଣ୍ଡିତମାନେ ତତ୍‌କ୍ଷଣାତ ବର ପାତ୍ରଙ୍କ ବିଷୟରେ ସବିଶେଷ ତଥ୍ୟକୁ ନେଇ ପ୍ରଶ୍ନ ପଚାରିଥିଲେ। ମନ୍ତ୍ର, ଶ୍ଳୋକ ଆବୃତ୍ତି କରି ଦେବଦେବ ମହାଦେବଙ୍କ ମହିମା ଗୁଣଗାନ କରିଥିଲେ ଉପସ୍ଥିତ ସପ୍ତଋଷିଗଣ। ମହାଦେବଙ୍କ ସହ ଜଗତଜନନୀ ମାତା ପାର୍ବତୀଙ୍କ ବିବାହ କରିବାକୁ କନ୍ୟାପକ୍ଷ ସମ୍ମତି ଜଣାଇଥିଲେ। ବରପିତା ରାମ ପ୍ରସାଦ ମିଶ୍ର ଥାଳରେ ଥିବା ଶାଳପତ୍ର ପେଣ୍ଡା(୭୨ଟି ପତ୍ର), ବେଲ ପତ୍ର, ଫୁଲ, ଚନ୍ଦନ କନ୍ୟାମାତା ଲିପିକା ନନ୍ଦ ଓ ପିତା ପ୍ରତାପ ନନ୍ଦଙ୍କୁ ପ୍ରଦାନ କରି ବିବାହ ଚୂଡାନ୍ତ କରିଥିଲେ । ପଣ୍ଡିତ ଶଶାଙ୍କଶେଖର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ବାଲୁଙ୍କେଶ୍ୱର ମନ୍ଦିର ପୂଜକ ଲକ୍ଷ୍ୟପତି ମହାପାତ୍ର ସହଯୋଗ କରିଥିଲେ। ଯାତ୍ରାରେ ଝଣ୍ଡା, ଛତ୍ର, ବୈରଖ ଓ ଡିଜେ ମାଧ୍ୟମରେ ମହାଦେବଙ୍କ ଗୁଣ ଗାନ ହୋଇଥିଲା। ନନ୍ଦପଡା ଛକରୁ ବାହାରି ସାନ ସଡକ ଦେଇ ମ୍ୟୁନିସିପାଲିଟି ଛକରେ ପହଞ୍ଚିଥିଲା। ପତରପେଡ଼ିଁ ଶୋଭାଯାତ୍ରାକୁ ନନ୍ଦପଡା ଯାତ୍ରା କମିଟି ମୁଖ୍ୟ ସଂଯୋଜକ ଫଣୀଭୂଷଣ ମିଶ୍ର, ସଭାପତି ସମୀର ରଞ୍ଜନ ବାବୁ, ଉପସଭାପତି ପ୍ରଭୁଦତ୍ତ ପଣ୍ଡା ଓ ଆଶିଷ ବାବୁ, ସାଧାରଣ ସମ୍ପାଦକ ସୁଶ୍ରୀତ ମିଶ୍ର, ଯୁଗ୍ମସମ୍ପାଦକ ବାଳଗୋପାଳ ନନ୍ଦ ଓ ରାଜୀବ ମାଝି, କୋଷାଧ୍ୟକ୍ଷ ଭୁବନ ମୋହନ ମିଶ୍ର ଓ ସୁନୀଲ ତ୍ରିପାଠୀ, ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକୋଷାଧ୍ୟକ୍ଷ ଆଭାଶିଷ ମିଶ୍ର ଓ ରାଜା ପାଢ଼ୀ, ଗଣମାଧ୍ୟମ ସଂଯୋଜକ ବିରାଜ କୁମାର ମିଶ୍ର ଓ ମାନସ ରଥ, ଉପଦେଷ୍ଟା ସିଦ୍ଧେଶ୍ୱର ନନ୍ଦ, ନିଗମାନନ୍ଦ ମିଶ୍ର, ପ୍ରଫୁଲ୍ଲ ହୋତା, ସନ୍ତୋଷ ମିଶ୍ର, ଅମୂଲ୍ୟ କୁମାର ମିଶ୍ର, ଲଳିତ ମୋହନ ମିଶ୍ରଙ୍କ ସମେତ ସମେତ ପଡାର ମୁରବୀମାନେ ପରିଚାଳନା କରିଥିଲେ।



ସମ୍ବଲପୁର ମ୍ୟୁନିସିପାଲିଟି ନାରୀ ସେବା ସଦନଠାରେ ବରପିତାଙ୍କଠାରୁ ମଙ୍ଗଳବାର ରାତିରେ କନ୍ୟାମାତା ପିତା ଶାଳପତ୍ର ଗ୍ରହଣ କରି କନ୍ୟା ଦେବାକୁ ସଙ୍କଳ୍ପ କରୁଛନ୍ତି।

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି

ସମ୍ବଲପୁର,୨୭।୫(ପ୍ରମୋଦ ବହିଦାର)

କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଏହାକୁ ନେଇ ସମ୍ବଲପୁର ଖବରଦାତା ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ସମ୍ବଲପୁରର ଖବରଦାତାମାନେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଗ୍ରହଣ କରି ଲାଲ କହିଥିଲେ ବଲାଙ୍ଗୀରରେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଆଗକୁ ମଧ୍ୟ ଯଦି ଏଭଳି କୌଣସି ଘଟଣା ସାମନାକୁ ଆସେ ତାହେଲେ ଦୋଷୀକୁ ଆଦୌ ଛଡ଼ାଯିବ ନାହିଁ ବୋଲି ଖବରଦାତାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଅପରପକ୍ଷରେ ଖବରଦାତାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଖବରଦାତା ସୁରକ୍ଷା ଆଇନ ଲାଗୁ, ଗୋପବନ୍ଧୁ ଯୋଜନାରେ ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ମୃତ ଖବରଦାତାଙ୍କ ପରିବାରଙ୍କ ପାଇଁ ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ୪ ଲକ୍ଷରୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି, କାର୍ଯ୍ୟରତ ଖବରଦାତାଙ୍କ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଇଜିଙ୍କୁ ୧୧ଦଫା ଦାବିପତ୍ର

ଏକ ପୂର୍ଣ୍ଣାଙ୍ଗ ତାଲିକା ରାଜ୍ୟ ଗେଜେଟରେ ପ୍ରକାଶନ, ୬୦ ବର୍ଷରୁ ଉର୍ଦ୍ଧ୍ୱ ଖବରଦାତାଙ୍କୁ ପେନସନ୍ ବୀମାଭୁକ୍ତ କରିବା, ମାଓବାଦୀ ପ୍ରବଣ, ବନ୍ୟା, ବାତ୍ୟା, ଦଙ୍ଗା ଆଦି ସମ୍ବେଦନଶୀଳ ଘଟଣାର ଅନୁସନ୍ଧାନ ଓ ଖବର ସଂଗ୍ରହ ପାଇଁ ଏକ ଆଦର୍ଶ ମାର୍ଗଦର୍ଶିକା(ଏସ୍‌ଓପି) ଜାରି କରି ପ୍ରଶିକ୍ଷଣ ବ୍ୟବସ୍ଥା କରିବା, ଏକ୍ରିଡ଼ିଏସନ୍ ନିୟମ ପରିବର୍ତ୍ତନ, ଖବରଦାତାଙ୍କ ଯାତାୟତରେ ରିହାତି ଓ ଟୋଲଟେକ୍ସ ଛାଡ଼ କରିବା, ଖବରଦାତା ଆବାସ ଯୋଜନା ଲାଗୁ ଆଦି ଦାବି ଉଲ୍ଲେଖ ରହିଛି। ହିମାଂଶୁ ଶେଖର ମିଶ୍ର, ସୁକାନ୍ତ କର, ସରୋଜ ସାହୁ, ଡ. ରାଜାରାମ ଷଡ଼ଙ୍ଗୀ, ସୁଧାଂଶୁ ଶେଖର ମହାରଣା, ସୁଶାନ୍ତ ମହାପାତ୍ର, ଗୁଣମଣୀ ବିଶ୍ୱାଳ, ତୁଷାରକାନ୍ତ ଯୋଶୀ, ପ୍ରଦୀପ ନାୟକ, ରାଜେଶ ବିଭାର, ଅନୀଲ ଶ୍ରୀରାମକା, ଜିତୁ ନନ୍ଦ, ମଳୟ ଭୋଇ, ଦୁଲାଲ ରାୟ, ଗୌତମ ମିଶ୍ର, ସରୋଜ ସେଠ୍ ପ୍ରମୁଖ ଆଇଜିଙ୍କୁ ସାକ୍ଷତ କରି ଏହି ଖବରଦାତାଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ACCOUNTANT & MARKETING EXECUTIVE for Furniture & Timber, Construction Organisation, Experience on above field preferable.
Salary starts now 10000/- to 15000/-.
Call: 7064170280, 9777251369

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in
M: 9840335849

ଆବଶ୍ୟକ
ଡ୍ରାଇଭର ଓ ରୋଷେୟା ଆବଶ୍ୟକ।
ମଞ୍ଚେଶ୍ୱର, ଭୁବନେଶ୍ୱର
ଯୋଗାଯୋଗ
8249176583
9110572630

WANTED
Honest, Responsible Peon-cum-Caretaker for guest house, Salary as per experience, Free room, utilities. Must speak Hindi, English, Odia. Immediate joining in Bhubaneswar.
Send Biodata to 9438128790

ସହକାରୀ ଆବଶ୍ୟକ
ମହିଳା ବୟସ 35-50ବର୍ଷ, ଯୋଗ୍ୟତା-ଏକାଦଶ ବା +2, ପ୍ରଥମଶ୍ରେଣୀ ଓଡିଶା ଉତ୍ତମ ଦୃଷ୍ଟି ଶକ୍ତି ସଂପର୍ଣ୍ଣ ସନ୍ତାନ ସନ୍ତତି 12 ବର୍ଷରୁ ଉର୍ଦ୍ଧ୍ୱ ସର୍ବାଧିକ ତିନି ଜାତି-ସାଧାରଣ ବର୍ଗ ସେବା କାମ୍ୟ ବ୍ୟକ୍ତି 89ବର୍ଷ ରହିବା ଘର ବ୍ୟବସ୍ଥା ଅଛି । ଆଧାର କାର୍ଡ, ସ୍ୱାସ୍ଥ୍ୟ ଓ ଜାତି ପରିଚୟ ପତ୍ର ଆବଶ୍ୟକ । ପାରିଶ୍ରମିକ ସାକ୍ଷାତରେ ଯାହା ନିଶ୍ଚିତି ହେବ । ପ୍ରତ୍ୟକ୍ଷରେ ଯୋଗାଯୋଗ କରନ୍ତୁ-9438572007, କର୍ତ୍ତା- ଲିଙ୍ଗରାଜ ପାଳ, (କଲୋନୀ), ଭଞ୍ଜନଗର

REQUIREMENT
Educated & Well behaved Candidate required for a Construction Site with good communication skill. Both Field & Office Work Bhubaneswar.
Mob. - 7381207777

ଅମ୍ବିକା ସର୍ଭିସେସ୍ (ଭୁଜ୍)
ଗୁଜରାଟ ବିପୁଳ ସଂଖ୍ୟକ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେଉଛି। ଦରମା 24000+3200, ପିଏଫ୍ + ରହିବା ସୁବିଧା, 12 ଘଣ୍ଟା ଡ୍ୟୁଟି।
ଯୋଗାଯୋଗ : 9624019510, 9727054779, 7486050035, 9429927537, ନିଯୁକ୍ତି ମାଗଣା।

See Career Appointment on every Wednesday & Saturday

Display Line
WALK-IN INTERVIEW
A Bhubaneswar based leading Advertising Agency dealing in Print, Electronic & Outdoor Media requires
» Accounting Asst. (M/F) «
Qualification: Commerce Graduate with Knowledge in Tally.
Interested candidates may walk-in Interview at the following address with detail resumes & copies of testimonials on
29th & 31st May 2025 between 10.00 A.M. to 06.00 P.M.
Venue | Plot No.: A/173, Saheed Nagar, (Near Sparsh Hospital), Bhubaneswar-751007, Ph.: 0674-4041513




ମଙ୍ଗଳବାର ୧ଘଣ୍ଟାର ବର୍ଷା ପରେ ସମ୍ବଲପୁର ରେଲୱେ ଷ୍ଟେଶନ ସାମନା ରାସ୍ତା ଉପରେ ପାଣି ଜମି ହୋଇ ରହିଛି।

# ମୃତକ ପରିବାରକୁ ୨୫ ଲକ୍ଷ କ୍ଷତିପୂରଣ ଦିଅ

## ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣା

ସମ୍ବଲପୁର,୨୭।୫(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ ହେପାଜତରେ ଚୋରି ଅଭିଯୁକ୍ତ ମୋତିଝରଣ ରାଜାନଗରରର ମହମ୍ମଦ ଆଲମଗିର(୨୮)ଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କ୍ଷତିପରଣ ବାବଦକୁ ୨୫ ଲକ୍ଷ ଟଙ୍କା ଦେବାକୁ ମୋତିଝରଣ ସୁନାପାଲି ଅଞ୍ଚଳ ବାସିନ୍ଦାଙ୍କ ପକ୍ଷରୁ ଦାବି କରାଯାଇଛି। ଏନେଇ ମଙ୍ଗଳବାର ପୂର୍ବାହ୍ନରେ ସେମାନେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଲମଗିରିଙ୍କୁ କେତେକ ଆପରାଧିକ ଶ୍ରେଣୀର ବ୍ୟକ୍ତି ପିଟି ମାରି ଦେଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ଚୋରି କରୁଥିବା ଅଭିଯୋଗରେ ଆଲମଗିରିଙ୍କୁ କେତେକ ବ୍ୟକ୍ତି ଅମାନୁଷିକଭାବେ ମାଡ଼ ମାରି ଧନୁପାଲି ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ତେନେ ଆଲମଗିରି ଚୋରିରେ ସମ୍ପୃକ୍ତ ନେଇ କୌଣିସ ପ୍ରତ୍ୟକ୍ଷଦର୍ଶୀ ଅଥବା ସିସିଟିଭି ଫୁଟେଜ ନାହିଁ। ଏପରିକି ପୋଲିସ ମଧ୍ୟ ତାଙ୍କ ଘର ଯାଞ୍ଚ କରି କୌଣସି ଚୋରି ସାମଗ୍ରୀ ପାଇ ନ ଥିଲା। ଅପରପକ୍ଷରେ ତାଙ୍କ ମୃତ୍ୟୁ ପରେ ଉକ୍ତ ବ୍ୟକ୍ତିମାନେ ଆଲମଗିରିଙ୍କ ପରିବାରଙ୍କୁ ଥାନାରେ ଅଭିଯୋଗ ନ କରିବାକୁ ବିଭିନ୍ନ ପ୍ରକାର ପ୍ରଲୋଭନ ସହ ଧମକ ଚମକ୍ ମଧ୍ୟ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଉକ୍ତ ଅପରାଧି ଗୋଷ୍ଠୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରି ନିରପେକ୍ଷ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ସେମାନେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ମଧ୍ୟ ଭେଟିଥିଲେ।

**ଜିଲାପାଳଙ୍କୁ ଫେରାଦ ମୋତିଝରଣ ସୁନାପାଲି ବାସିନ୍ଦା**

# ଯାତ୍ରୀବାହୀ ଟ୍ରେନ୍‌କୁ ପୁଣି ପଥର ମାଡ଼, ୩ ଗିରଫ

ସମ୍ବଲପୁର,୨୭।୫(ପ୍ରମୋଦ ବହିଦାର)

ଯାତ୍ରୀବାହୀ ଟ୍ରେନ୍‌କୁ ପୁଣିଥରେ ପଥର ମାଡ଼ ହୋଇଛି। ଏଥିରେ କେହି ଆଘାତପ୍ରାପ୍ତ ହୋଇନାହାନ୍ତି। ଏ ସଂକ୍ରାନ୍ତରେ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ପକ୍ଷରୁ ମଙ୍ଗଳବାର ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ତାଳଭଟାପଡ଼ାର ସୁମନ୍ତ ସୁନା(୨୪), ରୋହିତ ଗୌଡ଼(୨୭) ଓ ରାଜ ଛତ୍ରିଆ(୧୮)। ଆର୍‌ପିଏଫ୍ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତ ମେ ୨୫ ତାରିଖ ବିଳମ୍ବିତ ରାତିରେ ସମ୍ବଲପୁର ଆଉଟର୍‌ରେ ଛିଡ଼ା ହୋଇ ସିଗ୍‌ନାଲ ପାଇଁ ଅପେକ୍ଷା କରିଥିବା ବେଳେ ଟ୍ରେନ୍ ନମ୍ବର ୧୩୩୫୨ ଆଲେପି-ଧାନବାଦ ଏକ୍ସପ୍ରେସ୍ ଉପରେ ପଥର ମାଡ଼ ହୋଇଥିଲା। ଫଳରେ ଟ୍ରେନ୍‌ର ଗୋଟିଏ ବଗିର କାଚ ଭାଙ୍ଗି ଯାଇଥିଲା। ସୌଭାଗ୍ୟବଶତଃ ଏହାଦ୍ୱାରା କେହି ଆହତ ହୋଇ ନ ଥିଲେ। ଖବର ପାଇ ଆର୍‌ପିଏଫ୍ ବାହିନୀ ଉକ୍ତ ଅଞ୍ଚଳରେ ଖୋଜାଖୋଜି କରି ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ୩ ଜଣଙ୍କୁ ସୋମବାର ରାତିରେ ଧରିଥିଲା। ସେମାନଙ୍କୁ ଆର୍‌ପିଏଫ୍ ଥାନାକୁ ଆଣି ପଚରାଉଚରା ପରେ ଦୋଷ ସ୍ୱୀକାର କରିଥିଲେ। ଆର୍‌ପିଏଫ୍ ଥାନାରେ ଦଫା ୧୫୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଏକ ମାମଲା(ନଂ. ୬୪୦/୨୫) ରୁଜୁ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଅନୁରୂପଭାବେ ୧୦ଦିନ ତଳେ ଗତ ୧୭ତାରିଖ ସକାଳେ ଟ୍ରେନ ନଂ ୧୮୪୫୧ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସକୁ ସମ୍ବଲପୁର ବୃନ୍ଦାମାଳ ଷ୍ଟେଶନ ନିକଟରେ ପଥର ମାଡ ହୋଇଥିଲା। ଏକ ଏସ୍‌ସି ବଗିର କାଚ ଭାଙ୍ଗିଯାଇଥିଲା। ହେଲେ ଏଥିରେ କୌଣସି ଯାତ୍ରୀଙ୍କର କିଛି କ୍ଷୟକ୍ଷତି ହୋଇ ନ ଥିଲା।

RECRUITMENT
ZENITH ENGINEERING & MANAGEMENT STUDIES
Approved by AICTE, New Delhi, Affiliated to BPUT, Odisha
1. Principal : (Ph.D with 5-10 Year's Experience)
2. Professor / Asso. Prof. / Asst. Prof : PhD / M.Tech in Civil, EE, Mech., CSE, Mining with (0-5 years experience)
3. Lab Assistant : Civil, EE, Mech, CSE, Mining (B.Tech with 0-3 years experience)
4. Administrative Officer : Graduate & above with 3 years minimum experience in Educational field.
5. Placement Officers / Librarian & Accountant : Minimum 0-3 years experience in respective field.
Eligible candidates are requested to send their updated resume through the E-mail ID : zemsbbsr@gmail.com within 7days from the date of publication of the advertisement. You can also send through whatsapp
NH-16, Pitapalli, Khordha, 752057
Contact / WhatsApp : 8908018083

# ଯାତ୍ରୀବାହୀ ଟ୍ରେନ୍‌କୁ ପୁଣି ପଥର ମାଡ଼, ୩ ଗିରଫ

**ସମ୍ବଲପୁର,୨୭।୫(ପ୍ରମୋଦ ବହିଦାର)**

ଯାତ୍ରୀବାହୀ ଟ୍ରେନ୍‌କୁ ପୁଣିଥରେ ପଥର ମାଡ଼ ହୋଇଛି। ଏଥିରେ କେହି ଆଘାତପ୍ରାପ୍ତ ହୋଇନାହାନ୍ତି। ଏ ସଂକ୍ରାନ୍ତରେ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ପକ୍ଷରୁ ମଙ୍ଗଳବାର ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ତାଲଭଟାପଡ଼ାର ସୁମନ୍ତ ସୁନା(୨୪), ରୋହିତ ଗୌଡ଼(୨୭) ଓ ରାଜ ଛତ୍ରିଆ(୧୮)। ଆର୍‌ପିଏଫ୍ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତ ମେ ୨୫ ତାରିଖ ବିଳମ୍ବିତ ରାତିରେ ସମ୍ବଲପୁର ଆଉଟର୍‌ରେ ଛିଡ଼ା ହୋଇ ସିଗ୍‌ନାଲ ପାଇଁ ଅପେକ୍ଷା କରିଥିବା ବେଳେ ଟ୍ରେନ୍ ନମ୍ବର ୧୩୩୫୨ ଆଲେପି-ଧାନବାଦ ଏକ୍ସପ୍ରେସ୍ ଉପରେ ପଥର ମାଡ଼ ହୋଇଥିଲା। ଫଳରେ ଟ୍ରେନ୍‌ର ଗୋଟିଏ ବଗିର କାଚ ଭାଙ୍ଗି ଯାଇଥିଲା। ସୌଭାଗ୍ୟବଶତଃ ଏହାଦ୍ୱାରା କେହି ଆହତ ହୋଇ ନ ଥିଲେ। ଖବର ପାଇ ଆର୍‌ପିଏଫ୍ ବାହିନୀ ଉକ୍ତ ଅଞ୍ଚଳରେ ଖୋଜାଖୋଜି କରି ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ୩ ଜଣଙ୍କୁ ସୋମବାର ରାତିରେ ଧରିଥିଲା। ସେମାନଙ୍କୁ ଆର୍‌ପିଏଫ୍ ଥାନାକୁ ଆଣି ପଚରାଉଚରା ପରେ ଦୋଷ ସ୍ୱୀକାର କରିଥିଲେ। ଆର୍‌ପିଏଫ୍ ଥାନାରେ ଦଫା ୧୫୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଏକ ମାମଲା(ନଂ. ୬୪୦/୨୫) ରୁଜୁ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଅନୁରୂପଭାବେ ୧୦ଦିନ ତଳେ ଗତ ୧୭ତାରିଖ ସକାଳେ ଟ୍ରେନ ନଂ ୧୮୪୫୧ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସକୁ ସମ୍ବଲପୁର ବୃନ୍ଦାମାଲ ଷ୍ଟେଶନ ନିକଟରେ ପଥର ମାଡ ହୋଇଥିଲା। ଏକ ଏସ୍‌ସି ବଗିର କାଚ ଭାଙ୍ଗିଯାଇଥିଲା। ହେଲେ ଏଥିରେ କୌଣସି ଯାତ୍ରୀଙ୍କର କିଛି କ୍ଷୟକ୍ଷତି ହୋଇ ନ ଥିଲା।

# ଚଞ୍ଚକତା କରି ଜମି ରେଜିଷ୍ଟ୍ରେଶନ ଅଭିଯୋଗ

**ଭବାନୀପାଟଣା,୨୭।୫(ଉତ୍ତମ କୁମାର ଦାଶ)**

- ଜୟପାଟଣା ସବ୍‌ରେଜିଷ୍ଟ୍ରାର ଅଫିସରେ ପାର୍ଟ ପ୍ଲଟ ରେଜିଷ୍ଟ୍ରେଶନ
- ଘରକୁ ଖାଲି ଜାଗା ଦର୍ଶାଇ ରେଜିଷ୍ଟ୍ରେଶନ, ତଦନ୍ତ ଦାବି

ରାଜ୍ୟ ସରକାର ସମଗ୍ର ରାଜ୍ୟରେ ପାର୍ଟ ପ୍ଲଟ ରେଜିଷ୍ଟ୍ରେଶନ ବେନିୟମ ଘୋଷଣା କରିଥିବା ବେଳେ କଳାହାଣ୍ଡି ଜିଲା ଜୟପାଟଣା ସବ୍‌ରେଜିଷ୍ଟ୍ରାର ଅଫିସରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଜମିରେ ଘର ଥିବାବେଳେ ଏହାକୁ ଖାଲି ଜାଗା ଦର୍ଶାଇ ଚଞ୍ଚକତା କରି ରେଜିଷ୍ଟ୍ରେଶନ କରାଯାଇଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲା ଜୟପାଟଣା ମୌଜାର ଖାତା ନମ୍ବର ୨୫୫/୫୩୩ର ପ୍ଲଟ ନମ୍ବର ୩୨୯/୩୬୧୪ରେ ୧ ଏକର ୨୬ ଡ଼େସିମିଲରୁ ୯୦ ଡେସିମିଲ, ପ୍ଲଟ ନମ୍ବର ୩୩୧ରେ ୪ ଡ଼େସିମିଲ, ପ୍ଲଟ ନମ୍ବର ୩୩୨ରେ ୬ ଡ଼େସିମିଲ, ପ୍ଲଟ ନମ୍ବର ୩୨୯ରେ ୧ଏକର ପାର୍ଟ ପ୍ଲଟ ରେଜିଷ୍ଟ୍ରେଶନ ହୋଇଛି। ଗତ ଫେବୃଆରୀ ୨୮ରେ ଜୟପାଟଣା ସବ୍‌ରେଜିଷ୍ଟ୍ରାର ଅଫିସରେ ରଞ୍ଜନ କୁମାର ଦାସ, ମମତା ମହାନ୍ତି ଓ ବନିତା ଦାସ କୋକସରାର ବିକ୍ରମ କୁମାର ଗୁପ୍ତାଙ୍କୁ ସମୁଦାୟ ୨ଏକର ଜାଗା ବିକ୍ରି କରିଥିଲେ। ପ୍ଲଟ ନମ୍ବର ୩୩୧ରେ ୪ ଡ଼େସିମିଲ ଓ ପ୍ଲଟ ନମ୍ବର ୩୩୨ରେ ୬ ଡ଼େସିମିଲରେ ଆଦୌ ଘର ନ ଥିବା ଦର୍ଶାଇ ରେଜିଷ୍ଟ୍ରେଶନ ହୋଇଛି। ଚଞ୍ଚକତା କରି ଏଭଳି କରାଯାଇଛି। ବର୍ତ୍ତମାନ ଜେସିବି ଲଗାଇ ଘର ଭାଙ୍ଗିବାକୁ ଯାଇଥିବା ବେଳେ ଏହାର ତୀବ୍ର ବିରୋଧ କରି ଜୟପାଟଣା ଥାନାରେ ଅଭିଯୋଗ କରାଯାଇଛି। ଏହାକୁ ନେଇ ଜୟପାଟଣା ଥାନାରେ ଏକ ମାମଲା (ନଂ.୧୧୨/୨୫) ରୁଜୁ ହୋଇ ତଦନ୍ତ ଚାଲିଛି। ଗୋଟିଏ ପଟେ ପାର୍ଟ ପ୍ଲଟ ରେଜିଷ୍ଟ୍ରେଶନ ଓ ଅନ୍ୟପଟେ ଘର ଥାଇ ଖାଲି ଜାଗା ଥିବା ଦର୍ଶାଇ ରେଜିଷ୍ଟ୍ରେଶନ ହୋଇଥିବା ଘଟଣା ତଦନ୍ତ ସାପେକ୍ଷ। ଏହି ପ୍ଲଟ ଉପରେ କୋର୍ଟରେ ମାମଲା ଥିବାବେଳେ ତରବରିଆ ଭାବେ ରେଜିଷ୍ଟ୍ରେଶନ ନେଇ ତହସିଲର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜୟପାଟଣା ତହସିଲଦାର ରଘୁନାଥ ମୁଣ୍ଡାରୀଙ୍କୁ ପ୍ରତିକ୍ରିୟା ନିଆଯିବାରୁ ସହରାଞ୍ଚଳରେ ପାର୍ଟ ପ୍ଲଟ ରେଜିଷ୍ଟ୍ରେଶନ ବନ୍ଦ ଅଛି। କିନ୍ତୁ ଜୟପାଟଣା ଗ୍ରାମାଞ୍ଚଳ ହୋଇଥିବା ଯୋଗୁ ଏଥିରେ କୌଣସି ଅସୁବିଧା ନାହିଁ। ରାଜସ୍ୱ ନିରୀକ୍ଷକଙ୍କ ଖାଲି ଜାଗା ଥିବା ରିପୋର୍ଟକୁ ଆଧାର କରି ରେଜିଷ୍ଟ୍ରେଶନ ହୋଇଛି। କୋର୍ଟରେ ମାମଲା ଥିବା ନେଇ ଆମ ପାଖରେ କୌଣସି ସୂଚନା ନାହିଁ ବୋଲି କହିଥିଲେ।

# ପ୍ରଦୀପ ବହିଦାର ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

**ଲାଞ୍ଜିଗଡ଼,୨୭।୫(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଛତ୍ରପୁର ପଞ୍ଚାୟତ ମୋହନଗୁଡା ଖେଳପଡିଆଠାରେ ପ୍ରଦୀପ କୁମାର ବହିଦାର ମେମୋରିଆଲ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସୁପୁତ୍ର ଭୈରବ ବହିଦାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଜଗନ୍ନାଥପୁର ଓ ଚଣାଳିମା ମଧ୍ୟରେ ହୋଇଥିଲା। ଜଗନ୍ନାଥପୁର ଦଳ ପ୍ରଥମେ ବ୍ୟାଟିଂକରି ୧୨ ଓଭରରେ ୯ ଉଇକେଟ ବିନିମୟରେ ୬୫ ରନ ସଂଗ୍ରହ କରିଥିଲା। ଜବାବରେ ଚଣାଳିମା ଦଳ ୧୨ ଓଭରରେ ୮ ଉଇକେଟ ବିନିମୟରେ ୫୧ ରନ କରି ପରାଜିତ ହୋଇଥିଲା। ଶରତ ମାଝୀ ଓ ପ୍ରଫୁଲ୍ଲ ମାଝୀ ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ ମୁଖ୍ୟ ଅତିଥି ଓ ଛତ୍ରପୁର ସରପଞ୍ଚ ସୁଷମା ମାଝୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୨୮ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିବା ବେଳେ ଆସନ୍ତା ଜୁନ ୧୦ରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କ୍ରିକେଟ କମିଟି ପକ୍ଷରୁ ସୂଚନା ମିଳିଛି।

**ପ୍ରଥମ ମ୍ୟାଚ୍‌ରେ ଜଗନ୍ନାଥପୁର ବିଜୟୀ**

# ଜୋରାଡ଼ବରାରେ ଧାନମଣ୍ଡି ଉଦ୍‌ଘାଟିତ



ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

**କର୍ଲାମୁଣ୍ଡା,୨୭।୫(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ଜୋରାଡ଼ବରା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ମଙ୍ଗଳବାର ଜୋରାଡ଼ବରାଠାରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି ଓ ସମବାୟ ସମିତି ସଭାପତି ଦେବରାଜ ରଣା, ଏଆର୍‌ସିଏସ୍ ମଧୁସୂଦନ ମେହେର, ମ. ରାମପୁର ଶାଖା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳକ ମନୋରଞ୍ଜନ ଚାନ୍ଦ, ରାଜସ୍ୱ ନିରୀକ୍ଷକ ସଚିନ ମହଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ସମିତି ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁମନ୍ତ ସାହୁ, ଡିଇଓ ସଞ୍ଜୟ ସାହୁ, ଆର୍‌ଏମ୍‌ସି କର୍ମଚାରୀ ଜଗନ୍ନାଥ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ୩୮୩ ଜଣ ଚାଷୀଙ୍କ ୧୮ ହଜାର ୮ ଶହ କୁଇଣ୍ଟାଲ ଧାନ କ୍ରୟ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

# ବ୍ଲକସ୍ତରୀୟ ଶିକ୍ଷକ ସଂଘ କମିଟି ଗଠିତ

**ନୂଆପଡ଼ା,୨୭।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଏକ ବୈଠକ କରାଯାଇ କୋମନା ବ୍ଲକସ୍ତରୀୟ ନୂତନ ଶିକ୍ଷକ ସଂଘ କମିଟି ଗଠନ କରାଯାଇଛି। ବରିଷ୍ଠ ଶିକ୍ଷକ ଗୌରାଙ୍ଗ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ପରସ ରାମ ଅହିର ଓ ସାଧାରଣ ସମ୍ପାଦକ ଭୋଜରାଜ ସାହୁ ଚୟନ ହୋଇଛନ୍ତି। ସେହିପରି ଉପସଭାପତି ଜଗମୋହନ ମାଝୀ, ସହ ସମ୍ପାଦକ ସାର କୁମାର ପାଣ୍ଡେ, କୋଷାଧ୍ୟକ୍ଷ ସୁନିଲ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ମୁକୁନ୍ଦ ଦେବ ଚିନାଗୁନ, ଉପଦେଷ୍ଟା କମିଟି ସଦସ୍ୟ ଭୋଜରାମ ଅହିର, ଗୌରାଙ୍ଗ ସାହୁ, ଗେନ୍ଦରାମ ନାଏକ, ବୃଷଭ କେତନ ଅଗସ୍ତି, ଲକ୍ଷ୍ମୀ ସ୍ୱାଇଁ, ପଞ୍ଚମୀ ତାଣ୍ଡି, ମିଡିଆ ପ୍ରଭାରୀ ଭାବରେ ହିମାଂଶୁ ବିଶାଳ ମନୋନୀତ ହୋଇଛନ୍ତି। ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଉପସ୍ଥିତ ଶିକ୍ଷକମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ

**ସମ୍ବଲପୁର,୨୭।୫(ବି.ଶଙ୍କର)**

ସମ୍ବଲପୁରସ୍ଥିତ ନନ୍ଦପଡା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ (ନିର୍ବନ୍ଧ) ରୀତିନୀତି ଓ ପରମ୍ପରାନୁସାରେ ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଛି। ଏଥିସହ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଶୁଭାରମ୍ଭ ହୋଇଛି। ଘଣ୍ଟ, ଶଙ୍ଖ ଧ୍ୱନି, ଶିବସ୍ତୁତି ମନ୍ତ୍ରରେ ସକାଳେ ଓ ସନ୍ଧ୍ୟାରେ ବାଲୁଙ୍କେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥଲା। ରାତି ୮ଟାରେ ପାରମ୍ପରିକ ପତରପେଡ଼ିଁ ଶୋଭାଯାତ୍ରା ନନ୍ଦପଡା ମନ୍ଦିରରୁ ବାହାରିଥିଲା। ସୁସଜ୍ଜିତ ବିମାନରେ ବରପିତା ରାମଚରଣ ମିଶ୍ର ଆରୁଢ଼ ହୋଇ କନ୍ୟା ଖୋଜା ଅନ୍ୱେଷଣରେ ବାହାରିଥିଲେ। ବରପିତା ସହ ସପ୍ତରଷୀ କାମ୍ପାଳ ହୋତା, ଅଶୋକ ମିଶ୍ର, ଚକ୍ରଧର ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର, ବିଜୟ କୁମାର ମିଶ୍ର, ଗୋଲକବିହାରୀ ମିଶ୍ର ଓ ଅମରେନ୍ଦ୍ର ପୁଜାରୀ ସାମିଲ ହୋଇଥିଲେ। ହରିବୋଲ, ହୁଳହୁଳି, ଦୁଲଦୁଲି ବାଜାରେ ପ୍ରକମ୍ପିତ ହୋଇଥିଲା ଯାତ୍ରାପଥ। ଏଥିସହ ମୟୂର ନୃତ୍ୟରେ ଶୋଭାଯାତ୍ରା ଝଙ୍କୃତ ହୋଇଥିଲା। ରଙ୍ଗୀନ ଆତସବାଜିରେ ଚମକୁ ଥିଲା ଆକାଶ। ଏପରି ଭବ୍ୟ ଯାତ୍ରା ପତରପେଡ଼ିଁ ଶୋଭାଯାତ୍ରା ରାତ୍ରିରେ ସମ୍ବଲପୁର ମ୍ୟୁନିସିପାଲଟି ଛକ ନାରୀ ସେବା ସଦନ ସ୍ଥିତ ଅସ୍ଥାୟୀ କନ୍ୟାମାତା ଓ କନ୍ୟାପିତାଙ୍କ ଘରେ ପହଞ୍ଚିଥିଲା।

ସୁସଜ୍ଜିତ ଆଲୋକମାଳାରେ ଝଟକୁ ଥିଲା କନ୍ୟାବାସ ଗୃହ। ଶଙ୍ଖ ନାଦ ଓ ହୁଳହୁଳିରେ ଉଚ୍ଛୁଳି ପଡୁଥିଲା ଅଞ୍ଚଳ। ଏହାପରେ କନ୍ୟାପକ୍ଷ ପୁଷ୍ପ ବୃଷ୍ଟି କରି ପତରପେଡ଼ିଁ ଭାର ଓ ସପ୍ତରଷି ଏବଂ ଯାତ୍ରା କମିଟି କର୍ମକର୍ତ୍ତାଙ୍କୁ ଘରକୁ ପାଛୋଟି ନେଇଥିଲେ। ପଣ୍ଡିତମାନଙ୍କ ସମବେତ ମନ୍ତ୍ର ଉଚ୍ଚାରଣରେ ବରପକ୍ଷ ଆଗମନର ଅଭିପ୍ରାୟ ବିଷୟରେ କନ୍ୟାପକ୍ଷକୁ ଅବଗତ କରିଥିଲେ। ବିବାହଯୋଗ୍ୟ ପୁତ୍ର ବାଲୁଙ୍କେଶ୍ୱରଙ୍କ ସକାଶେ ଯୋଗ୍ୟା ପାତ୍ରୀ ଥିବାର ଖବର ପାଇ ଆଗମନ କରିଛନ୍ତି ବୋଲି ମନ୍ତ୍ର ଉଚ୍ଚାରଣ ପୂର୍ବକ ସୂଚିତ କରିଥିଲେ। କନ୍ୟାପକ୍ଷ ପଣ୍ଡିତମାନେ ତତ୍‌କ୍ଷଣାତ ବର ପାତ୍ରଙ୍କ ବିଷୟରେ ସବିଶେଷ ତଥ୍ୟକୁ ନେଇ ପ୍ରଶ୍ନ ପଚାରିଥିଲେ। ମନ୍ତ୍ର, ଶ୍ଳୋକ ଆବୃତ୍ତି କରି ଦେବଦେବ ମହାଦେବଙ୍କ ମହିମା ଗୁଣଗାନ କରିଥିଲେ ଉପସ୍ଥିତ ସପ୍ତରଷିଗଣ। ମହାଦେବଙ୍କ ସହ ଜଗତଜନନୀ ମାତା ପାର୍ବତୀଙ୍କ ବିବାହ କରିବାକୁ କନ୍ୟାପକ୍ଷ ସମ୍ମତି ଜଣାଇଥିଲେ। ବରପିତା ରାମ ପ୍ରସାଦ ମିଶ୍ର ଥାଳରେ ଥିବା ଶାଳପତ୍ର ପେଣ୍ଡା(୭୨ଟି ପତ୍ର), ବେଲ ପତ୍ର, ଫୁଲ, ଚନ୍ଦନ କନ୍ୟାମାତା ଲିପିକା ନନ୍ଦ ଓ ପିତା ପ୍ରତାପ ନନ୍ଦଙ୍କୁ ପ୍ରଦାନ କରି ବିବାହ ଚୁଡାନ୍ତ କରିଥିଲେ। ପଣ୍ଡିତ ଶଶାଙ୍କଶେଖର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ବାଲୁଙ୍କେଶ୍ୱର ମନ୍ଦିର ପୂଜକ ଲକ୍ଷ୍ୟପତି ମହାପାତ୍ର ସହଯୋଗ କରିଥିଲେ। ଯାତ୍ରାରେ ଝଣ୍ଡା, ଛତ୍ର, ବୈରଖ ଓ ଡିଜେ ମାଧ୍ୟମରେ ମହାଦେବଙ୍କ ଗୁଣ ଗାନ ହୋଇଥିଲା। ନନ୍ଦପଡା ଛକରୁ ବାହାରି ସାନ ସଡକ ଦେଇ ମ୍ୟୁନିସିପାଲିଟି ଛକରେ ପହଞ୍ଚି ଥିଲା। ପତରପେଡ଼ିଁ ଶୋଭାଯାତ୍ରାକୁ ନନ୍ଦପଡା ଯାତ୍ରା କମିଟି ମୁଖ୍ୟ ସଂଯୋଜକ ଫଣୀଭୂଷଣ ମିଶ୍ର, ସଭାପତି ସମୀର ରଞ୍ଜନ ବାବୁ, ଉପସଭାପତି ପ୍ରଭୁଦତ୍ତ ପଣ୍ଡା ଓ ଆଶିଷ ବାବୁ, ସାଧାରଣ ସମ୍ପାଦକ ସୁଶ୍ରୀତ ମିଶ୍ର, ଯୁଗ୍ମସମ୍ପାଦକ ବାଲଗୋପାଳ ନନ୍ଦ ଓ ରାଜୀବ ମାଝି, କୋଷାଧ୍ୟକ୍ଷ ଭୁବନ ମୋହନ ମିଶ୍ର ଓ ସୁନୀଲ ତ୍ରିପାଠୀ, ସହକୋଷାଧ୍ୟକ୍ଷ ଆଭାଶିଷ ମିଶ୍ର ଓ ରାଜା ପାଢ଼ୀ, ଗଣମାଧ୍ୟମ ସଂଯୋଜକ ବିରାଜ କୁମାର ମିଶ୍ର ଓ ମାନସ ରଥ, ଉପଦେଷ୍ଟା ସିଦ୍ଧେଶ୍ୱର ନନ୍ଦ, ନିଗମାନନ୍ଦ ମିଶ୍ର, ପ୍ରଫୁଲ୍ଲ ହୋତା, ସନ୍ତୋଷ ମିଶ୍ର, ଅମୂଲ୍ୟ କୁମାର ମିଶ୍ର, ଲଳିତ ମୋହନ ମିଶ୍ର, ବିଚିତ୍ରାନନ୍ଦ ମିଶ୍ର ଓ ଶିବ ମିଶ୍ରଙ୍କ ସମେତ ସମେତ ପଡାର ମୁରବୀମାନେ ଶୋଭାଯାତ୍ରା ପରିଚାଳନା କରିଥିଲେ।

**ପ୍ରସିଦ୍ଧ ଶୀତଳଷଷ୍ଠୀ ଶୁଭାରମ୍ଭ**

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ACCOUNTANT & MARKETING EXECUTIVE for Furniture & Timber, Construction Organisation, Experience on above field preferable.
Salary starts now 10000/- to 15000/-.
Call: 7064170280, 9777251369

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking
4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in
M: 9840335849

ଆବଶ୍ୟକ
ଡ୍ରାଇଭର ଓ ରୋଷେୟା ଆବଶ୍ୟକ। ମଞ୍ଚେଶ୍ୱର, ଭୁବନେଶ୍ୱର
ଯୋଗାଯୋଗ
8249176583
9110572630

WANTED
Honest, Responsible Peon-cum-Caretaker for guest house, Salary as per experience, Free room, utilities. Must speak Hindi, English, Odia. Immediate joining in Bhubaneswar.
Send Biodata to 9438128790

ସହକାରୀ ଆବଶ୍ୟକ
ମହିଳା ବୟସ 35-50ବର୍ଷ, ଯୋଗ୍ୟତା-ଏକାଦଶ ବା +2, ପ୍ରଥମଶ୍ରେଣୀ ଓଡିଶା ଉତ୍ତମ ଦୃଷ୍ଟି ଶକ୍ତି ସମ୍ପର୍ଣ୍ଣ ସନ୍ତାନ ସନ୍ତତି 12 ବର୍ଷରୁ ଉର୍ଦ୍ଧ୍ୱ ସର୍ବାଧିକ ତିନି ଜାତି-ସାଧାରଣ ବର୍ଗ ସେବା କାମ୍ୟ ବ୍ୟକ୍ତି 89ବର୍ଷ ରହିବା ଘର ବ୍ୟବସ୍ଥା ଅଛି। ଆଧାର କାର୍ଡ, ସ୍ୱାସ୍ଥ୍ୟ ଓ ଜାତି ପରିଚୟ ପତ୍ର ଆବଶ୍ୟକ। ପାରିଶ୍ରମିକ ସାକ୍ଷାତରେ ଯାହା ନିଷ୍ପତି ହେବ। ପ୍ରତ୍ୟକ୍ଷରେ ଯୋଗାଯୋଗ କରନ୍ତୁ-9438572007, କର୍ତ୍ତା- ଲିଙ୍ଗରାଜ ପାଳ, (କଲୋନୀ), ଭଞ୍ଜନଗର

REQUIREMENT
Educated & Well behaved Candidate required for a Construction Site with good communication skill. Both Field & Office Work Bhubaneswar.
Mob. - 7381207777

ଅମ୍ବିକା ସର୍ଭିସେସ୍ (ଭୁଜ୍)
ଗୁଜରାଟ ବିପୁଳ ସଂଖ୍ୟକ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେଉଛି। ଦରମା 24000+3200, ପିଏଫ୍ + ରହିବା ସୁବିଧା, 12 ଘଣ୍ଟା ଡ୍ୟୁଟି।
ଯୋଗାଯୋଗ : 9624019510, 9727054779, 7486050035, 9429927537, ନିଯୁକ୍ତି ମାଗଣା।

See Career Appointment on every Wednesday & Saturday

GURUDEV SRI RAMCHANDRA SCIENCE HIGHER SECONDARY SCHOOL
(GDSR +2 SCIENCE & ARTS COLLEGE)
ADMISSION OPEN SESSION : 2025-26
SISAKHAL, BLOCK- KARLAMUNDA, DIST-KALAHANDI
COURSES FOR SCIENCE
Compulsory
1. M.I.L (ODIA)
2. ENGLISH
Optionals
1.PHYSICS
2. CHEMISTRY
3. MATHEMATICS
4. BOTANY
5. ZOOLOGY
6. INFORMATION TECHNOLOGY(I.T.)
COURSES FOR ARTS
Compulsory
1. M.I.L (ODIA)
2. ENGLISH
Optionals
1. GEOGRAPHY
2. EDUCATION
3. ECONOMICS
4. POLITICAL SCIENCE
6. INFORMATION TECHNOLOGY(I.T)
7. ODIA (OPT.)
RESULTS FOR SCIENCE STREAM OF THE YEAR 2024 -25
APPEARED : 62 STUDENTS
PASS OUT : 100%
1ST DIVISION - 35 STUDENTS
2ND DIVISION - 27 STUDENTS
TOP 10 STUDENTS
RSPAN DAN MARK - 507
SUMIT KUMBHAR MARK - 507
RAHUL KUMAR MARK - 486
PIYUSH BAG MARK - 482
SIMANTINEE BHOI MARK - 468
JAYANTA BHOI MARK - 465
PRANGYAMAITRI NAG MARK - 446
CHESTITAPRANGYA SAHU MARK - 437
SOBHIT NAG MARK - 432
NIKITA PADHAN MARK - 430
Interested Students can apply for Both +2 Science & +2 Arts For the Year :2025-26
Hostel & Day Scholar Facilities Available
Contact No - 9178212804, 6370191558

Display Line
WALK-IN INTERVIEW
A Bhubaneswar based leading Advertising Agency dealing in Print, Electronic & Outdoor Media requires
» Accounting Asst. (M/F) «
Qualification: Commerce Graduate with Knowledge in Tally.
Interested candidates may walk-in Interview at the following address with detail resumes & copies of testimonials on
29th & 31st May 2025 between 10.00 A.M. to 06.00 P.M.
Venue | Plot No.: A/173, Saheed Nagar, (Near Sparsh Hospital), Bhubaneswar-751007, Ph.: 0674-4041513

RECRUITMENT
ZENITH ENGINEERING & MANAGEMENT STUDIES
Approved by AICTE, New Delhi, Affiliated to BPUT, Odisha
1. Principal : (Ph.D with 5-10 Year's Experience)
2. Professor / Asso. Prof. / Asst. Prof : PhD / M.Tech in Civil, EE, Mech., CSE, Mining with (0-5 years experience)
3. Lab Assistant : Civil, EE, Mech, CSE, Mining (B.Tech with 0-3 years experience)
4. Administrative Officer : Graduate & above with 3 years minimum experience in Educational field.
5. Placement Officers / Librarian & Accountant : Minimum 0-3 years experience in respective field.
Eligible candidates are requested to send their updated resume through the E-mail ID : zemsbbsr@gmail.com within 7days from the date of publication of the advertisement. You can also send through whatsapp
NH-16, Pitapalli, Khordha, 752057
Contact / WhatsApp : 8908018083

## ସଂକ୍ଷେପରେ

### ଟିଟିଲାଗଡ଼ ସହରରେ ଖୁଚୁରା ମୁଦ୍ରାର ଘୋର ଅଭାବ

ଟିଟିଲାଗଡ଼,୨୭।୫(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ଓ ଏହାର ଆଖପାଖ ଅଞ୍ଚଳରେ ଖୁଚୁରା ମୁଦ୍ରାର ଅଭାବ ଦେଖାଯାଉଛି । ସହରରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ତେଜରାତି ଦୋକାନ, ହୋଟେଲ, ଜଳଖିଆ, ଚାହା କଫି ଦୋକାନ, ଔଷଧ ଦୋକାନ, ପନିପରିବା ଦୋକାନ ଓ ଲଣ୍ଡ୍ରି ଦୋକାନଗୁଡିକରେ ଦୈନିକ କାରବାର ସମୟରେ ପାଞ୍ଚ ଟଙ୍କିଆ, ଦଶ ଟଙ୍କିଆ, କୋଡ଼ିଏ ଟଙ୍କିଆ ମୁଦ୍ରା କିମ୍ବା ନୋଟ ଅଧିକାଂଶ ସମୟରେ ମିଳୁନାହିଁ । ଫଳରେ ନେଣ ଦେଣ ସମୟରେ ଗ୍ରାହକ ଓ ଦୋକାନୀମାନଙ୍କ ଭିତରେ ଏହାକୁ ନେଇ ବଚସା ହେବା ସହ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏଣୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଟିଟିଲାଗଡ଼ ଅଞ୍ଚଳରେ ଥିବା ସମସ୍ତ ରାଷ୍ଟ୍ରାୟତ ତଥା ବ୍ୟବସାୟିକ ବ୍ୟାଙ୍କ ଗୁଡିକୁ ପର୍ଯ୍ୟାପ୍ତ ପରିମାଣର ଖୁଚୁରା ମୁଦ୍ରା ତଥା ନୋଟ ଯୋଗାଇ ଦେବା ପାଇଁ ବ୍ୟବସାୟୀ ମହଲରେ ଦାବି ହେଉଛି ।

### ନାକ୍ ଟିମ୍‌ର ବିବରଣୀ ସଂଗ୍ରହ

**ଡିଏଭି କଲେଜ ପରିଦର୍ଶନ**

ଟିଟିଲାଗଡ଼,୨୭।୫(ଶରତ ମିଶ୍ର)

ନିକଟରେ ଟିଟିଲାଗଡ଼ ଡ଼ିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନାକ୍ ଟିମ୍ ଆଭାସୀ ଜରିଆରେ ପରିଦର୍ଶନ କରିବା ସହ ତନ୍ନ ତନ୍ନ କରି ମହାବିଦ୍ୟାଳୟର ବିବରଣୀ ସଂଗ୍ରହ କରିଛନ୍ତି । କମିଟିର ସଂଯୋଜକ ଡ. ନିଲୁ ସୁଦ, ଡ. ଟଗରଲାଲ ଖାନ, ଡ. ପଲନ୍ୟୁମେନ ପରିଦର୍ଶନ ସମୟରେ ଉକ୍ତ ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଣବ କିଶୋର ପୁରୋହିତ ସମସ୍ତ ବିବରଣୀ ପ୍ରଦାନ କରିଥିଲେ । ଆରକ୍ୟୁଏସି ସଂଯୋଜିକା ସସ୍ମିତା ପାଣିଗ୍ରାହୀ, ନାକ୍ ଟିମ୍ ସଂଯୋଜକ ଅରୁଣ ପ୍ରଧାନ, ପ୍ରଶାସନିକ ପ୍ରମୁଖ ବିଧାନ ଚନ୍ଦ୍ର ମିଶ୍ର, ସମସ୍ତ ବିଭାଗୀୟ ମୁଖ୍ୟ, ପରୀକ୍ଷା ସମୂହ ନିୟନ୍ତ୍ରକ, ଆଇସିଟି, କ୍ରୀଡା ଅଧିକାରୀ ପ୍ରଶିକ୍ଷକ, ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା, ପରିଚାଳନା କମିଟି ସଭାପତି, ସଭ୍ୟାସଭ୍ୟ, ସବୁଜ ପରିବେଶ ସଞ୍ଚାଳକ, ଏନସିସି, ଏନଏସଏସ ପ୍ରମୁଖ, ଗବେଷଣା ଓ ଅନୁସୃଜନ ଦଳ, ଗ୍ରନ୍ଥାଗାରିକ, ଇଲୋକଟୋରାଲ ସାନିଟାଇଜେଶନ ଅଧିକାରୀ, ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଙ୍କ ସହ ନାକ ଟିମ୍ ବିଭିନ୍ନ ବିଷୟ ନେଇ ଆଲୋଚନା କରି ପଚାରି ବୁଝିଥିଲେ । ନାକ୍ କମିଟି ସମସ୍ତ ବିଷୟ ନେଇ ସନ୍ତୋଷ ପ୍ରକାଶ କରିଥିବା ଜଣାଯାଇଛି । ଏହି ଅବସରରେ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ପୁରାତନ ଛାତ୍ର ଆଲୁମିନି ସଦସ୍ୟ ସର୍ବଦା ତତ୍ପର ରହିଥିବା ପୂର୍ବତନ ଟିଟିଲାଗଡ଼ ନଗରପାଳ ଶୁଭ୍ରାଂଶୁ ଦାଶ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ଫେରାର ମୁଖ୍ୟ ଅଭିଯୁକ୍ତ ଠିକାଦାର ଗଜେନ୍ଦ୍ର ଗିରଫ

**ଗଣମାଧ୍ୟମ ପ୍ରତିନିଧିଙ୍କୁ ନିସ୍ତୁକ ମାଡ଼ ପରେ ଭିଡିଓ ଭାଇରାଲ ଘଟଣା**



ଗିରଫ ଠିକାଦାର ଗଜେନ୍ଦ୍ର ଦଳେଇ ।

**ପୂର୍ବରୁ ଧରା ପଡ଼ିଥିଲେ ନାବାଳକ ସମେତ ୪ ଅଭିଯୁକ୍ତ**

ବଲାଙ୍ଗୀର,୨୭।୫(ବୀରେନ୍ଦ୍ର କୁମାର ଝାଙ୍କର)

ରାସ୍ତା ଗାର୍ଡୱାଲ କାମରେ ଦୁର୍ନୀତି ହୋଇଥିବା ସମ୍ପର୍କିତ ଖବର ପରିବେଷଣ କରିବାରୁ ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ କୁଲଥିପାଲି ଗାଁରେ ସର୍ବସାଧାରଣ ସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧି ବିଜୟ ପଧାନଙ୍କୁ ନିସ୍ତୁକ ମାଡ ମରାଯାଇ ଏହାର ଭିଡିଓ ଭାଇରାଲ କରାଯାଇଥିଲା । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଫେରାର ଥିବା ଠିକାଦାର ଗଜେନ୍ଦ୍ର ଦଲେଇଙ୍କୁ ପୁଇଁତଲା ପୋଲିସ ବଲାଙ୍ଗୀର-ସୁବର୍ଣ୍ଣପୁର ଜିଲା ସୀମାରୁ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରିଥିବା ଜଣାପଡିଛି। ବଲାଙ୍ଗୀର ଆଡିସନାଲ ଏସ୍‌ପି ଆଲୋକ ଜେନା ଏନେଇ ସୂଚନା ଦେଇଛନ୍ତି। ସୋମବାର ଏହି ଘଟଣାରେ ପୋଲିସ ଜଣେ ନାବାଳକ ସମେତ ୪ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅଭିଯୁକ୍ତ କୁଲଥିପାଲି ଗାଁର ଅବିନାଶ ଦଲେଇ (୨୫), ବଲାଙ୍ଗୀର ସହର ବରପାଲିପଡାର ଆଦିତ୍ୟ କୁମାର ଜେନା (୩୧) ଓ କୁଲଥିପାଲିର ଗୁମର ନାଏକ (୪୦)ଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିଲା। ୧୬ ବର୍ଷୀୟ ନାବାଳକ ଅଭିଯୁକ୍ତଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଯାଇଥିଲା।

ପ୍ରକାଶ ଯେ, ଗତ ୨୩ ତାରିଖରେ ଗଣମାଧ୍ୟମ ପ୍ରତିନିଧି ବିଜୟ କୁଲଥିପାଲି ଗାଁରେ ଚାଲିଥିବା ଏକ ରାସ୍ତା ଗାର୍ଡୱାଲ କାମର ଖବର ସଂଗ୍ରହ କରିବାକୁ ଯାଇଥିଲେ। ପୂର୍ବରୁ ସେ ଉକ୍ତ ରାସ୍ତାକାମରେ ଦୁର୍ନୀତି ହୋଇଥିବା ଖବର ପ୍ରସାରଣ କରିଥିଲେ। ଶୁକ୍ରବାର ଫଲୋ ଅପ୍ ଖବର ପାଇଁ ଗାଁକୁ ଯାଇ ରାସ୍ତାକାମର ଭିଡିଓ ଉତ୍ତୋଳନ କରି ଲୋକଙ୍କ ପ୍ରତିକ୍ରିୟା ନେବାକୁ ଯାଉଥିବା ବେଳେ ସେଠାରେ ଥିବା ଠିକାଦାରଙ୍କ କିଛି ଗୁଣ୍ଡା ବିଜୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏପରି କି ହାତବାନ୍ଧି ଦେଇ ତାଙ୍କୁ ନିସ୍ତୁକ ମାଡ ମାରିବା ସହ ଘୋଷାରି ଘୋଷାରି ଗାଁ ମଝିକୁ ନେଇ ମନ୍ଦିରରେ ଖବର ପରିବେଷଣ ନ କରିବା ପାଇଁ ଶପଥ କରିବାକୁ ବାଧ କରିଥିଲେ। ବିଜୟଙ୍କ ହାତବାନ୍ଧି ତାଙ୍କ ମୁହଁରେ ଲାତ ମାରିବାର ଭିଡିଓ ଓ ଫଟୋ ଭାଇରାଲ କରିଥିଲେ। ଏହାଛଡା ସେହି ଗୁଣ୍ଡାମାନେ ଖବରଦାତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ସଂକ୍ରାନ୍ତରେ ବିଜୟ ପୁଇଁତଲା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୋଲିସ ଚାପର ବଶବର୍ତ୍ତୀ ହୋଇ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୬(୨), ୨୯୬, ୧୧୫(୨), ୩୦୪, ୪୯, ୩୫୧ (୩), ୩ (୫) ଲାଗୁ କରିଛି। ଅନ୍ୟପକ୍ଷେ ଯେଉଁ ଠିକାକାମକୁ ନେଇ ଖବର ପରିବେଷଣ କରାଯାଇଥିଲା ତା'ର ତଦନ୍ତ କରିବା ନେଇ ଜିଲା ପ୍ରଶାସନ କିଛି ବି କହିନାହିଁ। ବିନା ସୂଚନା ଫଳକରେ ଏବଂ ବିନା ଟେଣ୍ଡରରେ ଏହି ଗାର୍ଡୱାଲ କାମ ଚାଲିଥିବା କୁହାଯାଉଛି। ଏନେଇ ପ୍ରଶାସନ କେବେ ତଦନ୍ତ କରିବ ତାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଛନ୍ତି।

## ଜରାସିଂହା ପାକ୍ସରେ ରବି ଧାନକ୍ରୟର ଶୁଭାରମ୍ଭ



ଦେଓଗାଁ ବ୍ଲକ ଜରାସିଂହା ପାକ୍ସ ପରିସରରେ ରବିଧାନ କ୍ରୟର ଶୁଭାରମ୍ଭ କରାଯାଉଛି ।

ଦେଓଗାଁ,୨୭।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାରେ ମଙ୍ଗଳବାର ରବି ଧାନକ୍ରୟର ଶୁଭାରମ୍ଭ ହୋଇଛି । ପାକ୍ସ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ ଜ୍ୟୋସ୍ନାମୟୀ ପ୍ରଧାନ ଯୋଗଦେଇ ରବିଧାନ କ୍ରୟର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବ୍ୟାଙ୍କର କର୍ମଚାରୀ ଶିରୋମଣି ସାହୁ, ସୁଧୀର ନନ୍ଦ ତଥା ପରିଚାଳନା କମିଟି ଉପ ସଭାପତି ଗୀତାଞ୍ଜଳୀ କର୍ତ୍ତି, ନିର୍ଦ୍ଦେଶକ ବୃନ୍ଦାବନ ଭୋଇ, ସମ୍ପାଦକ ତୀର୍ଥରାଜ ସାହୁ, ଡିଇଓ ଭୀମଜାନ ବର୍ଗର୍ତ୍ତି, କର୍ମଚାରୀ ଲିଲୁ ସିଂ ତଥା ଅନ୍ୟମାନେ ଉପସ୍ଥିତଥିଲେ । ସୂଚନାଯୋଗ୍ୟ, ଚଳିତ ବର୍ଷ ୧୨ଟି ପାକ୍ସ ଓ ୨ଟି ଏସଏଚଜିରେ ୧୭୭୭ଜଣ ଚାଷୀ ଧାନକ୍ରୟ କରିବା ପାଇଁ ପଞ୍ଜୀକରଣ କରିଥିବା ଜଣାପଡିଛି। ତେବେ ଗତବର୍ଷ ତୁଳନାରେ ଚଳିତବର୍ଷ ୫୩୯ଜଣ ଅଧିକ ଚାଷୀ ଧାନକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି ।

## ଆପରାଧିକ ଘଟଣା ବୃଦ୍ଧିକୁ ନେଇ ଏସ୍‌ପିଙ୍କୁ ଦାବିପତ୍ର




ବଲାଙ୍ଗୀର ଏସ୍‌ପି ଅଭିଲାଷ ଜିଙ୍କୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦାବିପତ୍ର ଦିଆଯାଉଛି ।

ବଲାଙ୍ଗୀର,୨୭।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି.ଙ୍କୁ ବଲାଙ୍ଗୀର ଆମ୍ ଆଦମୀ ପାର୍ଟି ପକ୍ଷରୁ ମଙ୍ଗଳବାର ଦାବିପତ୍ର ଦିଆଯାଇଛି। ପାର୍ଟିର ଜିଲା ସଭାପତି ତଥା ରାଷ୍ଟ୍ରୀୟ ସଦସ୍ୟ ଆଶିଷ ପାଣ୍ଡେଙ୍କ ସହ ୫ ଜଣିଆ ଟିମ୍ ଏସ୍‌ପିଙ୍କୁ ସାକ୍ଷାତ କରି ଦାବିପତ୍ର ଦେବା ସହ ଜିଲାରେ ବୃଦ୍ଧି ପାଉଥିବା ଆପରାଧିକ ଘଟଣା ଉପରେ ଆଲୋଚନା କରିଥିଲେ। ବଲାଙ୍ଗୀର ଜିଲାରେ ଗତ ୬ ମାସ ମଧ୍ୟରେ ଆପରାଧିକ ଘଟଣା ଚରମ ସୀମାରେ ପହଞ୍ଚିଛି। ସାଧାରଣ ଲୋକେ ଘରୁ ବାହାରିବାକୁ ଭୟ କଲେଣି। ବଲାଙ୍ଗୀର ସହର ବିଟ୍ ରାସ୍ତାରେ ଖଣ୍ଡା ବୁଲୁଛି। କେତେବେଳେ ରାଜନେତାଙ୍କ ଉପରେ ଆକ୍ରମଣ ହେଉଛି ତ କେତେବେଳେ ସାଧାରଣ ଜନତା, ମହିଳାଙ୍କ ଉପରେ ଆକ୍ରମଣ ହେଉଛି। ଗତ ୨୩ ତାରିଖ ଦିନ ଜିଲାର ଜଣେ ବରିଷ୍ଠ ଖବରଦାତା ବିଜୟ ପଧାନଙ୍କୁ ଆକ୍ରମଣ ହୋଇଛି । କୁଲଥିପାଲି ଗାଁରେ ରାସ୍ତା ଗାଡୱାଲ ଦୁର୍ନୀତି ଉପରେ ଖବର ପରିବେଷଣ କରିଥିବାରୁ ତାଙ୍କୁ ଠିକାଦାର ଗୁଣ୍ଡା ଲଗେଇ ନିସ୍ତୁକ ମାଡ ମାରିଛନ୍ତି। ତାଙ୍କ ହାତ ବାନ୍ଧି ମାଡ ମାରିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଛନ୍ତି। ଏହି ଘଟଣାକୁ ବଲାଙ୍ଗୀର ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଣୁ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ଦୃଷ୍ଟି ଦେବାକୁ ଏସ୍‌ପିଙ୍କୁ ଟିମ୍ ସଦସ୍ୟମାନେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ରମାକାନ୍ତ ବେହେରା, ସଦାଶିବ ମେହେର, ରାଜେଶ ବର୍ଗର୍ତ୍ତି, ବାଳକୃଷ୍ଣ ନାଏକ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

ଲୋଇସିଂହା,୨୭।୫(ସୁଶାନ୍ତ ବାରିକ)

ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଲୋଇସିଂହା -ପଦ୍ମପୁର ରାସ୍ତାର ପଣ୍ଡରାଣୀ ଛକରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଲୋଇସିଂହା ଥାନା ରାମପୁର ଗ୍ରାମର ଆଇଁଠୁ ମିର୍ଦ୍ଧା (୫୫) ଓ ଶଙ୍କର ସାହୁ (୪୦) ଗୁରୁତର ଆହତ ହୋଇଛନ୍ତି। ଲୋଇସିଂହା ପୋଲିସ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଲୋଇସିଂହାରେ ପ୍ରାଥମିକ ଚିକିତ୍ସା କରିବା ପରେ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଦୁଇଟି ବାଇକ୍ ପୋଲିସ ଜବତ କରିଛି।

## ଚୋରି ଘଟଣାରେ ଜଣେ ଗିରଫ

ଲୋଇସିଂହା,୨୭।୫(ସୁଶାନ୍ତ ବାରିକ)

ମଙ୍ଗଳବାର ଆଗଲପୁର ପୋଲିସ ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଭରସୁଜା ଗ୍ରାମର ମିଥୁନ ଶାଣ୍ଡ (୨୭)। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଭରସୁଜା ଗ୍ରାମର କଲ୍ୟାଣ ମଣ୍ଡପରୁ ୨ଟି ଝରକା ଗ୍ରୀଲ୍ ଚୋରି କରିବା ସହ ସ୍କାଏ ଲାଇଟ ଭାଙ୍ଗି ଅନ୍ୟ ସାମଗ୍ରୀ ଚୋରି ପାଇଁ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଥିଲା ।

## ୱାର୍ଡ଼ ସଭ୍ୟାସଭ୍ୟଙ୍କୁ ଅଣଦେଖା ପ୍ରତିବାଦରେ ଦାବିପତ୍ର



ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସଇଁତଲା,୨୭।୫(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ଡ଼େଙ୍ଗ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ପଞ୍ଚାୟତର ୱାର୍ଡ଼ ସଭ୍ୟା ସଭ୍ୟଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ଦିନ ୱାର୍ଡ ସଭ୍ୟାସଭ୍ୟମାନେ ଏକ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରିଛନ୍ତି ।

ଅଭିଯୋଗ ଅନୁସାରେ ଡ଼େଙ୍ଗ ପଞ୍ଚାୟତରେ ୧୧ଜଣ ସଭ୍ୟା ସଭ୍ୟ ଅଛନ୍ତି। କିନ୍ତୁ ପଞ୍ଚାୟତରେ ହେଉଥିବା ସଭା ସମିତି ପାଇଁ ୩/୪ ଜଣ ସଭ୍ୟାସଭ୍ୟଙ୍କ ଛଡ଼ା ଅନ୍ୟମାନଙ୍କୁ ସୂଚନା ପ୍ରଦାନ କରାଯାଉନାହିଁ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ କେବଳ ୩ ରୁ ୪ ଜଣ ସଭ୍ୟାସଭ୍ୟ ଉପସ୍ଥିତ ରହି ସମସ୍ତ ପ୍ରସ୍ତାବ ପାରିତ ହେଉଛି। ଏହାକୁ ନେଇ ସଭ୍ୟାସଭ୍ୟମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଆଗାମୀ ୭ ଦିନ ମଧ୍ୟରେ ଏହାର ସମାଧାନ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତମ ମିର୍ଦ୍ଧାଙ୍କୁ ଦାବିପତ୍ର ପ୍ରଦାନ କରଛନ୍ତି । ଦାବିପତ୍ର ପ୍ରଦାନ କରିବା ସମୟରେ ଜିଲା ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିବା ବେଳେ ତୁରନ୍ତ ଏହାର ତଦନ୍ତ କରି ସମାଧାନ କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଷମା ନାଏକଙ୍କୁ ତୁରନ୍ତ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡ଼ ସଭ୍ୟ ଶଶୀକାନ୍ତ ପଧାନ, ସୁନୀତା କଠାର, ହେମନ୍ତ ଭୋଇ, ଲକ୍ଷ୍ମୀ ଦୀପ ଓ ବନୀତାରାଣୀ ନାଗ ଉପସ୍ଥିତ ଥିଲେ।

## ମୁଖ୍ୟ ଅଭିଯୁକ୍ତ ଗଜେନ୍ଦ୍ର ଦଲେଇଙ୍କୁ କୋର୍ଟ ଚାଲାଣ

**କୁଲଥିପାଲିରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣା**

ଲୋଇସିଂହା,୨୭।୫(ସୁଶାନ୍ତ ବାରିକ)

ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁଇଁତଲା ବ୍ଲକ କୁଲଥିପାଲି ଗାଁରେ ଚାଲିଥିବା ଏକ ରାସ୍ତା କାମର ଦୁର୍ନୀତି ସମ୍ପର୍କିତ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ବିଜୟ ପଧାନଙ୍କୁ କେତେଜଣ ବ୍ୟକ୍ତି ନିସ୍ତୁକ ମାଡ଼ ମାରିବା ସହ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା। ସୋମବାର ଘଟଣାରେ ସଂପୃକ୍ତ ଜଣେ ନାବାଳକ ଓ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା। ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତ ତଥା ଠିକାଦାର ଗଜେନ୍ଦ୍ର ଦଲେଇଙ୍କୁ ଗିରଫ କରାଯାଇଛି। ପୁଇଁତଲା ଥାନା ଅଧିକାରୀ ଅନୀତା ପଧାନଙ୍କ ଉପସ୍ଥିତିରେ ଲୋଇସିଂହା ଡ଼ାକ୍ତରଖାନାରେ ଅଭିଯୁକ୍ତ ଗଜେନ୍ଦ୍ରଙ୍କ ଡାକ୍ତରୀ ପରୀକ୍ଷା କରାଯିବା ପରେ ତାଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

## ନ୍ୟାୟ ଅପେକ୍ଷାରେ ପୀଡ଼ିତାଙ୍କ ପରିବାର

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

ପାଟଣାଗଡ,୨୭।୫(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବୁଧବାର ରାୟ ପ୍ରକାଶ ପାଇବାର ଅଛି। ଫଳରେ ପୀଡିତ ପରିବାର ନ୍ୟାୟ ପାଇବେ ବୋଲି ଆଶା କରାଯାଉଛି । ଏହି ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ପାଟଣାଗଡ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) କୋର୍ଟ ରାୟ ଶୁଣାଇବେ। ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ କି ପ୍ରକାର ଦଣ୍ଡ ଦିଆଯିବ ଏବେ ତା' ଉପରେ ସମସ୍ତଙ୍କର ନଜର ରହିଛି। ଦୀର୍ଘ ୭ ବର୍ଷ ହେଲା ନ୍ୟାୟ ଅପେକ୍ଷାରେ ଅଛନ୍ତି ପୀଡିତାଙ୍କ ପରିବାର। ଏନେଇ ମୃତ ସୌମ୍ୟଶେଖର ସାହୁଙ୍କ ବାପା ରବିନ୍ଦ୍ର ସାହୁଙ୍କ କହିବା ଅନୁଯାୟୀ, ବହୁ ପ୍ରତୀକ୍ଷାର ଅନ୍ତ ଘଟିବ, ଆସନ୍ତାକାଲି ଏହି ମାମଲାର ରାୟ ପ୍ରକାଶ ପାଇବ। ଆମେ ସମ୍ପୂର୍ଣ୍ଣ ଭାବରେ ଆଶାବାଦୀ ଅଛୁ ନ୍ୟାୟ ମିଳିବ । ଅଭିଯୁକ୍ତ ଯଦି ଫାଶୀ ପାଇବେ ତାହେଲେ ପୁଅର ଆତ୍ମା କିଛିଟା ଶାନ୍ତି ପାଇବ ବୋଲି ମୃତ ସୌମ୍ୟଶେଖରଙ୍କ ବାପା କୋହଭରା କଣ୍ଠରେ କହିଛନ୍ତି।

## ସମବାୟ ଆର୍ଥିକ ସାକ୍ଷରତା ସଚେତନତା ଶିବିର



ଦେଓଗାଁ ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ଶିବିରରେ ଉପସ୍ଥିତ ପାକ୍ସ ସଭାପତି ଓ ସମ୍ପାଦକ ବୃନ୍ଦ ।

ଦେଓଗାଁ,୨୭।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ସଭାଗୃହଠାରେ ମଙ୍ଗଳବାର ସମବାୟ ଆର୍ଥିକ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବଲାଙ୍ଗୀର ଜିଲା ଦେଓଗାଁ , ଜରାସିଂହା ଓ ତୁଷୁରା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ କୃଷି ସେବା ସମବାୟ ସମିତିଗୁଡିକର ପରିଚାଳନା କମିଟି ସଭାପତି ଓ ସମ୍ପାଦକମାନେ ଅଂଶଗ୍ରହଣ କରିଥିଲେ। ଶିବିରରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ ଜ୍ୟୋସ୍ନାମୟୀ ପଧାନ ଓ କର୍ମଚାରୀ ଶିରୋମଣି ସାହୁ, ସୁଧୀର ନନ୍ଦ,ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଶୁଶିଳ କୁମାର ଚାନ୍ଦ ଯୋଗ ଦେଇଥିଲେ। ଏହାଛଡା ଦେଓଗାଁ ବ୍ଲକ ଅଧକ୍ଷ ତଥା ଧଣ୍ଡାମାଲ ପାକ୍ସ ସଭାପତି ଦୟାନିଧି ଖମାରୀ , ଦେଓଗାଁ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଜିତେନ୍ଦ୍ର ରାଉତ, ଜରାସିଂହା ଶାଖା ପରିଚାଳକ ରଞ୍ଜନ କୁମାର ମିଶ୍ର ଓ ତୁଷୁରା ବ୍ୟାଙ୍କ ଶାଖା ପରିଚାଳକ କିଶୋର କୁମାର ରାଜପୁତଙ୍କ ସମେତ ୨୦ଟି ପାକ୍ସର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ଖରିଫ ଋଣ ଦେଣନେଣ ତଥା ଋଣ ଅସୁଲି ଉପରେ ଆଲୋଚନା କରିଥିଲେ। ଏହାସହ ରବିଧାନ କ୍ରୟ ଉପରେ ଆଲୋଚନା କରିବା ସହ ଉକ୍ତ ତିନୋଟି ବ୍ୟାଙ୍କ କେମିତି ଠିକରୂପେ ଚାଲିବ ସେନେଇ ସମୀକ୍ଷା କରାଯାଇଥିଲା।

## ୧୯ତମ ଲୋଇସିଂହା ଜମିଦାର ଭାବେ ଅଭିଷିକ୍ତ ହେବେ ଅର୍ଚ୍ଚନା ଦେବୀ



ଅର୍ଚ୍ଚନା ସିଂରାଏ ।

- ରାଜବାଟୀରେ ରହିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ
- ରାଜ୍ୟ ତଥା ରାଜ୍ୟ ବାହାରୁ ଯୋଗଦେବେ ଅତିଥି

ଲୋଇସିଂହା,୨୭।୫(ସୁଶାନ୍ତ ବାରିକ)

୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେବା ପରେ ପୁରୀ ଗଜପତି ମହାରାଜାଙ୍କ ବ୍ୟତୀତ ସମସ୍ତ ରାଜା,ମହାରାଜା ଓ ଜମିଦାର ପଦବୀ ଉଚ୍ଛେଦ ହୋଇଥିଲା। କିନ୍ତୁ ଆଜି ମଧ୍ୟ ଗଡ଼ଜାତ ଅଞ୍ଚଳରେ ଲୋକଙ୍କର ରାଜା, ମହାରାଜାମାନଙ୍କ ପ୍ରତି ଭାବପ୍ରବଣତା, ଅତୁଟ ସ୍ନେହ ଓ ଶ୍ରଦ୍ଧା ଯୋଡ଼ିହୋଇ ରହିଛି। ଏଣୁ ଭାରତୀୟ ଗଡଜାତ ଅଞ୍ଚଳର ରାଜା,ମହାରାଜ ଓ ଜମିଦାର ରୂପେ ଆଜି ପର୍ଯ୍ୟନ୍ତ ଅଭିଷିକ୍ତ ହେବାର ନିଆରା ପରମ୍ପରା କେତେକ ସ୍ଥାନରେ ଦେଖିବାକୁ ମିଳେ। ଏହି କ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହାର ଜମିଦାର ଜୟକୃଷ୍ଣ ସିଂରାଏଙ୍କ ଇହଲୀଳା ସମ୍ବରଣ ପରେ ବୁଧବାର ତାଙ୍କ ଉତ୍ତରାଧିକାରୀ ଭାବରେ ତାଙ୍କର ନାତୁଣୀ ତଥା ତାଙ୍କ ବଡ ପୁଅ ସ୍ୱର୍ଗତ ଜୟକୃଷ୍ଣ ସିଂରାଏଙ୍କ ଜ୍ୟେଷ୍ଠା କନ୍ୟା କୁମାରୀ ଅର୍ଚ୍ଚନା ସିଂରାଏ ଜମିଦାର ଭାବେ ଅଭିଷିକ୍ତା ହେବେ। ଯିଏ କି ଲୋଇସିଂହାର ପ୍ରଥମ ମହିଳା ଜମିଦାର ହେବେ । ଏହି ପଦବୀ ମଣ୍ଡନ କରିବାର ସୌଭାଗ୍ୟପ୍ରାପ୍ତ ହେବେ ଅର୍ଚ୍ଚନା ଦେବୀ। ଏହି ମହାର୍ଘ ମୁହୂର୍ତ୍ତକୁ ଲୋଇସିଂହା ତଥା ଜମିଦାରି ଅଞ୍ଚଳର ଜନସାଧାରଣ ବହୁ ଉତ୍କଣ୍ଠାର ସହ ଅପେକ୍ଷାରେ ରହିଛନ୍ତି ।

ମିଳିଥିବା ତଥ୍ୟ ଅନୁଯାୟୀ, ଲୋଇସିଂହା ଜମିଦାର ପରିବାର ଛତିଶଗଡ ରାଜ୍ୟର ରାୟଗଡ ରାଜ ପରିବାର ବଂଶଧର। ଜମିଦାରଙ୍କ ପୂର୍ବଜ ପାଟଣା ରାଜାଙ୍କ ସରଦାର ଭାବେ କାମ କରୁଥିଲେ। ବଂଶାନୁକ୍ରମେ ପାଟଣା ରାଜାଙ୍କ ଦ୍ୱାରା ଭାରପ୍ରାପ୍ତ ହୋଇ ବିଭିନ୍ନ ସ୍ଥାନରେ ଗଡ ସ୍ଥାପନ କରିଥିଲେ। କଅଗାଁ ଗଡ଼ରେ ଗଡ଼ ସ୍ଥାପନ ସମୟରେ କୁଆଡେ ରାଜାଙ୍କ ସହ ଯୁଦ୍ଧ ହୋଇଥିଲା। କୌଣସି କାରଣବଶତଃ ଉକ୍ତ ଜମିଦାର ପରିବାର ଲୋଇସିଂହା ଥାନା ଅନ୍ତର୍ଗତ ପଥରଗଡ଼ରେ ଗୋପନରେ ରହିଥିଲେ। ଏହି ଘଟଣା ପରେ ପାଟଣା ରାଜାଙ୍କ ସ୍ୱାସ୍ଥ୍ୟାବସ୍ଥା କୁଆଡେ ବିଗିଡ଼ିଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଜମିଦାର ପରିବାରଙ୍କୁ ରାଜାଙ୍କ ନିର୍ଦ୍ଦେଶକ୍ରମେ ପଥରଗଡରୁ ଫେରାଇ ଆଣି ଲୋଇସିଂହାରେ ଅବସ୍ଥାପିତ କରାଯାଇଥିଲା। ଲୋଇସିଂହାର ଇଷ୍ଟଦେବତା ତଥା ଜମିଦାରଙ୍କ ପୃଷ୍ଠପୋଷକତାରେ ଥିବା ବଡ଼ଦେଓଙ୍କୁ ପୂଜାର୍ଚ୍ଚନା ପରେ କୁଆଡ଼େ ରାଜା ଆରୋଗ୍ୟ ଲାଭ କରିଥିଲେ। ସେବେଠାରୁ ଲୋଇସିଂହା ଦୁର୍ଗାମଣ୍ଡପ ନିକଟସ୍ଥ ରାଜବାଟୀରେ ରହି ଆସୁଛନ୍ତି ଜମିଦାର ପରିବାର । ୨୦୨୪ ଡିସେମ୍ବର ୨ରେ ୯୧ବର୍ଷ ବୟସରେ ଲୋଇସିଂହା ଜମିଦାର ଜୟକୃଷ୍ଣ ସିଂରାଏଙ୍କ ପରଲୋକ ହୋଇଥିଲା। ଏହାପୂର୍ବରୁ ସ୍ୱର୍ଗତ ସିଂରାଏଙ୍କ ବଡ ଓ ସାନ ପୁଅଙ୍କ ଦେହାନ୍ତ ହୋଇସାରିଥିଲା। ତେବେ ବଡପୁଅ ସ୍ୱର୍ଗତ ତ୍ରୟମ୍ବକେଶ୍ୱର ସିଂ ରାଏ , ଓଗ୍ରେଶ୍ୱରୀ ସିଂରାଏଙ୍କ ବଡ ଝିଅ ଅର୍ଚ୍ଚନା ଦେବୀ ୧୯ ତମ ଜମିଦାର ଭାବେ ଅଭିଷିକ୍ତ ହେବେ । ଏଥିପାଇଁ ଲୋଇସିଂହା ରାଜବାଟୀ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସରିଯାଇଛି। ବୁଧବାର ରାଜବାଟୀ ପରିସରରେ ହେବାକୁ ଥିବା ପୌଷ୍ୟାଭିଷେକ ସମାରୋହରେ ରାଜ୍ୟ ତଥା ରାଜ୍ୟ ବାହାରର ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛି। ଗୋଣ୍ଡ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ପରେ ଜନସାଧାରଣଙ୍କ ଉପସ୍ଥିତିରେ ଅର୍ଚ୍ଚନା ଦେବୀଙ୍କୁ ପାଗା ଭିଡି ପୌଷ୍ୟାଭିଷେକ କରାଯିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏହାପରେ ପ୍ରଥମ ମହିଳା ଜମିଦାର ନଗର ପରିକ୍ରମା କରିବେ ବୋଲି ସୂଚନା ହସ୍ତଗତ ହୋଇଛି ।

# ଓଟିଇଟି ପାସ୍ ନ କଲେ ପଦୋନ୍ନତି ମନା

ସୋନପୁର,୨୭।୫(ମୃତ୍ୟୁଞ୍ଜୟ ଶତପଥୀ)


ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

୨୦୧୧ ମସିହା ପୂର୍ବରୁ ନିଯୁକ୍ତ ସମସ୍ତ ଶିକ୍ଷକଙ୍କୁ ପଦୋନ୍ନତି ପାଇବାକୁ ହେଲେ ଓଟିଇଟି(ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା) ଦେବାକୁ ପଡିବ । ଏପରିକି ଅବସରର ଦ୍ୱାରଦେଶରେ ଥିବା ପ୍ରାଥମିକ ଶିକ୍ଷକଙ୍କ ପାଇଁ ମଧ୍ୟ ଓଟିଇଟି ବିନା ପଦୋନ୍ନତି ମନା। ଏହିପରି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜ୍ୟ ସରକାର। ଯାହାକୁ ନେଇ ଓଡ଼ିଶାରେ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଓଟିଇଟି ପାସ ସାର୍ଟିଫିକେଟ ନ ଥିଲେ ଲେଭୁଲ-ଭି(ଏ)ରେ ଥିବା ଶିକ୍ଷକଙ୍କୁ ଲେଭୁଲ- ଭି(ବି) କୁ ପଦୋନ୍ନତି ମନା। ସରକାରଙ୍କ ଏହି ନିର୍ଦ୍ଦେଶ ପ୍ରକାଶ ପାଇବା ପରେ ରାଜ୍ୟରେ କାର୍ଯ୍ୟରତ ଶିକ୍ଷକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କାରଣ ଆରଟିଇ ଆକ୍ଟ-୨୦୦୯କୁ ଭିତ୍ତିକରି କେନ୍ଦ୍ର ସରକାରଙ୍କ ତରଫରୁ ଏନସିଟିଇ ତା ୨୩/୦୮/୨୦୧୦ରିଖରେ ବିଜ୍ଞପ୍ତି ମାଧ୍ୟମରେ ପାରା ୪ ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଯେଉଁମାନେ ୨୦୦୧ ମସିହା ପୂର୍ବରୁ କିମ୍ବା ୨୦୦୧ ମସିହାରେ ପ୍ରକାଶିତ ଏନସିଟିଇ ବିଜ୍ଞପ୍ତି ଆଧାରରେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସହ ନିଯୁକ୍ତି ପାଇଛନ୍ତି ସେମାନଙ୍କ କ୍ଷେତ୍ରରେ ଓଟିଇଟି ଲାଗୁ ହେବନାହିଁ। କିନ୍ତୁ ତା୧୧।୦୨।୨୦୧୧ରିଖ ପୂର୍ବରୁ ନିଯୁକ୍ତ ଶିକ୍ଷକ ଓଟିଇଟି ବିନା ପଦୋନ୍ନତି ମନା ସରକାରଙ୍କ ଏହି ନିର୍ଦ୍ଦେଶାନାମାକୁ ଚ୍ୟାଲେଞ୍ଜ କରି କେତେକ ଶିକ୍ଷକ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ କେତେକ ଶିକ୍ଷକ ସଙ୍ଗଠନ ଆନ୍ଦୋଳନ କରିବା ପାଇଁ ସଜବାଜ ଆରମ୍ଭ କରିଦେଲେଣି। ଓଡ଼ିଶା ସରକାରଙ୍କ ଏହି ନିର୍ଦ୍ଦେଶନାମା ଫଳରେ ଓଡ଼ିଶାରେ କାର୍ଯ୍ୟରତ ଗଣଶିକ୍ଷକ, ଅଣ ଅନୁଦାନ/ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ଏବଂ ଯେଉଁ ପ୍ରାଥମିକ ଶିକ୍ଷକ ୨୦୧୧ ପୂର୍ବରୁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ନଥାଇ ନିଯୁକ୍ତ ହୋଇଛନ୍ତି ସେମାନେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦେବା ବଦଳରେ ୨୦୧୧ ପୂର୍ବରୁ ନିଯୁକ୍ତ ସମସ୍ତ ଶିକ୍ଷକଙ୍କୁ ବାଧ୍ୟ କରାଯାଇଛି। ଏହି ନିଷ୍ପତ୍ତିକୁ ବିରୋଧ କରି ସୁବର୍ଣ୍ଣପୁର ସହର ସୁବର୍ଣ୍ଣମେରୁ ମନ୍ଦିରର ଜିଲାରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରକାରଙ୍କ ଉକ୍ତ ଆଦେଶକୁ

**■ଗଣଶିକ୍ଷା ବିଭାଗର ଅଜବ ନିର୍ଦ୍ଦେଶନାମା**

**■ନିଷ୍ପତ୍ତିକୁ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧ**

ଘୋର ବିରୋଧ କରାଯିବା ସହିତ ଆସନ୍ତା ଜୁନ ୪ ତାରିଖ ଜିଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ସରକାରଙ୍କୁ ଉକ୍ତ ପତ୍ର ପ୍ରତ୍ୟାହାର କରିବା ସକାଶେ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାପରେ ମଧ୍ୟ ସରକାର ଶିକ୍ଷକଙ୍କ ଦାବି ପ୍ରତି କର୍ଣ୍ଣପାତ ନ କଲେ ଆଗାମୀ ଦିନରେ ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା। ଉକ୍ତ ବୈଠକରେ ହୃଷୀକେଶ ଚାନ୍ଦ, ଦୋଳଗୋବିନ୍ଦ ପଣ୍ଡା, ବିଶ୍ୱବିହାରୀ ମିଶ୍ର, ଶ୍ରୀନିବାସ ରଥ, ଗୋପେଶ ପଣ୍ଡା ଓ ସରୋଜ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଡୁଙ୍ଗୁରିପାଲି,୨୭।୫ (ଦୀନବନ୍ଧୁ ସୁନା)

**ଜିଲାପାଳ ନ ଆସିବାରୁ ବ୍ୟାନର ଚିରିଲେ ଅଭିଯୋଗକାରୀ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସଭାଗୃହ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ ଯୁଗ୍ମ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୧ ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ୩ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ଦିଲୀପ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୋନପୁର ସୌମ୍ୟାରୂପା ରଥ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧକ୍ଷା ଅହଲ୍ୟା ସାହୁ, ଜିଲା ପରିମଳ ଓ ଗ୍ରାମ୍ୟ ଜଳ ଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ଆଶୁତୋଷ ଭଦ୍ରା, ଜିଲା ମୁଖ୍ୟ ଶ୍ରମ ଅଧିକାରୀ ଡୁଲେଶର ଖାଖା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଥବିର କାଲସେ, ରାମପୁର ତହସିଲଦାର ବିମଳ କିଶୋର ପାତ୍ର, ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ପ୍ରମୁଖ ଯୋଗଦାନ କରିଥିଲେ।

ଜନ ଶୁଣାଣି ଶିବିରକୁ ଜିଲାପାଳ ଅନ୍ୟା ଦାସ ନ ଆସିଥିବାରୁ ଅଭିଯୋଗକାରୀମାନେ ସଭା ଗୃହରେ ଲାଗିଥିବା ବ୍ୟାନରକୁ ଚିରି ଫିଙ୍ଗି ଦେଇଥିଲେ। ଫଳରେ କିଛି ସମୟ ଅଭିଯୋଗ ଶୁଣାଣି ଶିବିର ବନ୍ଦ ରହିଥିଲା। ବିଶେଷକରି ରାସ୍ତା, ଜମି, ପାଣି ସମସ୍ୟା, ପୋଖରୀ ପଙ୍କ ଉଦ୍ଧାର ସମସ୍ୟା, ଘରଡିହ, ଭତ୍ତା, ଆବାସ ଗୃହ, ଜମିବାଡ଼ି ବିବାଦ ସମସ୍ୟା ସବୁ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଥିବା ବେଳେ ସକାଳୁ ବ୍ଲକ ଗେଟ ଅଫିସ ସମ୍ମୁଖରେ ବିଭିନ୍ନ ଦାବିନେଇ ଲଙ୍ଗଳକଣ୍ଟା ଗ୍ରାମର ରାମଗୋପାଳ ହୋତା ଆମରଣ ଅନଶନରେ ବସିଥିଲେ। ସୋନପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଅନଶନରେ ବସିଥିବା ହୋତାଙ୍କ ସହ ଆଲୋଚନା କରିଥିଲେ। ସେ କରିଥିବା ୫ ଗୋଟି ଦାବି ମଧ୍ୟରୁ ୩୪୦ ଡିସିମିଲ ଘରଡିହ ଶୀଘ୍ର ତାଙ୍କ ନାମରେ ଦେବା ପାଇଁ ରାମପୁର ତହସିଲଦାର ଓ ବିଡ଼ିଓଙ୍କୁ ଅବଗତ କରାଇଥିଲେ। ଏହି ପ୍ରତିଶ୍ରୁତି ପରେ ରାମଗୋପାଳ ହୋତା ଅନଶନରୁ ଓହରିଥିଲେ।


ଶିବିରରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଏସ୍‌ପି ନାରାୟଣ ନାଏକ ଓ ଅନ୍ୟ ଅଧିକାରୀମାନେ।



ସୁବର୍ଣ୍ଣପୁରରେ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

# ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ସୋନପୁର,୨୭।୫(ମୃତ୍ୟୁଞ୍ଜୟ ଶତପଥୀ)

ଅପରେଶନ ସିନ୍ଦୂରର ସଫଳତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ସହ ଦେଶପ୍ରେମ ଓ ସେନାର ପରାକ୍ରମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ସୁବର୍ଣ୍ଣପୁର ଭାଜପା ନଗର ମଣ୍ଡଳ ପକ୍ଷରୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଲୋକଙ୍କ ମଧ୍ୟରେ ଦେଶପ୍ରେମ ବାର୍ତ୍ତା ପହଞ୍ଚାଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ଭାଜପା ସଭାପତି ବେଣୁଧର ଦାଶ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ନଗର ମଣ୍ଡଳ ସଭାପତି ସୁରେଶ ବିଶାଳଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଯୁବ ମୋର୍ଚ୍ଚା ସଭାପତି ସ୍ୱରୂପ ପାତ୍ର, ବରିଷ୍ଠ କାର୍ଯ୍ୟକର୍ତ୍ତା ଶିବରାମ ସାହୁ, କାଉନସିଲର ଗଙ୍ଗାଧର ଦରିଆ, ଦାଶରଥୀ ମେହେର, ଗୁପ୍ତପ୍ରକାଶ ମିଶ୍ର, ବିବେକାନନ୍ଦ ମିଶ୍ର, ପ୍ରଫୁଲ୍ଲ ମେହେର, ଦେବାଶିଷ ପୂଜାରୀ ଓ ଶୁଭ୍ରାଂଶୁ ଶେଖର ମିଶ୍ର ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

ଲୋଇସିଂହା,୨୭।୫(ସୁଶାନ୍ତ ବାରିକ)

ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଲୋଇସିଂହା -ପଦ୍ମପୁର ରାସ୍ତାର ପଣ୍ଡରାଣୀ ଛକରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଲୋଇସିଂହା ଥାନା ରାମପୁର ଗ୍ରାମର ଆଇଁଠୁ ମିର୍ଦ୍ଧା (୫୫) ଓ ଶଙ୍କର ସାହୁ (୪୦) ଗୁରୁତର ହୋଇଛନ୍ତି। ଲୋଇସିଂହା ପୋଲିସ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଲୋଇସିଂହାରେ ପ୍ରାଥମିକ ଚିକିତ୍ସା କରିବା ପରେ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଦୁଇଟି ବାଇକ୍ ପୋଲିସ ଜବତ କରିଛି।

# ଚୋରି ଘଟଣାରେ ଜଣେ ଗିରଫ

ଲୋଇସିଂହା,୨୭।୫(ସୁଶାନ୍ତ ବାରିକ)

ମଙ୍ଗଳବାର ଆଗଲପୁର ପୋଲିସ ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଭରସୁଜା ଗ୍ରାମର ମିଥୁନ ଶାଣ୍ଢ (୨୭)।ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଭରସୁଜା ଗ୍ରାମର କଲ୍ୟାଣ ମଣ୍ଡପରୁ ୨ଟି ଝରକା ଗ୍ରୀଲ୍ ଚୋରି କରିବା ସହ ସ୍କାଏ ଲାଇଟ ଭାଙ୍ଗି ଅନ୍ୟ ସାମଗ୍ରୀ ଚୋରି ପାଇଁ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଥିଲା ।

# କପିଳେଶ୍ୱର ବାବାଙ୍କ ପତରପେଣ୍ଡି

ଡୁଙ୍ଗୁରିପାଲି,୨୭।୫(ଦୀନବନ୍ଧୁ ସୁନା)

**ଡୁଙ୍ଗୁରିପାଲି ଶୀତଳ ଷଷ୍ଠୀ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିପ୍ରଥମ ବର୍ଷ ଶୀତଳ ଷଷ୍ଠୀ ମହୋତ୍ସବର ମଙ୍ଗଳବାର ବାବା କପିଳେଶ୍ୱର ମନ୍ଦିର ପରିସରରେ ପତର ପେଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମନ୍ଦିର ପରିସରରେ ବର ମାତାପିତା ହରିଶ ସାହୁ ଓ ତାଙ୍କ ସ୍ତ୍ରୀ ଝୁମି ସାହୁ କନ୍ୟା ଘରକୁ ଆସି ନିର୍ବନ୍ଧ କରିଥିଲେ। କନ୍ୟା ମାତା ପିତା ଶିବପ୍ରସାଦ ମେହେର ଓ ତାଙ୍କ ପତ୍ନୀ ଧରିତ୍ରୀ ମେହେରଙ୍କ ଉପସ୍ଥିତ ରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ଶ୍ୟାମସୁନ୍ଦର ଦାସ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ଶୀତଳ ଷଷ୍ଠୀ ମହୋତ୍ସବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବାବା କପିଳେଶ୍ୱରଙ୍କ ପତରପେଣ୍ଡି ଅବସରରେ ପୂଜାର୍ଚ୍ଚନା କରାଯାଉଛି।

# ଦିବାଲୋକରେ ବାଇକ ସହ ଟଙ୍କା ଲୁଟ୍

ବୀରମହାରାଜପୁର,୨୭।୫
(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ ପଲାସ ଛକରେ ସୋମବାର ଅପରାହ୍ଣ ପ୍ରାୟ ୩ଟାରେ ଜଣେ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ୧ଲକ୍ଷ ୪୦ହଜାର ଟଙ୍କା ସହ ବାଇକ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ବିଶିପଡ଼ା ପଞ୍ଚାୟତ ବେଚପାଲି ଗ୍ରାମର ପ୍ରଦୀପ କୁମାର ପ୍ରଧାନ। ସେ ବାଇକ ଡିକିରେ ୧ ଲକ୍ଷ ୪୦ ହଜାର ଟଙ୍କା ଧରି ଘରକୁ ଫେରୁଥିବା ବେଳେ ପଲାସ ଛକଠାରେ ପଲାସ ଗାଁର ଶରତ କୁମାର ଭୋଇ ତାଙ୍କ ବାଟ ଓଗାଳିଥିଲେ। ପରେ ମାରଣାସ୍ତ୍ର ଦେଖାଇ ବାଇକ ସହ ଟଙ୍କା ଲୁଟି ନେଇଥିବା ପ୍ରଦୀପ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ମାମଲା(ନଂ.୧୨୫/୨୫) ରୁଜୁ ହୋଇଛି। ଧର୍ମଶାଳା ଫାଣ୍ଡି ଅଧିକାରୀ ଚକ୍ରଧର ବାର ଲେବେଡିଆ ଘଟଣାର ତଦନ୍ତ ଚଳାଇଛନ୍ତି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଅମରପାଲି,୨୭।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମାତ୍ର ୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ୪ଟି ବ୍ୟକ୍ତିଗତ ଏବଂ ୩ଟି ସାମୂହିକ ଥିଲା। ଉକ୍ତ ଶିବିରରେ ବୀରମହାରାଜପୁର ଏବିଡିଓ ପୁରୁଷୋତ୍ତମ ଧରୁଆ, କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ଏଇଇ ସୁବନାଥ ମାଝୀ, ଶିକ୍ଷା ବିଭାଗରୁ ସିଆରସିସି ବାଙ୍କାବିହାରୀ ମହାକୁର, ସ୍ୱାସ୍ଥ୍ୟ ବିଭାଗରୁ ଅଞ୍ଜଳି ବାଘ, ଭେଟନାରୀ ଟେକ୍ନିସିଆନ ମମତା ପଣ୍ଡା, ଖାଦ୍ୟ ଯୋଗାଣ ଅଧିକାରୀ କ୍ଷୀରୋଦ କୁମାର ଧଳ, କୃଷି ବିଭାଗରୁ ମନୋଜ କୁମାର ଅମାତ, ବିଏଲସି ରମାକାନ୍ତ ହରିପାଲ, ସୀମାରାଣୀ ପଣ୍ଡା, ସ୍ଥାନୀୟ ପିଇଓ ଅକ୍ଷୟ କୁମାର ଭୋଇ, ଜିଆରଏସ ଝନଚାନ୍ଦ ମହାପାତ୍ର, ବିପିଏ ନିରଞ୍ଜନ ରଣା ଯୋଗଦେଇଥିଲେ। ଗ୍ରୀଷ୍ମ ପ୍ରବାହ ଯୋଗୁ ସବୁଠି ପାନୀୟ ଜଳ ସଙ୍କଟ ଦେଖାଦେଉଥିବା ବେଳେ ପାନୀୟ ଜଳ ଯୋଗାଣ ବିଭାଗର କୌଣସି ଅଧିକାରୀ ଶିବିରରେ ଉପସ୍ଥିତ ନ ଥିଲେ । ଫଳରେ ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ କରିବାକୁ ଆସିଥିବା ଅଭିଯୋଗକାରୀ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଚାଷୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭାଗରୁ ଚାଷୀଙ୍କ ଜମିରେ ଆଜକୁ ୩ବର୍ଷ ହେବ ଗଭୀର ନଳକୂପ ଖନନ ହୋଇଛି। କିନ୍ତୁ ଗଭୀର କୂଅରେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ସେଥିପାଇଁ ଚାଷୀମାନେ ଅଭିଯୋଗ ପାଇଁ ଆସିଥିଲେ ମଧ୍ୟ ଉଠାଜଳସେଚନ ବିଭାଗରୁ କୌଣସି ଅଧିକାରୀ ନ ଆସିବାରୁ ଚାଷୀମାନେ ନିରାଶ ହୋଇ ଫେରିଥିଲେ। ଏହା ସହିତ ବିଦ୍ୟୁତ, ବନ ବିଭାଗ, କେନ୍ଦୁପତ୍ର, କୃଷି, ଉଠା ଜଳସେଚନ, ସମନ୍ୱିତ ଶିଶୁ ଆଦି ବିଭାଗର ଅଧିକାରୀ ଶିବିରରେ ଉପସ୍ଥିତ ନ ଥିଲେ।

**ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଧିକାରୀ ଅନୁପସ୍ଥିତ**

# ବିଜୟ ଫାଇଟର ବିଜୟୀ


ଉଦଘାଟନୀ ଉତ୍ସବରେ ଅତିଥିମାନେ।

ସୋନପୁର,୨୭।୫(ମୃତ୍ୟୁଞ୍ଜୟ ଶତପଥୀ)

**ସୋନପୁର ପ୍ରିମିୟର ଲିଗ ଉଦ୍‌ଘାଟିତ**

ସୋନପୁର ପ୍ରିମିୟର ଲିଗ-୩ର ଶୁଭ ଉଦ୍‌ଘାଟନ ସହରସ୍ଥିତ ଗାନ୍ଧୀ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୌରପରିଷଦ ଅଧକ୍ଷା ତାମସି ତାମସ୍ମିତା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଲିଗକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର ତଥା ଜିଲା କ୍ରୀଡ଼ା ସଂଘ ସଂପାଦକ ପୀୟୂଷ କୁମାର ପଣ୍ଡା, ଏସ୍‌ପିଏଲ କମିଟି ଅଧକ୍ଷ ବି.ସତ୍ୟ ନାରାୟଣ ରାଓ, ସମ୍ପାଦକ ନବ କିଶୋର ମିଶ୍ର ଓ ଜିଲା କ୍ରିକେଟ ସଂଘ ସଭାପତି ପ୍ରଦୀପ କୁମାର ସେଠୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାମ ଇଲେଭେନ ଓ ବିଜୟ ଫାଇଟର ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୨୦ଓଭର ବିଶିଷ୍ଟ ମ୍ୟାଚରେ ରାମ ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ବିନିମୟରେ ବିଜୟ ଫାଇଟର ଦଳକୁ ୧୫୭ ରନ ଟାର୍ଗେଟ ଦେଇଥିଲା। ଦଳ ପକ୍ଷରୁ ଗୋବିନ୍ଦ ପାତ୍ର ସର୍ବାଧିକ ୯୪ ରନ କରିଥିବା ବେଳେ ଶଙ୍କର ଘଡିଆ ଓ ଗଣେଶ ମହାପାତ୍ର ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ବିଜୟ ଫାଇଟର ଦଳ ୧୪ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୫୯ ରନ କରି ୮ଉଇକେଟରେ ସହଜ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଶଙ୍ଖ ଘଡିଆ ୫୫ ରନ, ସିକନ ସେଠୀ ଅପରାଜିତ ୬୮ ରନ କରିଥିବା ବେଳେ ବିଷ୍ଣୁ ନାୟକ ଓ ମନୋଜ ବଡଚାଟ ୧ ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ବି.ଏସ. ରାଓ। ଅମ୍ପେୟାର ଶ୍ରିବନ୍ତ ନାୟକ ଓ ସୁଶାନ୍ତ ସେଠ ଖେଳ ପରିଚାଳନା କରିଥିବା ବେଳେ ଦିନେଶ ଘିବିଲା ଓ ବିଶନାଥ ନାୟକ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ । ଜିଲା କ୍ରିକେଟ ସଂଘର ସଦସ୍ୟ ଶ୍ୟାମ ସୁନ୍ଦର ପାତ୍ର, ସୁଧାଂଶୁ ଶେଖର ମିଶ୍ର, ବାଙ୍କା ବିହାରୀ ମହଲା, ପ୍ରଦୀପ୍ତ ସେଠୀ, ରାଜେନ୍ଦ୍ର ମିଶ୍ର ଓ ପାର୍ଥ କର ସହଯୋଗ କରିଥିଲେ ।

## ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା

ରାଉରକେଲା,୨୭।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୧୫ସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ସେବା ସମିତି ପରିଚାଳିତ ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟିର ବାର୍ଷିକ ସମ୍ମିଳନୀ ମନ୍ଦିର ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କମିଟି ଅଧ୍ୟକ୍ଷ ହରିହର ରାଉତରାୟ ଅଧ୍ୟକ୍ଷତା କରି ମନ୍ଦିର ସ୍ଥିତି, ଆଗାମୀ ଦିନର କାର୍ଯ୍ୟକ୍ରମ ଏବଂ ଧାର୍ମିକ ଓ ସଂସ୍କାର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ସୁଶା' କୁମାର ପ୍ରଧାନ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିଲେ। ଏହି ପରିପେକ୍ଷୀରେ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ହରିହର ରାଉତରାୟ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାବେଳେ ଇଂ. ଉତ୍ତମ କୁମାର ସାମଲ ସଭାପତି, ହେମନ୍ତ କୁମାର ବିଶ୍ୱାଳ ପୀଠ ପରିଚାଳକ, ଜୟନ୍ତୀ ଦାସ କାର୍ଯ୍ୟକାରୀ ସଭାପତି, ଦିଲୀପ କୁମାର ସାହୁ, ପ୍ରଦୀପ କୁମାର ପଟ୍ଟନାୟକ, କପିଳେଶ୍ୱର ମିଶ୍ର, ପ୍ରଶାନ୍ତ କୁମାର ସାମଲ ଓ ସୁଭଦ୍ରା ପ୍ରଧାନ ଉପସଭାପତି, ସୁଶାନ୍ତ କୁମାର ପ୍ରଧାନ ସାଧାରଣ ସମ୍ପାଦକ ଭାବେ ମନୋନିତ ହୋଇଥିଲେ। ପ୍ରସନ୍ନ କୁମାର ତ୍ରିପାଠୀ ସୂଚନା ଓ ଲୋକସମ୍ପର୍କ ସମ୍ପାଦକ, ଧବଳେଶ୍ୱର ବିଶ୍ୱାଳ, ନିତ୍ୟାନନ୍ଦ ପ୍ରଧାନ, ବିପିନ କୁମାର ମହାରାଣା, ରେଖା କୋଠାରୀ ଓ ବଳରାମ ପ୍ରଧାନ ସହ ସମ୍ପାଦକ, ଗଙ୍ଗାଧର ନାୟକ କୋଷାଧ୍ୟକ୍ଷ, ଶ୍ରୀକାନ୍ତ ମହାନ୍ତି ସହ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିଲେ। ସେହିପରି ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ସଦସ୍ୟ ଭାବେ ୨୩ଜଣଙ୍କୁ ମନୋନିତ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ୧୫ଜଣଙ୍କୁ ମନୋନିତ କରାଯାଇଥିଲା। ଶେଷରେ ସାଧାରଣ ସମ୍ପାଦକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ମଙ୍ଗଳବାର ଆର୍‌ଏସ୍‌ପି ପକ୍ଷରୁ ଇସ୍ପାତ ଷ୍ଟାଡିୟମରେ ଚାଲିଥିବା ୩୮ତମ ବାର୍ଷିକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ପିଲାମାନେ କ୍ରୀଡ଼ା ପ୍ରଶିକ୍ଷଣ ନେଉଛନ୍ତି।

## ଭାଗନେଲେ ୧୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍

### ଆର୍‌ଏସ୍‌ପି ବାର୍ଷିକ ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ଉଦ୍‌ଯାପିତ

ରାଉରକେଲା,୨୭।୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଦ୍ୱାରା କ୍ରୀଡା ପ୍ରତିଭାମାନଙ୍କୁ ନେଇ ଚାଲିଥିବା ୩୮ତମ ବାର୍ଷିକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଇସ୍ପାତ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଇନ୍‌ଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମାନବ ସମ୍ବଳ ବିଭାଗ ସିଜିଏମ୍ ମାନସ ରଥ, ସହରସେବା ଓ ସିଏସ୍‌ଆର ବିଭାଗ ସିଜିଏମ୍ ଟି. ଜି. କାନେକର ଏବଂ ଆର୍‌ଏସ୍‌ପିର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କ୍ରୀଡା ଦଳଗତ ଭାବନା ଓ ଶୃଙ୍ଖଳାକୁ ସୁଦୃଢ କରିବା ସହ ଏକାଗ୍ରତା, ଶାରୀରିକ ଓ ମାନସିକ ସ୍ତରକୁ ସୁଦୃଢ କରେ ବୋଲି ଡ. ଆଚାର୍ଯ୍ୟ କହିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ଖେଳକୁଦର ଚିତ୍ତାକର୍ଷକ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପାନୀ ଉତ୍ସବରେ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିବା ବିଭିନ୍ନ ଦଳ ଏବଂ କ୍ରୀଡା ପ୍ରଶିକ୍ଷକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କ୍ରୀଡା ପତାକା ଅବତରଣ କରାଯାଇଥିଲା। ପ୍ରାରମ୍ଭରେ କାନେକର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ବିଭାଗର ଉପ ପ୍ରବନ୍ଧକ ରଘୁନନ୍ଦନ ପାଢୀ କାର୍ଯ୍ୟକ୍ରମ ପରିଚାଳନା ଏବଂ ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୂଚନାଯୋଗ୍ୟ, ଗତ ୭ତାରିଖରେ ଉଦ୍‌ଘାଟିତ ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ୧୫ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଆଥଲେଟିକ୍, ବ୍ୟାଡ୍‌ମିଣ୍ଟନ, ବକ୍ସିଂ, ବାସ୍କେଟବଲ, ବଡିବିଲ୍ଡିଂ, ଚେସ, କ୍ରିକେଟ, ସାଇକ୍ଲିଂ, ଫୁଟବଲ, ହକି, କବାଡି, ଟେବୁଲ ଟେନିସ, ଭଲିବଲ, ୱେଟଲିଫ୍ଟିଂ, ପାୱାର ଲିଫ୍ଟିଂ ଓ ଯୋଗ ଭଳି ୧୪ଟି ବିଭାଗରେ ଅଭିଜ୍ଞ କ୍ରୀଡ଼ା ପ୍ରଶିକ୍ଷକଙ୍କଠାରୁ କ୍ରୀଡା କୌଶଳ ପ୍ରଶିକ୍ଷଣ ନେଇଥିଲେ। ୧୯୮୭ରେ ଆରମ୍ଭ ହୋଇଥିବା ଏହି କ୍ରୀଡା ଶିବିର ଅତୀତରେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡାବିତ୍ ସୃଷ୍ଟି କରିବା ସହ ବର୍ତ୍ତମାନ ବହୁ ଉଦୀୟମାନ କ୍ରୀଡା ତାରକାଙ୍କୁ ଲୋକଲୋଚନକୁ ଆଣିବାରେ ପ୍ରୟାସ ଜାରି ରଖିଛି।

## ମହର୍ଷି ନାରଦ ସତ୍ୟ ଉଜାଗରର ପୂଜାରୀ

### ରାଉରକେଲା ଆଦର୍ଶ ପାଠାଗାରରେ ନାରଦ ଜୟନ୍ତୀ

ରାଉରକେଲା,୨୭।୫(ବିପ୍ଳବ ରଞ୍ଜନ ଦାଶ)




ସମାରୋହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା ଆଦର୍ଶ ପାଠାଗାରରେ ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ବିଶ୍ୱ ସମ୍ବାଦ କେନ୍ଦ୍ର ରାଉରକେଲା ପକ୍ଷରୁ ନାରଦ ଜୟନ୍ତୀ ଏବଂ ନାରଦ ସମ୍ମାନ ସମାରୋହ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାଜକୁମାର ନାଥଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଉରକେଲାର ବରିଷ୍ଠ ବୁଦ୍ଧିଜୀବୀ ମନୋରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ରାଉରକେଲା ମ୍ୟୁନିସିପାଲ କଲେଜ ଅଧକ୍ଷ ତଥା ଆର୍‌ଏସ୍‌ଏସ୍‌ର ଓଡିଶା ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ଡ. ସନାତନ ପଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱ ସମାଚାର ପ୍ରଚାରର ପ୍ରଥମ ସାମ୍ବାଦିକ ମହର୍ଷି ନାରଦ ଏବଂ ସେ ସତ୍ୟ ଉଜାଗରର ପୂଜାରୀ ଥିଲେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ନାରଦଙ୍କୁ କଳହୀ କହିବା ଅନୁଚିତ। ନାରଦର ପ୍ରକୃତ ସଂଜ୍ଞା ହେଉଛି ଜଗତକୁ ସତ୍ୟର ନାଦ ବା ବାର୍ତ୍ତା ପହଞ୍ଚାଇବା। ନାରଦଙ୍କ ବୀଣା ସତ୍ୟର ଶଙ୍ଖନାଦ। ଏଣୁ ନାରଦଙ୍କ ନୀତି ଆଦର୍ଶରେ ଚତୁର୍ଥ ସ୍ତମ୍ଭ ସତ୍ୟପଥରେ ବ୍ରତୀ ହୋଇ ଏକ ଶାନ୍ତି ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନିର୍ବାହ କରିବା ଜରୁରୀ। କାରଣ ଚତୁର୍ଥସ୍ତମ୍ଭ ସାମାଜିକ, ରାଜନୈତିକ, ଅର୍ଥନୈତିକ, ବାଣିଜ୍ୟିକ, କୁଟନୈତିକ, କୃଷିଭିତ୍ତିକ ଓ ସାମରିକ କ୍ଷେତ୍ରରେ ବିଶ୍ୱବାସୀଙ୍କୁ ଆଗକୁ ନେବା। ମାତ୍ର ବହୁକ୍ଷେତ୍ରରେ ଆଜିର ନାରଦମାନଙ୍କୁ ସମ୍ମାନ ମିଳୁନାହିଁ। ଏଣୁ ଆଜିର ଚତୁର୍ଥସ୍ତମ୍ଭ ବା ନାରଦବାଦୀ ସାମ୍ବାଦିକମାନେ ବ୍ରହ୍ମାଣ୍ଡର ପ୍ରଥମ ସାମ୍ବାଦିକ ନାରଦଙ୍କ ଭଳି ନିରପେକ୍ଷ ଓ ସ୍ପଷ୍ଟବାଦୀ ହୋଇ ବିଶ୍ୱ କଲ୍ୟାଣ ପାଇଁ ନିଜର ନିର୍ଭିକ ଦାୟିତ୍ୱ ତୁଲାଇବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ରାଉରକେଲାର ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବବ୍ରତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## କାମରେ ଲାଗୁନି ଆର୍‌ଜିଏଚ୍ ପୋଡ଼ାଜଳା ବିଭାଗ ଏସି

ରାଉରକେଲା,୨୭।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ଡାକ୍ତରଖାନାରେ ପୋଡାଜଳା ରୋଗୀମାନଙ୍କ ପାଇଁ ପୋଡାଜଳା ବିଭାଗ ରହିଛି। ଏହି ବିଭାଗରେ ୬ଟି ଉତ୍କୃଷ୍ଟ ମାନର ପ୍ରକୋଷ୍ଠ ଥିବାବେଳେ ପ୍ରତି ପ୍ରକୋଷ୍ଠରେ ଉନ୍ନତ ଶଯ୍ୟା, ଫ୍ୟାନ ଓ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର (ଏସି) ରହିଛି। ମାତ୍ର ପରିତାପର ବିଷୟ ପୋଡାଜଳା ବିଭାଗର ଏସି ରୋଗୀଙ୍କ ପାଇଁ ବ୍ୟବହାର ହେଉନାହିଁ। ଫଳରେ ସୋନେ ଅସୁବିଧା ଭୋଗୁଥିବା ପ୍ରକାଶ କରିଛନ୍ତି। ମଙ୍ଗଳବାର ଉକ୍ତ ବିଭାଗରେ ରୋଗୀମାନେ ଏସି ସୁବିଧା ପାଇ ନ ଥିବା ଦେଖିବାକୁ ମିଳିଛି। ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ଡ. ମନୋଜ ଉପାଧ୍ୟାୟଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ନାହାନ୍ତି। ତୁରନ୍ତ ଏସି ବ୍ୟବହାର ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଆର୍‌ଜିଏଚ୍ ପୋଡାଜଳା ବିଭାଗ।

## ସଞ୍ଜିତ କେନ୍ଦ୍ରମନ୍ତ୍ରୀଙ୍କ ଲାଠିକଟା ପ୍ରତିନିଧି

ରାଉରକେଲା,୨୭।୫(ଦିନେଶ ମିଶ୍ର)

କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କ ଲାଠିକଟା ବ୍ଲକ ପ୍ରତିନିଧି ଭାବେ ସଞ୍ଜିତ କୁମାର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ଓରାମ ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି। ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ କରିବା ସହ ଜନସାଧାରଣଙ୍କ ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ପହଞ୍ଚାଇବାରେ ସେ ସହଯୋଗ କରିବେ ବୋଲି ସୂଚନା ପ୍ରଦାନ କରାଯାଇଛି। ସଞ୍ଜିତ ଏହା ପୂର୍ବରୁ ଲାଠିକଟା ବ୍ଲକ ଅଞ୍ଚଳରେ ଦୀର୍ଘଦିନ ଧରି ଜଣେ ସାମାଜିକ କର୍ମୀ ଭାବେ ଜନହିତକର କାର୍ଯ୍ୟକ୍ରମ କରିଆସୁଥିଲେ। ଏଥିସହ ସେ ଭାରତୀୟ ଜନତା ପାର୍ଟିର ଜଣେ ଆଗଧାଡିର ସକ୍ରୀୟ କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି। ସଞ୍ଜିତଙ୍କୁ ଏହି ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ଲାଠିକଟା ବ୍ଲକ ପ୍ରତିନିଧି ଭାବେ ଦାୟିତ୍ୱ ପ୍ରଦାନ କରାଯାଉଛି।

## ଏବିପି ୨୦୨୫-୨୬ ଆର୍ଥିକ ତଥ୍ୟ ପୁସ୍ତିକା ଉନ୍ମୋଚିତ



ପୁସ୍ତିକା ଉନ୍ମୋଚନ ସମାରୋହରେ ଉପସ୍ଥିତ ଆର୍‌ଏସ୍‌ପି ଅଧିକାରୀ।

ରାଉରକେଲା,୨୭।୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ସୋମବାର ଏବିପି-୨୦୨୫ -୨୬ ଆର୍ଥିକ ତଥ୍ୟ ପୁସ୍ତିକା ଉନ୍ମୋଚନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେଲ୍ ଇସ୍କୋ ଷ୍ଟିଲ ପ୍ଲାଣ୍ଟ ଏବଂ ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟର ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ବହନ କରିଥିବା ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଯୋଗ ଦେଇଥିଲେ। ଏହି ଅବସରରେ ଏଚ୍‌ଆର ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରୀଆ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ ଏବଂ ବିତ୍ତ ଓ ଲେଖା ବିଭାଗ ସିଜିଏମ୍ ଆର୍. ଦାସଗୁପ୍ତାଙ୍କ ସମେତ ବିତ୍ତ ଓ ଲେଖା ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉନ୍ମୋଚିତ ପୁସ୍ତିକାକୁ ବିସ୍ତୃତ ଭାବେ ପ୍ରସ୍ତୁତ କରିବା ପାଇଁ ବିତ୍ତ ଓ ଲେଖା ବିଭାଗର ଖର୍ଚ୍ଚ ଏବଂ ବଜେଟ ସେକ୍ସନର ପ୍ରୟାସକୁ ବର୍ମା ପ୍ରଶଂସା କରିଥିଲେ। ସେ କାରଖାନାର ସମସ୍ତ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣରେ ଦୃଢ ଆର୍ଥିକ ତଥ୍ୟର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଖର୍ଚ୍ଚ ଓ ବଜେଟର ଜିଏମ୍ ବି. କେ. ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେ ଆର୍‌ଏସ୍‌ପିର ସାମଗ୍ରିକ ଭାବେ ଏକ ପ୍ରସ୍ତୁତ ହିସାବ ପ୍ରଦାନକାରୀ ପୁସ୍ତିକାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ହ୍ୟାଣ୍ଡବୁକ୍ ଅନ୍ ଫାଇନାନ୍ସିଆଲ ଡାଟା ଏବିପି ୨୦୨୫-୨୬ ଯାହା ଆର୍‌ଏସ୍‌ପି ଏବଂ ଓଡ଼ିଶା ଖଣି ସମୂହର ବାର୍ଷିକ ବ୍ୟବସାୟ ଯୋଜନା (ଏବିପି) ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚନାକୁ ସଂଗୃହୀତ କରିଛି।

## ଜବରଦଖଲ ଉଚ୍ଛେଦ କଲା ଆର୍‌ଏସ୍‌ପି

ରାଉରକେଲା,୨୭।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶିଳ୍ପାଞ୍ଚଳ ସହର ସେବା ବିଭାଗର ପ୍ରବର୍ତ୍ତନ ଏବଂ ଆବଣ୍ଟନ ଦଳ ପକ୍ଷରୁ ମଙ୍ଗଳବାର ସେକ୍ଟର-୩ ଥାନାର ପୋଲିସ ଓ ସୁରକ୍ଷା କର୍ମଚାରୀଙ୍କ ସହାୟତାରେ ସେକ୍ଟର-୪ର କ୍ୱାର୍ଟର ନମ୍ବର ଏ/୩୦୭ରୁ ଅନଧିକୃତ ଦଖଲ ଉଚ୍ଛେଦ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏହି କ୍ୱାର୍ଟର ୯ ବର୍ଷରୁ ଅଧିକ ସମୟ ଧରି ଅନଧିକୃତ ଦଖଲରେ ଥିଲା। କ୍ୱାର୍ଟରର ମୂଳ ନିବାସୀ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀ ଥିଲେ ଏବଂ ସେ ୩୦।୦୬।୨୦୧୪ରେ ଅବସର ଗ୍ରହଣ କରିଥିଲେ। ଉକ୍ତ କର୍ମଚାରୀ ଏବଂ ତାଙ୍କ ଭଉଣୀମାନଙ୍କ ମଧ୍ୟରେ ବିବାଦ ଯୋଗୁ କ୍ୱାର୍ଟର ଖାଲି କରାଯାଇ ନ ଥିଲା। ଫଳରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ସେମାନଙ୍କୁ ଉପରେ ପ୍ରଥମ ଥର ପାଇଁ ତା୦୨।୦୬।୨୦୧୭ରିଖରେ କ୍ୱାର୍ଟର ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ସେମାନେ ନୋଟିସକୁ ପାଳନ କରି ନ ଥିଲେ। ପରେ ଅନେକ ନୋଟିସ ସତ୍ତ୍ୱେ ଉଚ୍ଛେଦ ସମ୍ଭବ ହୋଇପାରି ନ ଥିଲା। ଗତ ୨୭ ତାରିଖରେ ଏନ୍‌ଫୋର୍ସମେଣ୍ଟ ଦଳ ସହର ସେବା ବିଭାଗର ଆବଣ୍ଟନ ବିଭାଗ ସହିତ ପ୍ରଥମେ ଜବରଦଖଲକାରୀଙ୍କୁ ପରାମର୍ଶ ଦେଇଥିଲେ। ଜବରଦଖଲକାରୀ ନ ମାନିବାରୁ ସେମାନଙ୍କୁ ଉଚ୍ଛେଦ କରାଯାଇଥିଲା। ଉଲ୍ଲେଖନୀୟ, ଆର୍‌ଏସ୍‌ପିର ସହର ସେବା ବିଭାଗ ଏପରି ୪୮ ଜଣ ଅନଧିକୃତ ଜବରଦଖଲକାରୀଙ୍କୁ ଚିହ୍ନଟ କରିଛି। ଯେଉଁମାନେ ଅବସର ପରେ ମଧ୍ୟ ଆର୍‌ଏସ୍‌ପି କ୍ୱାର୍ଟରରେ ରହୁଛନ୍ତି । ଆଗାମୀ ଦିନରେ ସେମାନଙ୍କୁ ଉଚ୍ଛେଦ କରାଯିବ ବୋଲି ଜଣାପଡିଛି।

## ଆର୍‌ଏସ୍‌ପି ସିଜିଏମ୍‌ଙ୍କୁ ଭେଟିଲା ସିଆଇଟିୟୁ

ରାଉରକେଲା,୨୭।୫(ଦିନେଶ ମିଶ୍ର)

ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆରଏସ୍‌ପି)ରେ ନୂତନ ଭାବେ ସିଜିଏମ୍ ଦାୟିତ୍ୱ ଗ୍ରହଣ କରିଥିବା ମାନସ ରଥଙ୍କୁ ସିଆଇଟିୟୁ ପ୍ରତିନିଧି ଦଳ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସିଜିଏମ୍ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଏବଂ ଶ୍ରମିକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପ୍ରଚେଷ୍ଟା କରିବେ ବୋଲି ପ୍ରତିନିଧି ଦଳ ଆଶା ପ୍ରକାଶ କରିଥିଲେ। ଏହି ଆଲୋଚନାରେ ମୁଖ୍ୟତଃ ଆରଏସ୍‌ପିର ଆଧୁନିକୀକରଣ, ଆଇଜିଏଚ୍ ସ୍ୱାସ୍ଥ୍ୟସେବାରେ ବିକାଶ, ସହରାଞ୍ଚଳର ବିକାଶ ତଥା ମେଣ୍ଟେନାନ୍ସରେ ଉନ୍ନତି ଓ ଠିକା ଶ୍ରମିକଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବପରି ସେଣ୍ଟ୍ରାଲ କନସଲ୍ଟ ମିଟିଂରେ ସମସ୍ତ ୟୁନିୟନ ଓ କର୍ତ୍ତୃପକ୍ଷ ମଧ୍ୟରେ ଆଲୋଚନା ହେଲେ ଉତ୍ପାଦନରେ ଉନ୍ନତି ଆସିବ ବୋଲି କୁହାଯାଇଥିଲା। ଜୀବନରାମ ବାରିହା, ପ୍ରଦୀପ ସେଠୀ, ବିଶ୍ୱରଞ୍ଜନ ମଲ୍ଲିକ, ସଂଗ୍ରାମ ସାମଲ, ପ୍ରଦୋଷ ପରିଡା, ଯଜ୍ଞେଶ୍ୱର ସାହୁ ଓ ଅକ୍ଷୟ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଆର୍‌ଏସ୍‌ପି ସିଜିଏମ୍‌ଙ୍କୁ ସିଆଇଟିୟୁ ପ୍ରତିନିଧି ସାକ୍ଷାତ କରୁଛନ୍ତି।

## ଜୁନ୍ ୧ରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

ରାଉରକେଲା,୨୭।୫(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କ ଆବାହକତ୍ୱରେ ସାରନଗରୀସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରେକ୍ଷାଳୟରେ ଜୁନ୍ ୧ ତାରିଖ ଅପରାହ୍ନ ୪ଟାରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏହି ବୈଠକରେ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁମାନଙ୍କୁ ନେଇ ଏକ ନୂତନ ପରିଚାଳନା କମିଟି ଗଠନ କରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ସମେତ ମନ୍ଦିରର ବିଭିନ୍ନ ନୀତିକାନ୍ତି ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ନିଷ୍ପତ୍ତି ନିଆଯିବ। ଶ୍ରୀ ରାମେଶ୍ୱର ମନ୍ଦିରର ପ୍ରତିଷ୍ଠାତା, ଶ୍ରୀ ଗୁଣ୍ଡିଚା ମନ୍ଦିରର ପ୍ରତିଷ୍ଠାତା ସଭାପତି ତଥା ସଚେତନ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ପତିତପାବନ ରାୟ ଏବଂ ସାରନଗରୀ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରଧାନ ସେବକ ସ୍ମୃତିକାନ୍ତ ମିଶ୍ର ଜଣାଇଛନ୍ତି।

## ଚାରୁକଳାରେ ମାନସିକ ରୋଗୀଙ୍କ ଆତ୍ମଭାବନା ପ୍ରକାଶ

### ଆଇଜିଏଚ୍‌ରେ ବିଶ୍ୱ ସିଜୋଫ୍ରେନିଆ ଦିବସ

ରାଉରକେଲା,୨୭।୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲରେ ଗତ ଶନିବାର ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳନ ନେଇ ଏକ ଚିତ୍ରକଳା ଥେରାପି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ହସ୍ପିଟାଲର ମାନସିକ ରୋଗ ୱାର୍ଡରେ ହୋଇଥିଲା। ଏଥିରେ ବରିଷ୍ଠ ମାନସିକ ରୋଗ ପରାମର୍ଶଦାତା ତଥା ବିଭାଗୀୟ ମୁଖ୍ୟ ଚିକିତ୍ସକ ଡା. ଦେବାଶିଷ ମହନ୍ତ, ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ଡା. ସଞ୍ଜୟ କୁମାର ଆଚାର୍ଯ୍ୟ, କ୍ଲିନିକାଲ ମନସ୍ତତ୍ତ୍ୱବିତ୍ ସୁଶ୍ରୀ ସନ୍ଧ୍ୟାରାଣୀ ଦାଶ ଯୋଗ ଦେଇଥିଲେ। ବିଭାଗର ଉତ୍ସର୍ଗୀକୃତ ଇଣ୍ଟର୍ନ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ସୃଜନଶୀଳ ଚାରୁକଳା ମାଧ୍ୟମରେ ରୋଗୀ ମାନଙ୍କ ମଧ୍ୟରେ ମାନସିକ ଏବଂ ଭାବପ୍ରବଣ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ। ମାନସିକ ରୋଗୀଙ୍କ ଆତ୍ମଭାବନା ପ୍ରକାଶକୁ ଉତ୍ସାହିତ କରିବା ପାଇଁ ଡିଜାଇନ କରାଯାଇଥିବା ଅଧିବେଶନରେ ରୋଗୀମାନଙ୍କୁ ସେମାନଙ୍କ ଚିନ୍ତାଧାରା ଏବଂ ଭାବପ୍ରବଣତା ଅନ୍ୱେଷଣ କରିବା ପାଇଁ ଏକ ସୁରକ୍ଷିତ ସ୍ଥାନ ପ୍ରଦାନ କରାଯାଇଥିଲା। ଆତ୍ମ ସଚେତନତା ବୃଦ୍ଧି, ମାନସିକ ଅବସାଦ ହ୍ରାସ ଏବଂ କଳାତ୍ମକ ଶୈଳୀ ମାଧ୍ୟମରେ ରୋଗୀମାନଙ୍କୁ ଆରୋଗ୍ୟ ହେବା ନେଇ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ ଥିଲା। ଏହି ଅବସରରେ ବିଭିନ୍ନ ପ୍ରକାରର ଅନ୍ତର୍ଭୁକ୍ତିମୂଳକ ଓ ଯୋଗାଯୋଗ ଭିତ୍ତିକ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା। ଏହା ଯତ୍ନ ପ୍ରଦାନକାରୀ ଏବଂ ରୋଗୀଙ୍କ ମଧ୍ୟରେ ଏକ ଦୃଢ ଚିକିତ୍ସାଗତ ବୁଝାମଣାକୁ ସୁଗମ କରିଥିଲା। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କ ସ୍ମରଣ ଶକ୍ତି ପୁନର୍ଜୀବିତ କରିବା ଏବଂ ସୃଜନଶୀଳ ଭାବେ ନିଜକୁ ପ୍ରକାଶ କରିବା ପାଇଁ ସହାୟକ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ସିଜୋଫ୍ରେନିଆ ରୋଗ ସହ ଜଡିତ ସାମାଜିକ ଭ୍ରମ ଏବଂ ଭୁଲ ଧାରଣାକୁ ଭାଙ୍ଗିବାରେ ଅର୍ଥପୂର୍ଣ୍ଣ ଭାବେ ସହାୟକ ସାବ୍ୟସ୍ତ ହୋଇଥିଲା।



ରୋଗୀମାନଙ୍କୁ ଚିତ୍ରକଳା ଥେରାପି ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ସ୍ୱଚ୍ଛତା କାର୍ଯ୍ୟକ୍ରମ

ଲଖନପୁର,୨୭।୫(ଗୌତମ ସାହୁ)

ମହାରାଣୀ ଅହଲ୍ୟାବାଇ ହୋଲକରଙ୍କ ଜନ୍ମବାର୍ଷିକ ଉପଲକ୍ଷେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ସିଂହାରପୁର ଶିବ ମନ୍ଦିରରେ ଭାଜପା ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ସମେତ ବରିଷ୍ଠ ଏବଂ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶିବମନ୍ଦିର ପରିସର ସଫେଇ କରିବା ସହ ସ୍ୱଚ୍ଛତା ବାର୍ତ୍ତା ପ୍ରଦାନ କରିଥିଲେ। ଏଥିସହ ମହାରାଣୀ ଅହଲ୍ୟାବାଇଙ୍କ ଶିକ୍ଷା, ସଂସ୍କୃତି, ଧର୍ମ, ସମାଜସେବା ପାଇଁ କରିଥିବା କାର୍ଯ୍ୟ ବିଷୟରେ ଆଲୋଚନା ହୋଇ ତାଙ୍କର ସ୍ମୃତିଚାରଣ କରାଯାଇଛି।

### ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଖେଳିବାକୁ ସମ୍ବଲପୁର ଗଲା ଝାରସୁଗୁଡ଼ା ଟିମ୍

ଝାରସୁଗୁଡ଼ା,୨୭।୫(ଆଶିଷ ରଞ୍ଜନ ଦାଶ)

ମୁଖ୍ୟମନ୍ତ୍ରୀ କପ୍ ଖେଳିବାକୁ ୧୫ ବର୍ଷରୁ କମ୍ ଝାରସୁଗୁଡ଼ା ଫୁଟ୍‌ବଲ୍ ଟିମ୍ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସମ୍ବଲପୁର ଯାତ୍ରା କରିଛି। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ବେହେରା, ଜିଲା ଆଥ୍‌ଲେଟିକ୍ ଆସୋସିଏଶନର ତାପସ ରାୟଚୌଧୁରୀ, କ୍ଲେମେଣ୍ଟ ରୋନାଲ୍ଡ, ଗଣେଶ ନାଇକ, ସୁଶାନ୍ତ ମହାନ୍ତି, ସୁଶାନ୍ତ ମାଲି, ଫୁଟ୍‌ବଲ୍ କୋଚ୍ ସଞ୍ଜୟ ଦାଶ, ରାମ ଓରାମ, ଟିକାରାମ ଥପା ପ୍ରମୁଖ ଫୁଟ୍‌ବଲ୍ ଟିମ୍‌ରେ ଥିବା ସମସ୍ତ ଖେଳାଳିଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କପ୍‌ଟି ରାଜ୍ୟ ସାରା ଜିଲାସ୍ତରରେ ଖେଳାଯାଉଥିବାବେଳେ ଏହାକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଝାରସୁଗୁଡ଼ା ଟିମ୍ ସମ୍ବଲପୁର ଜୋନ୍‌ରେ ଖେଳିବା ସହିତ ତାହାର ପ୍ରଥମ ମ୍ୟାଚ୍ ବୁଧବାର ଅପରାହ୍ନ ୪ଟାରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ବଲାଙ୍ଗୀର ସହିତ ଖେଳିବ। ଏହି ଟୁର୍ନାମେଣ୍ଟ ରାଜ୍ୟ କ୍ରୀଡ଼ା ବିଭାଗ ଓ ରାଜ୍ୟ ଫୁଟ୍‌ବଲ୍ ଆସୋସିଏଶନ ଦ୍ୱାରା ପରିଚାଳିତ ହେଉଛି।

### ଟିଟିଲାଗଡ଼ ସହରରେ ଖୁଚୁରା ମୁଦ୍ରାର ଘୋର ଅଭାବ

ଟିଟିଲାଗଡ଼,୨୭।୫(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ଓ ଏହାର ଆଖପାଖ ଅଞ୍ଚଳରେ ଖୁଚୁରା ମୁଦ୍ରାର ଅଭାବ ଦେଖାଯାଉଛି। ସହରରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ତେଜରାତି ଦୋକାନ, ହୋଟେଲ, ଜଳଖିଆ, ଚାହା କଫି ଦୋକାନ, ଔଷଧ ଦୋକାନ, ପନିପରିବା ଦୋକାନ ଓ ଲଣ୍ଡ୍ରି ଦୋକାନଗୁଡ଼ିକରେ ଦୈନିକ କାରବାର ସମୟରେ ପାଞ୍ଚ ଟଙ୍କିଆ, ଦଶ ଟଙ୍କିଆ, କୋଡ଼ିଏ ଟଙ୍କିଆ ମୁଦ୍ରା କିମ୍ବା ନୋଟ ଅଧିକାଂଶ ସମୟରେ ମିଳୁନାହିଁ। ଫଳରେ ନେଣ ଦେଣ ସମୟରେ ଗ୍ରାହକ ଓ ଦୋକାନୀମାନଙ୍କ ଭିତରେ ଏହାକୁ ନେଇ ବଚସା ହେବା ସହ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଣୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଟିଟିଲାଗଡ଼ ଅଞ୍ଚଳରେ ଥିବା ସମସ୍ତ ରାଷ୍ଟ୍ରାୟତ ତଥା ବ୍ୟବସାୟିକ ବ୍ୟାଙ୍କ ଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣର ଖୁଚୁରା ମୁଦ୍ରା ତଥା ନୋଟ ଯୋଗାଇ ଦେବା ପାଇଁ ବ୍ୟବସାୟୀ ମହଲରେ ଦାବି ହେଉଛି।

# ରାମପୁରରେ କମୁନି ଝାଡ଼ାବାନ୍ତି, ଆଉ ୩ ଆକ୍ରାନ୍ତ

- ଘର ଘର ବୁଲି ଔଷଧ ବାଣ୍ଟିଲା ଡାକ୍ତରୀ ଟିମ୍
- ପାଣି ନମୁନା ପରୀକ୍ଷା ପାଇଁ ପଠାଗଲା

ବ୍ରଜରାଜନଗର,୨୭।୫(ବିଜୟ ବରାଡ଼)


ସ୍ୱାସ୍ଥ୍ୟ ବିଭାଗ ଟିମ୍ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ୬ ନମ୍ବର ୱାର୍ଡ ରାମପୁରର ଦଳିତପଡ଼ାରେ ଝାଡ଼ାବାନ୍ତି କମିବାରୁ ନାଁ ଧରୁନି। ଗତ ୮ ଦିନ ଭିତରେ ଝାଡ଼ାବାନ୍ତିରେ ୩ ଜଣଙ୍କ ଜୀବନ ଯାଇଥିବାବେଳେ ୧୪ ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ଏଥିରେ ଆଉ ୩ ଜଣ ଆକ୍ରାନ୍ତ ହେଇଛନ୍ତି। ସେମାନଙ୍କ ମଧ୍ୟରୁ କାମଦେବ ଜଗତ(୩୬) ଓ ବିଶ୍ୱନାଥ ଜୟପୁରିଆ(୬୨)ଙ୍କ ପରିଚୟ ମିଳିଛି। କାମଦେବ ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ବିଶ୍ୱନାଥ ଓ ଅନ୍ୟଜଣେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ଡାକ୍ତରୀ ଟିମ୍ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳିତପଡାର ଘର ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ଔଷଧ ବଣ୍ଟନ କରିଛନ୍ତି। ଅପରପକ୍ଷରେ ଦଳିତପଡା ନିକଟରେ ଥିବା ଦେଶୀ ମଦଭାଟିର ପାଣି, କୂଅପାଣି, ପିଏଚ୍‌ଡି ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯାଇଛି।

ସୂଚନା ଅନୁଯାୟୀ, ରାମପୁରର ଦଳିତପଡ଼ାରେ ଗତ ୧୮ ତାରିଖରୁ ଝାଡ଼ାବାନ୍ତି ବ୍ୟାପିଛି। ଇତିମଧ୍ୟରେ ଝାଡ଼ାବାନ୍ତିରେ ପ୍ରାୟ ୩୦ ଜଣ ମହିଳା, ପୁରୁଷ ଓ ଶିଶୁ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୦ରୁ ଉର୍ଦ୍ଧ୍ୱ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ଦୂଷିତ ପାଣି ବ୍ୟବହାର କରିବା ଦ୍ୱାରା ଝାଡ଼ାବାନ୍ତି ବ୍ୟାପିଥିବା ଅନୁମାନ କରାଯାଉଛି। ସୋମବାର ସ୍ୱାସ୍ଥ୍ୟ ବିଭାଗର ଟିମ୍ ଦଳିତପଡାରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ମଙ୍ଗଳବାର ମଧ୍ୟ ଲୋକଙ୍କୁ ଔଷଧ ଦେଇ ସଚେତନ କରିଥିଲେ। ଏନେଇ କୁକୁରିକାନୀ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ତପସ୍ୱିନୀ ପଣ୍ଡା କହିଛନ୍ତି, ମଙ୍ଗଳବାର ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ କୂଅପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ଏଥିସହ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

# ଉନ୍ନୟନ କାର୍ଯ୍ୟ ତଦାରଖ କଲେ ବିଧାୟକ


ରୋହିଦାସ ପଡ଼ା ବନ୍ଧର ସ୍ଥିତି ସମୀକ୍ଷା କରୁଛନ୍ତି ବିଧାୟକ ଟଙ୍କଧର ତ୍ରିପାଠୀ।

ଝାରସୁଗୁଡ଼ା,୨୭।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ପୂର୍ବାହ୍ନରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ ଟଙ୍କଧର ତ୍ରିପାଠୀ। ବିଶେଷକରି ସେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଦେଖିଥିଲେ। ପରମାଣପୁର ପଞ୍ଚାୟତର ପତ୍ରପାଲି ଭଣ୍ଡାରୀ ବନ୍ଧ, ରଘୁନାଥପାଲି ପଞ୍ଚାୟତ ସୁନାଝରିଆ ଗ୍ରାମର ଖଜୁରୀ ବନ୍ଧ ଓ ବୁଟୁପାଲି ଗ୍ରାମର ଦେମୂଳ ବନ୍ଧ, କୋଲାବିରା ପଞ୍ଚାୟତର ଜମିଦାର ବନ୍ଧ ଓ ପଞ୍ଚାୟତ ପାଖ ବନ୍ଧ ଏବଂ ସମାସିଂହା ପଞ୍ଚାୟତ ଅନ୍ତର୍ଗତ ବେଲମୁଣ୍ଡା ଗ୍ରାମର ରୋହିଦାସ ପଡ଼ା ବନ୍ଧର ଉନ୍ନୟନ କାର୍ଯ୍ୟ ବିଧାୟକ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଲାବିରା ବିଡିଓ ଅଶୋକ କୁମାର ମାଝୀ, କୋଲାବିରା ଭାଜପା ମଣ୍ଡଳ ସଭାପତି ରାଜେଶ ଦାଶ, ସମରେନ୍ଦ୍ର ରାଏ, ସଞ୍ଜୟ ପୂଜାରୀ, ଲିଙ୍କନ ତାଣ୍ଡକାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଅଧିକାରୀଙ୍କ ଝାରସୁଗୁଡ଼ା ଗସ୍ତ


ସିରିଆପାଲି ବିଦ୍ୟାଳୟରେ ୨ ଅଧିକାରୀଙ୍କ ସହିତ ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟମାନେ।

ଝାରସୁଗୁଡ଼ା,୨୭।୫(ଆଶିଷ ରଞ୍ଜନ ଦାଶ)

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ରାଜ୍ୟସ୍ତରୀୟ ଅଧିକାରୀ ମଙ୍ଗଳବାର ୨ ଦିନିଆ ଝାରସୁଗୁଡ଼ା ଗସ୍ତ କରିଛନ୍ତି। ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନ ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ଅଧୀନରେ ଜିଲା ପୁରସ୍କାର ଚୟନ ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା ଓ ପଞ୍ଚସଖା ଶିକ୍ଷା ସେତୁରୁ ଜଗବନ୍ଧୁ ହାତି ପ୍ରମୁଖ ଜିଲାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନରେ ଜିଲା ଶିକ୍ଷା ଅଧିକାରୀ ଡ଼ ରାଧାକାନ୍ତ ଗଡ଼ତିଆ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା, ବୀରେନ୍ଦ୍ର ମାଝୀ, ଜିଲା ବିଜ୍ଞାନ ନିରୀକ୍ଷକ ନିରୋଜ କୁମାର ପଟେଲ, ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଅଧିକାରୀମାନେ ଜିଲାର ଦୁର୍ଲଗା ସରକାରୀ ପ୍ରାଥମିକ ବିଦ୍ୟାଳୟ, ତାଳପଟିଆ ଉଚ୍ଚ ବିଦ୍ୟାଳୟ, ବରମାଲ ପ୍ରାଥମିକ ବିଦ୍ୟାଳୟ, ଶିରିଆପାଲି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସମୀକ୍ଷା କରିଥିଲେ। ଏଥିସହ ଜିଲାର ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ମେଧାବୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହିତ ଅଧିକାରୀମାନେ ବିଦ୍ୟାଳୟଗୁଡ଼ିକର ଉନ୍ନତୀକରଣ ନିମନ୍ତେ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିଦର୍ଶନ ପରେ ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲାର ଶିକ୍ଷା ସମ୍ପର୍କରେ ସମୀକ୍ଷା କରିଥିବା ଶିକ୍ଷା ଅଧିକାରୀ ଗଡ଼ତିଆ ସୂଚନା ଦେଇଛନ୍ତି।

# ୩ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

ଦେବଗଡ଼,୨୭।୫(ଶଶାଙ୍କ ଶେଖର ଝାଙ୍କର)

ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଅବକାରୀ ବିଭାଗ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଦେବଗଡ଼ ଥାନା କୁରଡ ଗ୍ରାମର ବିକାଶ ମାଝୀ(୨୯)। ତାଙ୍କଠାରୁ ୩ କିଲୋ ୪୦ ଗ୍ରାମ୍ ଗଞ୍ଜେଇ ଓ ଏକ ବାଇକ୍ ଜବତ କରାଯାଇଛି। ମଙ୍ଗଳବାର ଏକ ବାଇକ୍‌ରେ ଅଭିଯୁକ୍ତ ଚିକ୍କିଣୀ ଘାଟି ରାସ୍ତା ଦେଇ ଆସୁଥିବା ଅବକାରୀ ବିଭାଗ ସୂଚନା ପାଇଥିଲା। ଫଳରେ ଦେବଗଡ଼ ଅବକାରୀ ଇନ୍ସପେକ୍ଟର ସନ୍ତୋଷ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚିକ୍କିଣୀ ଘାଟିରେ ଜଗି ରହିଥିଲା। ବିକାଶ ସେଠାରେ ପହଞ୍ଚିବା ପରେ ଉକ୍ତ ଟିମ୍ ଯାଞ୍ଚ କରିବାରୁ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲା। ପଚରାଉଚରାବେଳେ ବିକାଶ ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରୁ ଗଞ୍ଜେଇ ଆଣୁଥିବା ଜଣାପଡ଼ିଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

# ୩ ବାଇକ୍ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

ଝାରସୁଗୁଡ଼ା,୨୭।୫(ଆଶିଷ ରଞ୍ଜନ ଦାଶ)

ବାଇକ୍ ଚୋରି ଅଭିଯୋଗରେ ବଡ଼ମାଲ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ବେଦାନ୍ତ କମ୍ପାନୀର ଏନ୍‌ଜିଏସ୍‌ଏଲ୍‌ରେ କାମ କରୁଥିବା ଅନୁଗୋଳ ଜିଲା ରେଙ୍ଗାଲି ଅଞ୍ଚଳର ଅମରେଶ ଗଡ଼ନାୟକ(୪୦)। ସେ ଝାରସୁଗୁଡ଼ା ସହରର ବାବୁପଡାଠାରେ ରହୁଥିଲେ। କିଛିଦିନ ତଳେ ବେଦାନ୍ତ କମ୍ପାନୀ ଭିତରେ ଥିବା ବାଇକ୍ ଷ୍ଟାଣ୍ଡରୁ ୩ଟି ଗାଡ଼ି ଚୋରି ହୋଇଥିଲା। ଏନେଇ ଗାଡ଼ି ମାଲିକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୬୮/୨୫) ରୁଜୁ କରିଥିଲା। ଅଭିଯୁକ୍ତ ଜଣଙ୍କ ଉକ୍ତ ଗାଡ଼ିର ନମ୍ବର ପ୍ଲେଟ୍ ଖୋଲି ବ୍ୟବହାର କରୁଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ଦ୍ୱାରା ଏକ ଟିମ୍ ଗଠନ କରାଯାଇଥିଲା। ସ୍ଥାନୀୟ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗାଡ଼ି ଯାଞ୍ଚ କରୁଥିବାବେଳେ ଅମରେଶ ଧରାପଡିଥିଲେ। ଗାଡ଼ିର ଇଞ୍ଜିନ ଏବଂ ଚେସିସ୍ ନମ୍ବର ଚେକ୍ କଲାପରେ ମାଲିକଙ୍କ ନାମ ଜଣାପଡିଥିଲା। ଏହାପରେ ଅନ୍ୟ ୨ ବାଇକ୍‌କୁ ଅଭିଯୁକ୍ତଙ୍କଠାରୁ ଜବତ କରାଯାଇଛି।

# ବିଶିଷ୍ଟ ବ୍ୟବସାୟୀଙ୍କ ବିୟୋଗରେ ଶୋକସଭା



ଶୋକସଭାରେ ଉପସ୍ଥିତ ବ୍ୟବସାୟୀ ଓ ଅନ୍ୟମାନେ।

ଦେବଗଡ଼,୨୭।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ଜଣାଶୁଣା ତଥା ବିଶିଷ୍ଟ ବ୍ୟବସାୟୀ ନନ୍ଦକିଶୋର ସାହୁ(୬୭)ଙ୍କର ସୋମବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜିଲା ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ମଙ୍ଗଳବାର ଶୋକସଭା ଆୟୋଜିତ ହୋଇଥିଲା। ଦେବଗଡ଼ ଜିଲା ବ୍ୟବସାୟୀ ସଂଘ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ବ୍ୟବସାୟୀ ଗୌରୀଶଙ୍କର ସୋମାନୀ, ପୂର୍ବତନ ନଗରପାଳ ସୁଶୀଲ କୁମାର କପରଦାର, କ୍ଷୀତିସ କୁମାର ପ୍ରଧାନ, ସୁଧୀର କୁମାର ପାତ୍ର, ଜିଲା ଓକିଲ ସଂଘ ସଭାପତି ଶଚିକାନ୍ତ ଦାଶ, ମୁନା ଅଗ୍ରୱାଲ, ନଳିନୀ ସାମଲ, ଗୁରୁ ସାମଲ, ପ୍ରଶାନ୍ତ ଭୁକ୍ତା, ଗେନୁ ଦାଶ, ଭାଜପା ନଗର ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟ, ବରିଷ୍ଠ କଂଗ୍ରେସ ନେତା ସୁବାସ ଭୋଇଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ, ସାମାଜିକ କର୍ମୀ ଯୋଗଦେଇ ନନ୍ଦକିଶୋରଙ୍କ ସ୍ମୃତିଚାରଣ କରିଥିଲେ। ନନ୍ଦକିଶୋର ଜୀବନକାଳ ମଧ୍ୟରେ ସମାଜ ପ୍ରତି କରିଥିବା ଉତ୍ସର୍ଗୀକୃତ ଅବଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ଉପସ୍ଥିତ ବ୍ୟକ୍ତିବୃନ୍ଦ ମତପ୍ରକାଶ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର | ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

ଦେବଗଡ଼,୨୭।୫(ଶଶାଙ୍କ ଶେଖର ଝାଙ୍କର)


ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେଶିନକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

- ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେଶିନ ଉଦ୍‌ଘାଟିତ

ଦେବଗଡ଼ ଜିଲା ରିଆମାଳ ବ୍ଲକ କଣ୍ଟାବାହାଳ ଗ୍ରାମପଞ୍ଚାୟତଠାରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେଶିନ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସାହୁ ଯୋଗଦେଇ ୪୨ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ମଧୁବାବୁ ପେନ୍‌ସନ୍, ଶିକ୍ଷକ ନିଯୁକ୍ତି, ରାସ୍ତା ଓ ନଳକୂପ ମରାମତି ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡ଼ିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ସହକାରୀ ଜିଲାପାଳ ହେମନ୍ତ ସିଂ, ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଲଇକେରାରେ ଜନ ଅଭିଯୋଗ ଶୁଣାଣି ଶିବିର

ଲଇକେରା,୨୭।୫(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଆଇଏଏସ୍ ଅଧିକାରୀ ପ୍ରବେଶନ ପ୍ରଜ୍ଞାନନ୍ଦ ଗିରି, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସଞ୍ଜିତ ନାୟକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୀବ ପଟେଲ, ଡେପୁଟି କଲେକ୍ଟର ଉମାକାନ୍ତ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ୧୨ଟି ସାମୂହିକ ଓ ୧୮ଟି ବ୍ୟକ୍ତିଗତ ଅଭିଯୋଗ ଆଗତ ହୋଇଥିଲା। ସେଥିମଧ୍ୟରେ ଲଇକେରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ବାରଗ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ, କୋଲାବିରା ବ୍ଲକ ପରମାଣପୁର ଗ୍ରାମରେ ଗଭୀର ନଳକୂପ ଖନନ, ଦୁର୍ଘଟଣା ରୋକିବା ପାଇଁ ଲଇକେରା କଲେଜଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଆବଶ୍ୟକ ସ୍ଥାନରେ ସ୍ପିଡ୍ ବ୍ରେକର ଲଗାଇବା, ହାତିଆନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ, ଖୁନ୍ତାମାଲ ଗ୍ରାମ ବସ୍ତିରେ ଥିବା ଗଳି ରାସ୍ତାରେ ପାଣି ନିଷ୍କାସନ ପାଇଁ ଉପୁଜୁଥିବା ସମସ୍ୟାର ସମାଧାନ, ଭାତଲଇଡ଼ା ସେବା ସମବାୟ ସମିତିକୁ ଜମି ପ୍ରଦାନ ଭଳି ଅଭିଯୋଗର ଶୁଣାଣି ହୋଇଥିଲା। ତୁରନ୍ତ ଅଭିଯୋଗକାରୀଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଚିକିତ୍ସା ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୫ ହଜାର ଟଙ୍କା ପ୍ରଦାନ, ହୁଇଲ ଚେୟାର କ୍ରିକେଟ୍ ଟିମ୍‌ର ସଦସ୍ୟ ତଥା ବାବୁଛିପିଡିହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଙ୍କୀ ଗ୍ରାମର ଶଙ୍କର ବୁଦୁଲାଙ୍କୁ ହୁଇଲ ଚେୟାର ସହ କ୍ରିକେଟ୍ କିଟ୍ ପ୍ରଦାନ କରାଯାଇଥିଲା।


କାର୍ଯ୍ୟକ୍ରମରେ ହୁଇଲ ଚେୟାର କ୍ରିକେଟ୍ ଟିମ୍‌ର ସଦସ୍ୟ ଶଙ୍କର ବୁଦୁଲାଙ୍କୁ ଉପକରଣ ପ୍ରଦାନ କରାଯାଉଛି।

# ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ଯୁବ ଆଇନଜୀବୀ କୋର୍ଟ ଚାଲାଣ

ଦେବଗଡ଼,୨୭।୫(ଶଶାଙ୍କ ଶେଖର ଝାଙ୍କର)

ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର କରିବା ଓ ଜୀବନରେ ମାରି ଦେବାକୁ ଧମକ ଦେବା ଅଭିଯୋଗରେ ଦେବଗଡ଼ ଥାନା ପୋଲିସ ଜଣେ ଯୁବ ଆଇନଜୀବୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ବଳିତା ଗ୍ରାମର ରୋହିତ କୁମାର ପ୍ରଧାନ(୩୪)। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଦେବଗଡ଼ ଜିଲାର ଆଇନଜୀବୀ ରୋହିତ ଓ ଦେବଗଡ଼ ପୌରାଞ୍ଚଳର ଜଣେ ଯୁବତୀଙ୍କ ମଧ୍ୟରେ ୨୦୨୧ ଫେବୃୟାରୀ ୧୯ରେ ଓଡ଼ିଆ ମ୍ୟାଟ୍ରିମୋନିଆଲ ସାଇଟ୍‌ରୁ ପରିଚୟ ହୋଇଥିଲା। ଏଥିସହ ସୋସିଆଲ ମିଡିଆରେ ସେମାନେ କଥାବାର୍ତ୍ତା ହୋଇଥିଲେ। ପରବର୍ତ୍ତୀ ସମୟରେ ରୋହିତ ସମ୍ପୃକ୍ତା ଯୁବତୀଙ୍କ ଘରକୁ ଯିବାଆସିବା କରିଥିଲେ। ୨୦୨୧ ଜୁନ୍ ୨୯ରେ ଯୁବତୀଙ୍କୁ ବୁଲାଇନେବା ଆଳରେ ଚିକିଣି ଘାଟିକୁ ନେଇ ଏକ କାର୍ ଭିତରେ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ବିବାହ ପାଇଁ ପ୍ରସ୍ତୁତ ହୋଇ ନ ଥିଲେ। ଫଳରେ ଯୁବତୀ ଜଣକ ୨୦୨୧ ଜୁଲାଇ ୧୪ରେ ଅନ୍ୟତ୍ର ବିବାହ କରିଥିଲେ। ହେଲେ ରୋହିତ ତାଙ୍କ ପିଛା ଛାଡି ନ ଥିଲେ। ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ ପାଇଁ କହିବା ସହ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଲେ ସେ ବିବାହ କରିବା ନିମନ୍ତେ ପୁଣିଥରେ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଯୁବତୀ ଜଣକ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ବାପଘରକୁ ଚାଲି ଆସିଥିଲେ। ଏହାପରେ ବିବାହର ପ୍ରତିଶ୍ରୁତି ଦେଇ ରାହୁଲ ତାଙ୍କୁ ବିଭିନ୍ନ ସ୍ଥାନକୁ ବୁଲାଇ ନେବା ସହ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ବିବାହ ପାଇଁ କହିବାରୁ ରାହୁଲ ଦିନ ଗଡ଼ାଇବା ସହ ଆଉ ଧରାଛୁଆଁ ଦେଇ ନ ଥିଲେ। ଫଳରେ ଯୁବତୀ ଜଣକ ଅଭିଯୁକ୍ତଙ୍କ ବାର୍‌କୋଟସ୍ଥିତ ଦୋକାନରେ ପହଞ୍ଚିଥିଲେ। ସେଠାରେ ରାହୁଲ, ତାଙ୍କ ମା’, ବାପା ଓ କେତେଜଣ ସାଙ୍ଗ ମିଶି ଯୁବତୀଙ୍କୁ ମାଡ଼ ମାରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଏନେଇ ପୀଡିତା ୨୦୨୪ ନଭେମ୍ବର ୨୪ରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୬୪/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ହେଲେ ରୋହିତ ଫେରାର ହୋଇଯାଇଥିଲେ। ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ଏପ୍ରିଲ ୧୬ରେ ଜାମିନ ଆବେଦନ ଖାରଜ କରିବା ସହ ୨୧ ଦିନ ମଧ୍ୟରେ ନିମ୍ନ ଅଦାଲତରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାହୁଲ ହାଇକୋର୍ଟଙ୍କ ଆଦେଶକୁ ବେଖାତିର କରିବା ସହ ନିମ୍ନ ଅଦାଲତରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ତାଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ପୋଲିସ ତାଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲା। ସୋମବାର ଅଭିଯୁକ୍ତ ଭୁବନେଶ୍ୱରରେ ଥିବା ସୂଚନାପାଇ ଦେବଗଡ଼ ଥାନା ଏସ୍‌ଆଇ ରୁଦ୍ର ନାରାୟଣ ପ୍ରଧାନ ସଦଳବଳ ପହଞ୍ଚି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ଫରେଷ୍ଟ ପାର୍କରୁ ଅଭିଯୁକ୍ତଙ୍କୁ ଗିରଫ କରି ଦେବଗଡ଼ ଥାନାକୁ ଆଣିଥିଲେ।


ରୋହିତ କୁମାର ପ୍ରଧାନ

# ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁ ଶିଶୁ ମୃତ୍ୟୁ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଭଦ୍ରକ,୨୭।୫(ସନାତନ ରାଉତ/ରବିନାରାୟଣ ଖିଲାର)



ଭଦ୍ରକ ବାଇପାସଠାରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁ ଶିଶୁ ମୃତ ଓ ମା' ଗୁରୁତର ଘଟଣାକୁ ନେଇ ମଙ୍ଗଳବାର ଭଦ୍ରକରେ ଉତ୍ତେଜନା ଦେଖାଦେଇଛି। ଉତ୍ତ୍ୟକ୍ତ ଲୋକେ ସକାଳ ୭ଟା ୩୦ରୁ ଭଦ୍ରକ ସହରର ବାଇପାସଠାରେ ରାସ୍ତାରୋକୋ କରିଥିଲେ। ଉତ୍ତେଜନାକୁ ଦେଖି ଟାଉନ ଥାନାଧିକାରୀ ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ ରହିଥିଲେ। ଅପରପକ୍ଷେ ଅଲଟ୍ରାସାଉଣ୍ଡ ସେଣ୍ଟରରେ ତାଲା ପଡ଼ିଥିବାବେଳେ କର୍ତ୍ତୃପକ୍ଷଙ୍କ ଦେଖା ମିଳି ନ ଥିଲା।

ପ୍ରସୂତିଙ୍କ ସ୍ୱାମୀ ତିହିଡ଼ି ଥାନା ଅଧୀନ ଦୋଲସାହି, ରାଢ଼ଙ୍ଗ ଅଞ୍ଚଳର ପ୍ରଫୁଲ୍ଲ ଗିରିଙ୍କ କହିବା ଅନୁଯାୟୀ, ୨ ଦିନ ତଳେ ତାଙ୍କ ସ୍ତ୍ରୀ ବାସନ୍ତୀ ରାଉତଙ୍କ ଭଦ୍ରକ ଟାଉନ ଥାନା ଅଧୀନ ବାଇପାସ୍‌ସ୍ଥିତ ଏକ ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ କରାଯାଇଥିଲା। ରିପୋର୍ଟ ଭଲ ଥିବା କୁହାଯାଇ ରିପୋର୍ଟ ଦିଆଯାଇଥିଲା। ସୋମବାର ପେଟରେ ଯନ୍ତ୍ରଣା ହେବାରୁ ବାସନ୍ତୀଙ୍କୁ ଭଦ୍ରକ ଶିଶୁ ଓ ମାତୃ ବିଭାଗ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନ୍ଧ୍ୟାରେ ଅପରେଶନ ପରେ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ପ୍ରାୟ ୨/୩ ଦିନ ତଳେ ପିଲାଟିର ପେଟରେ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଅପରପକ୍ଷେ ମା' ଅବସ୍ଥା ଗୁରୁତର ଥିବାରୁ ସେ ଚିକିତ୍ସାଧୀନ ଅଛନ୍ତି। ଶିଶୁର ମୃତଦେହକୁ ଧରି ପ୍ରଫୁଲ୍ଲ ଓ ତାଙ୍କ ପରିବାର ଲୋକେ ରାତି ପ୍ରାୟ ୯ଟା ବେଳେ ଉକ୍ତ ଅଲଟ୍ରାସାଉଣ୍ଡ ସେଣ୍ଟର ସମ୍ମୁଖରେ ଧାରଣାରେ ବସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଧାରଣାରେ ବସିଥିଲେ ମଧ ଅଲଟ୍ରାସାଉଣ୍ଡ ସେଣ୍ଟର କର୍ତ୍ତୃପକ୍ଷ କିଛି ବୁଝି ନ ଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ପରିବାର ସମେତ ତାଙ୍କ ସମର୍ଥକମାନେ ମଙ୍ଗଳବାର ସକାଳୁ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ବାଇପାସ୍‌ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ବିଶେଷକରି ଭଦ୍ରକ ସହରରେ ବେଆଇନ ଭାବେ ଗଢ଼ି ଉଠୁଥିବା ନର୍ସିଂହୋମ ଓ ଅଲଟ୍ରାସାଉଣ୍ଡ ଉପରେ ଟିମ୍ ଗଠନ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।

# ସଡୁଙ୍କ ଶୁଦ୍ଧିକ୍ରିୟାକୁ ଆସିଥିବା ଯୁବକଙ୍କୁ ତୀରମାଡ଼

ରାଉରକେଲା,୨୭।୫(ସଙ୍ଗୀତା ଜେନା)



ଆର୍‌ଜିଏଚ୍‌ରେ ଚିକିତ୍ସାଧୀନ ତୀରମାଡ଼ର ଶିକାର ଯୁବକ।

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରକେରା ଗ୍ରାମକୁ ନିଜ ସଡୁଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ତୀରମାଡ଼ ହୋଇଛି। ତୀରମାଡ଼ର ଶିକାର ହୋଇଥିବା ଯୁବକ ହେଲେ ସମ୍ବଲପୁରସ୍ଥିତ ବଡସିଂହାର ଗ୍ରାମର ନିତ୍ୟାନନ୍ଦ ରଣବିରା(୨୫)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆର୍‌ଜିଏଚ୍ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାଧିକାରୀ ଜି. ବି. ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ତୀରମାଡ଼ ହୋଇଥିବା ଯୁବକଙ୍କ ପରିବାର ଲୋକଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଆମେ ତଦନ୍ତ କରିବୁ ବୋଲି ସେ କହିଥିଲେ। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ସାଢେ ୭ଟା) ଏହି ଘଟଣାରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଅଭିଯୁକ୍ତ ଫେରାର ଅଛନ୍ତି।

ସୂଚନା ଅନୁଯାୟୀ, ସମ୍ବଲପୁରର ନିତ୍ୟାନନ୍ଦ ସସ୍ତ୍ରୀକ ତାଙ୍କ ସଡୁ ଦୁର୍ଯ୍ୟୋଧନ ଲାକ୍ରାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଗତ ୨୫ ତାରିଖରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରକେରା ଗ୍ରାମକୁ ଆସିଥିଲେ। ସଡୁଙ୍କ ମୃତ୍ୟୁ ପରେ ତାଙ୍କ ଦେଢ଼ଶାଶୁଙ୍କୁ ସେହି ଗ୍ରାମର କେହି ଜଣେ ବ୍ୟକ୍ତି ସ୍ତ୍ରୀ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଦେବାରୁ ଏହାକୁ ନିତ୍ୟାନନ୍ଦ ବିରୋଧ କରିଥିଲେ। ବର୍ତ୍ତମାନ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ହୋଇଥିବାବେଳେ ଏହି ପ୍ରସ୍ତାବ ଆଦୌ ଠିକ୍ ନୁହେଁ ବୋଲି ନିତ୍ୟାନନ୍ଦ କହିଥିଲେ। ଏହାକୁ ସେହି ବ୍ୟକ୍ତି ଜଣଙ୍କ ବିରୋଧ କରିଥିଲେ। ତେବେ ମଙ୍ଗଳବାର ନିତ୍ୟାନନ୍ଦ ନିଜ ଘରକୁ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଉକ୍ତ ବ୍ୟକ୍ତି ଏବଂ ତାଙ୍କ ୨ ସହଯୋଗୀ ଅତର୍କିତ ତୀରମାଡ଼ କରିଥିଲେ। ଫଳରେ ନିତ୍ୟାନନ୍ଦଙ୍କ ଡାହାଣ ପାର୍ଶ୍ୱ ପେଟରେ ତୀର ପଶିଯାଇଥିଲା।

# ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା ଅଭିଯୋଗ

ଆନନ୍ଦପୁର,୨୭।୫
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ତାଳଗାଁର ଜଣେ ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ଗାଁର ସୁରେନ୍ଦ୍ର ମହାକୁଡଙ୍କ ପୁଅ ବିପିନ (୨୫)। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ହରିଚନ୍ଦନପୁର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବିପିନଙ୍କୁ ତାଙ୍କର ୨ ସାଙ୍ଗ ରବିବାର ସନ୍ଧ୍ୟାରେ ଡାକି ନେଇଥିଲେ। ହରିଚନ୍ଦନପୁର ହାଟକୁ ଯାଇଥିବା ବେଳେ ବିପିନ ରାତିରେ ଘରକୁ ଫେରି ନ ଥିଲେ। ସୋମବାର ସକାଳେ ହରିଚନ୍ଦନପୁର ହାଟତୋଟା ନିକଟରେ ଥିବା ଟୁକ ବ୍ରହ୍ମଙ୍କ ସାଇକେଲ ଦୋକାନ ବାରଣ୍ଡାରେ ମୃତଦେହ ପଡ଼ିଥିଲା। ବ୍ୟବସାୟୀ ବ୍ରହ୍ମ ଦୋକାନ ଖୋଲିବାକୁ ଯାଇଥିବାବେଳେ ବାରଣ୍ଡାରେ ବିପିନଙ୍କ ମୃତଦେହ ଏବଂ ପାଖରେ ପ୍ଲାଷ୍ଟିକ ବ୍ୟାଗ, ଚଷମା, ଚପଲ ଅଲଗା ସ୍ଥାନରେ ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ସେ ହରିଚନ୍ଦନପୁର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକେ ଘସିପୁରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଘସିପୁରା ଥାନା ଅଧିକାରୀ ମାନସ କୁମାର ବାରିକ କହିଛନ୍ତି, ସୋମବାର ସକାଳେ ହରିଚନ୍ଦନପୁର ପୋଲିସ ମୃତଦେହ ଜବତ କରିଛି। ଏ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକେ ଘସିପୁରା ଥାନାକୁ ଅଭିଯୋଗ କରିବାକୁ ଆସିଥିବା ବେଳେ ତାଙ୍କୁ ହରିଚନ୍ଦନପୁର ପଠାଯାଇଛି। ହରିଚନ୍ଦନପୁର ଏସ୍‌ଆଇ କଳ୍ପତରୁ ନାୟକ କହିଛନ୍ତି, ଘଟଣାରେ ଏକ ମାମଲା(ନଂ. ୧୮।୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ।

# ଅପରାଧ ଉଦ୍ୟମ ପଣ୍ଡ: ୫ ବନ୍ଧୁକ ଜବତ, ୯ ଗିରଫ



ଖବରଦାତା ସମ୍ମିଳନୀରେ ଏଏସପି ସୂଚନା ଦେଉଛନ୍ତି।

ଭଞ୍ଜନଗର,୨୭।୫
(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ କୌଣସି ଅପରାଧ ପାଇଁ ଏକାଠି ହୋଇଥିବା ଗୋଷ୍ଠୀକୁ ସୋମବାର କାବୁ କରିଛି। ସେମାନଙ୍କଠାରୁ ୫ଟି ବନ୍ଧୁକ, ୨ଟି ଖେଳଣା ବନ୍ଧୁକ, ଗୋଟିଏ ଖଣ୍ଡା, ୧୫ ରାଉଣ୍ଡ ଗୁଳି ଜବତ କରିଛି। ଉକ୍ତ ଗୋଷ୍ଠୀର ୯ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅନିଲ ବେହେରା, ଟୁକୁନା ପାତ୍ର, ବାଦଲ ସାହୁ, ସରୋଜ ଦାସ, ସୁନୀଲ କୁମାର ସାବତ, ସଂଗ୍ରାମ ଭୂୟାଁ, ସନାତନ ପ୍ରଧାନ, ବ୍ରଜ ମୋହନ ସାହୁ ଓ ଦିବ୍ୟ ଆରୁଖ। ସନାତନ, ବ୍ରଜ ଓ ଦିବ୍ୟଙ୍କ ବ୍ୟତୀତ ଅନ୍ୟ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଭଞ୍ଜନଗର ଏଏସ୍‌ପି ରଞ୍ଜନ କୁମାର ଦେ ମଙ୍ଗଳବାର ଭଞ୍ଜନଗର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ଅନ୍ୟ ଯେଉଁମାନେ ଚୋରା ବନ୍ଧୁକ ରଖିଛନ୍ତି ସେମାନଙ୍କୁ ଖୋଜି ଗିରଫ କରାଯିବ। ବନ୍ଧୁକ କେଉଁଠାରୁ ଆସୁଥିଲା ତାହାର ସୁରାକ ମିଳିଛି। ଆଗାମୀ ଦିନରେ ପଦକ୍ଷେପ ନିଆଯିବ। ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ପୋଲିସ ଜିଲାରେ ଚଢ଼ାଉ ଚାଲିଛି। ଗଞ୍ଜାମ ଜିଲା ସମେତ ଭଞ୍ଜନଗର ଅଞ୍ଚଳକୁ ଅପରାଧ ମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ଏଏସ୍‌ପି ଦେ କହିଛନ୍ତି।

ସୋମବାର ୪ ଜଣ ଅଭିଯୁକ୍ତ ମଳାସପଦର ରାସ୍ତାରେ ଥିବା ଏକ ମନ୍ଦିରରେ ବସି କିଛି ଅପରାଧ ଘଟାଇବା ପାଇଁ ଯୋଜନା ଚଳାଇଥିଲେ। ରାତ୍ରି ପାଟ୍ରୋଲିଂ କରୁଥିବା ଏସ୍‌ଆଇ ସମୀର କୁମାର ସେଠୀ ଏହା ଜାଣିବା ପରେ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲେ। ପରେ ଅନ୍ୟ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସଡିପିଓ ସୁଜିତ୍ କୁମାର ନାୟକ, ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଏସଆଇ ଲକ୍ଷ୍ମୀଧର ମହାନ୍ତି, ଲିପିନା ବିଶ୍ୱାଳ, ଏଏସଆଇ ସତ୍ୟ ନାରାୟଣ ମଳିକ, ସୁଶାନ୍ତ କୁମାର ପଟ୍ଟନାୟକ, ହାବିଲଦାର ଦିଲୀପ ରାଉତ, କନଷ୍ଟେବଲ ସନ୍ତୋଷ ନାୟକ, କେ. ପି ରେଡ୍ଡୀ, ବିକ୍ରମ ମହାରଣା, ଅମିତ୍ ବିଶ୍ୱାଳ, ଜି. ସାଗର ପ୍ରଧାନ, ଗୃହରକ୍ଷୀ ଗଜେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ଡାକ୍ତର ଗିରଫ

**ଛତ୍ରପୁର,୨୭।୫(ସନ୍ତୋଷ ପାଢ଼ୀ):** ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ବଡ଼ ଆର୍ଯ୍ୟପଲ୍ଲୀ ଗାଁରୁ ଜଣେ ନକଲି ଡାକ୍ତର (କ୍ୱାକ୍) ଗିରଫ ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗର ପ୍ରସନ୍ନଜିତ ସରକାର। ତାଙ୍କୁ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ ଗିରଫ କରିବା ସହ ତାଙ୍କ କ୍ଲିନିକରୁ ବିଭିନ୍ନ ଔଷଧପତ୍ର ଜବତ କରିଛି। ନକଲି ଡାକ୍ତରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରାୟ ଦେଢ ବର୍ଷ ହେଲା ସେ ବିନା ଲାଇସେନ୍ସରେ କ୍ଲିନିକ କରି ଲୋକଙ୍କୁ ଠକି ଚାଲିଥିଲେ ବୋଲି ପୋଲିସ କହିଛି।

# ବଗିଚାରେ ଗୋରୁ ପଶିଯିବାରୁ ସହାୟକଙ୍କୁ ହତ୍ୟା

## ମାଲିକ ଥାନାରେ ଅଟକ

ପାଟଣା/ଢେଙ୍କିକୋଟ୍,୨୭।୫ (ବୀର କିଶୋର ଦାଶ/ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପୋଷି ଗ୍ରାମରେ ବାଇଗଣ ବାଡ଼ିରେ ଗୋରୁ ପଶିଯିବାରୁ ଜଣେ ଘର ସହାୟକଙ୍କୁ ମଙ୍ଗଳବାର ସକାଳ ୯ଟାରେ ଘର ମାଲିକ ହତ୍ୟା କରିଛନ୍ତି। ମୃତକ ହେଲେ ଚିନାମାଳିପୋଷି ମୁଣ୍ଡାସାହିର ଭସଲ ମୁଣ୍ଡାଙ୍କ ପୁଅ ଟୁନା(୫୦)। ଟୁନାଙ୍କ ପୁତୁରା ଶମ୍ଭୁନାଥ ମୁଣ୍ଡାଙ୍କ ଅଭିଯୋଗ ଆଧାରରେ ଘଟଗାଁ ପୋଲିସ ଅଭିଯୁକ୍ତ ଚିନାମାଳିପୋଷି ଗ୍ରାମର ଚତୁରା ମହାନ୍ତଙ୍କ ପୁଅ ସଞ୍ଜୟ କୁମାର ମହାନ୍ତ(୩୯)ଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଟୁନା ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ପଡ଼ୋଶୀ ଚତୁରାଙ୍କ ଘରେ ସହାୟକ ଭାବେ କାର୍ଯ୍ୟ କରି ଆସୁଥିଲେ। ମଙ୍ଗଳବାର ସକାଳେ ବାଇଗଣ ବଗିଚାରେ ଗୋରୁ ପଶିଯିବାରୁ ସଞ୍ଜୟ ରାଗିଯାଇ ଟୁନାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସଞ୍ଜୟ ଉତ୍କ୍ଷିପ୍ତ ହୋଇ ଟୁନାଙ୍କ ବେକରେ ପଡ଼ିଥିବା ଗାମୁଛାକୁ ଧରି ଚିପିଦେବା ସହ ଠେଲି ଦେଇଥିଲେ। ଟୁନା ତଳେ କଂକ୍ରିଟ୍ ରାସ୍ତା ଉପରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡର ପଛପାର୍ଶ୍ୱ କଂକ୍ରିଟ୍‌ରେ ମାଡ଼ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା(ନଂ. ୨୨୦/୨୫) ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତା ୧୦୩(୧) ଧାରାରେ ସଞ୍ଜୟଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଥିବା ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍‌ଇସିଏଚ୍‌ସ୍ପିକେପି-୨୫-୨୬-୦୮। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ାର ଷ୍ଟେଶନ ୟାର୍ଡଠାରେ ଦ୍ରୁତ ୱାଟରିଂ ବ୍ୟବସ୍ଥା ଯୋଗାଇବା। **ଟେଣ୍ଡର ମୂଲ୍ୟ:** ₹୪,୯୧,୧୮,୮୯୦.୧୪। **ବିଡ୍ ଅମାନତ:** ₹୩,୯୫,୬୦୦। **ଟେଣ୍ଡର ଫର୍ମ ମୂଲ୍ୟ:** ₹ ଶୂନ। **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୬।୦୬।୨୦୨୫ରିଖ ୧୫.୦୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-207)

**OFFICE OF THE PRINCIPAL I/C**
**RUSHIMAL DEGREE MAHAVIDYALAYA,BAMUNIGAM (KANDHAMAL), ODISHA**

Tender Notice No: 16039301 / RM / 2025 / 001 Dated 27.05.2025

**TENDER CALL NOTICE**

Sealed quotations are invited from eligible firms/ suppliers for procurement of i3 and above Desktop, Multi-Functional Printers, UPS, LED TV and Wireless Mic & Camera for Virtual meeting along with the requisite documents. The quotation should reach the undersigned on or before 13.06.2025 by 05.00 P.M. through Registered post or Speed post. The interested firms may download the tender documents from the college website: **http://www.rmdmahavidyalaya.in**.

Sd./- Principal I/C-cum-Secretary

**कार्यालय, कार्यपालन अभियंता**
**जल संसाधन संभाग, कवर्धा, जिला: कबीरधाम (छ.ग.)**
**निविदा निरस्तीकरण सूचना**

आदेश क्रमांक 2329/वलेस/2024 कवर्धा, दिनांक 23.05.2024

इस कार्यालय द्वारा आमंत्रित निविदा सिस्टम क्रमांक - 165295 प्रथम निविदा सूचना क्रमांक 26/वलेस/2024-25/कवर्धा, दिनांक 05.03.2025 कबीरधाम जिले के विकासखंण्ड पंडरिया की ग्राम-मथानीखुर्द में हाफ नदी पर रिटर्निंगवाल का निर्माण कार्य हेतु प्रथम आमंत्रित निविदा में प्रतिभागी निविदाकार की संख्या एकल एवं प्रतिस्पर्धा का अभाव परिलक्षित होने के कारण निविदा निरस्त किया जाता है।

स्वा: / - कार्यपालन अभियंता
जल संसाधन संभाग, कवर्धा,
जिला - कबीरधाम (छ.ग.)

जी.नं.-242505794/3
G-252601135/3

**JHARKHAND BIJLI VITRAN NIGAM LIMITED**
**CIN No. U40108JH2013SGC001702**
**Regd. Office:- Engineering Building, HEC, Dhurwa, Ranchi–834004.**
**fax # 0651-2400483 e-mail : cesp.jseb@rediffmail.com/ gmsp.jbvnl@rediffmail.com**

**E-Auction Notice**

E-Auction No.-01 MSTC/RNC/Jharkhand Bijli Vitran Nigam Limited/1/HEC Dhurwa/25-26/9666 [506793]

Jharkhand Bijli Vitran Nigam Ltd. Invites all the interested bidder to participate in online e-auction being conducted for sale of scrap material (Scrap DPC Al winding wire & strips) which lying at different Central Stores & TRW, JBVNL.

**IMPORTANT SCHEDULE OF DATES**

| | | |
|---|---|---|
| 1. | Bid opening date and time | 11.06.2025 12:00 PM |
| 2. | Bid closing date and time | 11.06.2025 04:00 PM |
| 3. | Inspection date and time | From 22.05.2025 to 10.06.2025 |

Interested bidder may register their firm/ company online and refer the e-auction catalogue concealing terms & conditions, materials list, inspection date etc. available on website: www.mstcecommerce.com/ www.mstcindia.co.in

**Note :-** For any queries, please contact at MSTC Ltd. (A Govt. of India Enterprises) 4th Floor, Exploration Building, C.M.P.D.I Campus, Gondwana Place, Kanke Road, Ranchi-834008 Ph. 0651-2231333/ 9903248755 email:- rncopn1@mstcindia.in, mstcrnc@gmail.com & interested parties should also regularly visit above website to keep updated for corrigendum/ time extension/ amendments, if any.

स्वहित एवं राष्ट्रहित में ऊर्जा बचायें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager (S&P)
JBVNL

PR 353618 Jharkhand Bijlee Vitran Nigam Ltd(25-26).D

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଜୁନ ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନସନ୍ ଅଦାଲତ" ତା.୧୦.୦୬.୨୦୨୫ରିଖ (ମଙ୍ଗଳବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୬.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0081/25

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025021, ତା.21.05.2025ରିଖ

**କାର୍ଯ୍ୟର ନାମ :** ନୟାଗଡ଼ ଓ ଦୁଦୁନା ମଧ୍ୟରେ ନୂଆ ଲାଇନ୍ : ସମ୍ପୃକ୍ତ ବିଭାଗ / ମନ୍ତ୍ରଣାଳୟର ପ୍ରଚଳିତ ଅଧିନିୟମ / ନିୟମାବଳୀ ଅନୁଯାୟୀ ବେସରକାରୀ / ସରକାରୀ / ଜଙ୍ଗଲ ଜମିର ଅଧିଗ୍ରହଣ / ହସ୍ତାନ୍ତରଣ / ପରିବର୍ତ୍ତନ ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଓ ଦାଖଲ, ଯେଉଁଥିରେ ଅବ୍ୟବହାର୍ଯ୍ୟ PSC ସ୍ଲିପର ଦ୍ୱାରା ଜମି ବାଉଣ୍ଡରୀ ପୋଷ୍ଟ ପ୍ରଦାନ କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଅନ୍ତର୍ଭୁକ୍ତ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 36.82 ଲକ୍ଷ, EMD : ₹ 73,600/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2025.ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR- 35/CI/25-26

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/02**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003054 | Rate Contract for Supply of 33 & 11 kV RMUs for TP Odisha DISCOMs for One Year. |
| 2 | TPCODL/P&S/2025-26/1000002910 | Rate contract for supply of IPC, Multiport connector for One Year |
| 3 | TPCODL/P&S/2025-26/1000002960 | Hiring of agency for providing Disconnection services for TPCODL. |
| 4 | TPCODL/P&S/2025-26/1000002871 | Supply of Testing Instruments for TPCODL. |
| 5 | TPCODL/CCG/2025-26/1000003088 | WIFI access points under TPCODL |
| 6 | TPCODL/CCG/2025-26/1000003089 | Rate Contract for Supply of KIT KAT Fuses of various ratings for TP Odisha DISCOMs. |
| 7 | TPCODL/CCG/2025-26/1000003090 | Rate Contract for Supply of MCCB of various ratings for TP Odisha DISCOMs. |
| 8 | TPCODL/P&S/2025-26/1000003056 | Rate Contract for Video Conferencing System with 5 Years Warranty at TPCODL |
| 9 | TPCODL/CCG/2025-26/1000003100 | Rate Contract for 11 kV & LT Network Maintenance & Allied Work, 33 KV Network Maintenance and Operational Assistance of 33/11 kV Sub-Stations for TP Odisha DISCOMs for 3 years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd. 30.05.2025**. Future communication / corrigendum to tender documents, if any, shall be available on TPCODL website.

**GOVERNMENT OF ODISHA** No. A-214
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**SUBARNAREKHA IRRIGATION CIRCLE, LAXMIPOSI**
At/P.O.: Laxmiposi, Dist.: Mayurbhanj, PIN - 757107
Mail id: acesic24@gmail.com

**Government of Odisha "e" PROCUREMENT NOTICE**
Bid Identification No. 02/2025-26 of Additional Chief Engineer, SIC, Laxmiposi

| | | |
|---|---|---|
| 1 | Name of Work | Construction of Retaining Wall at RD 360 M to RD 1020 M (LHS) of Palasbadha Minor Off-taking at RD 59894 M of Jambhira Left Main Canal |
| 2 | Estimated Cost | Rs.161.09 Lakh |
| 3 | Bid Security/E.M.D. | Rs.1,61,100/- |
| 4 | Period of Completion | 09 (Nine) Calendar Months |
| 5 | Class of Contractor | 'A' & 'B' Class |
| 6 | Date & Time of availability of bid document in the portal | 30.05.2025 at 10.00 A.M. |
| 7 | Last date/time for receipt of bid in the portal | 16.06.2025 upto 5.00 P.M. |
| 8 | Date of opening of bid | 17.06.2025 at 11.00 A.M. |
| 9 | Name & address of the O.I.T. | Additional Chief Engineer, Subarnarekha Irrigation Circle, Laxmiposi |

Further details can be seen from the e-Procurement Portal "https://tendersodisha.gov.in".

Sd./- Additional Chief Engineer
S.I.C., Laxmiposi

OIPR-32120/11/0006/2526

# ପାଣିରେ ଭାସୁଛି ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନ


ରାସ୍ତାରେ ଭିଜୁଥିବା ଧାନକୁ ମହିଳାମାନେ ଘୋଡ଼ାଉଛନ୍ତି।


ଅଦିନିଆ ବର୍ଷାରେ ଧାନ ଫସଲ ପାଣିରେ ବୁଡ଼ି ରହିଛି।

ଅତାବିରା,୨୭ା୫(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ମଙ୍ଗଳବାର ସକାଳ ସାଢ଼େ ୯ଟାରେ ପୁଣି ଅଦିନିଆ ବର୍ଷାରେ ଭିଜିଲା ଧାନ ଫସଲ। ଚିନ୍ତାରେ ଚାଷୀ। ସୋମବାର ବର୍ଷାରେ ଅତାବିରା ଅଞ୍ଚଳର ଧାନ ଭିଜି ନଷ୍ଟ ହୋଇଥିଲା। ପୁଣି ମଙ୍ଗଳବାର ସକାଳେ ୧ଘଣ୍ଟା ବର୍ଷିବା ପରେ ପୁନଃ ମଧ୍ୟାହ୍ନରେ ପ୍ରାୟ ଦେଢ଼ଘଣ୍ଟା ବର୍ଷା ହୋଇଛି। ଫଳରେ ଧାନ ଅମଳ ଚାଲିଥିବା ବେଳେ ବାରମ୍ବାର ଅଦିନିଆ ବର୍ଷା ଚାଷୀଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। ଧାନ ବିକ୍ରି ପୂର୍ବରୁ ରାସ୍ତାକଡ଼ ଓ ଖଳାରେ ଧାନ ଶୁଖାଇଥିଲେ ଚାଷୀ। ହଠାତ୍ ବର୍ଷା ଚାଷୀଙ୍କ ମୁଣ୍ଡରେ ଅକାଳ ଚଡ଼କ ସଦୃଶ୍ୟ ମାଡ଼ିଆସିଛି। ପାଣିରେ ଭାସୁଛି ଚାଷୀର କଷ୍ଟ ଉପାର୍ଜିତ ଧାନ। ଅନେକ ଚାଷୀଙ୍କ ଧାନ ଏବେ ମଧ୍ୟ ବିଲରେ ପଡ଼ିରହିଛି, ଯାହାଦ୍ୱାରା ବର୍ଷାରେ ଭିଜି ଗଜା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ବର୍ଷା ହେବ ବୋଲି ଆଗୁଆ ସୂଚନା ପ୍ରଶାସନ ତରଫରୁ ଦିଆଯାଇ ନ ଥିଲା କି କୌଣସି ବ୍ୟବସ୍ଥା କରାଯାଇନାହିଁ। ଧାନ କିଣାବିକାର ଅଚଳାବସ୍ଥା ଦୂର ପାଇଁ ପ୍ରଶାସନ ପଦକ୍ଷେପ

**ବର୍ଷାରେ ଭିଜି ଗଜା ହେବା ସମ୍ଭାବନା**

ନେଉନାହିଁ। ପ୍ରଶାସନ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ନ କଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି ଚାଷୀ ନେତା ବୀରେନ୍ଦ୍ର କର। ଜିଲାରେ ଆବଶ୍ୟକ ମଣ୍ଡି ଓ ଧାନ ରଖିବା ପାଇଁ ସ୍ଥାନ ନ ଥିବାରୁ ଚାଷୀ କ୍ଷତି ସହୁଥିବା କହିଛନ୍ତି।

ସେହିପରି ମଣ୍ଡି ବ୍ୟବସ୍ଥା ଚାଷୀର ଦୁଃଖକୁ ଦୁଇଗୁଣ କରିଛି। ଟୋକନ ଥିବା ଚାଷୀ ମଣ୍ଡିକୁ ଧାନ ଆଣି ଗଦା କରିଥିବା ବେଳେ ମିଲର୍ସ ଧାନ କିଣିବାକୁ ଆସୁନାହାନ୍ତି। ମଣ୍ଡି ଖୋଲାହେବାର ୧୫ ଦିନ ବିତିଗଲା କିନ୍ତୁ ଧାନକିଣା ସ୍ୱାଭାବିକ ହୋଇପାରୁନାହିଁ। ମିଲର୍ସ କଟ୍‌ନି ଛଟ୍‌ନି କରୁଥିବା ଯୋଗୁ ଚାଷୀ ହଇରାଣ ହଉଛନ୍ତି। ଧାନଗାଡ଼ି ଲୋଡିଂ ଅନ୍‌ଲୋଡିଂ ପାଇଁ ବସ୍ତା ପିଛା ୫ ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। ଧାନ ବିକ୍ରିରେ ଦେଖାଦେଇଥିବା ଅଚଳାବସ୍ଥା ନେଇ ଅତାବିରା ଆର୍‌ଏମ୍‌ସି ସମ୍ପାଦକ ଶଶାଙ୍କ ଶେଖର ସାହାଣୀଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ମୁଁ କିଛି ପ୍ରତିକ୍ରିୟା ଦେଇପାରିବି ନାହିଁ ବୋଲି କହିଛନ୍ତି। ତେବେ ତାଙ୍କ ଅଫିସ ସାମ୍ନା ମଣ୍ଡି ଭିତରେ ଥିବା ଚାଷୀଙ୍କ ଧାନ ବର୍ଷାରେ ଭିଜୁଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ମଙ୍ଗଳବାର ଯାଏ ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ସମସ୍ତ ମଣ୍ଡିକୁ ମୋଟ ୨୦ ଲକ୍ଷ ୭ ହଜାର ୧୭୪ ପ୍ୟାକେଟ ଧାନ ଆସିଥିବା ବେଳେ ୧୭ ଲକ୍ଷ ୮୭ ହଜାର ୧୯୨ ପ୍ୟାକେଟ ଧାନ ଉଠିଛି। ଫଳରେ ଏବେବି ମଣ୍ଡିଗୁଡିକରେ ୨ ଲକ୍ଷ ୧୯ ହଜାର ୯୮୨ ପ୍ୟାକେଟ ଧାନ ପଡ଼ିରହିଛି।

# ସିବିଏସ୍‌ଇ ପରୀକ୍ଷାଫଳ, ୩୦୦ କୃତକାର୍ଯ୍ୟ

ପଦ୍ମପୁର,୨୭ା୫(ପ୍ରଦୀପ୍ତ ଦାଶ)

**ପଦ୍ମପୁର ଉପଖଣ୍ଡ**
**ଅନ୍ଧାରରେ ୮୮୫ ଛାତ୍ରୀଛାତ୍ର**

ବହୁଚର୍ଚ୍ଚିତ ପଦ୍ମପୁର ଉପଖଣ୍ଡରେ ମଙ୍ଗଳବାର ସିବିଏସ୍‌ଇ ରେଜଲ୍ଟ ପ୍ରକାଶ ପାଇଛି। ଏଥିରେ ମୋଟ ୧୧୮୫ ମଧ୍ୟରୁ ୩୦୦ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୮୫ ଜଣଙ୍କ ଭବିଷ୍ୟତ ଅନ୍ଧାରରେ ରହିଛି। ଏ ନେଇ ପଦ୍ମପୁର ଆଇନଜୀବୀ ଅଜିତ୍ ଶତପଥୀ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ସିବିଏସ୍‌ଇ କର୍ତ୍ତୃପକ୍ଷ ଯଦି ପରୀକ୍ଷା ସମୟରେ ଅସାଧୁ ଉପାୟ ଅବଲମ୍ବନ କରାଯାଉଛି ବୋଲି ଜାଣିଥିଲେ ତାହେଲେ ପର୍ଯ୍ୟବେକ୍ଷକମାନେ ରିପୋର୍ଟ ପ୍ରଦାନ କଲାପରେ ତତ୍‌କ୍ଷଣାତ୍ କାହିଁକି ପଦକ୍ଷେପ ନେଲେନାହିଁ। ଯଦି ସିସିଟିଭି ଲଗାଯାଇନି ତେବେ ସିବିଏସ୍‌ଇ କାହିଁକି ପରୀକ୍ଷା କେନ୍ଦ୍ର କରାଯିବାକୁ ସୁପାରିସ୍ କରି ପରୀକ୍ଷା କରାଇଲା। ଯଦି ଏତେସବୁ ଅସଂଗତି ଥିଲା ତା ହେଲେ ସମସ୍ତଙ୍କ ପରୀକ୍ଷା ଫଳ ବାହାରିବା ସମୟରେ ପଦ୍ମପୁର ଉପଖଣ୍ଡର ୬ଟି ସ୍କୁଲର ପରୀକ୍ଷା ଫଳ କାହିଁକି ବାହାର ନ କରି ଏତେଦିନ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମାନସିକ ଦୁଶ୍ଚିନ୍ତାରେ ରଖାଗଲା। ବର୍ତ୍ତମାନ ଏହିସବୁ ପ୍ରଶ୍ନ ସିବିଏସ୍‌ଇ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ଦରକାର ବୋଲି ଶତପଥୀ କହିଛନ୍ତି।

# ଶିକ୍ଷକ ଡ. ବିଭୀଷଣ ବାରିକ ପାଇଲେ ଜାତୀୟ ସାମାଜିକ ପ୍ରଭାବ ସମ୍ମାନ


ଶିକ୍ଷକ ଡ.ବିଭୀଷଣ ବାରିକଙ୍କୁ ସମ୍ମାନିତ କରାଯାଉଛି।

କୁତ୍ରା, ୨୭ା୫(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକଙ୍କୁ ଚଳିତବର୍ଷ ଜାତୀୟ ସାମାଜିକ ପ୍ରଭାବ ସମ୍ମାନ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏମ୍‌ଏମ୍‌ଏମଇ ନୀତି ଆୟୋଗ ଓ ଏମସିଏ ଅନୁବନ୍ଧିତ ଇମରଜିଙ୍ଗ ଆଚିଭର ଆୱାଡ କାଉନସିଲ ତରଫରୁ ତାଙ୍କୁ ପରିବେଶ ସୁରକ୍ଷା ଓ ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଯୋଗଦାନ ପାଇଁ ତାଙ୍କୁ ଏହି ମର୍ଯ୍ୟାଦାପୂର୍ଣ୍ଣ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ନରେଶ ବଂଶଲ, ଗୋଆ ଜିଲା କୋର୍ଟ ମୁଖ୍ୟ ଜର୍ଜ ସୋୟନାରା, ଆଶୋକ ଚକ୍ର ସମ୍ମାନିତ ତେଜପାଲ ସିଂ, ସୁପ୍ରିମକୋର୍ଟ ସିନିୟର ଓକିଲ ଅଶ୍ୱିନୀ ଜାଦବ, ଆଚାର୍ଯ୍ୟ ପାନସୋ ଇଣ୍ଡୋ ତିବ୍ବତିଆନ ଡେପୁଟି ସ୍ପିକର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଏହି ସମାରୋହରେ ଭାରତ ବର୍ଷର ବିଭିନ୍ନ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଡ.ବାରିକ ଦୀର୍ଘ ବର୍ଷ ଧରି ପ୍ରକୃତି ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ସହ ସବୁଜ ବାହିନୀ ସହଯୋଗରେ ଏକ ଜୈବବିବିଧତା ଭରା ସୁନ୍ଦର ପ୍ରାକୃତିକ ପରିବେଶ ଗଢିବାରେ ସକ୍ଷମ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବା ପାଇଁ ବିଭିନ୍ନ ପଦକ୍ଷେପ ନେଇ ଅନୁଷ୍ଠାନକୁ ଏକ ଆଦର୍ଶ ଅନୁଷ୍ଠାନରେ ପରିଣତ କରିଛନ୍ତ। ନୈତିକ ମୂଲ୍ୟବୋଧ ଆଧାରିତ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ କାମକରି ଏହି ସମ୍ମାନ ପାଇଛନ୍ତି।

# ୧୧୧୦ ବୋତଲ କଫ ସିରପ ଜବତ, ଜଣେ ଗିରଫ

**ବରଗଡ,୨୭ା୫(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ପୋଲିସ କଫ ସିରପ କାରବାର ଉପରେ ଧରପଗଡ଼ କରିଛି। ମଙ୍ଗଳବାର ଚଢାଉ କରି ପୋଲିସ ୧୧୧୦ ବୋତଲ କଫ୍ ସିରପ ଜବତ କରିଛି। ଏହି ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ, ବରଡୋଲ ଗ୍ରାମର ଅଜୟ ନାୟକ(୨୭)। ତାଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଲାଇଛି।

# ବିପୁଳ ପରିମାଣର ମଦ ଜବତ, ଜଣେ ଗିରଫ

**କୋକସରା,୨୭ା୫ (ଦୁଷ୍ମନ୍ତ କୁମାର ପାଇଯୋଷୀ):** କୋକସରା ବ୍ଲକରେ ଅବକାରୀ ଥାନା ହେବା ପରେ ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ମଙ୍ଗଳବାର କୋକସରା ଅବକାରୀ ଏସ୍‌ଆଇ ନରେନ୍ଦ୍ର ମିଞ୍ଜଙ୍କ ନେତୃତ୍ୱରେ ସିର୍ଲିଗୁଡା ଗ୍ରାମରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ, ବିଦେଶୀ ମଦ ଓ ମେଡ଼ିସିନ ପାଇଁ ବ୍ୟବହୃତ ମୃତ ସଞ୍ଜୀବନୀ ବୋତଲ ଜବତ କରିଛି। ଏହାସହ ସିର୍ଲିଗୁଡା ଗ୍ରାମର ଶଶୀଧର କାଣ୍ଡ (୩୫)ଙ୍କୁ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ତେବେ ମଦ କୋଠିର ମାଲିକ ଅନ୍ୟ ଜଣେ ରହିଥିବା ବେଳେ ତାଙ୍କ ନିକଟରେ କାମ କରୁଥିବା ଯୁବକଙ୍କୁ ଅବକାରୀ ବିଭାଗ ଗିରଫ କରିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ କୋକସରା ଅବକାରୀ ଏସ୍‌ଆଇ ମିଞ୍ଜଙ୍କ ପ୍ରତିକ୍ରିୟା ନେବାରୁ ଅଟକ ଥିବା ଯୁବକ ନିଜେ ମାଲିକ ବୋଲି ସ୍ୱୀକାର କରିଛନ୍ତି, ତଦନ୍ତ ପରେ ଯଦି ଅନ୍ୟ କେହି ମାଲିକ ଥିବେ ତାଙ୍କୁ ମଧ୍ୟ ଗିରଫ କରାଯିବ। ବୁଧବାର ଗିରଫ ଶଶୀଧରଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ବଘିଆପଡ଼ାରେ ଅଭିଯୋଗ ଶୁଣାଣି ଶିବିର


ଜନଶୁଣାଣିରେ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀ।

ବଘିଆପଡା,୨୭ା୫(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକର ବଘିଆପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଉପସ୍ଥିତିରେ ଅଭିଯୋଗଗୁଡିକର ଶୁଣାଣି ହୋଇଥିଲା। ଶିବିରରେ ସମୁଦାୟ ୨୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ମାମଲା ହୋଇଥିବାବେଳେ ୬ଟି ସାମୂହିକ ମାମଲା ରହିଥିଲା। ୧୨ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ରେଡ୍‌କ୍ରସ ଯୋଜନାରେ ଜଣଙ୍କୁ ୫ହଜାର ଟଙ୍କା ଓ ୩ ଜଣଙ୍କୁ ପେନସନ ପ୍ରଦାନ କରାଯାଇଥିଲା। ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣ୍ଡଆଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ପୁଣ୍ୟଶ୍ଳୋକ ରାଣୀ ଅହଲ୍ୟାବାଈ ହୋଲକରଙ୍କ ଜୟନ୍ତୀ

କୁନାଗଡ଼, ୨୭ା୫(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଟାଉନହଲ ପରିସରରେ ମଙ୍ଗଳବାର ପୁଣ୍ୟଶ୍ଳୋକ ରାଣୀ ଅହଲ୍ୟାବାଇ ହୋଲକରଙ୍କ ୩୦୦ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂ ଭତ୍ରା, ଜିଲା ସଭାପତି ଯୁଗଳ କିଶୋର ପୋଢ଼, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ଜିଲା ସଭାପତି ଭବେନ୍ଦ୍ର ପଣ୍ଡା, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ନର୍ଲା ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପ୍ରଧାନ, ପୂର୍ବତନ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଜିଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ, ଜିଲା ସଭାନେତ୍ରୀ ନିରୁପମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ବାପଝିଅ ମୃତ

ବୌଦ୍ଧ/ବଘିଆପଡା,୨୭ା୫
(ଅଜିତ କୁମାର ବାରିକ/ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଗଣ୍ଡିସର (ବାରପୁଟା ଛକ)ରେ ମଙ୍ଗଳବାର ୨ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାପଝିଅଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ବିରିଗଡ ପଞ୍ଚାୟତ ଚରିଆପାଲି ଗ୍ରାମର ଗଜେନ୍ଦ୍ର ମଲ୍ଲିକ (୩୨) ଓ ଝିଅ ଲିପ୍‌ସା ମଲ୍ଲିକ(୬)। ପୋଲିସ ମୃତଦେହ ଜବତ କରି ବୌଦ୍ଧ ଡାକ୍ତରଖାନାରେ ରଖିଛି। ବୁଧବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁସାରେ, ଚରିଆପାଲି ଗ୍ରାମର ଗଜେନ୍ଦ୍ର ସ୍ତ୍ରୀ ପୁଷ୍ପାଞ୍ଜଳି ଏବଂ ୩ ଛୋଟ ଝିଅଙ୍କୁ ଧରି ଶଳା ବାହାଘର ପାଇଁ ଡିଲେଜୁ ଗ୍ରାମକୁ ଯାଇଥିଲେ। ସେମାନେ ଏକ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ୮ଟାବେଳେ ବାରପୁଡାଛକରେ ବିପରିତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଗଜେନ୍ଦ୍ର ଓ ଝିଅ ଲିପ୍‌ସାଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଗଜେନ୍ଦ୍ରଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଓ ଆଉ ୨ ଝିଅ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲକୁ ପଠାଇଥିଲେ। ତେବେ ଦୁର୍ଘଟଣା ଘଟାଇଥିବା ଅନ୍ୟ ବାଇକ୍‌ର ପତ୍ତା ମିଳିପାରି ନ ଥିବା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି।

# କାମରେ ଆସୁନି ଉଠାଜଳସେଚନ ପ୍ରକଳ୍ପ

ବରପାଲି ୨୭ା୫(ଚିତ୍ତରଞ୍ଜନ ସାହୁ)

**ପାଣି ଅଭାବରୁ ଅସୁବିଧା ଭୋଗୁଛନ୍ତି ୫ ଗାଁ ଚାଷୀ**

ବରଗଡ଼ ଜିଲାରେ ଅଦିନିଆ ବର୍ଷାରେ ଧାନଫସଲ କ୍ଷତି ହେଉଥିବା ବେଳେ ବରପାଲି ବ୍ଲକ ସୁଜିଆ ଗ୍ରାମ ସମେତ ତେଜଙ୍ଗ, ଆମ୍ବାମୁଣ୍ଡା, ତେଜଙ୍ଗ ରକ୍ସାରେ ଏବେ ପାଣି ଅଭାବ ଦେଖାଦେଇଛି। ବ୍ଲକର ୫ନଂ. ଉଠାଜଳସେଚନ ପ୍ରକଳ୍ପ କାମରେ ଆସୁନାହିଁ। ଫଳରେ ଏହି ପ୍ରକଳ୍ପ ଅନ୍ତର୍ଗତ ଚାଷୀମାନେ ପାଣି ଅଭାବରୁ ବହୁ ଅସୁବିଧା ଭୋଗୁଛନ୍ତି। ତାଙ୍କ ଜମିରେ ପାଣି ପାଇପ୍ ଯାଇଛି ହେଲେ ସେ ପାଣି ଚାଷୀ ପାଇଁ ସ୍ୱପ୍ନ। ଏବେ ଧାନକୁ ପ୍ରଚୁର ପାଣି ଦରକାର। ହେଲେ ପ୍ରକଳ୍ପର ବିଭିନ୍ନ ସମସ୍ୟା ଯୋଗୁ ଚାଷଜମି ଶୁଖିଗଲାଣି।

ସୂଚନାଯୋଗ୍ୟ, ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟଅଟକଳରେ ଉଠାଜଳସେଚନ ପ୍ରକଳ୍ପ ନିର୍ମିତ ହୋଇଥିଲା। ପାଣି ଅଭାବ ଦୂରହେବ ଭାବି ଚାଷୀମାନେ ବହୁତ ଖୁସି ହୋଇଥିଲେ। ଜମି ମଧ୍ୟରେ ନାଳ ଖୋଳି ପାଇପ୍ ବିଛାଯାଇଥିଲା। ପାଇପ୍‌ଗୁଡ଼ିକର ଗୁଣବତ୍ତା ଉପରେ ଚାଷୀମାନଙ୍କର କୌଣସି ଜ୍ଞାନ ନ ଥିଲା। ହେଲେ ପ୍ରକଳ୍ପ ଅଧିକାରୀମାନଙ୍କ ଖାମଖିଆଲି ନୀତି ଯୋଗୁ ଠିକାଦାର ନିମ୍ନମାନର କାମକରି ପାଇପ ପୋତିଦେଲେ। ଫଳରେ ଧାନ ରୋପଣ ପରେ ପାଇପ୍‌ରେ ପାଣି ଛଡ଼ାଯିବାରୁ କେତେକ ସ୍ଥାନରେ ପାଇପ ଫାଟି ରୋଇଥିବା ଧାନ ଧୋଇ ହୋଇଗଲା। ଏହି କ୍ଷତିର ଆକଳନ ହୋଇ ନ ଥିବା ବେଳେ ନିମ୍ନମାନର ପାଇପ ଯୋଗୁ ପ୍ରତ୍ୟହ କେଉଁଠି ନା କେଉଁଠି ଫାଟିଯାଉଛି। ଚାଷୀମାନେ ନିଜେ ହଜାର ହଜାର ଟଙ୍କା ସଂଗ୍ରହକରି ତାହାକୁ ମରାମତି କରୁଛନ୍ତି। ହେଲେ ଏହି ପ୍ରକଳ୍ପ ଏବେ କୌଣସି କାମରେ ଆସୁନାହିଁ। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ପାଣି ସମସ୍ୟା ସମାଧାନ ନ ହେଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି କହିଛନ୍ତି।

# ପାଇକମାଳ ଆଦର୍ଶ ବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶିତ

**ଦଶମରେ ସୁରୁଚି, ଦ୍ୱାଦଶରେ ମହିମା ଟପ୍ପର**


ସୁରୁଚି ରଣା


ମହିମା ହଂସ

ପାଇକମାଳ,୨୭ା୫
(ବଢ଼ ଶତପଥୀ)

ବହୁ ପ୍ରତୀକ୍ଷା ପରେ ବରଗଡ଼ ଜିଲା ପାଇକମାଳ ବ୍ଲକ ଫେଜରପୁର ଆଦର୍ଶ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଦଶମ ଶ୍ରେଣୀରେ ୭୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସମସ୍ତେ ପାସ୍‌ମାର୍କ ଆଣିଥିଲେ ମଧ୍ୟ ୩୬ ଜଣଙ୍କ ବିଜ୍ଞାନରେ କମ୍ପାର୍ଟମେଣ୍ଟାଲ ଲାଗିଥିବା ବେଳେ ମୋଟ ୩୮ ଜଣ ପାସ୍ କରିଛନ୍ତି। ସୁରୁଚି ରଣା ୯୬.୨% ମାର୍କ ପାଇ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ୨୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୦ଜଣ ପାସ୍ କରିଛନ୍ତି । ୧୪ ଛାତ୍ରୀଛାତ୍ରଙ୍କ ଇଂଲିଶରେ କମ୍ପାର୍ଟମେଣ୍ଟାଲ ଲାଗିଛି। ମହିମା ହଂସ ୮୮% ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି ବୋଲି ଅଧ୍ୟକ୍ଷ ଜୟନ୍ତ ସାହୁ ସୂଚନା ଦେଇଛନ୍ତି।

# ୨ ନାବାଳିକା ଉଦ୍ଧାର

**କଲମପୁର, ୨୭ା୫(ଗଣେଶରାମ ବାଗ):** କଲମପୁର ଥାନା ପୋଲିସ ମଙ୍ଗଳବାର ୨ ନାବାଳିକାଙ୍କୁ ଉଦ୍ଧାର କରିଛି। ଅଞ୍ଚଳର ୨ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଜଣେ ନାବାଳିକା ବାପାଙ୍କ ସହିତ ତାମିଲନାଡୁ ଯାଇଥିବା ବେଳେ ସେଠାରେ ଦାଦନ ସର୍ଦ୍ଦାର ଝିଅକୁ ଅପହରଣ କରିନେଇଥିଲେ।


କପିଳେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା।


ଦେବ ଦମ୍ପତିଙ୍କ ନଗର ପରିକ୍ରମା ବେଳେ ପାରମ୍ପରିକ ବାଦ୍ୟ ପରିବେଷଣ।

# ବରପାଲି ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ

ବରପାଲି,୨୭ା୫(ଚିତ୍ତରଞ୍ଜନ ସାହୁ)

**ଦେବଦମ୍ପତିଙ୍କୁ ସହସ୍ର ଆରତି ଅର୍ପଣ**

ବରପାଲିର ୧୪୮ତମ ଶୀତଳଷଷ୍ଠୀ ଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଯାଇଛି। କମିଟି ପକ୍ଷରୁ ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ ଓ ବହୁ ସଭ୍ୟଙ୍କ ସହ ଅନେକ ଭକ୍ତବୃନ୍ଦ ଶୁଭାରମ୍ଭ କାର୍ଯ୍ୟରେ ଯୋଗଦେଇଥିଲେ। ସ୍ଥାନୀୟ ନୃପରାଜ କ୍ଲବ(ଭଣ୍ଡାର ଗୃହ)ଠାରେ ବମ କପିଳେଶ୍ୱର ବାବା ଓ ଜଗତ୍‌ଜନନୀ ମାତା ପାର୍ବତୀଙ୍କ ଜୟ ଜୟକାର କରିବା ସହ ପୂଜକ ଗୋପାଳ ମିଶ୍ର ମନ୍ତ୍ର ଉଚ୍ଚାରଣ କରିଥିଲେ। ସହରସାରା ବାଣ ଫୁଟାଇ ଚଳିତବର୍ଷର କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଥିଲା। ସକାଳ ୧୦ଟାରେ ଭଣ୍ଡାର ଗୃହ ସମ୍ମୁଖରେ ନଟରାଜ ମୂର୍ତ୍ତି ସଂସ୍ଥାପନ କରି ଶତ ଆରତି ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଭଣ୍ଡାର ଗୃହରୁ ଯାତ୍ରା କମିଟିର ଏକ ଭବ୍ୟ ଶୋଭାଯାତ୍ରା ବାହାରି କପିଳେଶ୍ୱର ମନ୍ଦିରରେ ପହଞ୍ଚି ସେଠାରେ କପିଳେଶ୍ୱର ବାବା ଓ ମାତା ପାର୍ବତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ନଗର ପରିକ୍ରମା କରି ଭଣ୍ଡାର ଗୃହକୁ ଅଣାଯାଇଥିଲା। ଏହି ଶୋଭାଯାତ୍ରାରେ ଦୁଲ୍‌ଦୁଲି, ଘଣ୍ଟବାଦ୍ୟ, ଡିଜେ ଆଦି ସାମିଲ ହୋଇଥିଲା। ବରପାଲି ଗାନ୍ଧୀଛକଠାରେ ଭକ୍ତମାନଙ୍କ ଦ୍ୱାରା ଦେବଦମ୍ପତିଙ୍କୁ ସହସ୍ର ଆରତି ଅର୍ପଣ କରାଯାଇଥିଲା। ମଧ୍ୟରାତ୍ରରେ କପିଳେଶ୍ୱର ମନ୍ଦିରରେ ମହାଦୀପ ସଂସ୍ଥାପନ କରାଯାଇଥିଲା। ଭଣ୍ଡାର ଗୃହ ସମ୍ମୁଖରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଫୁଟ୍‌ବଲ ଖେଳ ବିକାଶରେ ପଡ଼ିଆ ବାଧକ

ସମ୍ବଲପୁର,୨୭।୫(ଭବାନୀ ଶଙ୍କର ଭୋଇ)


କାଇଁଶିର ସିଂହପାଲି ଖେଳପଡ଼ିଆ।

ସମ୍ବଲପୁର ଜିଲାରେ ଫୁଟ୍‌ବଲକୁ ନେଇ ଯୁବଗୋଷ୍ଠୀ ମଧ୍ୟରେ ପ୍ରବଳ ଆଗ୍ରହ ରହିଛି। ଜିଲାର ବହୁ ଖେଳାଳି ଜାତୀୟସ୍ତରରେ ମଧ୍ୟ ନିଜର ପ୍ରତିଭା ପ୍ରଦର୍ଶନ କରିପାରିଛନ୍ତି। ସମ୍ବଲପୁର ମହାନଗର ନିଗମ ଫୁଟ୍‌ବଲର ଲମ୍ବା ଇତିହାସ ରହିଛି। ମେହେର ଆସୋସିଏଶନ, ଆଦିବାସୀ କ୍ଲବ, ହିନ୍ଦ୍ କ୍ଲବ, କସ୍‌ମସ୍ କ୍ଲବ, ଧୁତରାପଡା ଯୁବକ ସଂଘ, ପୋଲିସ କ୍ଲବ, ବୁର୍ଲା ଇଞ୍ଜିନିୟରିଂ କ୍ଲବ ପ୍ରମୁଖ ଅତୀତରେ ଜିଲା ପାଇଁ ଅନେକ ସଫଳତା ଆଣିଦେଇଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପଡ଼ିଆ ଏବଂ ପୋଲିସ ଲାଇନ ପଡ଼ିଆରେ ସମ୍ବଲପୁର ସହରର ପ୍ରତିଭାବାନ୍ ଫୁଟ୍‌ବଲ ଖେଳାଳିମାନେ ନିୟମିତ ଅଭ୍ୟାସ କରୁଥିଲେ। ବର୍ଷତମାମ ସେଠାରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଉଥିଲା। ଏହି ପଡ଼ିଆଗୁଡ଼ିକରେ ରାଜ୍ୟସ୍ତରଠାରୁ ଜାତୀୟସ୍ତର ପ୍ରତିଯୋଗିତା ଆୟୋଜନ ଯୋଗୁ ନୂଆ ପ୍ରତିଭାମାନଙ୍କୁ ସୁଯୋଗ ମିଳିପାରୁଥିଲା। ସେଥିପାଇଁ ଅରୁଣ ପ୍ରସନ୍ନ ସେଠ, ପରମା ଖାଲ୍‌କୋ, ଜୟରାମ ମିସ୍ତ୍ରି, ବିଜୟ ବାହାଦୁର ସିଂହ(ବଚନ), ସଦାଶିବ ପୁରୋହିତ, ମାଙ୍ଗରା ଓରାମ, ବିଲ୍ଲୁ ଦାନି, ଭାରତୀ ମିଶ୍ର, ସୁଜିତ ଘୋଷଙ୍କ ଭଳି ଅନେକ ଖେଳାଳି ସନ୍ତୋଷ ଟ୍ରଫିରେ ଅଂଶଗ୍ରହଣ କରିବା ସହ ରାଜ୍ୟରେ ପ୍ରମୁଖ ଫୁଟ୍‌ବଲ ଖେଳାଳିଭାବେ ପରିଚୟ ହାସଲ କରିଥିଲେ। ମାତ୍ର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ପ୍ରଶାସନିକ କୋଠା ନିର୍ମାଣ କରାଯିବା ପରେ ପଡ଼ିଆ ଆଉ ରହିଲା ନାହିଁ। ପୋଲିସ ଲାଇନ ପଡ଼ିଆରେ ମଧ୍ୟ ସୁରକ୍ଷା କାରଣ ଦର୍ଶାଇ ସେଠାରେ ଫୁଟ୍‌ବଲ ଅଭ୍ୟାସ ଏବଂ ପ୍ରତିଯୋଗିତା ବନ୍ଦ କରିଦିଆଗଲା। ବର୍ତ୍ତମାନ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଖେଳପଡ଼ିଆର ଅଭାବ ପ୍ରତିଭା ପ୍ରଦର୍ଶନ ଏବଂ ବିକାଶରେ ଅନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି।

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମକୁ ଛାଡ଼ିଦେଲେ ସହରରେ ଆଉ ଭଲ ଫୁଟ୍‌ବଲ ପଡ଼ିଆ ନାହିଁ। ଫଳରେ ଖେଳାଳିମାନଙ୍କ ପାଇଁ ଅଭ୍ୟାସ ଠାରୁ ଆରମ୍ଭ କରି ପ୍ରତିଯୋଗିତା ଆୟୋଜନରେ ସମସ୍ୟା ସୃଷ୍ଟି ହେଉଛି। କମିଶନର କଲୋନୀ ପଡ଼ିଆରେ କ୍ରିକେଟ ସହ ଫୁଟ୍‌ବଲ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି । ତେବେ ଏଠାରେ କ୍ରିକେଟ ପାଇଁ ଭିତ୍ତିଭୂମିର ବିକାଶ କରାଯାଇଥିବାରୁ ଫୁଟ୍‌ବଲ ପ୍ରତିଯୋଗିତା ନିୟମିତଭାବେ ଆୟୋଜନ କରାଯାଇପାରୁନାହିଁ। ଏହାବାଦ୍ ମନ୍ଦଲିଆ ପଡ଼ିଆରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସହ ପ୍ରତିଯୋଗିତାମାନ ଆୟୋଜନ ହେଉଥିବାରୁ ଖେଳାଳିମାନଙ୍କୁ ଅଭ୍ୟାସ କରିବାରେ ସମସ୍ୟା ସୃଷ୍ଟି କରୁଛି। କାଇଁଶିର ସିଂହପାଲି ଖେଳପଡ଼ିଆରେ ନିୟମିତ ଫୁଟ୍‌ବଲ ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି। ତେବେ ସେହି ଖେଳପଡିଆରେ ମଧ୍ୟ ଭିତ୍ତିଭୂମିର ଘୋର ଅଭାବ ରହିଛି। ସମ୍ବଲପୁର ମହାନଗର ବାହାରେ ସମ୍ବଲପୁର ଫୁଟ୍‌ବଲ ଏକାଡେମୀରେ ସୁନ୍ଦର ଖେଳପଡିଆ ରହିଛି। ତେବେ ସେହି ପଡ଼ିଆ ସମ୍ବଲପୁର ଫୁଟ୍‌ବଲ ଏକାଡେମୀର ନିଜସ୍ୱ ପଡ଼ିଆ ହୋଇଥିବାରୁ ସର୍ବସାଧାରଣଙ୍କ ପାଇଁ ତାହା ଉପଯୋଗୀ ହୋଇପାରୁନାହିଁ। ଏଥିପାଇଁ ଫୁଟ୍‌ବଲପ୍ରେମୀ ସମ୍ବଲପୁରରେ ଅନ୍ତଃରାଷ୍ଟ୍ରୀୟମାନର ଏକ ଫୁଟ୍‌ବଲ ଷ୍ଟାଡିୟମ ନିର୍ମାଣ ପାଇଁ ବହୁଦିନରୁ ଦାବିକରିଆସୁଛନ୍ତି। ଏନେଇ ସମ୍ବଲପୁରରେ ଅନେକଥର ନେତା, ମନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ତେବେ ଫୁଟ୍‌ବଲ ଷ୍ଟାଡିୟମ ନିର୍ମାଣ ଦିଗରେ କାମ ଆଗକୁ ବଢ଼ିପାରିନାହିଁ। ଏନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମ୍ବଲପୁରରେ ପୁଣିଥରେ ଫୁଟ୍‌ବଲ ଭିତ୍ତିଭୂମିର ବିକାଶ ନେଇ ଯୋଜନା କରୁଛୁ। ସମ୍ବଲପୁର ମହାନଗର ମଧ୍ୟରେ ଦୁଇ ତିନୋଟି ପଡ଼ିଆକୁ ବିକାଶ କରାଯିବା ଯୋଜନା ହାତକୁ ନିଆଯିବ। ଜମାଦାରପାଲି ରାସ୍ତାରେ ଥିବା ଯୋଗିପାଲିରେ ଥିବା ଶହେ ଏକର ଜମିରେ ଏକ ଅନ୍ତର୍ଜାତୀୟମାନର ଷ୍ଟାଡିୟମ ନିର୍ମାଣ କରାଯିବା ଯୋଜନା କରାଯାଉଛି। ଏନେଇ ପ୍ରାଥମିକ ପ୍ରସ୍ତୁତି ଶେଷ ହୋଇଛି। ରାଜ୍ୟ ସରକାରଙ୍କ ଅନୁମୋଦନକୁ ଅପେକ୍ଷା ରହିଛି। ଯୋଗିପାଲିରେ ଏହି ଷ୍ଟାଡିୟମ ନିର୍ମାଣ ହେବା ପରେ ସହରର ବଡ଼ ପ୍ରତିଯୋଗିତା ଆୟୋଜନ ସମ୍ଭବ ହେବ । ଏହାସହ ଫୁଟ୍‌ବଲ ଖେଳାଳିମାନେ ମଧ୍ୟ ଉପକୃତ ହେବେ ବୋଲି ଜିଲାପାଳ କହିଛନ୍ତି।

**ଯୋଗିପାଲିରେ ହେବ ଉନ୍ନତ ଷ୍ଟାଡିୟମ: ଜିଲାପାଳ**

## ପଞ୍ଚାୟତ ଛକରେ ଜମିରହୁଛି ବର୍ଷାପାଣି


ବାଟଗାଁ ପଞ୍ଚାୟତ ଛକରେ ଜମି ରହିଥିବା ବର୍ଷାପାଣି।

ନାକଟିଦେଉଳ,୨୭।୫(ବୈକୁଣ୍ଠନାଥ ସାହୁ)

ସାମାନ୍ୟ ବର୍ଷାରେ ରାସ୍ତା ଉପରେ ଦୀର୍ଘ ସମୟ ଧରି ଜମିରହୁଛି ବର୍ଷାପାଣି। ଲୋକଙ୍କ ଯାତାୟାତରେ ସୃଷ୍ଟି ହେଉଛି ସମସ୍ୟା। ବର୍ଷାଦିନେ ଏପରି ଏକ ନିତିଦିନିଆ ଦୃଶ୍ୟ ଦେଖିବାକୁ ମିଳୁଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ଛକରେ। ଏହି ସମସ୍ୟା ନେଇ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ ଆଜିଯାଏ ଏହାର ସମାଧାନ କରାଯାଇପାରୁନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଟଗାଁ ପଞ୍ଚାୟତ ଛକ ଜାତୀୟ ରାଜପଥଠାରୁ ହିତସରା ରାସ୍ତାରେ ରହିଛି ପଞ୍ଚାୟତ କାର୍ଯ୍ୟାଳୟ। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାର ଉଭୟପାର୍ଶ୍ୱରେ ରହିଛି ଛୋଟ ବଡ଼ ବହୁ ଦୋକାନଘର। ତେବେ ପଞ୍ଚାୟତ ସମ୍ମୁଖ ହିତସରାକୁ ଯାଇଥିବା ରାସ୍ତାଟି ଜାତୀୟ ରାଜପଥଠାରୁ କମ୍ ଉଚ୍ଚତାରେ ରହିଛି। ଫଳରେ ଅଳ୍ପବର୍ଷା ହେଲେ ମଧ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଡ୍ରେନେଜ ସୁବିଧା ନ ଥିବାରୁ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ। ଅଧିକ ବର୍ଷାହେଲେ ପାଣି ରାସ୍ତାପାର୍ଶ୍ୱ ଦୋକାନ ଘରଗୁଡିକରେ ପଶିଯାଉଥିବା ଦେଖିବାକୁ ମିଳୁଛି। ବର୍ଷାପାଣି ଦୀର୍ଘ ସମୟ ଧରି ରାସ୍ତା ଉପରେ ଜମି ରହିବା ଫଳରେ ପଥଚାରୀ ଏବଂ ଦୋକାନୀମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଏଥିସହିତ ବିଭିନ୍ନ କାମରେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ବର୍ଷାଦିନେ ନାନା ଅସୁବିଧା ଭୋଗୁଛନ୍ତି । ମୌସୁମୀ ଆରମ୍ଭରୁ ଏପରି ଅବସ୍ଥା ହୋଇଥିବାରୁ ବର୍ଷାଦିନେ ପରିସ୍ଥିତି ଅଧିକ ସଙ୍ଗିନ ହେବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି।

## ଜିଲା କଂଗ୍ରେସ ପାଳିଲା ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ

ସମ୍ବଲପୁର,୨୭।୫(ବି.ଶଙ୍କର)

ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ନେତା ଓ କର୍ମୀମାନେ ପଣ୍ଡିତ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ ଜ୍ଞାପନ କରିଥିଲେ। ଏଥିସହ ଦେଶ ସ୍ୱାଧୀନତା ହେବାପରେ ଦେଶକୁ ଆଗେଇ ନେବାପାଇଁ ଓ ଆଧୁନିକ ଭାରତ ଗଠନ ନେଇ ପଣ୍ଡିତ ନେହେରୁଙ୍କ ଅତୁଳନୀୟ ଅବଦାନ ବିଷୟରେ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅମିତ ଗୁରୁ, ସୁବାସ ବିଶ୍ୱାଳ, ହରୀ ପାଢୀ, ଇନ୍ଦ୍ରମଣି ବାରିକ, ଚତୁର୍ଭୁଜ ଝାଙ୍କର,ଶଙ୍କର୍ଷଣ ନାଥ, ଫିଲିସ୍ପ କୁମାର, ସତ୍ୟନାରାୟଣ ସେନାପତି, ସାମା ସିଂ, ଧର୍ମରାଜ ସିଂ, ଏମଡି କଲିମ, ପ୍ରହ୍ଲାଦ ତାଣ୍ଡିଙ୍କ ସମେତ ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସମସ୍ୟାର ତୁରନ୍ତ ସମାଧାନ ନିର୍ଦ୍ଦେଶ

କୁଚିଣ୍ଡା,୨୭।୫(ବିରଞ୍ଚି ଦର୍ଜ୍ଜୀ)


ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

ସମ୍ବଲପୁର ଜିଲା ବାମରାରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ବାମରା ବ୍ଲକର ୧୭ଗୋଟି ପଞ୍ଚାୟତର ମୋଟ ୭୦ଟି ଅଭିଯୋଗ ଆସିଥିଲା। ଏଥିରେ ୪୨ଟି ବ୍ୟକ୍ତିଗତ ଓ ୨୮ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ହୋଇଥିବା କେତେକ ଅଭିଯୋଗ ଉପରେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଜିଲାପାଳ ତୁରନ୍ତ ଏହାର ସମାଧାନ ପାଇଁ ଅଧିକାରୀଙ୍କୁ ତାଗିଦ କରିଥିଲେ। ଶୁଶିଲ ପ୍ରସାଦ ନାମକ ଜଣେ ବ୍ୟକ୍ତି ଜମି ଚିହ୍ନଟ ପାଇଁ ବାମରା ତହସିଲଦାର ଆବେଦନ କରିଥିଲେ ମଧ୍ୟ ତହସିଲଦାର ଏଦିଗରେ କୌଣସି ପଦକ୍ଷେପ ନେଇଥିବା ସମ୍ପର୍କରେ ସେ ଜିଲାପାଳଙ୍କୁ ଗୁହାରି କରିଥିଲେ। ୩ଦିନ ମଧ୍ୟରେ ଜମି ଚିହ୍ନଟ କରିବାକୁ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଜଣେ ବୟସ୍କ ବ୍ୟକ୍ତିଙ୍କ ଜମି ମ୍ୟୁଟେସନ ମାମଲାକୁ ତହସିଲଦାର ଏପଟସେପଟ କରିବା ଦ୍ୱାରା ସେ ଜମି ନକ୍ସା ସଂଶୋଧନ ନିମନ୍ତେ ଦୀର୍ଘ ୧୮ବର୍ଷ ତହସିଲକୁ ଦୌଡି ନୟାନ୍ତ ହୋଇଥିବା ଅଭିଯୋଗ କରିଥିଲେ। ଏହା ଉପରେ କୁଚିଣ୍ଡା ଉପଜିଲାପାଳଙ୍କୁ ରିଭ୍ୟୁକରି ତୁରନ୍ତ ଏହାର ଫଇସଲା ନିମନ୍ତେ ଆଦେଶ ଦେଇଥିଲେ। ପାନୀୟ ଜଳ ସମସ୍ୟା, ମିଲେଟ ମିଶନ କିଣାରେ ଦୁର୍ନୀତି ସମେତ ବିଭିନ୍ନ ଅଭିଯୋଗ ଉପରେ ଜିଲାପାଳ ବନ୍ଦର ଶୁଣାଣି କରିଥିଲେ। ଶିବିରରେ ଏସ୍‌ପି ମୁକେଶ କୁମାର ଭାମୁ, ପ୍ରୋବେଶନ ଆଇଏଏସ ଅଧିକାରୀ ଶୁଭ୍ରା ପଣ୍ଡା, କୁଚିଣ୍ଡା ଉପ ଜିଲାପାଳ ଗୌରବମୟ ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ଆରଟିଓ ରାମଦାସ ଟୁଡୁ, ଏସ୍‌ଡିପିଓ ପ୍ରଦୀପ କୁମାର ଦାସଙ୍କ ସହ ଜିଲା, ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବାମରା ବିଡିଓ ପୁଷ୍ପକ ପ୍ରଧାନ ଶିବିର ପରିଚାଳନା କରିଥିଲେ।

**ଜିଲାପାଳଙ୍କ ଅଭିଯୋଗ ଶୁଣାଣି**

## ଅନ୍ତର୍ଜାତୀୟ ଯୋଗଦିବସ ଅଭିଯାନର ଶୁଭାରମ୍ଭ

ସମ୍ବଲପୁର,୨୭।୫(ପ୍ରମୋଦ ବହିଦାର)

ସମ୍ବଲପୁର ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ରରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅଭିଯାନ-୨୦୨୫ର ଶୁଭରମ୍ଭ ହୋଇଯାଇଛି। ଏହା ଆସନ୍ତା ଜୁନ ୨୧ ତାରିଖ ପର୍ଯ୍ୟନ୍ତ ୨୬ ଦିନ ଧରି ଚାଲିବ। ଗ୍ରୁପ କେନ୍ଦ୍ର ପୋଲିସ ଉପମହାନିରୀକ୍ଷକ ସଞ୍ଜୟ କୁମାର ସିଂହ ମଙ୍ଗଳବାର ପ୍ରାତଃରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସମବେତ ଅଧିକାରୀ ଓ ଜବାନଙ୍କୁ ଉଦ୍‌ବୋଧନ ଦେଇ ସେ ଯୋଗର ବୈଜ୍ଞାନିକ ଉପକାରିତା ଓ ଦୈନନ୍ଦିନ ଜୀବନରେ ଏହାର ପ୍ରାସଙ୍ଗିକତାକୁ ନେଇ ବିସ୍ତୃତ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଯୋଗାଭ୍ୟାସ କେବଳ ଏକ ବ୍ୟାୟାମ ନୁହେଁ, ବରଂ ଏହା ମଣିଷକୁ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଭାବେ ସଶକ୍ତ ଓ ସନ୍ତୁଳିତ କରିଥାଏ। ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଯାହା ସମଗ୍ର ବିଶ୍ୱର ସ୍ୱାସ୍ଥ୍ୟ ଏବଂ ପରିବେଶ ସନ୍ତୁଳନର ବାର୍ତ୍ତା ବହନ କରୁଛି ବୋଲି ସେ କହିଥିଲେ। ଯୋଗର ପ୍ରଚାର ପ୍ରସାର ସହିତ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ଏହାକୁ ପହଞ୍ଚାଇବା ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ସମ୍ବଲପୁରର ଅଧିକରୁ ଅଧିକ ମହିଳା, ପୁରୁଷ, ବରିଷ୍ଠ ନାଗରିକ ଓ ବାଳିକାବାଳକଙ୍କ ଠାରୁ ଆରମ୍ଭ କରି ସାଧାରଣ ନାଗରିକ ଏଥିରେ ଅଂଶଗ୍ରହଣ କରି ଏହାର ଲାଭ ଉଠାଇ ପାରିବେ।


ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ରରେ ଯୋଗାଭ୍ୟାସ କରୁଛନ୍ତି ଅଧିକାରୀ ଓ ଯବାନ।

# ମାର୍ଶଲ ଆର୍ଟ ଜୀବନକୁ ଶୃଙ୍ଖଳିତ କରେ

ସମ୍ବଲପୁର,୨୭।୫(ବି.ଶଙ୍କର)

**ବିଦ୍ୟାଳୟସ୍ତରୀୟ ଗ୍ରୀଷ୍ମକାଳୀନ ମାର୍ଶଲ ଆର୍ଟ ଶିବିର**

ସାଓଲିନ କୁଙ୍ଗୁ ଉଷୁ ଆସୋସିଏଶନର ପକ୍ଷରୁ ବିଦ୍ୟାଳୟସ୍ତରୀୟ ଗ୍ରୀଷ୍ମ କାଳୀନ ନିଃଶୁଳ୍କ ମାର୍ଶଲ ଆର୍ଟ ତାଲିମ ଶିବିର ମଙ୍ଗଳବାର ସକାଳ ୭ଟାରେ ଜିଲା ଜୁଡୋ ହଲରେ ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କର ଡିଜିଏମ ସୁନିଲ କୁମାର ଝା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସଂଘର୍ଷମୟ ଜୀବନ ସଫଳତାର ଚାବିକାଠି । ଶୀର୍ଷକୁ ଛୁଇଁଥିବା ବ୍ୟକ୍ତିମାନେ ଅନେକ ବାଧାବିଘ୍ନ ଦେଇ ଗତି କରିଛନ୍ତି। ତେଣୁ ଛାତ୍ରୀଛାତ୍ରମାନେ ସଫଳତାର ଶୀର୍ଷକୁ ଛୁଇଁବାକୁ ସ୍ୱପ୍ନ ଦେଖିବାକୁ ପଡିବ। ସେଥିପାଇଁ ପାଠପଢ଼ା ସହ ଛାତ୍ରୀଛାତ୍ରମାନେ ଖେଳକୁଦ ସହ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ(ମାର୍ଶଲ ଆର୍ଟ) ପ୍ରଶିକ୍ଷଣ ନେବା ଜରୁରୀ । ଏହାଦ୍ୱାରା ସେମାନେ ଶୃଙ୍ଖଳିତ ହୋଇଥାନ୍ତି । ସେମାନେ ଶୃଙ୍ଖଳା ଜ୍ଞାନ ଆହରଣ କରିବା ସହ ପରୋପକାରୀ, ପରିଶ୍ରମୀ ଓ ସଞ୍ଚୟଶୀଳ ହୋଇଥାନ୍ତି ବୋଲି ମୁଖ୍ୟ ଅତିଥି ଝା ମତବ୍ୟକ୍ତ କରିଛନ୍ତି ।

ଆୟୋଜକ ଅନୁଷ୍ଠାନର ସମ୍ପାଦକ ସୁବାଷ ଚନ୍ଦ୍ର ବେହେରା ସାଓଲିନ କୁଙ୍ଗୁ ଉଷୁ ଆସୋସିଏଶନର ୩୩ ବର୍ଷର ଯାତ୍ରା ବିଷୟରେ ସୂଚନା ଦେଇଥିଲେ । ଏଥିସହ ନିଃଶୁଳ୍କ ଗ୍ରୀଷ୍ମକାଳୀନ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ଉପରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ଅନୁଷ୍ଠାନ ପ୍ରକଳ୍ପ ନିର୍ଦ୍ଦେଶକ ଲକ୍ଷଣ କୁମାର ମେହେର, ଗିରିଧାରୀଲାଲ ସବଲାକା ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ମାର୍ଶ ଆର୍ଟ ପ୍ରଶିକ୍ଷକ ଗାୟତ୍ରୀ ମିଶ୍ର, ଦିବ୍ୟ କରିସ୍ମା ପୃଷ୍ଟି ଓ ଦିପେଶ ଦାସ ପରିଚାଳନା କରିଥିଲେ। ପ୍ରାରମ୍ଭରେ ପ୍ରଶିକ୍ଷାର୍ଥୀମାନେ ଦୁଃସାହିକ ମାର୍ଶଲ ଆର୍ଟ ପ୍ରଦର୍ଶନ କରିଥିଲେ। ଏଥିସହ ସେମାନଙ୍କ ମଧ୍ୟରେ କୁସ୍ତି ପ୍ରତିଯୋଗୀତା ହୋଇଥିଲା। ବିଜେତାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, କଚେରୀ ରୋଡ ନିକଟସ୍ଥ ସମ୍ବଲପୁର ଜିଲା ଜୁଡୋ ହଲରେ ଏହି ଶିବିର ପ୍ରତିଦିନ ସକାଳ ୬ଟା ୩୦ ଆରମ୍ଭ ହୋଇ ସକାଳ ୮ଟା ୩୦ ପର୍ଯ୍ୟନ୍ତ ଚାଲୁଛି।


ଶିବିରରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

# ୩୦ବର୍ଷ ପରେ ଅଭିଳାଷ ପୂରଣ ହୋଇଛି


ପୁଅ, ଝିଅଙ୍କ ସହ ମୁଦିପଡ଼ା ଜାଗେଶ୍ୱର ବାବାଙ୍କ କନ୍ୟା ମାତାପିତା।


ଯୌତୁକ ଭାବେ ଦେବାକୁ ଥିବା ଉପହାର ସମୂହ।

ସମ୍ବଲପୁର,୨୭।୫(ପ୍ରମୋଦ ବହିଦାର)

**ମୁଦିପଡ଼ା ଜାଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ**

ସମ୍ବଲପୁର ସହରର ଅନ୍ୟତମ ପୁରାତନ ମୁଦିପଡ଼ା ଜାଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପରେ ୨୯ତାରିଖରେ ପତରପେଣ୍ଡି ଓ ୩୧ରେ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ କମିଟି ପକ୍ଷରୁ ସାଜସଜ୍ଜାଠାରୁ ଆରମ୍ଭକରି ଅନ୍ୟାନ୍ୟ ବ୍ୟବସ୍ଥାକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ଚଳିତବର୍ଷ କନ୍ୟା ମାତାପିତା ଦାୟିତ୍ୱ ବହନ କରୁଛନ୍ତି ବୁର୍ଲା କଣ୍ଟ୍ରାକ୍ଟର୍ସ କଲୋନି ନିବାସୀ ମୃତ୍ୟୁଞ୍ଜୟ ଦାଶ ଓ ତାଙ୍କ ଧର୍ମପତ୍ନୀ ମଧୁସ୍ମିତା ପଣ୍ଡା। ମା' ପାର୍ବତୀଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ଅର୍ଜନକରି ପିଲାଦିନର ସ୍ୱପ୍ନ ସାକାର ହୋଇଛି ବୋଲି କହିଛନ୍ତି ମଧୁସ୍ମିତା। ସେ କହିଛନ୍ତି ,୧୯୯୫ ମସିହାରେ ସେ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ଶୀତଳଷଷ୍ଠୀରେ ତାଙ୍କ ମାତାପିତା ମୁଦିପଡ଼ା ଜାଗେଶ୍ୱର ବାବାଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେହିଦିନଠାରୁ କେବେ ସୁଯୋଗ ମିଳିଲେ ମାତା ପାର୍ବତୀଙ୍କୁ କନ୍ୟା ରୂପେ ପାଇବାର ଅଭିଳାଷ ରଖିଥିଲେ। ତାଙ୍କର ଏହି ଅଭିଳାଷ ଦୀର୍ଘ ୩୦ବର୍ଷ ପରେ ପୂରଣ ହୋଇଛି ବୋଲି କହିଛନ୍ତି ମଧୁସ୍ମିତା। ମଧୁସ୍ମିତା ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍‌ରେ ମାନବ ସମ୍ବଳ ବିଭାଗରେ କାର୍ମଚାରୀ ଥିବା ବେଳେ ତାଙ୍କ ସ୍ୱାମୀ ମୃତ୍ୟୁଞ୍ଜୟ ଦାଶ ଭବାନୀପାଟଣା ସରକାରୀ ମହାବିଦ୍ୟାଳୟରେ ଅଧାପକ ଅଛନ୍ତି।

ଦେବବିବାହକୁ ମଧୁସ୍ମିତା କହିଛନ୍ତି, ୨ବର୍ଷ ପୂର୍ବେ ଜାଗେଶ୍ୱର ବାବା ଶୀତଳଷଷ୍ଠୀ କମିଟି ପକ୍ଷରୁ କନ୍ୟା ମାତାପିତା ଦାୟିତ୍ୱ ନେବାକୁ ତାଙ୍କୁ ଚୟନ କରାଯାଇଥିଲା। ମାତ୍ର ଅନିବାର୍ଯ୍ୟକାରଣବଶତଃ ସେ ଏହି ମହତ୍ କାର୍ଯ୍ୟ କରିପାରି ନ ଥିଲେ। ମାତ୍ର ଚଳିତବର୍ଷ ଏହି ସୁଯୋଗକୁ ସେ ହାତଛଡ଼ା କରିନାହାନ୍ତି। ବର୍ତ୍ତମାନ ବିବାହ ପାଇଁ କନ୍ୟାରୂପୀ ମାତା ପାର୍ବତୀଙ୍କୁ ବିବାହରେ ଯାନିଯୌତୁକ ଦେବାର ବିଧି ଅନୁସାରେ ସୁନାହାର, ମଙ୍ଗଳସୂତ୍ର, ମୁଦି, ନୋଥ, ମଥାମଣି, ରୁପା ପାଉଁଜି, ଗୋଡ଼ମୁଦି, ପାଟଶାଢ଼ି ଆଦି ବିଭିନ୍ନ ବସ୍ତ୍ରାଦି ସହିତ ପିତ୍ତଳ ଓ କଂସା ବାସନ, ପଲଙ୍କ ଆଦି ସମସ୍ତ ପ୍ରକାର ଘରକରଣା ସାମଗ୍ରୀ କ୍ରୟ ସରିଛି। ସେହିପରି ବ୍ୟାଇଁ ଦେବଦେବ ମହାଦେବଙ୍କ ପାଇଁ ସୁନାମାଳି, ମୁଦି, କଠଉ, ତ୍ରିଶୂଳ, ଡମ୍ବରୁ ଆଦି ବିଭିନ୍ନ ସାମଗ୍ରୀ କ୍ରୟ କରାଯାଇଛି। କନ୍ୟା ପକ୍ଷରୁ ତ୍ରୁଟିଶୂନ୍ୟ ଭାବେ ସମସ୍ତ ବ୍ୟବସ୍ଥା କରିବାକୁ ପ୍ରୟାସ ଜାରି ରହିଛି। ସମ୍ପୂର୍ଣ୍ଣ ପରିବାର ଏଥିପାଇଁ ଉତ୍ସାହର ସହ ଲାଗି ପଡ଼ିଛନ୍ତି। ଇତିମଧ୍ୟରେ ତାଙ୍କ ସ୍ୱାମୀ ଛୁଟି ନେଇ ଘରକୁ ଆସି ସାରିଥିବା ବେଳେ ବନ୍ଧୁ ପରିଜନଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ ପ୍ରକ୍ରିୟା ଜାରି ରହିଛି। ସମ୍ପୂର୍ଣ୍ଣ ବିବାହ ପାଇଁ ୧୦ରୁ ୧୨ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି ବୋଲି କହିଛନ୍ତି କନ୍ୟାମାତା ମଧୁସ୍ମିତା। ବାବାଙ୍କ ଇଛାରୁ ମାତା ପାର୍ବତୀଙ୍କୁ କନ୍ୟା ରୂପରେ ପାଇବା ମୋର ପରମ ସୌଭାଗ୍ୟ। କନ୍ୟା ନତାଶା ଓ ପୁଅ ଅମିତାଭଙ୍କ ସହ ପୂରା ପରିବାର ଖୁସି ଅନୁଭୂବ କରୁଛନ୍ତି ବୋଲି କହିଛନ୍ତି କନ୍ୟାପିତା ମୃତ୍ୟୁଞ୍ଜୟ ଦାଶ।

## ସଂକ୍ଷେପରେ

### ବିପୁଳ ପରିମାଣର ମଦ ଜବତ, ଜଣେ ଗିରଫ

**କୋକସରା,୨୭।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କୋକସରା ବ୍ଲକରେ ଅବକାରୀ ଥାନା ହେବା ପରେ ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ମଙ୍ଗଳବାର କୋକସରା ଅବକାରୀ ଏସ୍‌ଆଇ ନରେନ୍ଦ୍ର ମିଞ୍ଜଙ୍କ ନେତୃତ୍ୱରେ ସିର୍ଲିଗୁଡା ଗ୍ରାମରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ, ବିଦେଶୀ ମଦ ଓ ମେଡ଼ିସିନ ପାଇଁ ବ୍ୟବହୃତ ମୃତ ସଞ୍ଜୀବନୀ ବୋତଲ ଜବତ କରିଛି। ଏହାସହ ସିର୍ଲିଗୁଡା ଗ୍ରାମର ଶଶୀଧର କାଣ୍ଡ (୩୫)ଙ୍କୁ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ତେବେ ମଦ କୋଠିର ମାଲିକ ଅନ୍ୟ ଜଣେ ରହିଥିବା ବେଳେ ତାଙ୍କ ନିକଟରେ କାମ କରୁଥିବା ଯୁବକଙ୍କୁ ଅବକାରୀ ବିଭାଗ ଗିରଫ କରିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ କୋକସରା ଅବକାରୀ ଏସ୍‌ଆଇ ମିଞ୍ଜଙ୍କ ପ୍ରତିକ୍ରିୟା ନେବାରୁ ଅଟକ ଥିବା ଯୁବକ ନିଜେ ମାଲିକ ବୋଲି ସ୍ୱୀକାର କରିଛନ୍ତି, ତଦନ୍ତ ପରେ ଯଦି ଅନ୍ୟ କେହି ମାଲିକ ଥିବେ ତାଙ୍କୁ ମଧ୍ୟ ଗିରଫ କରାଯିବ। ବୁଧବାର ଗିରଫ ଶଶୀଧରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



### ସାମାଜିକ କର୍ମୀଙ୍କ ବିୟୋଗରେ ଶୋକସଭା

**ଲାଞ୍ଜିଗଡ଼,୨୭।୫(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ଜଣେ ଦକ୍ଷ ସଂଗଠକ, ସାମାଜିକ କର୍ମୀ, ଛତ୍ରପୁର ପଞ୍ଚାୟତ ବିଜେଡି ସଭାପତି ମହେନ୍ଦ୍ର କରୁଆଁଙ୍କ ଶନିବାର ରାତିରେ ବିୟୋଗ ଘଟିଥିବା ବେଳେ ମଙ୍ଗଳବାର ଲାଞ୍ଜିଗଡ଼ ବିଜୁ ଜନତା ଦଳ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ହିମାଦ୍ରି ପେସିନିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ କରୁଆଁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଜିଲା ସମ୍ପାଦକ ଜଗଦୀଶ ବେନିଆ, ପାତ୍ର ମାଝୀ, ଯୁବ ବିଜେଡ଼ି ସଭାପତି ଡିଲେଶ କୁମାର ନାଗ, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ ପ୍ରଧାନୀ, ବିଜେଡି ନେତା ତରୁଣ ଦାସ, ମନୋରଞ୍ଜନ ବିଶି ପ୍ରମୁଖ ଯୋଗ ଦେଇଥିଲେ।

### ୨ ନାବାଳିକା ଉଦ୍ଧାର

**କଲମପୁର, ୨୭।୫(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଥାନା ପୋଲିସ ମଙ୍ଗଳବାର ୨ ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି। ସୂଚନା ଅନୁସାରେ ଅଞ୍ଚଳର ୨ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଜଣେ ନାବାଳିକା ବାପାଙ୍କ ସହିତ ତାମିଲନାଡୁ ଯାଇଥିବା ବେଳେ ସେଠାରେ ଦାଦନ ସର୍ଦ୍ଦାର ଝିଅକୁ ଅପହରଣ କରିନେଇଥିଲେ। ଝିଅର ବାପା କଲମପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଓ ଶିଶୁ ସୁରକ୍ଷା ସମିତି କର୍ମକର୍ତ୍ତା ତାମିଲନାଡୁ ଯାଇ ଝିଅକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ। ମାଜିଷ୍ଟ୍ରେଟଙ୍କ ପାଖରେ ଝିଅର ବୟାନ ରେକର୍ଡ ସହ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ସେହିପରି ସୋମବାର ଅଞ୍ଚଳରୁ ଅପହୃତ ଅନ୍ୟଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ଉଭୟ ମାମଲା ପୋସ୍କୋ ଆକ୍ଟରେ ପଞ୍ଜିକୃତ ହୋଇଥିବା ଥାନା ଅଧିକାରୀ ନୀଳାମ୍ବର ଜାନି ସୂଚନା ଦେଇଛନ୍ତି।



ଭବାନୀପାଟଣା ଟାଉନହଲଠାରେ ଅନୁଷ୍ଠିତ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ର।

# ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ

**ଦଶମ ଓ ଦ୍ୱାଦଶ ଶ୍ରେଣୀର ୮୦ କୃତୀ ଛାତ୍ରୀଛାତ୍ର ପୁରସ୍କୃତ**

**ଭବାନୀପାଟଣା,୨୭।୫(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲ୍‌ଠାରେ ମଙ୍ଗଳବାର ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ଶିକ୍ଷାବର୍ଷରେ ଜିଲାରେ ସିବିଏସ୍‌ଇ, ଆଇସିଏସ୍‌ଇ ଓ ସିଏଚ୍‌ଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଶିକ୍ଷା ବିଭାଗ, ମୁଣ୍ଡରାଗୁଡ଼ା ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ଓ ଭବାନୀପାଟଣା ରୋଟାରି କ୍ଲବ୍ ମିଳିତ ସହଯୋଗରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ରୋଟାରି କ୍ଲବ୍ ଅଧ୍ୟକ୍ଷ ଜୟରାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଭବାନୀପାଟଣା ସରକାରୀ ପଲିଟେକ୍‌ନିକ କଲେଜ ଅଧ୍ୟକ୍ଷ ଅମୂଲ୍ୟ କୁମାର ପଣ୍ଡା, ଜିଏସ୍‌ଟି ସହକାରୀ କମିଶନର ସ୍ମୃତିରେଖା ବାଗ, ଶିକ୍ଷାବିତ୍ ଡ. ଉମେଶ କୁମାର ଶତପଥୀ, ସାମାଜିକ କର୍ମୀ ଚିନ୍ମୟ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସୁସାହିତ୍ୟିକ ବିରଞ୍ଚି ନାରାୟଣ ମୁଣ୍ଡ ସଂଯୋଜନା କରିଥିଲେ। ଏହି ଅବସରରେ ଜିଲାର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନର୍ଲା ଜବାହର ନବୋଦୟ ବିଦ୍ୟାଳୟ, ଭବାନୀପାଟଣା କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରଗତି ଶିକ୍ଷାନୁଷ୍ଠାନ, ବିମଳା କନ୍‌ଭେଣ୍ଟ, ବିକାଶ ଶିକ୍ଷାନୁଷ୍ଠାନର ୮୦ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ, ମୁଖ୍ୟ ଶାଖା ଭବାନୀପାଟଣା, ବ୍ୟାଙ୍କ ଅଫ୍ ଇଣ୍ଡିଆ,ବନ୍ଧନ ବ୍ୟାଙ୍କ, ଲକ୍ଷ୍ମୀପ୍ରିୟା ଜୁଏଲର୍ସ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପୁରସ୍କାର ଯୋଗାଇ ଦେଇଥିଲେ। ପୁରସ୍କାର ବିତରଣୀ ସଭାକୁ ଡିପିଇଓ ରୂପ ସିଂ ରାଉତ, ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା, ମୋହନ ଚରଣ ବିଶି, ଶିକ୍ଷକ ସୋମନାଥ ସାହୁ, ବୀରେନ୍ଦ୍ର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ, ଯୁବ ସଂଗଠକ ଲଳିତ କୁମାର ବିଶି ପ୍ରମୁଖ ପରିଚାଳନା କରିଥିଲେ। ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ କୃତୀ ଛାତ୍ରୀଛାତ୍ରଙ୍କ ଅଭିଭାବକ, ଶିକ୍ଷାପ୍ରେମୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ନୂଆପଡ଼ା,୨୭।୫ (ମକାରୁ ବେମାଲ)**



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

ନୂଆପଡ଼ା ଜିଲା ସିନାପାଲି ପଞ୍ଚାୟତ ସମିତି ସଭାଗୃହଠାରେ ମଙ୍ଗଳବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଗୁରୁପ୍ରସାଦ ଜେନା, ବ୍ଲକ୍ ଅଧ୍ୟକ୍ଷା ମାଧୁରୀ ମାଝୀ, ବିଡ଼ିଓ କର୍ମୀ ଓରାମ, ତହସିଲଦାର ଉପାଞ୍ଜଳି ମାଝୀ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଡେପୁଟି କଲେକ୍ଟର ଶେଖ ନସୀମ ଶିବିର ପରିଚାଳନା କରିଥିଲେ। ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିବିରରେ ମୋଟ ୬୦ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରେ ୪୮ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ରହିଥିଲା। ଏହା ପରେ ଅତିରିକ୍ତ ଜିଲାପାଳ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ରାଣୀମୁଣ୍ଡା ପଞ୍ଚାୟତଠାରେ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା ସଭା କରିଥିଲେ। ଏହି ଅବସରରେ ନୀଳଜି ଗାଁ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୨୭ ଜଣ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ସେହିପରି ରାଣୀମୁଣ୍ଡା ଗ୍ରାମପଞ୍ଚାୟତରେ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା।

### ପୁଣ୍ୟଶ୍ଳୋକ ରାଣୀ ଅହଲ୍ୟାବାଈ ହୋଲକରଙ୍କ ଜୟନ୍ତୀ

**ଜୁନାଗଡ଼, ୨୭।୫(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଟାଉନହଲ ପରିସରରେ ମଙ୍ଗଳବାର ପୁଣ୍ୟଶ୍ଳୋକ ରାଣୀ ଅହଲ୍ୟାବାଈ ହୋଲକରଙ୍କ ୩୦୦ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂ ଭତ୍ରା, ଜିଲା ସଭାପତି ଯୁଗଳ କିଶୋର ପୋଡ଼, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ଜିଲା ସଭାପତି ଭବେନ୍ଦ୍ର ପଣ୍ଡା, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ନର୍ଲା ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପ୍ରଧାନ, ପୂର୍ବତନ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଜିଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ, ଜିଲା ସଭାନେତ୍ରୀ ନିରୁପମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଗତି ଶିକ୍ଷାନୁଷ୍ଠାନର ସମ୍ପାଦକ ସମ୍ବର୍ଦ୍ଧିତ

**ଭବାନୀପାଟଣା,୨୭।୫(ଉତ୍ତମ କୁମାର ଦାଶ)**





ପ୍ରଗତି ଶିକ୍ଷାନୁଷ୍ଠାନର ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ବୋର୍ଡ ପରୀକ୍ଷାରେ ଭବାନୀପାଟଣା ପ୍ରଗତି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ଶିକ୍ଷା ଅନୁଷ୍ଠାନର ୪୫ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି। ଏଥିରେ ପ୍ରଗତି କଲିଜିଏଟ୍ ସ୍କୁଲରୁ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ୨ ଜଣ, ପ୍ରଗତି କନ୍‌ସେପ୍ଟ ସ୍କୁଲରୁ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ୧୦ଜଣ, ଦ୍ୱାଦଶ ଶ୍ରେଣୀରୁ ୧୨ ଜଣ, ପ୍ରଗତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ୧୭ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ପ୍ରଗତି ଡିଗ୍ରୀ କଲେଜର ୩ ଛାତ୍ରୀ କମ୍ପ୍ୟୁଟର ସାଇନ୍ସ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀବିଜ୍ଞାନ ବିଭାଗରେ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି।

**ଛାତ୍ରୀଛାତ୍ରଙ୍କ ଉଲ୍ଲେଖନୀୟ ସଫଳତା**

ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ଅନୁଷ୍ଠାନର ସମ୍ପାଦକ ଅଜୟ କୁମାର ପଣ୍ଡାଙ୍କ ନିଷ୍ଠାପର ସାଧନା ରହିଛି। ରବିବାର ଭବାନୀପାଟଣା ଟାଉନ ହଲ୍‌ଠାରେ ଅନୁଷ୍ଠିତ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ସମ୍ପାଦକ ପଣ୍ଡାଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଆଗକୁ ଛାତ୍ରୀଛାତ୍ର କିପରି ଅଧିକ ମାର୍କ ରଖି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ସେ ନେଇ ଉଦ୍ୟମ ଜାରିରହିବ ବୋଲି ସମ୍ପାଦକ ପଣ୍ଡା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

### ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

**ନୂଆପଡ଼ା,୨୭।୫ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ କୁରୁମପୁରି ସେକ୍ସନ ଅଧୀନ ବିଭିନ୍ନ ଗାଁରେ ଅଘୋଷିତ ବିଦ୍ୟୁତ୍ କାଟ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅସହ୍ୟ ଗୁଳୁଗୁଳି ସମୟରେ ବିଦ୍ୟୁତ୍ କାଟ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି। ସୋମବାର ରାତି ୯ଟାରୁ ବିଦ୍ୟୁତ୍ କାଟ ହୋଇ ମଙ୍ଗଳବାର ସନ୍ଧ୍ୟା ୬ଟାରେ ସଂଯୋଗ ହୋଇଛି। ଦୀର୍ଘ ୨୨ଘଣ୍ଟା ପରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ମଧ୍ୟ ସ୍ଥିର ଭାବରେ ନ ରହି ଲୁଚକାଳି ଖେଳୁଥିବାରୁ ଲୋକ ଅତିଷ୍ଠ ହୋଇଗଲେଣି। ବିଦ୍ୟୁତ କାଟ ଯୋଗୁ ଦିନତମାମ ଜଳ ଯୋଗାଣ ବନ୍ଦ ରହିଥିବାରୁ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

# ମାନସିକ ବିକାରଗ୍ରସ୍ତ ଭାଇଙ୍କୁ ଫେରିପାଇଲେ ଭଉଣୀ

**କୋକସରା,୨୭।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ଦୀର୍ଘ ୧ବର୍ଷ ପରେ ହଜିଥିବା ଭାଇକୁ ଫେରିପାଇଛନ୍ତି ଭଉଣୀ ଓ ପରିବାର ଲୋକେ। ସୂଚନା ଅନୁସାରେ ୨୦୨୪ ଏପ୍ରିଲ ୨୮ରେ ଢେଙ୍କାନାଳ ଜିଲା ଫରଜଙ୍ଗ ବ୍ଲକ କନ୍ଦସିଆ ଗ୍ରାମର ସ୍ୱର୍ଗତ ଲକ୍ଷ୍ମଣ ସାହୁଙ୍କ ମାନସିକ ବିକାରଗ୍ରସ୍ତ ପୁଅ ମାତୃପ୍ରସାଦ ଘରୁ କୁଆଡେ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ସ୍ଥାନୀୟ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ତାଙ୍କର କୌଣସି ଖୋଜଖବର ମିଳି ନ ଥିବାବେଳେ ୨ ଦିନ ତଳେ କୋକସରା ବ୍ଲକର ଜଣେ ଗଣମାଧ୍ୟମ ପ୍ରତିନିଧି ହିରଣ୍ୟ ବେହେରା ଖବର ସଂଗ୍ରହ ପାଇଁ ଯାଉଥିବା ସମୟରେ ଉହଗାଁ ପଞ୍ଚାୟତ ନୂଆଗୁଡ଼ା ରାସ୍ତାରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଦେଖିଥିଲେ। ପରେ ସେ ତାଙ୍କୁ ପରିଚୟ ପଚାରି ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ପୋଷ୍ଟ ଦେଖି ପରିବାର ଲୋକେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯୋଗାଯୋଗ କରିଥିଲେ। ଖବରଦାତା ବେହେରାଙ୍କଠାରୁ ଖବର ପାଇ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ଯୁବକଙ୍କୁ ତାଙ୍କ ଘରେ ରଖି ସେବା ଶୁଶ୍ରୂଷା କରିଥିଲେ। ଏହାସହ ଯୁବକଙ୍କ ଚିକିତ୍ସା ଓ ଥଇଥାନ ବ୍ୟବସ୍ଥା ପାଇଁ ବ୍ଲକ ପ୍ରଶାସନକୁ ଯୋଗାଯୋଗ କରିଥିଲେ। ତେବେ ସୋସିଆଲ ମିଡିଆରେ ଖବର ଦେଖି ସୋମବାର ମାତୃ ପ୍ରସାଦଙ୍କ ଭଉଣୀ ନିରୂପମା ସାହୁ, ସମ୍ପର୍କୀୟ ଭାଇ ଚିନ୍ମୟ ବିଶ୍ୱାଳ, ସୁଧୀର ବିଶ୍ୱାଳ, ଅବିନାଶ ସାହୁ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କ ଲଡୁଗାଁସ୍ଥିତ ବାସଭବନରେ ପହଞ୍ଚିଥିଲେ। ବର୍ଷେ ପରେ ହଜିଥିବା ଭାଇକୁ ପାଇ ଭଉଣୀ ଆତ୍ମହରା ହୋଇପଡିଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ଓ ବ୍ଲକ ଉପାଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ପରେ ବ୍ଲକ ଉପାଧ୍ୟକ୍ଷ, ଗଣମାଧ୍ୟମ ପ୍ରତିନିଧି ମାତୃପ୍ରସାଦଙ୍କୁ ତାଙ୍କ ଭଉଣୀ ଓ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଥିଲେ।

### ଗୁରୁଦେବ ଶ୍ରୀରାମ ଚନ୍ଦ୍ର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

**କର୍ଲାମୁଣ୍ଡା,୨୭।୫ (ପ୍ରଦୀପ କୁମାର ସାହୁ)**



ଆର୍ ସ୍ୱନ୍ଦନ



ସୁମିତ କୁମ୍ଭାର

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡ଼ବରା ପଞ୍ଚାୟତ ଶିଶାଖାଲସ୍ଥିତ ଗୁରୁଦେବ ଶ୍ରୀରାମ ଚନ୍ଦ୍ର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ପାସ୍ ହାର ଶତ ପ୍ରତିଶତ ରହିଛି। ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଆର୍ ସ୍ୱନ୍ଦନ ଓ ସୁମିତ କୁମ୍ଭାର ୫୦୭ ମାର୍କ ରଖି ବିଦ୍ୟାଳୟର ଯୁଗ୍ମ ଟପ୍ପର ହୋଇଛନ୍ତି। ସେହିପରି ରାହୁଲ କୁମାର ୪୮୬, ପୀଯୂଷ ବାଗ ୪୮୨, ସିମନ୍ତନୀ ଭୋଇ ୪୬୮, ଜୟନ୍ତ ଭୋଇ ୪୬୫, ପ୍ରଜ୍ଞାମୈତ୍ରୀ ନାଗ ୪୪୬, ଚେଷ୍ଟିତା ପ୍ରଜ୍ଞା ସାହୁ ୪୩୭, ଶୋଭିତ ନାଗ ୪୩୨, ନିକିତା ପଧାନ ୪୩୦ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ସଭାପତି ଦୈତାରୀ ସାହୁ, ସମ୍ପାଦକ ହେମନ୍ତ ସାହୁ, ଅଧ୍ୟକ୍ଷ ଶ୍ୟାମ କୁମାର ବାଗ, ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ସାହୁ, ଅନୁଷ୍ଠାନର ସେବକ ପୀତାମ୍ବର ସାହୁ ତଥା ଗୁରୁଦେବ ଶ୍ରୀ ରାମଚନ୍ଦ୍ର ଜୀ ମହାରାଜ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ଖଡ଼ିଆଲ ପାଟଣା କ୍ଷତ୍ରିୟ ସମାଜର ସ୍ୱନକ୍ଷତ୍ର ଦିବସ





ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

**ଖଡ଼ିଆଲ,୨୭।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ପାଟଣା କ୍ଷତ୍ରିୟ ସମାଜ ଭବନ ମୁକ୍ତାପୁରଠାରେ ମଙ୍ଗଳବାର ସମାଜର ୫୩ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ସମାଜର କୁଳପତି ଶମ୍ଭୁ କିଶୋର ଦଣ୍ଡସେନା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ ସମ୍ପାଦକୀୟ ବିବରଣୀ ସହ ମଞ୍ଚ ପରିଚାଳନା କରିଥିଲେ। ଖଡ଼ିଆଲ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ବିଶିଷ୍ଟ ଅତିଥି, ହ୍ୟୁମାନ ରିସୋର୍ସ ମ୍ୟାନେଜର ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ମଧୁଛନ୍ଦା ବିଶି ମୁଖ୍ୟବକ୍ତା ଓ ରାଷ୍ଟ୍ରୀୟ କ୍ଷତ୍ରିୟ ସମାଜ ପୁରୀ ଶ୍ରୀଧର ଜେନା, ସାମାଜିକ କର୍ମୀ ନର୍ଲା ପ୍ରମୋଦ ପରିଡା, ସାମାଜିକ କର୍ମୀ ଛତିଗୁଡ଼ାର ଦିଲୀପ କୁମାର ନାଏକ, କଳିଙ୍ଗ ପାଇକ ସେନା ରାଜ୍ୟ ସଭାପତି ଭୈରବ ପ୍ରସାଦ ନାଏକ, ପୂର୍ବତନ କୁଳପତି ଜିତେନ୍ଦ୍ର ସିଂ ବାରିକ, ଯୁଗ୍ମ ସମ୍ପାଦକ ଘୁମେଶ ଚଳାନ, ସହ ସଙ୍ଗଠକ ବିଭୂତି ଭୂଷଣ ବିଶି, ଯୁଗ୍ମ ସଙ୍ଗଠକ ଜଗଦୀଶ ବାରିକ, କୋଷାଧ୍ୟକ୍ଷ ଶ୍ରୀବସ୍ତ ବାରିକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଝାନ୍‌ସିରାଣୀ ଲକ୍ଷ୍ମୀବାଈ କ୍ଷେତ୍ରୀୟାଣୀ ମହିଳା ସଂଗଠନର ଆବାହିକା କାଦମ୍ବିନୀ ପଣ୍ଡା ମହିଳାମାନଙ୍କ ଉନ୍ନତି ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ପ୍ରଶାସନିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସୌରଭ କୁମାର ବିଶି, ସୋନିଆ ଶ୍ରୀ ମଲ୍ଲିକ, ଦିବ୍ୟପ୍ରକାଶ ବିଶି, ସୌମ୍ୟରଞ୍ଜନ ରାଉତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ସମ୍ପାଦକ ସୁଶୀଲ କୁମାର ଚଲାନ ଓ ବୃନ୍ଦାବନ ବାରିକଙ୍କ ସମେତ ୩୦ ଅଞ୍ଚଳର ସଭାପତି, ଅଞ୍ଚଳ ସମ୍ପାଦକ ଉପସ୍ଥିତ ଥିଲେ।

# ଏମ୍‌ଏମ୍‌ସିସି କ୍ରିକେଟ: ଶିଉନି ଚାମ୍ପିୟନ

**କୋକସରା,୨୭।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଏମ୍‌ଏମ୍‌ସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଶିଉନି ଏମ୍‌ଏମ୍‌ସିସି ଦଳ ଓ ଆମପାଣି ବିବିସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଶିଉନି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ ଆମପାଣି ଦଳ ସମସ୍ତ ଉଇକେଟ ହରାଇ ୪୨ ରନ କରିଥିଲା। ଫଳରେ ଶିଉନି ଦଳ ଚାମ୍ପିୟନ ହୋଇଥିଲା। ହେମନ୍ତ ମାଝୀ, ସୁଶାନ୍ତ କୁମାର ମାଝୀ ଖେଳ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆମପାଣି ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ବିଶିକେଶନ ମାଝୀ, ଭୁବନେଶ୍ୱର ଦିଶାରୀ, ଦଇତାରି ମାଝୀ, ଭାସ୍କର ଦଣ୍ଡସେନା, ରାଜ ଧଙ୍ଗଡାମାଝୀ, ଭଗବାନ ମାଝୀ, ମଣ୍ଟୁ ଧଙ୍ଗଡାମାଝୀ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ଗୋଲାମୁଣ୍ଡା ବ୍ଲକ: ୮୯ ଅଭିଯୋଗ ପଞ୍ଜୀକୃତ

**ଗୋଲାମୁଣ୍ଡା,୨୭।୫(ବଟ କୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୮୯ଗୋଟି ଆପତ୍ତି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିରୁ ୫୨ ବ୍ୟକ୍ତିଗତ, ୩୪ ସାମୂହିକ ରହିଥିବା ବେଳେ ୧୬ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା। ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମି ବିବାଦ, ରାଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ସାମାଜିକ ସୁରକ୍ଷା ଆଦି ଉପରେ ହୋଇଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ଦୟାମୟ ପାଢ଼ୀ, ଉପ ଜିଲାପାଳ ଧର୍ମଗଡ଼ ଧିମାନ ଚକମା, ପ୍ରୋବେଶନରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେସ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଶ୍ୱେନାଥ ରାଉତ, ତହସିଲଦାର ଚନ୍ଦନ କୁମାର ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିନତୀ ଲତା ଦାସ, ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ।





ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି ଅଧିକାରୀ।

## ସଂକ୍ଷେପରେ

### ୯ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

**କୁଆଁରମୁଣ୍ଡା, ୨୭।୫(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଡୁମେରଜୋର ପଞ୍ଚାୟତର ମଦାଟୋଲା ଅଞ୍ଚଳରେ ରବିବାର ମେ ପାର୍ଟିରେ ଜନୈକା ୯ମ ଶ୍ରେଣୀ ଛାତ୍ରୀଙ୍କୁ ଖୁଖୁଣ୍ଡୁବାହାଲ ଗ୍ରାମର କିଶୋର ଲାକ୍ରା(୨୪) ନାମକ ଜଣେ ବିବାହିତ ଯୁବକ ପ୍ରଲୋଭିତ କରି ନିଜ ବାଇକରେ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏହି ଘଟଣା ପରେ ଅଭିଯୁକ୍ତ କିଶୋର ନାବାଳିକାଙ୍କୁ ଛାଡ଼ି ପଳାଇଯାଇଥିଲେ। ବିଳମ୍ବିତ ରାତିରେ ଏକୁଟିଆ ନାବାଳିକା ନିଜ ଘରେ ପହଞ୍ଚି ପରିବାର ଲୋକଙ୍କୁ ଜଣାଇଥିଲେ। ଏହା ପରେ ପରିବାର ଲୋକେ ପୋଲିସକୁ ଖବର ଦେବାରୁ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବିବାହିତ ଯୁବକଙ୍କୁ ଗିରଫ କରିଥିଲେ। ଏନେଇ ସୋମବାର ବୀରମିତ୍ରପୁର ଥାନାରେ ବିଏନଏସ/ସେକ୍ସନ-୪ର ପୋକ୍ସୋ ଆକ୍ଟ ସହ ଦଫା ୧୩୭(୨),୬୫(୧)/୩(୫) ରେ ଏକ ମାମଲା(ନଂ. ୨୩୬/୨୫) ରୁଜୁ ହୋଇଛି। ଏହାସହ ମଙ୍ଗଳବାର ଉଭୟ ଅଭିଯୁକ୍ତ ଓ ନାବାଳିକାଙ୍କ ଡ଼ାକ୍ତରୀମାଇନା କରାଯାଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

### ଘର ଭିତରୁ ମହିଳାଙ୍କ ମୃତଦେହ ଜବତ

**ସୁନ୍ଦରଗଡ଼, ୨୭।୫(ଜୟନାରାୟଣ ମେଣ୍ଢୁଲି):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ନବରଙ୍ଗପୁରଠାରେ ମଙ୍ଗଳବାର ଜଣେ ବିବାହିତା ମହିଳାଙ୍କ ମୃତଦେହ ତାଙ୍କ ଘର ଭିତରୁ ପୋଲିସ ଜବତ କରିଛି। ମହିଳାଙ୍କ ନାମ ସୁଜାତା କିଷାନ। ତାଙ୍କ ବୟସ ୩୫ରୁ ୩୭ ମଧ୍ୟରେ ହେବ। ଖବରପାଇ ସଦର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ପଞ୍ଚାୟତ ଛକରେ ଜମିରହୁଛି ବର୍ଷାପାଣି



**ନାକଟିଦେଉଳ, ୨୭।୫(ବୈକୁଣ୍ଠନାଥ ସାହୁ)**

ସାମାନ୍ୟ ବର୍ଷାରେ ରାସ୍ତା ଉପରେ ଦୀର୍ଘ ସମୟ ଧରି ଜମିରହୁଛି ବର୍ଷାପାଣି। ଲୋକଙ୍କ ଯାତାୟାତରେ ସୃଷ୍ଟି ହେଉଛି ସମସ୍ୟା। ବର୍ଷାଦିନେ ଏପରି ଏକ ନିତିଦିନିଆ ଦୃଶ୍ୟ ଦେଖିବାକୁ ମିଳୁଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ଛକରେ। ଏହି ସମସ୍ୟା ନେଇ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ ଆଜିଯାଏ ଏହାର ସମାଧାନ କରାଯାଇପାରୁନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଟଗାଁ ପଞ୍ଚାୟତ ଛକ ଜାତୀୟ ରାଜପଥଠାରୁ ହିତସରା ରାସ୍ତାରେ ରହିଛି ପଞ୍ଚାୟତ କାର୍ଯ୍ୟାଳୟ। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାର ଉଭୟପାର୍ଶ୍ୱରେ ରହିଛି ଛୋଟ ବଡ଼ ବହୁ ଦୋକାନଘର। ତେବେ ପଞ୍ଚାୟତ ସମ୍ମୁଖ ହିତସରାକୁ ଯାଇଥିବା ରାସ୍ତାଟି ଜାତୀୟ ରାଜପଥଠାରୁ କମ୍ ଉଚ୍ଚତାରେ ରହିଛି। ଫଳରେ ଅଳ୍ପବର୍ଷା ହେଲେ ମଧ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଡ୍ରେନେଜ ସୁବିଧା ନ ଥିବାରୁ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ। ଅଧିକ ବର୍ଷାହେଲେ ପାଣି ରାସ୍ତାପାର୍ଶ୍ୱ ଦୋକାନ ଘରଗୁଡିକରେ ପଶିଯାଉଥିବା ଦେଖିବାକୁ ମିଳୁଛି। ବର୍ଷାପାଣି ଦୀର୍ଘ ସମୟ ଧରି ରାସ୍ତା ଉପରେ ଜମି ରହିବା ଫଳରେ ପଥଚାରୀ ଏବଂ ଦୋକାନୀମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏଥିସହିତ ବିଭିନ୍ନ କାମରେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ବର୍ଷାଦିନେ ନାନା ଅସୁବିଧା ଭୋଗୁଛନ୍ତି। ମୌସୁମୀ ଆରମ୍ଭରୁ ଏପରି ଅବସ୍ଥା ହୋଇଥିବାରୁ ବର୍ଷାଦିନେ ପରିସ୍ଥିତି ଅଧିକ ସଙ୍ଗିନ ହେବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି।




ସମୀକ୍ଷା ବୈଠକରେ ମନ୍ତ୍ରୀ ପୂଜାରୀ, ଜିଲାପାଳ ଓ ଅନ୍ୟ ଅଧିକାରୀ।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

**ସୁନ୍ଦରଗଡ଼, ୨୭।୫(ଜୟନାରାୟଣ ମେଣ୍ଢୁଲି)**

ଓଡ଼ିଶା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲାର ପ୍ରଭାରୀ ସୁରେଶ ପୂଜାରୀଙ୍କ ଦ୍ୱାରା ମଙ୍ଗଳବାର ସ୍ଥାନୀୟ ବିକାଶ ଭବନ ଠାରେ ଜିଲାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ହୋଇଛି। ଏହି ସମୀକ୍ଷା ବୈଠକରେ ଜିଲାପାଳ ମନୋଜ ମହାଜନ, ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ସୁନ୍ଦରଗଡ଼ର ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ବଣାଇ ବନଖଣ୍ଡ ଅଧିକାରୀ ଲଳିତ ପାତ୍ର, ସୁନ୍ଦରଗଡ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ବଣାଇ ଉପଜିଲାପାଳ ଅକ୍ଷୟ ପିଲ୍ଲାଇ, ସଦର ଉପଜିଲାପାଳ ଦାଶରଥି ସରାବୁ, ପାନପୋଷ ଉପଜିଲାପାଳ ବିଜୟ ନାୟକ, ଆଇଏଏସ ଶିକ୍ଷାନବୀଶ ଫାଶ ରସିଦ, ଜିଲା ଯୋଜନା ବିଭାଗର ସହାୟକ ନିର୍ଦ୍ଦେଶକ ପ୍ରଦୀପ ତିର୍କୀ ପ୍ରମୁଖ ଉପସ୍ଥିତ ରହିଥିଲେ।

ଏହି ଅବସରରେ ଜିଲାପାଳ ମହାଜନ ନିକଟରେ ହୋଇଥିବା ଜିଲାର ବିଭିନ୍ନ ସଫଳତା ତଥା ଉପଲବ୍ଧିଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ମନ୍ତ୍ରୀ ପୂଜାରୀ କହିଥିଲେ, ସୁନ୍ଦରଗଡ଼ ଜିଲାରେ ନାରୀ ସଶକ୍ତିକରଣରେ ଆଗୁଆ ରହିଛି। ବିଶେଷକରି ସ୍ୱୟଂ ସହାୟକ ଗୋଷ୍ଠୀସ୍ମାନଙ୍କର ବିଶେଷ ଉନ୍ନତି ସାଧିତ ହୋଇଛି। ଜିଲାରେ ବିକାଶ ଧାରାକୁ ଆହୁରି ଆଗେଇ ନେବାର ଆବଶ୍ୟକତା ରହିଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଡାକ୍ତର ଏବଂ ଅଣ ଡାକ୍ତର ମାନଙ୍କ ଅବସ୍ଥିତି, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ବୋୟ ବନ୍ଦନା ଯୋଜନା ଆଦି ଅନ୍ତର୍ଗତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଆଦି ଉପରେ ଉପସ୍ଥାପନ କରିଥିଲେ। ସେହିଭଳି ଜିଲା ଖଣିଜ ପ୍ରତିଷ୍ଠାନ ଦାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗର କାର୍ଯ୍ୟ ମଧ୍ୟ ସମୀକ୍ଷା ହୋଇଥିଲା। ସେହିପରି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷା ରେଜଲ୍ଟ ଉପରେ ଆଲୋଚନା କରାଯାଇଥିଲା। ଜିଲାରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା, ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମଶ୍ରୀ ଯୋଜନା, ଭର୍ଚୁଆଲ ଷ୍ଟୁଡିଓ, ମେଧାବୀ ଛାତ୍ରଙ୍କ ବୃତ୍ତି, କ୍ୟାରିଅର କାଉନସେଲିଂ, ପିଏମ ପୋଷଣ, ନିପୁଣ ଓଡ଼ିଶା ଆଦି ଉପରେ ଆଲୋଚନା କରାଯାଇ ସମୀକ୍ଷା କରାଯାଇଥିଲା। ସୁନ୍ଦରଗଡ଼, ରାଜଗାଙ୍ଗପୁର ଏବଂ ବୀରମିତ୍ରପୁର ପୌରପାଳିକା ଦ୍ୱାରା ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ସେହିଭଳି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗୃହ ନିର୍ମାଣ, ସେତୁ ନିର୍ମାଣ, ରାସ୍ତା ସଂଯୋଗିକରଣ ଆଦି ଉପରେ ସମୀକ୍ଷା କରାଯାଇଥିଲା। ଜଳସେଚନ ବିଭାଗ, ମେଗା ଉଠା ଜଳସେଚନ, କୃଷି, ଜିଲା ସମାଜ ମଙ୍ଗଳ ବିଭାଗ ଆଦି ଉପରେ ସମୀକ୍ଷା କରାଯାଇଥିଲା। ସେହିଭଳି ଜିଲାରେ ରାଜସ୍ୱ ଗ୍ରାମ, ଜଙ୍ଗଲ ଜମି ଅଧିକାର, ଭୂମି ଅଧିଗ୍ରହଣ, ବେନିୟମ ଅନଧିକାରଣ ଉଚ୍ଛେଦ କରାଯିବା ଆଦି ଉପରେ ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ପୂଜାରୀ ଆସନ୍ତା ମୌସୁମୀ ନେଇ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଜଳମଗ୍ନ ହେଉଥିବା ଅଞ୍ଚଳ, ଦୁର୍ବଳ ତଥା ତଳୁଆ ଅଞ୍ଚଳ ଚିହ୍ନଟ, ଅସ୍ଥାୟୀ ଆଶ୍ରୟ ସ୍ଥଳ ଚିହ୍ନଟ, ବିଭିନ୍ନ ଉପକରଣ ତଥା ପଲିଥିନ ଆଦିର ଆବଶ୍ୟକ ମାତ୍ରାରେ ମହଜୁଦ ରଖିବା ଆଦି ନେଇ ନିର୍ଦ୍ଦେଶ ଦେଇଥିଲେ।

## ସମସ୍ୟାର ତୁରନ୍ତ ସମାଧାନ ନିର୍ଦ୍ଦେଶ

**କୁଚିଣ୍ଡା, ୨୭୫(ବିରଞ୍ଚି ଦର୍ଶା)**



ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

ସମ୍ବଲପୁର ଜିଲା ବାମରାରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ବାମରା ବ୍ଲକର ୧୭ଗୋଟି ପଞ୍ଚାୟତର ମୋଟ ୭୦ଟି ଅଭିଯୋଗ ଆସିଥିଲା। ଏଥିରେ ୪୨ଟି ବ୍ୟକ୍ତିଗତ ଓ ୨୮ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ହୋଇଥିବା କେତେକ ଅଭିଯୋଗ ଉପରେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଜିଲାପାଳ ତୁରନ୍ତ ଏହାର ସମାଧାନ ପାଇଁ ଅଧିକାରୀଙ୍କୁ ତାଗିଦ କରିଥିଲେ। ଶୁଶିଲ ପ୍ରସାଦ ନାମକ ଜଣେ ବ୍ୟକ୍ତି ଜମି ଚିହ୍ନଟ ପାଇଁ ବାମରା ତହସିଲଦାର ଆବେଦନ କରିଥିଲେ ମଧ୍ୟ ତହସିଲଦାର ଏଦିଗରେ କୌଣସି ପଦକ୍ଷେପ ନେଇଥିବା ସମ୍ପର୍କରେ ସେ ଜିଲାପାଳଙ୍କୁ ଗୁହାରି କରିଥିଲେ। ୩ଦିନ ମଧ୍ୟରେ ଜମିଚିହ୍ନଟ କରିବାକୁ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଜଣେ ବୟସ୍କ ବ୍ୟକ୍ତିଙ୍କ ଜମି ମ୍ୟୁଟେସନ ମାମଲାକୁ ତହସିଲଦାର ଏପଟସେପଟ କରିବା ଦ୍ୱାରା ସେ ଜମି ନକ୍ସା ସଂଶୋଧନ ନିମନ୍ତେ ଦୀର୍ଘ ୧୮ବର୍ଷ ତହସିଲକୁ ଦୌଡି ନୟାନ୍ତ ହୋଇଥିବା ଅଭିଯୋଗ କରିଥିଲେ। ଏହା ଉପରେ କୁଚିଣ୍ଡା ଉପଜିଲାପାଳଙ୍କୁ ରିଭ୍ୟୁକରି ତୁରନ୍ତ ଏହାର ଫଇସଲା ନିମନ୍ତେ ଆଦେଶ ଦେଇଥିଲେ। ପାନୀୟ ଜଳ ସମସ୍ୟା, ମିଲେଟ ମିଶନ କିଣାରେ ଦୁର୍ନୀତି ସମେତ ବିଭିନ୍ନ ଅଭିଯୋଗ ଉପରେ ଜିଲାପାଳ ବନ୍ଦର ଶୁଣାଣି କରିଥିଲେ। ଶିବିରରେ ଏସ୍‌ପି ମୁକେଶ କୁମାର ଭାମୁ, ପ୍ରୋବେଶନ ଆଇଏଏସ ଅଧିକାରୀ ଶୁଭ୍ରା ପଣ୍ଡା, କୁଚିଣ୍ଡା ଉପ ଜିଲାପାଳ ଗୌରବମୟ ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ଆରଟିଓ ରାମଦାସ ଗୁଡୁ, ଏସ୍‌ଡିପିଓ ପ୍ରଦୀପ କୁମାର ଦାସଙ୍କ ସହ ଜିଲା, ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଯୋଗଦିବସ ଅଭିଯାନର ଶୁଭାରମ୍ଭ

**ସମ୍ବଲପୁର, ୨୭।୫(ପ୍ରମୋଦ ବହିଦାର)**

ସମ୍ବଲପୁର ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ରରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅଭିଯାନ-୨୦୨୫ର ଶୁଭରମ୍ଭ ହୋଇଯାଇଛି। ଏହା ଆସନ୍ତା ଜୁନ ୨୧ ତାରିଖ ପର୍ଯ୍ୟନ୍ତ ୨୬ ଦିନ ଧରି ଚାଲିବ। ଗ୍ରୁପ କେନ୍ଦ୍ର ପୋଲିସ ଉପମହାନିରୀକ୍ଷକ ସଞ୍ଜୟ କୁମାର ସିଂହ ମଙ୍ଗଳବାର ପ୍ରାତଃରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସମବେତ ଅଧିକାରୀ ଓ ଜବାନଙ୍କୁ ଉଦ୍‌ବୋଧନ ଦେଇ ସେ ଯୋଗର ବୈଜ୍ଞାନିକ ଉପକାରିତା ଓ ଦୈନନ୍ଦିନ ଜୀବନରେ ଏହାର ପ୍ରାସଙ୍ଗିକତାକୁ ନେଇ ବିସ୍ତୃତ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଯୋଗାଭ୍ୟାସ କେବଳ ଏକ ବ୍ୟାୟାମ ନୁହେଁ, ବରଂ ଏହା ମଣିଷକୁ ଶାରୀରିକ, ମାନସିକ ଓ ଆଧାତ୍ମିକ ଭାବେ ସଶକ୍ତ ଓ ସନ୍ତୁଳିତ କରିଥାଏ।

# ୩୦ବର୍ଷ ପରେ ଅଭିଳାଷ ପୂରଣ ହୋଇଛି



ପୁଅ, ଝିଅଙ୍କ ମୁଦିପଡ଼ା ଜାଗେଶ୍ୱର ବାବାଙ୍କ କନ୍ୟା ମାତାପିତା।



ଯୌତୁକ ଭାବେ ଦେବାକୁ ଥିବା ଉପହାର ସମୂହ।

**ମୁଦିପଡ଼ା ଜାଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ**

**ସମ୍ବଲପୁର, ୨୭।୫(ପ୍ରମୋଦ ବହିଦାର)**

ସମ୍ବଲପୁର ସହରର ଅନ୍ୟତମ ପୁରାତନ ମୁଦିପଡ଼ା ଜାଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପରେ ୨୯ତାରିଖରେ ପତରପେଣ୍ଡି ଓ ୩୧ରେ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ କମିଟି ପକ୍ଷରୁ ସାଜସଜ୍ଜାଠାରୁ ଆରମ୍ଭକରି ଅନ୍ୟାନ୍ୟ ବ୍ୟବସ୍ଥାକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ଚଳିତବର୍ଷ କନ୍ୟା ମାତାପିତା ଦାୟିତ୍ୱ ବହନ କରୁଛନ୍ତି ବୁର୍ଲା କନ୍ଷ୍ଟ୍ରାକ୍ଟର୍ସ କଲୋନି ନିବାସୀ ମୃତ୍ୟୁଞ୍ଜୟ ଦାଶ ଓ ତାଙ୍କ ଧର୍ମପତ୍ନୀ ମଧୁସ୍ମିତା ପଣ୍ଡା। ମା' ପାର୍ବତୀଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ଅର୍ଜନକରି ପିଲାଦିନର ସ୍ୱପ୍ନ ସାକାର ହୋଇଛି ବୋଲି କହିଛନ୍ତି ମଧୁସ୍ମିତା। ସେ କହିଛନ୍ତି ,୧୯୯୫ ମସିହାରେ ସେ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ଶୀତଳଷଷ୍ଠୀରେ ତାଙ୍କ ମାତାପିତା ମୁଦିପଡ଼ା ଜାଗେଶ୍ୱର ବାବାଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେହିଦିନଠାରୁ କେବେ ସୁଯୋଗ ମିଳିଲେ ମାତା ପାର୍ବତୀଙ୍କୁ କନ୍ୟା ରୂପେ ପାଇବାର ଅଭିଳାଷ ରଖିଥିଲେ। ତାଙ୍କର ଏହି ଅଭିଳାଷ ଦୀର୍ଘ ୩୦ବର୍ଷ ପରେ ପୂରଣ ହୋଇଛି ବୋଲି କହିଛନ୍ତି ମଧୁସ୍ମିତା। ମଧୁସ୍ମିତା ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍‌ରେ ମାନବ ସମ୍ବଳ ବିଭାଗରେ କାର୍ମଚାରୀ ଥିବା ବେଳେ ତାଙ୍କ ସ୍ୱାମୀ ମୃତ୍ୟୁଞ୍ଜୟ ଦାଶ ଭବାନୀପାଟଣା ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପକ ଅଛନ୍ତି। ଦେବବିବାହକୁ ମଧୁସ୍ମିତା କହିଛନ୍ତି, ୨ବର୍ଷ ପୂର୍ବେ ଜାଗେଶ୍ୱର ବାବା ଶୀତଳଷଷ୍ଠୀ କମିଟି ପକ୍ଷରୁ କନ୍ୟା ମାତାପିତା ଦାୟିତ୍ୱ ନେବାକୁ ତାଙ୍କୁ ଚୟନ କରାଯାଇଥିଲା। ମାତ୍ର ଅନିବାର୍ଯ୍ୟକାରଣବଶତଃ ସେ ଏହି ମହତ୍ କାର୍ଯ୍ୟ କରିପାରି ନ ଥିଲେ। ମାତ୍ର ଚଳିତବର୍ଷ ଏହି ସୁଯୋଗକୁ ସେ ହାତଛଡ଼ା କରିନାହାନ୍ତି। ବର୍ତ୍ତମାନ ବିବାହ ପାଇଁ କନ୍ୟାରୂପୀ ମାତା ପାର୍ବତୀଙ୍କୁ ବିବାହରେ ଯାନିଯୌତୁକ ଦେବାର ବିଧି ଅନୁସାରେ ସୁନାହାର, ମଙ୍ଗଳସୂତ୍ର, ମୁଦି, ନୋଥ, ମଥାମଣି, ରୁପା ପାଉଁଜି, ଗୋଡ଼ମୁଦି, ପାଟଶାଢ଼ି ଆଦି ବିଭିନ୍ନ ବସ୍ତ୍ରାଦି ସହିତ ପିତ୍ତଳ ଓ କଂସା ବାସନ, ପଲଙ୍କ ଆଦି ସମସ୍ତ ପ୍ରକାର ଘରକରଣା ସାମଗ୍ରୀ କ୍ରୟ ସରିଛି। ସେହିପରି ବ୍ୱାଇଁ ଦେବଦେବ ମହାଦେବଙ୍କ ପାଇଁ ସୁନାମାଳି, ମୁଦି, କଠଉ, ତ୍ରିଶୂଳ, ଡମ୍ବରୁ ଆଦି ବିଭିନ୍ନ ସାମଗ୍ରୀ କ୍ରୟ କରାଯାଇଛି। କନ୍ୟା ପକ୍ଷରୁ ତ୍ରୁଟିଶୂନ୍ୟ ଭାବେ ସମସ୍ତ ବ୍ୟବସ୍ଥା କରିବାକୁ ପ୍ରୟାସ ଜାରି ରହିଛି। ସମ୍ପୂର୍ଣ୍ଣ ପରିବାର ଏଥିପାଇଁ ଉତ୍ସାହର ସହ ଲାଗି ପଡ଼ିଛନ୍ତି। ଇତିମଧ୍ୟରେ ତାଙ୍କ ସ୍ୱାମୀ ଛୁଟି ନେଇ ଘରକୁ ଆସି ସାରିଥିବା ବେଳେ ବନ୍ଧୁ ପରିଜନଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ ପ୍ରକ୍ରିୟା ଜାରି ରହିଛି। ସମ୍ପୂର୍ଣ୍ଣ ବିବାହ ପାଇଁ ୧୦ରୁ ୧୨ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି ବୋଲି କହିଛନ୍ତି କନ୍ୟାମାତା ମଧୁସ୍ମିତା। ବାବାଙ୍କ ଇଛାରୁ ମାତା ପାର୍ବତୀଙ୍କୁ କନ୍ୟା ରୂପରେ ପାଇବା ମୋର ପରମ ସୌଭାଗ୍ୟ। କନ୍ୟା ନତାଶା ଓ ପୁଅ ଅମିତାଭଙ୍କ ସହ ପୂରା ପରିବାର ଖୁସି ଅନୁଭୂବ କରୁଛନ୍ତି ବୋଲି କହିଛନ୍ତି କନ୍ୟାପିତା ମୃତ୍ୟୁଞ୍ଜୟ ଦାଶ।

## ଗୋଆରୁ ଫେରିବାବେଳେ ମାରପିଟ, ବ୍ୟକ୍ତି ନିଖୋଜ

**ବଡ଼ଗାଁ, ୨୭।୫(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ରୁନଗାଁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ସେହି ଗ୍ରାମର ୭ ଯୁବକ ଅଧିକ ଅର୍ଥ ଉପାର୍ଜନର ଆଶା ଦେଖାଇ ଗୋଆକୁ ମାଛଧରା କାମ କରିବାକୁ ନେଇଥିବା ଓ ଫେରିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଗତବର୍ଷ ଅଗଷ୍ଟରେ ରୁନଗାଁ ଗ୍ରାମର ନାରଦ ପ୍ରଧାନ (୫୭)ଙ୍କୁ ଗୋଆରେ କାମ କରିବାକୁ ସେହି ଗ୍ରାମର କେତେକ ଯୁବକ କହିବାରୁ ସେମାନଙ୍କ ସହିତ ନାରଦ ପ୍ରଧାନ ଗୋଆ ଚାଲିଯାଇଥିଲେ। ସେଠାରେ ଏକ ମାଛ ଧରା କମ୍ପାନୀରେ ୯ମାସ କାମ କଲାପରେ ଗତ ୨୩ ତାରିଖ କମ୍ପାନୀ ବସରେ ଜିଲାର ୬୦ ଜଣ ଶ୍ରମିକଙ୍କ ସହିତ ସୁନ୍ଦରଗଡ଼କୁ ଫେରୁଥିଲେ। ବସରେ ଫେରିବାବେଳେ ଛତିଶଗଡର ରାୟପୁର ନିକଟରେ ଶ୍ରମିକମାନଙ୍କ ମଧ୍ୟରେ ଭୀଷଣ ମାଡ଼ପିଟ ହୋଇଥିଲା। ଏହି ଘଟଣା ପରେ ୨୫ ତାରିଖ ବିଳମ୍ବିତ ରାତିରେ ଗାଁକୁ ସମସ୍ତ ସାତ ଜଣ ଶ୍ରମିକ ଫେରିଆସିଥିଲେ ମଧ୍ୟ ନାରଦ ପ୍ରଧାନ ଆସି ନ ଥିଲେ। ନାରଦ ପ୍ରଧାନଙ୍କ ବ୍ୟାଗକୁ ଦୁଇଜଣ ଶ୍ରମିକ ତାଙ୍କ ଘରକୁ ଯାଇ ଦେଇଥିଲେ। ଅଭିଯୋଗକାରୀ ନାରଦ ପ୍ରଧାନଙ୍କ ପୁଅ ବିଶେଶ୍ୱର ପ୍ରଧାନ ତାଙ୍କ ବାପା କୁଆଡ଼େ ଗଲେ ପଚାରିବାରୁ ଶ୍ରମିକମାନେ ଆମେ କୁଆଡ଼େ ଗଲେ ଜାଣି ନାହୁଁ କହିଥିଲେ। ଏ ସମ୍ପର୍କରେ ମଙ୍ଗଳବାର ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ଶିକ୍ଷକ ଡ. ବିଭୀଷଣ ବାରିକ ପାଇଲେ ଜାତୀୟ ସାମାଜିକ ପ୍ରଭାବ ସମ୍ମାନ




ଶିକ୍ଷକ ଡ.ବିଭୀଷଣ ବାରିକଙ୍କୁ ସମ୍ମାନିତ କରାଯାଉଛି।

**କୁତ୍ରା, ୨୭।୫(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକଙ୍କୁ ଚଳିତବର୍ଷ ଜାତୀୟ ସାମାଜିକ ପ୍ରଭାବ ସମ୍ମାନ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏମ୍‌ଏମ୍‌ଏମଇ ନୀତି ଆୟୋଗ ଓ ଏମସିଏ ଅନୁବନ୍ଧିତ ଇମରଜିଙ୍ଗ ଆଚିଭର ଆୱାଡ କାଉନସିଲ ତରଫରୁ ତାଙ୍କୁ ପରିବେଶ ସୁରକ୍ଷା ଓ ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଯୋଗଦାନ ପାଇଁ ତାଙ୍କୁ ଏହି ମର୍ଯ୍ୟାଦାପୂର୍ଣ୍ଣ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ନରେଶ ବଂଶଲ, ଗୋଆ ଜିଲା କୋର୍ଟ ମୁଖ୍ୟ ଜଜ ସୋୟନାରା, ଆଶୋକ ଚକ୍ର ସମ୍ମାନିତ ତେଜପାଲ ସିଂ, ସୁପ୍ରିମକୋର୍ଟ ସିନିୟର ଓକିଲ ଅଶ୍ୱିନୀ ଜାଦବ, ଆଚାର୍ଯ୍ୟ ପାନସୋ ଇଣ୍ଡୋ ତିବ୍ବତିଆନ ଡେପୁଟି ସ୍ପିକର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଏହି ସମାରୋହରେ ଭାରତ ବର୍ଷର ବିଭିନ୍ନ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଡ.ବାରିକ ଦୀର୍ଘ ବର୍ଷ ଧରି ପ୍ରକୃତି ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ସହ ସବୁଜ ବାହିନୀ ସହଯୋଗରେ ଏକ ଜୈବବିବିଧତା ଭରା ସୁନ୍ଦର ପ୍ରାକୃତିକ ପରିବେଶ ଗଢିବାରେ ସକ୍ଷମ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବା ପାଇଁ ବିଭିନ୍ନ ପଦକ୍ଷେପ ନେଇ ଅନୁଷ୍ଠାନକୁ ଏକ ଆଦର୍ଶ ଅନୁଷ୍ଠାନରେ ପରିଣତ କରିଛନ୍ତ। ନୈତିକ ମୂଲ୍ୟବୋଧ ଆଧାରିତ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ କାମକରି ଏହି ସମ୍ମାନ ପାଇଛନ୍ତି।

## ଖଣି ଦୁର୍ନୀତିରୁ କେହି ବର୍ତ୍ତିପାରିବେ ନାହିଁ: ମନ୍ତ୍ରୀ ପୂଜାରୀ

**ସୁନ୍ଦରଗଡ଼, ୨୭।୫(ଜୟନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ଼ ଜିଲାରେ ହୋଇଥିବା ଖଣି ଦୁର୍ନୀତିରୁ କେହି ବର୍ତ୍ତିପାରିବେ ନାହିଁ। ଯେଉଁମାନେ ଖଣି ଚୋରି କରୁଥିଲେ ଓ ଯାହାଙ୍କ ଛତ୍ରଛାୟା ତଳେ ଏହି ଖଣି ଚୋରି ହେଉଥିଲା ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସୁନ୍ଦରଗଡ଼ ଗସ୍ତ ଅବସରରେ ମଙ୍ଗଳବାର ମନ୍ତ୍ରୀ ପୂଜାରୀ ଏହି ଖଣି ଚୋରି ପ୍ରସଙ୍ଗରେ କହିଛନ୍ତି, ଏହି ଖଣି ଚୋରି ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇସାରିଛନ୍ତି। ଖଣି ଓ ଜଙ୍ଗଲ ବିଭାଗର ଦୁଇଜଣ ମନ୍ତ୍ରୀ ଓ ସଚିବମାନେ ଖଣି ଚୋରି ଅଞ୍ଚଳ ପରିଦର୍ଶନ କରି ସେମାନଙ୍କ ରିପୋର୍ଟ ମଧ୍ୟ ପ୍ରଦାନ କରିସାରିଛନ୍ତି। ବର୍ତ୍ତମାନ ଏସ୍‌ଆଇଟି ତଦନ୍ତ କରୁଛି। ଆବଶ୍ୟକ ପଡିଲେ ଏସ୍‌ଆଇଟିକୁ ଆହୁରି ମଜଭୁତ କରାଯିବ। ଖଣି ଚୋରି କରୁଥିବା ବ୍ୟବସାୟୀ ଓ ସେମାନଙ୍କୁ ପ୍ରଶ୍ରୟ ଦେଉଥିବା ବ୍ୟକ୍ତିମାନଙ୍କ ବିରୋଧରେ ନିଶ୍ଚିତ ଭାବରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

**ସୁନ୍ଦରଗଡ, ୨୭।୫(ଜୟନାରାୟଣ ମେଣ୍ଢୁଲି)**

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଆଧୁନିକ ଭାରତର ନିର୍ମାତା ସ୍ୱର୍ଗତ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୬୧ତମ ଶ୍ରାଦ୍ଧ ବାର୍ଷିକୀ ମଙ୍ଗଳବାର ଜିଲା କଂଗ୍ରେସ କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଜିଲା ସଂଯୋଜକ ନିର୍ମଳ କୁମାର ନାଏକଙ୍କ ଆବାହକତ୍ୱରେ ସ୍ଥାନୀୟ କଚେରୀରୋଡ ସ୍ଥିତ ଟାଉନ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ବରିଷ୍ଠ ନେତୃବୃନ୍ଦ ତଥା ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ସଂଯୋଜକ ନିର୍ମଳ ନାଏକ ପଣ୍ଡିତ ନେହେରୁଙ୍କ ଗୁଣଗାନ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ମୁନୁ ସରାଫ, ଦେବାଶିଷ ଦାଶ, ଆଡ଼ଭୋକେଟ ପ୍ରଣବ ସିଂ, ଭୀଷ୍ମଦେବ ସିଂ, ଦୀନବନ୍ଧୁ ନାଏକ, ବିଶ୍ୱଜିତ ପଟ୍ଟନାୟକ, ସୁଧାଂଶୁ ପଶାୟତ, ପ୍ରଦୀପ ସିଂ, ରାଜେନ୍ଦ୍ର ପଟେଲ, ରଞ୍ଜନ ସୋରେଙ୍ଗ, ରାଜା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନେପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ନେହେରୁଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଉପସ୍ଥିତ ନେତୃବୃନ୍ଦ।



# ତଳି ପଟାଳିରେ ସାର ପ୍ରୟୋଗ

ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ତାଙ୍କ ଚତୁଃପାର୍ଶ୍ୱ ନିବୁଜ କରି ଦୁଇ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜି ଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ। ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ୱ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

# ମାଛ ଚାଷରେ ଖତ ସାର ପ୍ରୟୋଗ

"ଯାଆଁଳ ଛାଡ଼ିବାର ଏକଦିନ ପୂର୍ବରୁ କୀଟପତଙ୍ଗ ନିୟନ୍ତ୍ରଣ କରାଯାଇଥାଏ। ଏହି କାର୍ଯ୍ୟ ପାଇଁ ଏକର ପିଛା ୬ କିଗ୍ରା ସାବୁନ୍‌କୁ ୨୨ ଲିଟର ସୋରିଷ ତେଲ ସହିତ ଫେଣ୍ଟି ପୋଖରୀରେ ସ୍ପ୍ରେ କରାଯାଏ। ଏହା ବଦଳରେ ଏକର ପିଛା ୨୦ ଲିଟର କିରୋସିନ୍ ତେଲ ସ୍ପ୍ରେ କରାଯାଏ କିମ୍ବା ଏକର ପିଛା ୩୦ ଲିଟର ଡିଜେଲକୁ ୬୦୦ ମିଲି ତରଳ ସାବୁନ୍ ବା ତିନି କିଗ୍ରା ଡିଟରଜେଣ୍ଟ ପାଉଡର ସହିତ ମିଶାଇ ସ୍ପ୍ରେ କରାଯାଏ। କୀଟପତଙ୍ଗ ନିୟନ୍ତ୍ରକ ପ୍ରୟୋଗ କରାଯିବା ପରେ ପୋଖରୀକୁ ପରିଷ୍କାର କରିବା ପାଇଁ ଦୁଇ ଥର ଜାଲ ପକାଇ ମୃତ କୀଟପତଙ୍ଗଗୁଡ଼ିକୁ ବାହାର କରିଦିଆଯାଏ।"



ମାଛ ଚାଷ କରୁଥିବା ପୋଖରୀରେ ଚୂନ ପ୍ରୟୋଗ କରାଯିବାର ୫-୭ ଦିନ ପରେ ସାଧାରଣତଃ ଖତ ପ୍ରୟୋଗ କରାଯାଏ। ଖତ ପ୍ରୟୋଗ କରିବାର ପ୍ରକାରକୁ ନେଇ ତିନି ପ୍ରକାର ପଦ୍ଧତି ଲାଭଜନକ ସାବ୍ୟସ୍ତ ହୋଇଥାଏ। ତେବେ ଗଚ୍ଛିତ ରଖିଥିବା ଘନତ୍ୱ ଏବଂ ଯାଆଁଳ ଅମଳର ପରିମାଣ ଓ ଆୟ ଅଲଗା ଅଲଗା ହୋଇଥାଏ। ତେବେ ସେହି ତିନି ପ୍ରକାର ପଦ୍ଧତିଗୁଡ଼ିକ ହେଲା-
(୧) ପାରମ୍ପରିକ ପଦ୍ଧତି
(୨) ପର୍ଯ୍ୟାୟଭିତ୍ତିକ ଖତସାର ପ୍ରୟୋଗ ପଦ୍ଧତି
(୩) ତୁରନ୍ତ/ତତ୍କାଳ ଖତସାର ପ୍ରୟୋଗ ପଦ୍ଧତି।

**ପାରମ୍ପରିକ ପଦ୍ଧତି**

ଯାଆଁଳ ଛାଡ଼ିବାର ୧୫ଦିନ ପୂର୍ବରୁ ପ୍ରତି ଏକର ଜଳରାଶି ଏବଂ ଏକ ମିଟର ଗଭୀରତା ବିଶିଷ୍ଟ ପୋଖରୀ ପାଇଁ ୪ ଟନ୍ କଞ୍ଚା ଗୋବର ଏବଂ ଯାଆଁଳ ଛଡ଼ାଯିବାର ୭ ଦିନ ପରେ ସ୍ଥାୟୀ ପ୍ଲାଙ୍କଟନ୍ ଉତ୍ପାଦନ ପାଇଁ ଏକର ପିଛା ୨ ଟନ୍ ହିସାବରେ ପ୍ରୟୋଗ କରାଯାଏ। ମହୁଲ ପିଡିଆ ପ୍ରୟୋଗ କରାଯାଇଥିବା ପୋଖରୀ କ୍ଷେତ୍ରରେ ପ୍ରାରମ୍ଭିକ ପରିମାଣ ଏକର ପିଛା ୨ ଟନ୍‌କୁ କମାଇ ଦିଆଯାଏ। କଞ୍ଚା ଗୋବର ପରିବର୍ତ୍ତେ ଯଦି କୁକୁଡ଼ା ଖତ ପ୍ରୟୋଗ କରାଯିବ, ତେବେ ପରିମାଣକୁ କଞ୍ଚା ଗୋବରର ଅଧାକୁ କମାଇ ଦିଆଯାଏ।

**କୀଟପତଙ୍ଗ ନିୟନ୍ତ୍ରଣ**

ଯାଆଁଳ ଛାଡ଼ିବାର ଏକ ଦିନ ପୂର୍ବରୁ କୀଟପତଙ୍ଗ ନିୟନ୍ତ୍ରଣ କରାଯାଇଥାଏ। ଏହି କାର୍ଯ୍ୟ ପାଇଁ ଏକର ପିଛା ୬ କିଗ୍ରା ସାବୁନ୍‌କୁ ୨୨ ଲିଟର ସୋରିଷ ତେଲ ସହିତ ଫେଣ୍ଟି ପୋଖରୀରେ ସ୍ପ୍ରେ କରାଯାଏ। ଏହା ବଦଳରେ ଏକର ପିଛା ୨୦ ଲିଟର କିରୋସିନ୍ ତେଲ ସ୍ପ୍ରେ କରାଯାଏ କିମ୍ବା ଏକର ପିଛା ୩୦ ଲିଟର ଡିଜେଲକୁ ୬୦୦ ମିଲି ତରଳ ସାବୁନ୍ ବା ତିନି କିଗ୍ରା ଡିଟରଜେଣ୍ଟ ପାଉଡର ସହିତ ମିଶାଇ ସ୍ପ୍ରେ କରାଯାଏ। କୀଟପତଙ୍ଗ ନିୟନ୍ତ୍ରକ ପ୍ରୟୋଗ କରାଯିବା ପରେ ପୋଖରୀକୁ ପରିଷ୍କାର କରିବା ପାଇଁ ଦୁଇ ଥର ଜାଲ ପକାଇ ମୃତ କୀଟପତଙ୍ଗଗୁଡ଼ିକୁ ବାହାର କରିଦିଆଯାଏ।

**ଯାଆଁଳ ଛାଡ଼ିବା କାର୍ଯ୍ୟ**

ପୋଖରୀରେ ତାପମାତ୍ରା କମ୍ ଥିବା ସମୟରେ ଯାଆଁଳ ଛାଡ଼ିବା ଦରକାର। ବିଶେଷକରି ସକାଳ ବେଳା ଥଣ୍ଡା ପାଗରେ ଏହା କଲେ ଭଲ। ଏକର ପିଛା ୨୦-୩୦ ଲକ୍ଷ ପର୍ଯ୍ୟନ୍ତ ଯାଆଁଳ ଛଡ଼ାଯାଇଥାଏ। ବିକ୍ରୟ କରିବା ଦୃଷ୍ଟିରୁ ଗୋଟିଏ ପୋଖରୀରେ ବହୁବିଧ ପ୍ରଜାତିର ଯାଆଁଳ ଛାଡ଼ିବା ଅପେକ୍ଷା ଗୋଟିଏ ପ୍ରଜାତିର ଚାଷ ଅତ୍ୟନ୍ତ ଭଲ।

**ଖାଦ୍ୟ**

ଯାଆଁଳମାନଙ୍କ ପାଇଁ ୧:୧ ଅନୁପାତରେ ଗୁଣ୍ଡ ବାଦାମ ପିଡ଼ିଆ ଏବଂ କାଣ୍ଡିଆକୁଣ୍ଡା କିମ୍ବା ଧାନଗୁଣ୍ଡ ପ୍ରୟୋଗ କରାଯିବା ଆବଶ୍ୟକ।

**ପରିମାଣ**

ଯାଆଁଳଙ୍କ ପାଇଁ ଖାଦ୍ୟ ପକାଉଥିଲେ ପ୍ରଥମ ପାଞ୍ଚ ଦିନ ଶରୀର ଓଜନ ଅନୁଯାୟୀ ୪ ଗୁଣ ବା ୬୦୦ ଗ୍ରାମ/ଏକ ଲକ୍ଷ/ପ୍ରତିଦିନ (ଯାଆଁଳ ଓଜନ ୧.୪-୧.୬ ଏମ୍‌ଜି ହୋଇଥିଲେ) ଏବଂ ପରବର୍ତ୍ତୀ ୧୦ ଦିନ ପର୍ଯ୍ୟନ୍ତ ପ୍ରାରମ୍ଭିକ ଓଜନର ଆଠ ଗୁଣ ଅର୍ଥାତ୍ ୧୨୦୦ ଗ୍ରାମ/ଏକଲକ୍ଷ/ପ୍ରତିଦିନ ଭାବରେ ଦିଆଯିବା ଉଚିତ।

**ଯାଆଁଳଙ୍କୁ ଖାଦ୍ୟ ଦେବା ସମୟ**

ସାଧାରଣତଃ ଯାଆଁଳମାନଙ୍କୁ ସକାଳେ ଏବଂ ସନ୍ଧ୍ୟାରେ ଖାଦ୍ୟ ଦିଆଯାଇଥାଏ। ପୋଖରୀରେ ଶିଉଳି ଦେଖାଦେଲେ ଖାଦ୍ୟ ଖାଇବାକୁ ଦିଆଯିବ ନାହିଁ।

**ଅମଳ**

ଯାଆଁଳ ଛାଡ଼ିବାର ୧୫ ଦିନ ପରେ ସେଗୁଡ଼ିକ ପ୍ରାୟ ୨୦-୩୦ ମିଲିମିଟର ଆକାରର ହୋଇଯାଆନ୍ତି। ସେହି ସମୟରେ ସେମାନଙ୍କର ଓଜନ ୦.୧୫ଗ୍ରାମରୁ ୦.୨୦ ଗ୍ରାମ ହୋଇଥାଏ। ସେମାନଙ୍କୁ ୧/୮ ଇଞ୍ଚ ଫାଳ ବିଶିଷ୍ଟ ଯାଆଁଳ ଧରା ଭିଡ଼ା ଜାଲ ସାହାଯ୍ୟରେ ପ୍ରତିପାଳନ (ନର୍ସରୀ ପୋଖରୀ) ପୋଖରୀରେ ପାଳନ ପାଇଁ ରଖାଯାଏ। ସ୍ୱନ୍‌ରୁ ଯାଆଁଳ ବଞ୍ଚିବାର ହାର ୨୫ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ତେଣୁ ୨୦-୩୦ ଲକ୍ଷ ଯାଆଁଳ ଗଚ୍ଛିତ ରଖାଗଲେ ୧୫ ଦିନ ପରେ ୬-୯ ଲକ୍ଷ ପର୍ଯ୍ୟନ୍ତ ଯାଆଁଳ ଅମଳ କରାଯାଇପାରିବ।

**ପର୍ଯ୍ୟାୟଭିତ୍ତିକ ଖତସାର ପ୍ରୟୋଗ ପଦ୍ଧତି**

ପାରମ୍ପରିକ ପଦ୍ଧତିରେ ଠିକ୍ ସମୟରେ ମାଛ ବିହନ (ସ୍ୱନ୍) ମିଳିବା ଏକ ପ୍ରମୁଖ ସମସ୍ୟା ରୂପେ ଦେଖାଦେଇଥାଏ। ଏପରି ଅସୁବିଧାକୁ ଏଡାଇବା ପାଇଁ ଓ ଭଲ ଅମଳ ପାଇବା ନିମନ୍ତେ ନିମ୍ନଲିଖିତ ପଦ୍ଧତି ଅନୁସରଣ କରାଯାଇପାରେ। (କ୍ରମଶଃ...)

**-ଡା. ମାନସ ରଞ୍ଜନ ପଟ୍ଟନାୟକ,** ଅଧକ୍ଷ, ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର
**-ଦିଲୀପ କୁମାର ସାହୁ,** ଅଧାପକ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟବିଜ୍ଞାନ), ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର



# ସମନ୍ୱିତ ପୋକ ପରିଚାଳନା

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ଅଧିକ ଅମଳକ୍ଷମ ଚିନାବାଦାମ ପାଇଁ...

ଚିନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । କାରଣ ଏହି ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ। ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରି କି ମାଟି ଭଲ ଭାବରେ ଭିଜିପାରିବ।




# ମୁଗ ଫସଲରେ ପତ୍ରକଟା ପୋକ ଲାଗିଥିଲେ...



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ। ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ x କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ଜାଣି ରଖନ୍ତୁ



- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ଗୋ-ମହିଷି ଓ ବାଛୁରିଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ।
- ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳସବୁବେଳେପରିଷ୍କାରଓଶୁଖିଲାରଖନ୍ତୁ।ଏହାରଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

# ଆଖୁ ଚାଷରେ କାଣ୍ଡବିନ୍ଧା ପୋକ ଦମନ

ଆଖୁ ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।



# ମଧ୍ୟମ କିସମ ଧାନ ଚାଷ

ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦାପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହ କରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ରୁଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟମାସ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମିପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା,ଖଣ୍ଡଗିରି,ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ -୧୩୦ଦିନିଆ କିସମ ଯଥା-ଲଲାଟ,ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଆ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ତଳି ବଢ଼ିବା ପାଇଁ ତଳିଘରାରେ ଯଥେଷ୍ଟ ଯବକ୍ଷାରଜାନ ସାର ଦିଅନ୍ତୁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱ ଚାମ୍ପିୟନ ଗୁକେଶଙ୍କୁ ହରାଇଲେ କାର୍ଲସେନ

**ଷ୍ଟାଭାଙ୍ଗର,୨୭।୫(ପି.ଟି.):** ୱାର୍ଲ୍ଡ ନଂ.୧ ମାଗ୍‌ନସ କାର୍ଲସେନ ନରୱେ ଚେସ୍ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ଡି ଗୁକେଶଙ୍କୁ ପରାସ୍ତ କରିଛନ୍ତି। ୫ ଥରର ବିଶ୍ୱ ଚାମ୍ପିୟନ କାର୍ଲସେନଙ୍କୁ ତାଙ୍କ ଅଧା ବୟସର ଖେଳାଳି ଗୁକେଶ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା କ୍ଲାସିକ୍ ଚେସ୍ ମ୍ୟାଚ୍‌ରେ ପ୍ରାୟତଃ ଚାପରେ ରଖିଥିଲେ। ହେଲେ ଗୁକେଶ ନିଜ ତ୍ରୁଟି କାରଣରୁ ୫୫ତମ ମୁଭ୍‌ରେ ପରାଜିତ ହୋଇଥିଲେ। ଏହି ବିଜୟ ସହ କାର୍ଲସେନ ୩ ପଏଣ୍ଟ ହାସଲ କରିଛନ୍ତି।

# ମେଡ୍‌ଭେଡେଭ୍‌ଙ୍କୁ ହରାଇଲେ ନୋରି


ମେଡଭେଡେଭଙ୍କୁ ହରାଇବାପରେ ଉଲ୍ଲସିତ କାମେରନ ନୋରି।

**ପ୍ୟାରିସ୍, ୨୭।୫**

ଚଳିତ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ୧୧ଶ ସିଡ୍ ରୁଷିଆର ଡାନିଲ ମେଡ୍‌ଭେଡେଭ୍। ବ୍ରିଟେନ୍‌ର ଅଣସିଡେଡ୍ ଖେଳାଳି କାମେରନ ନୋରି ୭-୫, ୬-୩, ୪-୬, ୧-୬, ୭-୫ ସେଟ୍‌ରେ ମେଡ୍‌ଭେଡେଭ୍‌ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ତେବେ ଟପ୍ ସିଡ୍ ଜାନିକ ସିନର, ୩ୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ୍, ୯ମ ସିଡ୍ ଆଲେକ୍ସ ଡି ମିନାଉର ପ୍ରମୁଖ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନର ୬-୪, ୬-୩, ୭-୫ରେ ଆର୍ଥର ରିଣ୍ଡେର୍କନେଚ୍‌ଙ୍କୁ, ଜେଭରେଭ୍ ୬-୩, ୬-୩, ୬-୪ରେ ଲର୍ନର ଟିଏନଙ୍କୁ ଏବଂ ମିନାଉର ୬-୩, ୬-୪, ୭-୬ (୮/୬) ସେଟ୍‌ରେ ଲାସ୍‌ଲୋ ଡିଜେରେଙ୍କୁ ହରାଇ ଦେଇଛନ୍ତି। ୧୬ଶ ସିଡ୍ ଗ୍ରିଗୋର ଡିମିଟ୍ରୋଭ ୬-୨, ୬-୩, ୨-୬ରେ ଅଗ୍ରଣୀ ରହିଥିଲେ ହେଁ ଆହତ ସମସ୍ୟା ଯୋଗୁ ଓହରିଯିବାରୁ ଇଥାନ କ୍ୱିନ୍ ୱାକ୍‌ଓଭର ପାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍‌ଜାଣ୍ଡର ଶେଭଚେଙ୍କୋ, ଫେଡେରିକୋ ଅଗଷ୍ଟିନ ଗୋମେଜ, ଆଲେକ୍‌ଜାଣ୍ଡର ବୁବ୍‌ଲିକ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍**

## ସିନର, ଜେଭରେଭ୍ ଦ୍ୱିତୀୟ ରାଉଣ୍ଡରେ

### ଗଫ୍, ଆଜାରେଙ୍କା ବିଜୟୀ

ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ କୋକୋ ଗଫ୍ ୬-୨, ୬-୨ ସେଟ୍‌ରେ ଓଲିଭିଆ ଗଡେକିଙ୍କୁ ହରାଇ ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିପରି ସୋଫିଆ କେନିନ ୬-୩, ୬-୧ରେ ବାର୍ବରା ଗ୍ରାଚେଭାଙ୍କୁ, ଭିକ୍ଟୋରିଆ ଆଜାରେଙ୍କା ୬-୦, ୬-୦ରେ ୟାନିନା ୱିକମେୟରଙ୍କୁ, ୬ଷ୍ଠ ସିଡ୍ ମୀରା ଆନ୍ଦ୍ରେଭା ୬-୪, ୬-୩ରେ କ୍ରିଷ୍ଟିନା ବୁକ୍‌ସାଙ୍କୁ, ମାର୍କେଟା ଭେନ୍ଦ୍ରୋସୋଭା ୬-୪, ୬-୪ରେ ଓକସାନା ସେଲେଖମେଟେଭାଙ୍କୁ ହରାଇଥିବାବେଳେ ୨୩ତମ ସିଡ୍ ବିଟ୍ରିଜ ହାଡାଡ ମାଇଆ ୬-୪, ୩-୬, ୧-୬ରେ ହିଲି ବାପ୍ଟିଷ୍ଟେଙ୍କଠାରୁ ହାରି ବିଦାୟ ନେଇଛନ୍ତି। ତୃତୀୟ ସିଡ୍ ଜେସିକା ପେଗୁଲା ସିଧାସଳଖ ୬-୨, ୬-୪ ସେଟ୍‌ରେ ଆନ୍‌କା ଟୋଡୋନିଙ୍କୁ ହରାଇ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି।

# ସିନ୍ଧୁ, ପ୍ରଣୟ ଦ୍ୱିତୀୟ ରାଉଣ୍ଡରେ

**ସିଙ୍ଗାପୁର, ୨୭।୫(ପି.ଟି.)**

ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ସୁପର ୭୫୦ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନ୍ଧୁ କାନାଡ଼ାର ୱେନ୍ ୟୁ ଝାଙ୍ଗ୍‌ଙ୍କ ବିପକ୍ଷ ମ୍ୟାଚ୍‌କୁ ମାତ୍ର ୩୧ ମିନିଟ୍‌ରେ ୨୧-୧୪, ୨୧-୯ ସିଧାସଳଖ ଗେମ୍‌ରେ ଜିତିନେଇଛନ୍ତି। ଏହି ପୂର୍ବତନ ବିଶ୍ୱ ଚାମ୍ପିୟନଙ୍କୁ କିନ୍ତୁ ପରବର୍ତ୍ତୀ ରାଉଣ୍ଡ ଜିତିବା କଷ୍ଟସାଧ୍ୟ ହେବ। ଏହି ରାଉଣ୍ଡରେ ସେ ଟୋକିଓ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଏବଂ ବର୍ତ୍ତମାନ ବିଶ୍ୱର ୫ ନମ୍ବର ଚାଇନାର ଚେନ୍ ୟୁ ଫେଇଙ୍କୁ ଭେଟିବେ। ଅନ୍ୟପକ୍ଷେ ବିଶ୍ୱର ୩୪ ନମ୍ବର ଖେଳାଳି ପ୍ରଣୟ କିନ୍ତୁ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ୩୨ ବର୍ଷୀୟ ଏହି ଖେଳାଳି ପ୍ରଥମ ଗେମ୍ ୧୯-୨୧ରେ ପରାଜିତ ହେବା ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଅବଶିଷ୍ଟ ଦୁଇଟି ଗେମ୍ ୨୧-୧୬, ୨୧-୧୪ରେ ଜିତି ନେଇଥିଲେ। ପ୍ରି-କ୍ୱାର୍ଟରରେ ସେ ଫ୍ରାନ୍ସର ଖ୍ରୀଷ୍ଟୋଭ ପୋପୋଭଙ୍କ ସହ ମୁକାବିଲା କରିବେ। ତେବେ ଭାରତର ଅନ୍ୟ ଖେଳାଳି ମାଳବିକା ବନ୍‌ସୋଡ୍, ଅନ୍‌ମୋଲ ଖରବ, ପ୍ରିୟାଂଶୁ ରାଜୱତ ଓ କରଣ ଜର୍ଜ ପ୍ରମୁଖ ସେମାନଙ୍କ ପ୍ରଥମ ରାଉଣ୍ଡ ସିଙ୍ଗଲ୍ସ ମ୍ୟାଚ ହାରିଯାଇଛନ୍ତି। ମାଳବିକା ଓ ପ୍ରିୟାଂଶୁ ଉଭୟ ସେମାନଙ୍କ ପ୍ରଥମ ଗେମ୍‌ରେ ଅଗ୍ରଣୀ ଲାଭକରି ମଧ୍ୟ ପରାଜିତ ହୋଇଥିଲେ। ମାଳବିକା ୮ମ ସିଡ୍ ଥାଇଲାଣ୍ଡର ସୁପାନିଦା କେଟ୍‌ଥଙ୍ଗ୍‌ଙ୍କଠାରୁ ୨୧-୧୪, ୧୮-୨୧, ୧୧-୨୧ରେ ହାରିଯାଇଥିବା ବେଳେ ପ୍ରିୟାଂଶୁ ୭ମ ସିଡ୍ ଜାପାନର କୋଦାଇ ନାରାଓକାଙ୍କଠାରୁ ୨୧-୧୪, ୧୦-୨୧, ୧୪-୨୧ରେ ପରାସ୍ତ ହୋଇଛନ୍ତି।

# ମର୍ସି ରାଫା' ଟି-ଶାର୍ଟ ମୂଲ୍ୟ ୫୪୦ ଡଲାର

**ପ୍ୟାରିସ୍,୨୭।୫(ଏପି)**

ଫ୍ରେଞ୍ଚ୍ ଓପନ୍ ଦ୍ୱାରା ରାଫେଲ ନାଡାଲଙ୍କୁ ସମ୍ମାନିତ କରାଯିବାର ଦିନକ ପରେ କିଛି ପ୍ରଶଂସକ କ୍ଲେ ରଙ୍ଗର 'ମର୍ସି ରାଫା' ଟି-ଶାର୍ଟକୁ ବିକିବା ଆରମ୍ଭ କରିଛନ୍ତି। ଏପରିକି କିଛି ପ୍ରଶଂସକ ଏହି ସ୍ୱତନ୍ତ୍ର ଟି-ଶାର୍ଟ ଲାଗି ୫୦୦ ୟୁରୋ (୫୪୦ ଆମେରିକୀୟ ଡଲାର) ଦାବି କରୁଛନ୍ତି। ଏହି ଟି-ଶାର୍ଟ ଫ୍ରେଞ୍ଚରେ 'ଥାଙ୍କ୍ ୟୁ ରାଫା' ଓ '୨୫।୫।୨୦୨୫' ଉଲ୍ଲେଖ ରହିଛି। ଗତ ରବିବାର ୧୪ ଥରର ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ନାଡାଲଙ୍କ ଲାଗି ଆୟୋଜନ କରାଯାଇଥିବା ଫେୟାରୱେଲ ଉତ୍ସବରେ କୋର୍ଟ ଫିଲିପ-ଚାଟରିଅର




ଯୋଗ ଦେଇଥିବା ଦର୍ଶକଙ୍କ ମଧ୍ୟରେ ଏହି ଶାର୍ଟକୁ ବଣ୍ଟାଯାଇଥିଲା। ଦର୍ଶକଙ୍କ ମଧ୍ୟରେ ବିଭିନ୍ନ କ୍ଲେ ରଙ୍ଗର ଟି-ଶାର୍ଟ ବଣ୍ଟନ କରାଯାଇଥିଲା। ଏହି ଇଭେଣ୍ଟ ଶେଷହେବାର କିଛି ମିନିଟ୍ ପରେ ଉକ୍ତ ଟି-ଶାର୍ଟ ପୁନଃ ବିକ୍ରି ଲାଗି ବ୍ୟବହୃତ ହେଉଥିବା ପ୍ଲାଟଫର୍ମରେ ନଜର ଆସିଥିଲା। ସୋମବାର ୩୦ଟି ଶାର୍ଟ ବିକ୍ରି ଲାଗି ଲିଷ୍ଟେଡ୍ ହୋଇଥିବା ବେଳେ ମାକ୍ସିମ ବର୍ଥୁଇସ ନାମକ ଜଣେ ବିକ୍ରେତା ୫୦୦ ୟୁରୋରେ ତାଙ୍କ ଶାର୍ଟ ଲିଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ ଫ୍ରେଞ୍ଚ୍ ଟେନିସ୍ ଫେଡେରେଶନ ସଭାପତି ଗାଇଲ୍ସ ମୋରଟନ କହିଛନ୍ତି, ଟି-ଶାର୍ଟକୁ ପୁନଃ ବିକ୍ରି କରାଯିବା ମୋତେ ଆଶ୍ଚର୍ଯ୍ୟ କରିଛି। ଦୁଃଖର ବିଷୟ ଯେ, କିଛି ଲୋକ ଲାଭ ପାଇଁ ମର୍ସି ରାଫା ଶାର୍ଟ ବିକ୍ରି କରୁଛନ୍ତି। ଆମେ କିଛି ସ୍ୱତନ୍ତ୍ର କରିଥିଲୁ। ଏଭଳି ପରିସ୍ଥିତି ପଛରେ ଏହି ସ୍ୱତନ୍ତ୍ରତା ହିଁ କାରଣ ହୋଇଥାଇପାରେ।


# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବିକେ ମୀରା ପାତ୍ର**
(୰ଶ୍ୟାମସୁନ୍ଦର ପାତ୍ରଙ୍କ ଧର୍ମପତ୍ନୀ)
ସ୍ଥାନ: ଭିଆଇପି ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟ, ରମାବଲ୍ଲଭ ରୋଡ୍, ପୁରୀ
ଆବିର୍ଭାବ: ମେ, ୧୯୩୦
ତିରୋଧାନ: ୧୯।୦୫।୨୦୨୫
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ତସ୍ମାଦ୍‌ପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।
ତୁମର କର୍ମମୟ ଜୀବନ, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଧର୍ମପରାୟଣତା ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ନାତି-ନାତୁଣୀ ଏବଂ ପରିବାରବର୍ଗ
ଧ-୭୬୦୫୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀଯୁକ୍ତ କରୁଣାକର ମଲ୍ଲିକ**
Vijay Vihar, Bhubaneswar-2
ଆବିର୍ଭାବ: ୧୩।୧୦।୧୯୪୫
ତିରୋଧାନ: ୧୮।୦୫।୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ଜମ୍ବୁବତୀ, ନିରୁ, ଅଶୋକ, ବାବୁଲି, ଟୁନା, ବିତ୍ତୁ, ରିଙ୍କି, ଗୀତା, ଧୀରେନ୍ଦ୍ର, ଝୁଲି, ବାବୁ, ରନି, ମାମା, ପପୁ, ଗୁଡ଼ି, ସୋନା, ମୋନା ଓ ବନ୍ଧୁମାନେ ।
ଧ-୭୫୫

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**୰ ସତ୍ୟଭାମା ତ୍ରିପାଠୀ**
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଷ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (ଗ୍ରୁପ୍ ଅଫ୍ ଇନିଷ୍ଟିଚ୍ୟୁସନ୍ସ)
ଧ-୭୧୦



# Classified Everyday

**0674-2580101, 9692975378**


MATRIMONIAL

**BRIDE WANTED**

Bride wanted Brahmin 32 network Engineer (HFCL). 7008123336. D-694

Handsome Khandayat Boy 1990, 5'9", B.Tech, Serving Data Scientist MNC Bangalore. "SUNASANSAR". 9937512659. D-76271


REAL ESTATE

**SALE**

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possession sqft.- 350/-. 8328868883.** D-76270


CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397




Newly open Jyoti SPA positively health benefits (Expert therapist). 8458067955. D-76914

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open health benefits SPA by expert therapist. Contact- 8280961126. D-76915

**AFFIDAVIT**

By virtue of an affidavit sworn before Executive Magistrate, Bhadrak, dtd. 15.05.2025, I, Malatilata Sethy, W/o- Late Parshuram Sethi, Vill- Baudpur, P.O.- Madhabnagar, P.S./Dist.- Bhadrak, PIN- 756181 declare that I have changed my name from Malati Sethi to Malatilata Sethy. Henceforth, I shall be known as Malatilata Sethy for all purposes. D-722

I, Sandeep Sahoo, S/o- Ganeswar Sahoo, Resident of At- Baniasahi, P.O.- Buxibazar, Cuttack Sadar, Town/District.- Cuttack, PIN-753001, Odisha declare by this affidavit No.-4091, dt.20.03.2025. That now onwards I shall be known as Sandeep Kumar Sahoo for all future purposes. D-719

I, Jayant Kumar Moharana, S/o-Late Ajoy Moharana, At- Buxibazar, Baniasahi, P.S.- Mangalabag, Town/District-Cuttack, Odisha declare by this affidavit No,-4558, dt.27.05.2025. That now onwards I shall be known as Jayant Moharana for all future purposes. D-718

**Email** ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ
ପଠାଇବାର ଠିକଣା:-
classifieddharitri@gmail.com

I, Rinita Sahoo, W/o- Sandeep Kumar Sahoo, Resident of At- Baniasahi, P.O.- Buxibazar, P.S.- Mangalabag, Town/ District-Cuttack, Odisha declare by this affidavit No.-4076, dt.06.05.2025. That now onwards I shall be known as Rinita Moharana for all future purposes. D-720

By virtue of an affidavit sworn before Executive Magistrate Sadar, Cuttack Sl. No.- 4554, dated 27.05.2025, I Aparna Dei, Address: At- Kendujhar Bazar, P.O.- Old Town, P.S.- Kendujhar, Dist.- Kendujhar, PIN-758001 declare that I have changed my name from Aparna Rout to Aparna Dei. Henceforth, I shall be known as Aparna Dei for all purposes.
Aparna Dei D-715

By virtue of an affidavit sworn before the Executive Magistrate, Bolangir, dated 22.05.2025, I, Susanta Rana, Address: At- Kutumdola, P.O.- Jhankarpali, P.S.- Bolangir Sadar, Dist.- Bolangir declare that I have changed my son's name from Sushanta Rana to Aditya Rana. Henceforth, he shall be known as Aditya Rana for all purposes.
Susanta Rana D-721

I, Vijayalaxmi Sahoo, D/o-Hrusikesh Sahoo, Vill/P.O.-Santrabandha, P.S.-Chhendipada, Dist.- Angul, Odisha. affidavit No.-782, dated 27.05.2025 sworn before the Executive Magistrate, Chhendipada, I have changed my Old name Bijaylaxmi Sahoo to Vijayalaxmi Sahoo. Bijaylaxmi Sahoo & Vijayalaxmi Sahoo is one & same person. Henceforth, she shall be known as Vijayalaxmi Sahoo for all future purposes. D-716

I, Sri Nalla Lokanath Das declared that as per affidavit No.-41, dtd. 27.5.2025 before the Executive Magistrate, Nandapur my son's Old name N Barun Das has been changed to Nalla Barun Das. Henceforth, he will be known as Nalla Barun Das, Son of Nalla Lokanath Das, At/P.O.- Nandapur, Dist.- Koraput for all purposes . D-714

By virtue of an affidavit sworn before Executive Magistrate, Jajpur Road, Sl No.- 2345, dated 27.05.2025 my son's correct name is Sriyansh Ghadei, Son of Smruti Ranjan Ghadai instead of Suryansha Ghadai, Village Chhotaraypur, Post.- Sankhachilla, Dist.- Jajpur. Henceforth, my son shall be known as Sriyansh Ghadei for all purpose. D-713

By virtue of an affidavit before the Executive Magistrate, Bhubaneswar, Khurdha, affidavit No.-24 on dated 09.02.2022, I, Rajendra Kumar Patanaik, S/o- Late Ramesh Chandra Patanaik of Plot No.- 222/ 223, Unit-III, Bhubaneswar, Odisha. My minor son Sangrila Pattnaik vide Lease Deed No.-209, dated 11.10.1999. That the Birth Certificate and all Educational Certificate has been mentioned Biswajeet Pattanayak. That Biswajeet Pattanayak and Sangrila Pattnaik is one and same person. D-711

By virtue of an affidavit before the Executive Magistrate, Bhubaneswar, Khurdha, affidavit No.-120 on dated 23.05.2025, I, Rajendra Kumar Patanaik, S/o- Late Ramesh Chandra Patanaik of Plot No.- 222/223, Unit-III, Bhubaneswar, Odisha. My minor son Sangrila Pattnaik vide Lease Deed No.-209 dated 11.10.1999. That the Birth Certificate and all Educational Certificate has been mentioned Biswajeet Pattanayak. That Biswajeet Pattanayak and Sangrila Pattnaik is one and same person. D-712

By virtue of an affidavit vide No.-54 sworn in the Court of Executive Magistrate, Panposh, I, Mukesh Ranjan Sahoo, S/o- Maheswar Sahoo, resident of Qrs. No.- EM 85, Basanti Colony, P.O.- Rourkela- 769012, P.S.- Uditnagar, Dist.- Sundargarh changed my Son's name from Shivam Sahoo to Akshat Kumar Sahoo in LIC Policy bearing No.- 866605911. Henceforth, he shall be known as Akshat Kumar Sahoo for all purposes. D-723

By virtue of an affidavit No.-913 sworn before Executive Magistrate, Bonth, dtd.23.05.2025, I, Snehalata Palei (28yrs), D/o- Maheswar Palei, Vill- Padakana, P.O.- Padhanpada, P.S.- Bonth, Dist.- Bhadrak, PIN- 756114 declare that I have changed my name from Premalata Palei to Snehalata Palei. Henceforth, I shall be known as Snehalata Palei for all purposes. D-724

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# 'ଆର୍ଥିକ ସଶକ୍ତୀକରଣକୁ ନୂଆ ଆକାର ଦେବ'

ମୁମ୍ବାଇ,୨୭।୫(ଅଭୟ ଦାଶ)

ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌କୁ ଭାରତରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ କରିବା ପାଇଁ ସେବିର ଅନୁମୋଦନ ଲାଭ କରିଛି। ଏପରିକି ଏହି କମ୍ପାନୀ ଜିଓ ଫାଇନାନ୍ସ ସର୍ଭିସେସ୍ ଲିମିଟେଡ୍ (ଜେଏଫ୍ଏସ୍ଏଲ୍) ଏବଂ ବ୍ଲାକରକ୍ କମ୍ପାନୀର ଏକ ମିଳିତ ଉଦ୍ୟୋଗ ବୋଲି କୁହାଯାଉଛି। ଅପରପକ୍ଷରେ ଆଶା କରାଯାଉଛି ଯେ, କମ୍ପାନୀଟି ଖୁବ୍‌ଶୀଘ୍ର ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ବଜାରରେ ପ୍ରବେଶ କରିବ। ଜିଓ ବ୍ଲାକରକ୍ ଦ୍ୱାରା ସିଦ୍ ସ୍ୱାମୀନାଥନଙ୍କୁ କମ୍ପାନୀର ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି।

ଏ ସମ୍ପର୍କରେ ଜେଏଫ୍ଏସ୍ଏଲ୍‌ର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଈଶା ଅମ୍ବାନୀ କହିଛନ୍ତି, ବ୍ଲାକରକର୍ ବିଶ୍ୱସ୍ତରୀୟ


ଈଶା ଅମ୍ବାନୀ

ନିବେଶ ବିଶେଷଜ୍ଞତା ଏବଂ ଜିଓର ଡିଜିଟାଲ୍-ପ୍ରଥମ ନବସୃଜନ ଅଭିଜ୍ଞତା ରହିଛି, ଯାହା ବ୍ଲାକରକ୍ ସହିତ ଆମର ଏହି ସହଭାଗିତାକୁ ସଶକ୍ତ କରୁଛି। ଆମେ ଏକାଠି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିବେଶକୁ ସରଳ, ସୁଲଭ ଏବଂ ସମାବେଶୀ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ମୁଁ ନିଶ୍ଚିତ ଯେ ଜିଓ ବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ଭାରତରେ ଆର୍ଥିକ ସଶକ୍ତୀକରଣର ଭବିଷ୍ୟତକୁ ଆକାର ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେହିଭଳି ବ୍ଲାକରକ୍ ଅନ୍ତର୍ଜାତୀୟ ମୁଖ୍ୟ ରାଚେଲ ଲର୍ଡ କହିଛନ୍ତି, ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନା ଆଜି ଏକ ଅନନ୍ୟ ମୋଡ଼ରେ ରହିଛି। ଜିଓ ବ୍ଲାକରକ୍ ନିବେଶକମାନଙ୍କୁ ସିଧାସଳଖ କମ୍ ମୂଲ୍ୟରେ ସଂସ୍ଥାଗତ ଗୁଣାତ୍ମକ ଉତ୍ପାଦ ପ୍ରଦାନ କରି ଭାରତରେ ଅଧିକ ଲୋକଙ୍କୁ ପୁଞ୍ଜି ବଜାରରେ ପ୍ରବେଶ କରିବାରେ ସାହାଯ୍ୟ କରିବ। ଏପରିକି ଆମର ସହଭାଗୀ ଜେଏଫ୍ଏସ୍ଏଲ୍ ସହିତ ମିଶି ଆମେ ଭାରତକୁ ସଞ୍ଚୟକାରୀଙ୍କ ଦେଶରୁ ନିବେଶକଙ୍କ ଦେଶ ଭାବେ ପରିବର୍ତ୍ତିତ ହେବା ଦିଗରେ ଯୋଗଦାନ ପାଇଁ ପ୍ରସ୍ତୁତ ରହିଛୁ।

ସେହିପରି ବ୍ଲାକରକ ଅନ୍ତର୍ଜାତୀୟ ଇଣ୍ଡେକ୍ସ ଇକ୍ୱିଟିର ପୂର୍ବତନ ମୁଖ୍ୟ ସିଦ୍ ସ୍ୱାମୀନାଥନଙ୍କୁ ବର୍ତ୍ତମାନ ଜିଓ ବ୍ଲାକରକ୍ ଦାୟିତ୍ୱ ମିଳିଛି। ସେ ବର୍ତ୍ତମାନ ପର୍ଯ୍ୟନ୍ତ ୧.୨୫ ଟ୍ରିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ପରିଚାଳନା କରିଛନ୍ତି। ଏ ନେଇ ସେ କହିଛନ୍ତି, ମୋତେ ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ନେତୃତ୍ୱ ନେବା ଏବଂ ନିବେଶକମାନଙ୍କ ନିବେଶ କ୍ଷମତା ବୃଦ୍ଧି କରି ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନାକୁ ନୂଆ ରୂପ ଦେବାର ସମ୍ମାନ ମିଳିଛି। ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ଲକ୍ଷ୍ୟ ହେଉଛି, ସାରା ଭାରତରେ ନିବେଶକମାନଙ୍କୁ ସଂସ୍ଥାଗତ ଗୁଣାତ୍ମକ ନିବେଶ ଉତ୍ପାଦ ପ୍ରଦାନ କରିବା।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୭।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୬୨୪.୮୨ ପଏଣ୍ଟ ହ୍ରାସ ଘଟି ୮୧,୫୫୧.୬୩ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୭୪.୯୫ ପଏଣ୍ଟ କମି ୨୪,୮୨୬.୨୦ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## କ୍ୟାମ୍ପସ ଚୟନରେ ଡ୍ରିମ୍‌ସ ପଲିଟେକ୍‌ନିକର ବାଜିମାତ

ଭୁବନେଶ୍ୱର,୨୭।୫

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ଗ୍ରୁପର ବୈଷୟିକ କଲେଜ ଡ୍ରିମ୍‌ସ ପଲିଟେକ୍‌ନିକ କ୍ୟାମ୍ପସ ଚୟନରେ ବାଜିମାତ କରିଛି। ଏପରିକି ଡ୍ରିମ୍‌ସ ପଲିଟେକନିକ୍ ୨୦୨୫ ବ୍ୟାଚ୍‌ର ୪୭୯ ଛାତ୍ରୀଛାତ୍ରଙ୍କୁ ଦେଶର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ମିଳିଛି। ଏମାନଙ୍କ ମଧ୍ୟରେ ୩୩ ଜଣ ଛାତ୍ରୀ ଏବଂ ୪୪୬ ଜଣ ଛାତ୍ର ସାମିଲ ଅଛନ୍ତି। ଅପରପକ୍ଷରେ କଲେଜର ମେକାନିକାଲ, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେଶନ, ସିଭିଲ୍ ଓ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗର ଏହି କୃତୀ ଛାତ୍ରୀଛାତ୍ରଙ୍କୁ ଉଇପ୍ରୋ, ଭୋଲଟାସ୍, ସେନଟମ୍ ଇଲେକ୍ଟ୍ରୋନିକ୍ସ, କୁମିନ୍ସ ଇଣ୍ଡିଆ ଲିମିଟେଡ୍, ଏଲ୍ ଆଣ୍ଡ ଟି, ସିପ୍‌ଲା ଲିମିଟେଡ୍, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଏଟିସି ଟାୟାର, ଆର୍ସେଲର ମିତ୍ତଲ, ଥର୍ମାକ୍ସ ଲିମିଟେଡ୍ ଭଳି କମ୍ପାନୀରେ ନିଯୁକ୍ତି ମିଳିଛି। ଡ୍ରିମ୍‌ସ ପଲିଟେକ୍‌ନିକର ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲଙ୍କ ତତ୍ତ୍ୱାବଧାନରେ ଏହି ନିଯୁକ୍ତି ମନୋନୟନ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ



ଡ୍ରିମସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍‌ନିକର ଏକାଡେମିକ୍ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଡ୍ରିମ୍‌ସ ପଲିଟେକନିକ୍ ଶ୍ରେଷ୍ଠ ୨ୟ ସ୍ଥାନରେ ରହିଥିବାବେଳେ ଶିକ୍ଷାନୁଷ୍ଠାନର 'ଇନୋଭେଶନ୍ ସେଲ୍' (ଆଇଆଇସି) ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଥ୍ରୀ-ଷ୍ଟାର ର୍ୟାଙ୍କ୍ ପାଇବାର ଗୌରବ ହାସଲ କରିଛି।

## ବ୍ୟବସାୟରେ ଆର୍ଥିକ ସାକ୍ଷରତାକୁ ଗୁରୁତ୍ୱ

ଭୁବନେଶ୍ୱର,୨୭।୫

ବର୍ତ୍ତମାନ ସମୟରେ ଡିଜିଟାଲ ଜ୍ଞାନକୌଶଳ ସାଙ୍ଗକୁ ଆର୍ଥିକ ସାକ୍ଷରତାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ବିଶେଷକରି ବ୍ୟବସାୟ କ୍ଷେତ୍ରରେ ଆର୍ଥିକ ସାକ୍ଷରତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଜିଆର୍‌ଏସ୍‌ଇର ନିର୍ଦ୍ଦେଶକ(ଅର୍ଥ) ଆର୍.କେ. ଦାଶ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏପରିକି ସେ ଜଣେ ଅଭିଜ୍ଞ ଆର୍ଥିକ ପେସାଦାର ଏବଂ ବିଭିନ୍ନ ଶିଳ୍ପରେ ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ନିଜର ଅଭିନବ ଚିନ୍ତାଧାରା ଏବଂ ପରିବର୍ତ୍ତନଶୀଳ ଆର୍ଥିକ ରଣନୀତି ପାଇଁ ସେ ବେଶ୍ ଜଣାଶୁଣା ଓ ଅନେକ ସଂଗଠନର ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଦାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଅପରପକ୍ଷରେ ଏକ ଗଭୀର ବାର୍ତ୍ତାଳାପରେ ଦାଶ କେବଳ କର୍ପୋରେଟ୍‌ମାନଙ୍କ ପାଇଁ ନୁହେଁ, ବ୍ୟକ୍ତିବିଶେଷ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ମଧ୍ୟ ଆର୍ଥିକ ସାକ୍ଷରତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ମତରେ ଆମର ଶିକ୍ଷାଗତ ପାଠ୍ୟକ୍ରମରେ ଇତିହାସ, ଭୂଗୋଳ, ବିଜ୍ଞାନ ଏବଂ ଗଣିତ ଭଳି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ଏହା ପ୍ରାୟତଃ ଏକ ଦକ୍ଷତାକୁ ଅବହେଳା କରିଥାଏ, ଯାହା ଦୈନନ୍ଦିନ ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଥାଏ- ବ୍ୟକ୍ତିଗତ ଆର୍ଥିକ ପରିଚାଳନା ଓ ଆର୍ଥିକ ଜ୍ଞାନର ଅଭାବ ଅନେକ ସମୟରେ ଆର୍ଥିକ ସମସ୍ୟା ସୃଷ୍ଟି କରିଥାଏ, ଯାହା ଖାଦ୍ୟ, ଆଶ୍ରୟ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତାକୁ ସିଧାସଳଖ ପ୍ରଭାବିତ କରିଥାଏ। ଆର୍ଥିକ ସାକ୍ଷରତା ବିଳାସ ନୁହେଁ, ଏହା ଏକ ଆବଶ୍ୟକତା ବୋଲି କୁହାଯାଉଛି। ଏହି ଧାରଣାକୁ ସରଳ ଶବ୍ଦରେ ବର୍ଣ୍ଣନା କରି ଦାଶ ଆର୍ଥିକ ସାକ୍ଷରତାକୁ ସାଧାରଣ ସାକ୍ଷରତା ସହ ତୁଳନା କରିଥିଲେ।

## ମଣିପାଲ ହସ୍ପିଟାଲରେ ବିଶ୍ୱ ଜରୁରିକାଳୀନ ଚିକିତ୍ସା ଦିବସ ପାଳିତ

ଭୁବନେଶ୍ୱର,୨୭।୫

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭୁବନେଶ୍ୱରର ମଣିପାଲ ହସ୍ପିଟାଲରେ ବିଶ୍ୱ ଜରୁରିକାଳୀନ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର 'ଜରୁରିକାଳୀନ ଚିକିତ୍ସାର ଭବିଷ୍ୟତ : ରୋଗୀ ସେବାରେ ନୂତନ ପ୍ରଦର୍ଶନ'ର ଆୟୋଜନ କରାଯାଇଥିଲା।

ଏହି ଅବସରରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସିଦ୍ଧାର୍ଥ ମିଶ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଜରୁରିକାଳୀନ ବିଭାଗରେ କାମ କରୁଥିବା ୮୦ରୁ ଊର୍ଦ୍ଧ୍ୱ ଡାକ୍ତର ଯୋଗଦାନ କରିଥିଲେ। ସେହିଭଳି ଡା.



ନୀଳକଣ୍ଠ ମିଶ୍ର ଜରୁରିକାଳୀନ ଚିକିତ୍ସାରେ ପ୍ରସ୍ତୁତି ଏବଂ ଅବିରତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏ ନେଇ ସେ କହିଥିଲେ, ଜରୁରିକାଳୀନ ଚିକିତ୍ସା ଜୀବନ ରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ହୋଇଥିଲାବେଳେ ଏଭଳି କାର୍ଯ୍ୟକ୍ରମଗୁଡିକ ଡାକ୍ତରଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏ ନେଇ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ମହାପାତ୍ର କହିଥିଲେ, ଆମେ ଦୃଢ଼ଭାବେ ବିଶ୍ୱାସ କରୁଛୁ ଯେ ଜରୁରିକାଳୀନ ଚିକିତ୍ସା ହେଉଛି ଆଧୁନିକ ସ୍ୱାସ୍ଥ୍ୟସେବାର ମୂଳାଧାର। ଏହି ଆଲୋଚନାଚକ୍ର ହେଉଛି ଆମର ଏହି ପ୍ରତିବଦ୍ଧତାର ପ୍ରମାଣ, ଯାହା ଆଗାମୀ ଦିନର ଜରୁରିକାଳୀନ ଚିକିତ୍ସା ପ୍ରଣାଳୀକୁ ଅଧିକ କାର୍ଯ୍ୟକ୍ଷମ, ସହଯୋଗମୂଳକ ଓ ନବପରିଚାଳିତ କରିବା ଲକ୍ଷ୍ୟରେ ଚିକିତ୍ସାର ଉତ୍ତମତାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ।

## ଆଇଟିଆର ଦାଖଲ ସମୟସୀମା ବୃଦ୍ଧି

ଭୁବନେଶ୍ୱର,୨୭।୫
(ଅନୁରାଧା ମହାରଣା)

ଆୟକର ବିଭାଗ ପକ୍ଷରୁ ଆୟକରଦାତାଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆୟକର ରିଟର୍ନ (ଆଇଟିଆର) ଦାଖଲ ସମୟସୀମା ବୃଦ୍ଧି କରାଯାଇଛି। ଆଇଟିଆର୍ ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଇଟିଆର ଫର୍ମରେ ବଡ଼ ପରିବର୍ତ୍ତନ, ସିଷ୍ଟମ ଅପଗ୍ରେଡ ଏବଂ ଟିଡିଏସ କ୍ରେଡିଟରେ ଥିବା ଅସଙ୍ଗତି ଯୋଗୁଁ ଆୟକର ରିଟର୍ନ ଦାଖଲ ସମୟସୀମା ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି। କରଦାତାମାନେ ସୁବିଧାରେ ସଠିକ ଭାବେ ସେମାନଙ୍କର ରିଟର୍ନ ଫାଇଲ ପାଇଁ ସମୟସୀମା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଫର୍ମରେ ପରିବର୍ତ୍ତନ ସହିତ, ଆୟକର ଫାଇଲିଂ ପୋର୍ଟାଲରେ ସିଷ୍ଟମ ଅପଗ୍ରେଡ କାମ ମଧ୍ୟ ଚାଲିଛି। ଏହି ବୃଦ୍ଧି ପରେ ସେପ୍ଟେମ୍ବର୧୫ ସୁଦ୍ଧା ଆଇଟିଆର ଫାଇଲ କଲେ କରଦାତାଙ୍କୁ କୌଣସି ପ୍ରକାରର ଜରିମାନା ଦେବାକୁ ପଡ଼ିବ ନାହିଁ। ଯେଉଁ କରଦାତା ଏବଂ ଛୋଟ ବ୍ୟବସାୟୀଙ୍କର ଆକାଉଣ୍ଟଗୁଡ଼ିକର ଅଡିଟ କରିବା ବାଧ୍ୟତାମୂଳକ ନୁହେଁ ଏହି ନିଷ୍ପତ୍ତି ସେମାନଙ୍କ ପାଇଁ ଲାଭ ଦାୟକ ହେବ।



# ଆରସିବି-ପଞ୍ଜାବ କ୍ୱାଲିଫାୟର-୧

**ଲକ୍ଷ୍ନୌ, ୨୭।୫**

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ୨୦୨୫ର ମଙ୍ଗଳବାର ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୬ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସଙ୍କୁ ପରାସ୍ତ କରିଛି। ଅଧିନାୟକ ରିଷଭ ପନ୍ତଙ୍କ ଶତକ ସହାୟତାରେ ଲକ୍ଷ୍ନୌ ୨୦ ଓଭରରେ ୩ ଉଇକେଟ ହରାଇ ୨୨୭ ରନ କରିଥିଲା। ପନ୍ତ ୬୧ ବଲ୍‌ରୁ ୧୧ ଚୌକା ଓ ୮ ଛକା ସହାୟତାରେ ୧୧୮ରନରେ ଅପରାଜିତ ରହିଥିଲେ। ଜବାବରେ ଆରସିବି ୧୮.୪ ଓଭରରେ ୪ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରି ନେଇଥିଲା। ବିରାଟ କୋହଲିଙ୍କ ଦ୍ରୁତ ଅର୍ଦ୍ଧଶତକ (୩୦ ବଲ୍‌ରୁ ୫୪ ରନ, ୧୦ ଚୌକା) ପରେ କାମଚଳା ଅଧିନାୟକ ଜୀତେଶ ଶର୍ମାଙ୍କ ବିସ୍ଫୋରକ ୮୫* (୩୩ ବଲ୍, ୮ ଚୌକା, ୬ ଛକା) ଓ ମୟଙ୍କ ଅଗ୍ରୱାଲଙ୍କ ୪୧ (୨୩ ବଲ) ରନ ବଳରେ ଆରସିବି ଉତ୍କଣ୍ଠିତ ବିଜୟ ହାସଲ କରିଥିଲା। ଏହି ମ୍ୟାଚ ଫଳାଫଳ ସହ


ଶଟ୍ ଖେଳିବା ଅବସରରେ ଜୀତେଶ ଶର୍ମା।

### ପ୍ଲେ-ଅଫ୍ କାର୍ଯ୍ୟସୂଚୀ

ମେ ୨୯: କ୍ୱାଲିଫାୟର-୧
ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ପଞ୍ଜାବ କିଙ୍ଗ୍ସ
ସ୍ଥାନ: ମୁଲାନପୁର, ଚଣ୍ଡିଗଡ଼
ମେ ୩୦: ଏଲିମିନେଟର
ଗୁଜରାଟ ଟାଇଟନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ସ୍ଥାନ: ମୁଲାନପୁର, ଚଣ୍ଡିଗଡ଼
ଜୁନ୍-୧: କ୍ୱାଲିଫାୟର-୨
ସ୍ଥାନ: ଅହମଦାବାଦ
ଜୁନ ୩: ଫାଇନାଲ
ସ୍ଥାନ: ଅହମଦାବାଦ
(ସମସ୍ତ ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ)

## ଗୁଜରାଟ-ମୁମ୍ବାଇ ଏଲିମିନେଟର

ଆଇପିଏଲ୍‌ର ପ୍ଲେ-ଅଫ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତା ୨୯ ତାରିଖରେ ପଞ୍ଜାବ କିଙ୍ଗ୍ସ ସହ ଆରସିବି କ୍ୱାଲିଫାୟର-୧ ଖେଳିବ। ୩୦ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଏଲିମିନେଟର ଅନୁଷ୍ଠିତ ହେବ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବିର କାମଚଳା ଅଧିନାୟକ ଜୀତେଶ ଶର୍ମା। ଲକ୍ଷ୍ନୌ ସ୍କୋର ୨୫ ଥିବାବେଳେ ୩ୟ ଓଭରର ୪ର୍ଥ ବଲ୍‌ରେ ମାଥ୍ୟୁ ବ୍ରିଜ୍‌କେଙ୍କୁ ଆଉଟ କରିଥିଲେ ଥୁଶରା। ମାତ୍ର ଏଥିରୁ ଆରସିବି ବିଶେଷ ଫାଇଦା ଉଠାଇପାରି ନ ଥିଲା। ଓପନର ମିଚେଲ ମାର୍ଶଙ୍କ ସହ ଅଧିନାୟକ ରିଷଭ ପନ୍ତ ଯୋଗଦେଇ ଦ୍ରୁତ ହାରରେ ରନ ସଂଗ୍ରହ ସହ ଇନିଂସକୁ ଆଗେଇ ନେଇଥିଲେ। ପନ୍ତ ଏଠାରେ ମାତ୍ର ୫୪ ବଲ୍‌ରୁ ୧୦ ଚୌକା ଓ ୬ ଛକା ସହାୟତାରେ ଶତକ ପୂରଣ କରିଥିଲେ। ଚଳିତ ସିଜନରେ ଏହାଥିଲା ତାଙ୍କର ପ୍ରଥମ ଓ ଆଇପିଏଲ୍‌ରେ ଦ୍ୱିତୀୟ ଶତକ। ଆରସିବି ପକ୍ଷରୁ ନୁଆନ ଥୁଶରା, ଭୁବନେଶ୍ୱର କୁମାର ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୨୭/୩ (ରିଷଭ ପନ୍ତ-୧୧୮*, ମିଚେଲ ମାର୍ଶ-୬୭, ନୁଆନ ଥୁଶରା-୧/୨୬, ଭୁବନେଶ୍ୱର କୁମାର-୧/୪୬, ରୋମାରିଓ ଶେଫର୍ଡ-୧/୫୧)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮.୪ ଓଭରରେ ୨୩୦/୪ (ବିରାଟ କୋହଲି-୫୪, ଜୀତେଶ ଶର୍ମା-୮୫*, ମୟଙ୍କ ଅଗ୍ରୱାଲ-୪୧*,ଫିଲିପ ସଲ୍ଟ-୩୦, ୱିଲ୍ ଓ'ରୌର୍କ-୨/୭୪, ଆକାଶ ସିଂ-୧/୪୦, ଆଭେସ ଖାଁ-୧/୩୨)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୧୪ | ୯ | ୪ | ୧ | ୧୯ | +୦.୩୭୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୪ | ୯ | ୪ | ୧ | ୧୯ | +୦.୩୦୧ |
| ଗୁଜରାଟ ଟାଇଟନ୍ସ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୮ | ୬ | ୦ | ୧୬ | +୧.୧୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୪ | ୬ | ୮ | ୦ | ୧୨ | -୦.୩୭୬ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୫ | ୭ | ୨ | ୧୨ | -୦.୩୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

# ପ୍ରତିଷ୍ଠା ସର୍ବଶ୍ରେଷ୍ଠ ଶକ୍ତି ଉତ୍ତୋଳିକା

**ଜାତୀୟ ଜୁନିୟର ଶକ୍ତି ଉତ୍ତୋଳନ**

**ସୋମେନଙ୍କ ଜାତୀୟ ରେକର୍ଡ ସହ ଓଡ଼ିଶାକୁ ୧୨ ପଦକ**

**ଭୁବନେଶ୍ୱର, ୨୭।୫(ତପନ ସ୍ୱାଇଁ)**

ଗତ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର କୋହ୍ଲାପୁରଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା ଜୁନିୟର ୬୯ କେଜି ବର୍ଗରେ ପ୍ରତିଷ୍ଠା ସିଂ ସ୍ୱର୍ଣ୍ଣ ପଦକ ହାସଲ ସହ ବେଞ୍ଚପ୍ରେସ୍‌ରେ ଜାତୀୟ ରେକର୍ଡ କରିଛନ୍ତି। ଫଳରେ ସେ ସର୍ବଶ୍ରେଷ୍ଠ ଶକ୍ତି ଉତ୍ତୋଳିକା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ପ୍ରତିଷ୍ଠା ସ୍କ୍ୱାଟ୍‌ରେ ରୌପ୍ୟ, ବେଞ୍ଚପ୍ରେସ୍‌ରେ ସ୍ୱର୍ଣ୍ଣ, ଡେଡ୍‌ଲିଫ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଜୁନିୟର ୫୭ କେଜି ବର୍ଗ ଡେଡ୍‌ଲିଫ୍ଟରେ ଜ୍ୟୋତି ଖୋରା ଓ ଅନନ୍ୟା ଅନନ୍ଦିତା ଗିରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସେହିଭଳି ପୁରୁଷ ବିଭାଗରେ ସୋମେନ ସେନାପତି ୬୬ କେଜି ଜୁନିୟର ବର୍ଗରେ ବ୍ରୋଞ୍ଜ ପଦକ ହାସଲ ସହ ବେଞ୍ଚପ୍ରେସ୍‌ରେ ଜାତୀୟ ରେକର୍ଡ କରିଛନ୍ତି। ବ୍ୟକ୍ତିଗତ ଲିଫ୍ଟରେ ସୋମେନ ବେଞ୍ଚପ୍ରେସ, ଡେଡ୍‌ଲିଫ୍ଟରେ ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ, ପ୍ରିୟାଂଶୁ ପଟ୍ଟନାୟକ ୮୩ କେଜି ଜୁନିୟର ବର୍ଗର ସ୍କ୍ୱାଟ୍‌ରେ ବ୍ରୋଞ୍ଜ, ପ୍ରଜ୍ଞାନ ପ୍ରଧାନ ସବ୍‌ଜୁନିୟର ୧୦୫ କେଜି ବର୍ଗର ସ୍କ୍ୱାଟ୍ ଓ ଡେଡ୍‌ଲିଫ୍ଟରେ ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ପଦକବିଜୟୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ଚିତ୍ତରଞ୍ଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ଓ ପଦକ ସହ ପ୍ରତିଷ୍ଠା ସିଂ।

# ଭାରତୀୟ ଗେଟ୍‌ବଲ ୟୁନିୟନ ଦଳକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୭।୫(ତପନ ସ୍ୱାଇଁ)**

ତାଇୱାନ୍‌ର ତାଇପେଠାରେ ଗତ ୨୨ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ରେ ଭାରତୀୟ ଗେଟ୍‌ବଲ ୟୁନିୟନ(ଆଇଜିୟୁ) ଦଳ ସ୍ୱର୍ଣ୍ଣ ପଦକ ହାସଲକରି ଇତିହାସ ରଚିଛି। ଓଡ଼ିଶାର ୪ ଖେଳାଳି ଭାରତୀୟ ଦଳର ସଦସ୍ୟ ଥିଲେ। ସେମାନେ ହେଲେ ଦ୍ୱୈପାୟନ ପଟ୍ଟନାୟକ, ଉମାକାନ୍ତ ପାଣି, ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ ଦିଲୀପ କୁମାର ଷଡ଼ଙ୍ଗୀ। ଭାରତୀୟ ଦଳ ପ୍ରତିଦ୍ୱନ୍ଦ୍ୱୀ ଅନ୍ୟ ସମସ୍ତ ଦଳ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରି ଅପରାଜେୟ ରହିଥିଲା। ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳ ମଙ୍ଗଳବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା ପରେ ଭବ୍ୟ ସ୍ୱାଗତ କରାଯାଇଛି। ବିମାନବନ୍ଦରରେ ସାମାଜିକ କର୍ମୀ ଦଣ୍ଡଧର ପାଣିଙ୍କ ସମେତ ଆଇଜିୟୁ ପକ୍ଷରୁ ଉପସଭାପତି ସଞ୍ଜୀବ ପରିଡ଼ା, କୋଷାଧ୍ୟକ୍ଷ ଶରତ ପାତ୍ର, ଗିରଜା ଏଜାଜ, ବିଷ୍ଣୁପ୍ରିୟା ବେହେରା, ରଞ୍ଜିତାରାଣୀ ବେହେରା ଏବଂ ଆଇକନିକ୍ ପ୍ରତିଷ୍ଠାତା ସଞ୍ଜୟ ଚୌଧୁରୀ ଏବଂ କ୍ରାଫ୍ଟସର ଟ୍ରଷ୍ଟି ଇତିଶ୍ରୀ ଦାଶ ପ୍ରମୁଖ ଉପସ୍ଥିତ ରହି ଆଇଜିୟୁ ଦଳକୁ ସ୍ୱାଗତ ସହ ସମ୍ବର୍ଦ୍ଧନା ଜଣାଇଥିଲେ।

**ୱାର୍ଲ୍ଡ ମାଷ୍ଟର୍ସ ଗେମ୍**

ପ୍ରକାଶଯୋଗ୍ୟ, ବିଶ୍ୱ ମାଷ୍ଟର୍ସ ଗେମ୍-୨୦୨୫ରେ ଗେଟ୍‌ବଲ ସହ ମୋଟ ୩୫ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ତାଇୱାନ୍‌ର ୬୧ଟି କ୍ରୀଡ଼ାଙ୍ଗନରେ ୧୦୮ ଦେଶର ପାଖାପାଖି ୨୫,୦୪୯ ପ୍ରତିଯୋଗୀ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।



ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ଆଇଜିୟୁ ଦଳ।


ଗୁଲ୍‌ବୀର ସିଂ

# ୧୦,୦୦୦ ମିଟରରେ ଗୁଲ୍‌ବୀରଙ୍କୁ ସ୍ୱର୍ଣ୍ଣ

**ଗୁମି, ୨୭।୫(ପି.ଟି.)**

ଜାତୀୟ ରେକର୍ଡଧାରୀ ଗୁଲ୍‌ବୀର ସିଂ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୧୦,୦୦୦ ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଦେଇଥିବା ବେଳେ ସର୍ଭିନ ସେବାଷ୍ଟିଆନ ୨୦ କି.ମି. ୱାକ୍ ରେସ୍‌ରେ ଏକ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ୨୬ ବର୍ଷୀୟ ଗୁଲ୍‌ବୀର ହେଉଛନ୍ତି ୨୦୨୩ ହାଙ୍ଗ୍‌ଝୋ ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା। ଏଠାରେ ସେ ପ୍ରି-ରେସ୍ ଫେଭରିଟ୍ ଥିଲେ। ସେ ୨୮ ମିନିଟ୍ ୩୮.୬୩ ସେକେଣ୍ଡ ଟାଇମିଂ ସହ ତାଙ୍କର ପ୍ରଥମ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତି ପାରିଛନ୍ତି। ଜାପାନର ମିବୁକି ସୁଜୁକି(୨୮:୪୩.୮୪) ରୌପ୍ୟ ଓ ବାହାରିନ୍‌ର ଆଲବର୍ଟ କିବିଚି ରପ୍(୨୮:୪୬.୮୨)ଙ୍କୁ ବ୍ରୋଞ୍ଜ ମିଳିଛି। ପ୍ରତିଯୋଗିତାରେ ସାମିଲ ଥିବା

**ଏସିଆନ୍ ଆଥ୍‌ଲେଟିକ୍ସ**

ଅନ୍ୟ ଜଣେ ଭାରତୀୟ ସାୱ୍ୱ ବାର୍‌ୱାଲ ୨୮:୫୦.୫୩ ଟାଇମିଂ ସହ ଚତୁର୍ଥ ସ୍ଥାନରେ ରହିଥିଲେ। ପ୍ରଥମ ଦିବସ ଶେଷସୁଦ୍ଧା ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ସହ ପଦକ ତାଲିକାରେ ଚାଇନା(୫ସ୍ୱର୍ଣ୍ଣ, ୨ରୌପ୍ୟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଜାପାନ (୩ ରୌପ୍ୟ,୨ବ୍ରୋଞ୍ଜ) ୩ୟ ସ୍ଥାନରେ ରହିଛି। ଗୁଲ୍‌ବୀର କହିଛନ୍ତି, ସେ ତାଙ୍କ ପ୍ରଦର୍ଶନ ନେଇ ଖୁସି ଅଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିବା ଦ୍ୱାରା ବିଶ୍ୱ ର୍‍ୟାଙ୍କିଙ୍ଗ୍ ତାଲିକାରେ ତାଙ୍କର ଉନ୍ନତି ଘଟିବ। ସେପ୍ଟେମ୍ବରରେ ହେବାକୁଥିବା ଟୋକିଓ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଏକ ଟିକେଟ ସୁଯୋଗ ଉଜ୍ଜ୍ୱଳ ହୋଇଛି। ପୁରୁଷ ୧୦,୦୦୦ ମିଟର ପାଇଁ ସ୍ୱାଭାବିକ କ୍ୱାଲିଫିକେଶନ ୨୭ ମିନିଟ୍ ରହିଛି। ତେବେ ଗରମ ପାଗ ଯୋଗୁ ସ୍ଥାନୀୟ ଆୟୋଜକ କମିଟି ତରଫରୁ ୧୦,୦୦୦ ମିଟର ଟ୍ରାକ୍ ରେସ୍‌ରେ ଏକ ୱାଟର ଷ୍ଟେଶନ ସ୍ଥାପନ କରାଯାଇଥିଲା।

# ମାଡ଼ିଗଲା କାର୍: ୪୭ ଆହତ, ୪ ଗୁରୁତର

**ଲିଭରପୁଲ ବିଜୟ ଉତ୍ସବ**

**ଲିଭରପୁଲ,୨୭।୫(ଏପି)**

ଇଂଲିଶ ପ୍ରିମିୟର ଲିଗ୍ ଚାମ୍ପିୟନ ଲିଭରପୁଲ କ୍ଲବର ବିଜୟ ଉତ୍ସବ ଚାଲିଥିବା ବେଳେ ସୋମବାର ଏକ ମିନି ଭ୍ୟାନ ପ୍ରଶଂସକଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଘଟଣାରେ ୪୭ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କିନ୍ତୁ ଏହା ଆତଙ୍କବାଦ ସମ୍ପର୍କୀତ ଘଟଣା ନୁହେଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ୫୩ ବର୍ଷୀୟ ବ୍ରିଟିଶ ନାଗରିକଙ୍କୁ ଲିଭରପୁଲ ଅଞ୍ଚଳରୁ ଗିରଫ କରାଯାଇଛି। ପୋଲିସ କହିବା ଅନୁଯାୟୀ, ଉକ୍ତ ବ୍ୟକ୍ତି ହିଁ ପ୍ରଶଂସକଙ୍କ ଏକ ବଡ଼ ଗୋଷ୍ଠୀକୁ ଧକ୍କା ଦେଇଥିବା କାର ଚଳାଉଥିଲେ। ତେବେ ଚାଳକଙ୍କ ପରିଚୟ ପ୍ରକାଶ କରାଯାଇନାହିଁ। ବ୍ରିଟେନରେ ଦୋଷ ପ୍ରମାଣ ନହେଲା ପର୍ଯ୍ୟନ୍ତ ସନ୍ଦିଗ୍ଧଙ୍କ ନାମ ପ୍ରଘଟ କରାଯାଏ ନାହିଁ। ଲିଭରପୁଲ ଦଳର ଖେଳାଳିମାନେ ଏକ ଖୋଲା ବସ୍‌ରେ ପ୍ରିମିୟର ଲିଗ୍ ଚାମ୍ପିୟନଶିପ୍ ବିଜୟ ଉତ୍ସବ ପାଳନ କରିବା ପରେ ପ୍ରଶଂସକଙ୍କ ଭିଡ ଉପରେ ମିନି ଭ୍ୟାନ ମାଡ଼ି ଯାଇଥିଲା। ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତରଥିବା ଲିଭରପୁଲ ସହର ମେଟ୍ରୋ ମେୟର ଷ୍ଟିଭ ରୋଥରଆମ କହିଛନ୍ତି। ନର୍ଥ ୱେଷ୍ଟ ଆମ୍ବୁଲାନ୍ସ ସର୍ଭିସ ପକ୍ଷରୁ କୁହାଯାଇଛି ଯେ, ମୋଟ ଉପରେ ୪୭ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲା। ୨୦ ଜଣଙ୍କର ଘଟଣାସ୍ଥଳରେ ଚିକିତ୍ସା କରାଯାଇଥିଲା। ଏହି ଘଟଣାରେ କାହାରି ମୃତ୍ୟୁ ହୋଇ ନାହିଁ। ୪ ଛୁଆ ଗୁରୁତର ଆହତ ହୋଇଛନ୍ତି। ସେମାନେ ଭ୍ୟାନ ତଳେ ଚାପି ହୋଇ ରହିଯାଇଥିଲେ। ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରିଥିଲେ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ